# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୪/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 14/2025 Page 16 ₹ 7.00

୫୧ଶ ଭାଗ ୨୯୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 290 ମୂଲ୍ୟ ₹୭/-






Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୪/୨୦୨୫ | Bhubaneswar, Sunday, September 14/2025 | ପୃଷ୍ଠା-୧







**ସୁରକ୍ଷିତ ଘରକୁ ଫେରନ୍ତୁ:** କେନ୍ଦୁଝରରେ ଶନିବାର 'ଶୂନ ଦୁର୍ଘଟଣା ଦିବସ' କାର୍ଯ୍ୟକ୍ରମ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ସୁରକ୍ଷିତ ଗାଡ଼ି ଚଳାଇବା, ସୁରକ୍ଷିତ ଘରକୁ ଫେରିବା' ବାର୍ତ୍ତା ନେଇ ଆୟୋଜିତ ସଚେତନତା ଅଭିଯାନକୁ ଶୁଭାରମ୍ଭ କରିଛନ୍ତି।

## ଏସିଆ କପ୍: ଆଜି ଭାରତ-ପାକିସ୍ତାନ ମ୍ୟାଚ

ଦୁବାଇ,୧୩।୯

ଏସିଆ କପ୍ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟର ଗ୍ରୁପ୍-ଏ'ରେ ରବିବାର ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏହି ହାଇ ଭୋଲ୍‌ଟେଜ୍ ମ୍ୟାଚ୍‌କୁ ନେଇ ଦୁଇ ଦେଶ ମଧ୍ୟରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଗତ ଏପ୍ରିଲ ୨୨ ତାରିଖରେ ଜମ୍ମୁ-କଶ୍ମୀରର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ଦୋଷ ଦେବା କାହାକୁ**




## ୨୭ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପାଳପୁର ବିଧାନସଭା କ୍ଷେତ୍ରକୁ ଏହି ଅବସରରେ ପ୍ରଧାନମନ୍ତ୍ରୀ ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ମୋଦି ସେଠାରେ ଆୟୋଜିତ ଏକ ଜନସଭାକୁ ସମ୍ବୋଧନ କରିବେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଗୋପାଳପୁରସ୍ଥିତ ହଳଦିଆପଦର ନିକଟରେ ଥିବା ପଡ଼ିଆରେ ହୋଇପାରେ। ସେହି ସ୍ଥାନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ପରିଦର୍ଶନ କରିସାରିଲେଣି। ହେଲେ ଚୂଡ଼ାନ୍ତ ନିଷ୍ପତ୍ତି ୨ ଦିନ ଭିତରେ ହେବ ବୋଲି ଜଣାପଡ଼ିଛି। ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ପାଳନ ହେବ। ସେହିଦିନଠାରୁ ଭାଜପା ରାଜ୍ୟରେ ସେବା ପକ୍ଷ ପାଳନ କରିବ। ତେଣୁ ଏହାରି ଭିତରେ ☞ପୃଷ୍ଠା-୨

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T:- ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା15/09/2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0192/2526

# ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ଏସ୍‌ଏସ୍‌ଆର୍

**ବିହାର ବିଧାନସଭା ଭୋଟ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ଲାଗିରହିଥିବାବେଳେ ଭାରତର ନିର୍ବାଚନ କମିଶନ (ଇସିଆଇ) ଓଡ଼ିଶାର ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି। ସେପ୍ଟେମ୍ବର ୮ରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ଏହି ଆସନ ଖାଲିପଡ଼ିଛି। ଉପନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିବାବେଳେ ଜନ ପ୍ରତିନିଧି ଆଇନ, ୧୯୫୦ର ଧାରା ୨୧ ଅଧୀନରେ ଏସ୍‌ଏସ୍‌ଆର୍ କରାଇବାକୁ ନିଷ୍ପତ୍ତି ନିଆଯାଇଛି। କମିଶନ ଦେଶବ୍ୟାପୀ ଏସ୍‌ଆଇଆର୍ କରାଇବା ସକାଶେ ପ୍ରସ୍ତୁତି ଚଳାଇଥିବାବେଳେ ନୂଆପଡ଼ା ନିର୍ବାଚନ ପୂର୍ବରୁ ଏସ୍‌ଏସ୍‌ଆର୍ ଓଡ଼ିଶାରେ ଏସ୍‌ଆଇଆର୍ ପାଇଁ ମୂଳଦୁଆ ପକାଇପାରେ ବୋଲି କୁହାଯାଉଛି।**

- **ଆଜି ମତଦାନ କେନ୍ଦ୍ରଗୁଡ଼ିକର ପରିବର୍ତ୍ତନ**
- **୧୫ରୁ ୨୯ ତାରିଖ ଭିତରେ ଦାବି ଓ ଆପତ୍ତି ଜଣାଇହେବ**
- **ଅକ୍ଟୋବର ୯ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା**

ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର)

ନୂଆପଡା ବିଧାନସଭା ଆସନରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ(ଏସ୍‌ଏସ୍‌ଆର୍) କରାଯିବ। ଆଗକୁ ଏହି ବିଧାନସଭା ଆସନ ଲାଗି ହେବାକୁ ଥିବା ଉପନିର୍ବାଚନ ପୂର୍ବରୁ ହିଁ ଏସ୍‌ଏସ୍‌ଆର୍ କରାଯିବ। ନୂଆପଡ଼ା ଆସନରେ ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନ ପାଇଁ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୨୧ ଅନୁଯାୟୀ ଏସ୍‌ଏସ୍‌ଆର୍ କରିବାକୁ ଭାରତର ନିର୍ବାଚନ ଆୟୋଗ ୧ ଜୁଲାଇ ୨୦୨୫କୁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରିଛନ୍ତି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଏସ୍‌ଏସ୍‌ଆର ପାଇଁ କେତେଗୁଡ଼ିଏ କାର୍ଯ୍ୟସୂଚୀ ନିର୍ଦ୍ଧାରିତ କରାଯାଇଛି। ରବିବାର ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମତଦାନ କେନ୍ଦ୍ରଗୁଡ଼ିକର ପୁନଃ ବ୍ୟବସ୍ଥାପନ ବା ପରିବର୍ତ୍ତନ କରାଯିବ। ସୋମବାର ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ଆସନ୍ତା ୧୫ରୁ ୨୯ ତାରିଖ ମଧ୍ୟରେ ଭୋଟରମାନେ ସେମାନଙ୍କ ଦାବି ଓ ଆପତ୍ତି ଜଣାଇପାରିବେ। ☞ପୃଷ୍ଠା-୨

### ଏସ୍‌ଆଇଆର୍, ଏସ୍‌ଏସ୍‌ଆର୍ ମଧ୍ୟରେ ପାର୍ଥକ୍ୟ

ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ହେଉଛି ଘରକୁ ଘର ଯାଇ ଭୋଟରମାନଙ୍କ ଗଣନା କରି ନୂଆ ଭୋଟର ତାଲିକା ପ୍ରସ୍ତୁତ କରିବା। ପ୍ରଚଳିତ ତାଲିକାକୁ ବିଚାରକୁ ନ ନେଇ ଗଣନାକାରୀମାନେ ପ୍ରତି ଘରକୁ ଯାଇ ଧାର୍ଯ୍ୟ ତାରିଖ ସୁଦ୍ଧା ଯୋଗ୍ୟ ଭୋଟରମାନଙ୍କ ତାଲିକା ପ୍ରସ୍ତୁତ କରିଥାନ୍ତି। ବର୍ତ୍ତମାନର ଭୋଟର ତାଲିକା ତ୍ରୁଟିଯୁକ୍ତ ଏବଂ ସମ୍ପୂର୍ଣ୍ଣ ନୂଆ ତାଲିକା ପ୍ରସ୍ତୁତ ଆବଶ୍ୟକ ବୋଲି ନିର୍ବାଚନ କମିଶନ ଯେତେବେଳେ ସିଦ୍ଧାନ୍ତରେ ପହଞ୍ଚନ୍ତି, ସେତେବେଳେ ସ୍ୱତନ୍ତ୍ର ସଘନ ସଂଶୋଧନ କରାଯାଇଥାଏ। ସାଧାରଣତଃ ନିର୍ବାଚନ ପୂର୍ବରୁ କିମ୍ବା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଭଳି ପ୍ରଶାସନିକ ପ୍ରକ୍ରିୟା ପରେ ଏସ୍‌ଆଇଆର୍ ହୋଇଥାଏ। ଅନ୍ୟପକ୍ଷରେ ସ୍ୱତନ୍ତ୍ର ସାରାଂଶ ସଂଶୋଧନ (ଏସ୍‌ଏସ୍‌ଆର୍) ନିର୍ବାଚନ ପୂର୍ବରୁ ହୋଇଥାଏ। ଏଥିରେ ଭୋଟର ତାଲିକାର ସମୀକ୍ଷା କରାଯିବା ସହ ୧୮ ବର୍ଷ ବୟସରେ ପହଞ୍ଚିଥିବା ନୂଆ ଭୋଟରଙ୍କୁ ଯୋଡ଼ାଯାଇଥାଏ। ଯେଉଁମାନେ ନିର୍ବାଚନମଣ୍ଡଳୀ ବଦଳାଇଥାନ୍ତି, ତଦନୁଯାୟୀ ପୂର୍ବ ନିର୍ବାଚନମଣ୍ଡଳୀରୁ ସେମାନଙ୍କ ନାଁ କଟାଯାଇ ନୂଆ ନିର୍ବାଚନମଣ୍ଡଳୀ ଭୋଟର ତାଲିକାରେ ସାମିଲ କରାଯାଇଥାଏ। ସେହିପରି ଡୁପ୍ଲିକେଟ୍ ଓ ମୃତ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଥାଏ।

## ଅକ୍ଟୋବରରେ ବାତ୍ୟା ଆଶଙ୍କା

**ସତର୍କ କରାଇଲେ ଆଇଏମ୍‌ଡି ଡିଜି**

ଭୁବନେଶ୍ୱର, ୧୩।୯
(ବନ୍ଦନା ସେଠୀ)

ଚଳିତ ବର୍ଷ ବହୁଦିନ ଧରି ମୌସୁମୀ ବର୍ଷା ଲାଗି ରହିଛି। ଇତିମଧ୍ୟରେ ବଙ୍ଗୋପସାଗରରେ ୧୫ରୁ ଊର୍ଦ୍ଧ୍ୱ ଲଘୁଚାପ କ୍ଷେତ୍ର ଓ ଘୂର୍ଣ୍ଣିବଳୟ ଆଗକୁ ପ୍ରାକୃତିକ ଦୁର୍ବିପାକର ସଙ୍କେତ ଦେଉଛି। ଏପରିସ୍ଥିତିରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଓଡ଼ିଶା ସହ ପୂର୍ବ ଭାରତୀୟ ରାଜ୍ୟଗୁଡ଼ିକୁ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ସତର୍କ ରହିବାକୁ ପରାମର୍ଶ ଦେଇଥିବାରୁ ଲୋକଙ୍କ ମନରେ ବାତ୍ୟା ନେଇ ଛନକା ପଶିଛି। ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଲା-ନିନା ପ୍ରଭାବରେ ବାତ୍ୟା ସଙ୍ଗଠିତ ହେବା ଆଶଙ୍କା ଅଧିକ ରହିଛି। ବିଶେଷକରି ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ହେଉଛି ଓଡ଼ିଶା ପାଇଁ ବାତ୍ୟାର ସମୟ। ତେଣୁ ଏହି ସମୟରେ ଲା-ନିନା ସୃଷ୍ଟି ହେଲେ ବାତ୍ୟା ଆସିଥାଏ। ତେବେ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ରୂପ ନେଇନାହିଁ। ୧୫ ତାରିଖରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅପସାରଣ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଲା-ନିନା ପ୍ରଭାବରେ ଏହା ଅଧିକରୁ ଅଧିକ ବିଳମ୍ବ ହେବ। ଏହି ସମୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ବାତ୍ୟା ଆଶଙ୍କାକୁ ☞ପୃଷ୍ଠା-୨

## ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ

**୨ ଯୁବକଙ୍କ ସହ ମହିଳାଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼**




ବାରିପଦା, ୧୩।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଞ୍ଚଳରେ ପରକୀୟା ପ୍ରୀତି ସନ୍ଦେହ କରି ଏକ ଅମାନବୀୟ ଘଟଣା ଘଟିଛି। ଗ୍ରାମବାସୀ ୨ ଯୁବକଙ୍କ ସହ ମହିଳାଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି କଙ୍ଗାରୁକୋର୍ଟରେ ନିଯୁକ ମାଡ଼ ମାରିଛନ୍ତି। ଏହାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ୭ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବେଗୁନିଆ ପଞ୍ଚାୟତ ଅଧୀନ ଦୁରଦୁରା ଗ୍ରାମର ଜାଙ୍ଗେ ହୋ(୨୨), ଘନଶ୍ୟାମ ହୋ(୨୫), ଅନିଲ ହୋ(୨୫), ପଦ୍ମାବତୀ ହୋ(୩୪), ସୁରୁବାଲି ହୋ(୫୨), ବୁଦୁନୀ ହୋ(୪୮) ଓ ମାଟା ହୋ(୪୫) । ଶୁକ୍ରବାର ଅପରାହ୍ନରେ ଜଣେ ବିଧବା ନିକଟସ୍ଥ ହାଟକୁ ଯାଇ ଘରକୁ ଫେରୁଥିଲେ। ସନ୍ଧ୍ୟା ସମୟରେ ୨ଯୁବକଙ୍କ ସହ କଥା ହୋଇ ଆସୁଥିବାରୁ ଗ୍ରାମର ☞ପୃଷ୍ଠା-୨



# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୪/୨୦୨୫ | Bhubaneswar, Sunday, September 14/2025 | ପୃଷ୍ଠା-୧










**ସୁରକ୍ଷିତ ଘରକୁ ଫେରନ୍ତୁ:** କେନ୍ଦୁଝରରେ ଶନିବାର 'ଶୂନ ଦୁର୍ଘଟଣା ଦିବସ' କାର୍ଯ୍ୟକ୍ରମ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ସୁରକ୍ଷିତ ଗାଡ଼ି ଚଳାଇବା, ସୁରକ୍ଷିତ ଘରକୁ ଫେରିବା' ବାର୍ତ୍ତା ନେଇ ଆୟୋଜିତ ସଚେତନତା ଅଭିଯାନକୁ ଶୁଭାରମ୍ଭ କରିଛନ୍ତି।

## ଏସିଆ କପ୍: ଆଜି ଭାରତ-ପାକିସ୍ତାନ ମ୍ୟାଚ

**ଦୁବାଇ,୧୩।୯**

ଏସିଆ କପ୍ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟର ଗ୍ରୁପ୍-ଏ'ରେ ରବିବାର ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏହି ହାଇ ଭୋଲ୍ଟେଜ୍ ମ୍ୟାଚ୍‌କୁ ନେଇ ଦୁଇ ଦେଶ ମଧ୍ୟରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଗତ ଏପ୍ରିଲ ୨୨ ତାରିଖରେ ଜମ୍ମୁ-କଶ୍ମୀରର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଦୋଷ ଦେବା କାହାକୁ**






## ୨୭ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପାଳପୁର ବିଧାନସଭା କ୍ଷେତ୍ରକୁ ଏହି ଅବସରରେ ପ୍ରଧାନମନ୍ତ୍ରୀ ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ମୋଦି ସେଠାରେ ଆୟୋଜିତ ଏକ ଜନସଭାକୁ ସମ୍ବୋଧନ କରିବେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଗୋପାଳପୁରସ୍ଥିତ ହଳଦିଆପଦର ନିକଟରେ ଥିବା ପଡ଼ିଆରେ ହୋଇପାରେ। ସେହି ସ୍ଥାନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ପରିଦର୍ଶନ କରିସାରିଲେଣି। ହେଲେ ଚୂଡ଼ାନ୍ତ ନିଷ୍ପତ୍ତି ୨ ଦିନ ଭିତରେ ହେବ ବୋଲି ଜଣାପଡ଼ିଛି। ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ପାଳନ ହେବ। ସେହିଦିନଠାରୁ ଭାଜପା ରାଜ୍ୟରେ ସେବା ପକ୍ଷ ପାଳନ କରିବ। ତେଣୁ ଏହାରି ଭିତରେ ☞ପୃଷ୍ଠା-୨


**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T:- ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା15/09/2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR–09014/11/0192/2526


# ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ଏସ୍‌ଏସ୍‌ଆର୍

**ବିହାର ବିଧାନସଭା ଭୋଟ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ଲାଗିରହିଥିବାବେଳେ ଭାରତର ନିର୍ବାଚନ କମିଶନ (ଇସିଆଇ) ଓଡ଼ିଶାର ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି। ସେପ୍ଟେମ୍ବର ୮ରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ଏହି ଆସନ ଖାଲିପଡ଼ିଛି। ଉପନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିବାବେଳେ ଜନ ପ୍ରତିନିଧି ଆଇନ, ୧୯୫୦ର ଧାରା ୨୧ ଅଧୀନରେ ଏସ୍‌ଏସ୍‌ଆର୍ କରାଇବାକୁ ନିଷ୍ପତ୍ତି ନିଆଯାଇଛି। କମିଶନ ଦେଶବ୍ୟାପୀ ଏସ୍‌ଆଇଆର୍ କରାଇବା ସକାଶେ ପ୍ରସ୍ତୁତି ଚଳାଇଥିବାବେଳେ ନୂଆପଡ଼ା ନିର୍ବାଚନ ପୂର୍ବରୁ ଏସ୍‌ଏସ୍‌ଆର୍ ଓଡ଼ିଶାରେ ଏସ୍‌ଆଇଆର୍ ପାଇଁ ମୂଳଦୁଆ ପକାଇପାରେ ବୋଲି କୁହାଯାଉଛି।**

- **ଆଜି ମତଦାନ କେନ୍ଦ୍ରଗୁଡ଼ିକର ପରିବର୍ତ୍ତନ**
- **୧୫ରୁ ୨୯ ତାରିଖ ଭିତରେ ଦାବି ଓ ଆପତ୍ତି ଜଣାଇହେବ**
- **ଅକ୍ଟୋବର ୯ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା**

**ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର)**

ନୂଆପଡା ବିଧାନସଭା ଆସନରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ(ଏସ୍‌ଏସ୍‌ଆର୍) କରାଯିବ। ଆଗକୁ ଏହି ବିଧାନସଭା ଆସନ ଲାଗି ହେବାକୁ ଥିବା ଉପନିର୍ବାଚନ ପୂର୍ବରୁ ହିଁ ଏସ୍‌ଏସ୍‌ଆର୍ କରାଯିବ। ନୂଆପଡ଼ା ଆସନରେ ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନ ପାଇଁ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୨୧ ଅନୁଯାୟୀ ଏସ୍‌ଏସ୍‌ଆର୍ କରିବାକୁ ଭାରତର ନିର୍ବାଚନ ଆୟୋଗ ୧ ଜୁଲାଇ ୨୦୨୫କୁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରିଛନ୍ତି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଏସ୍‌ଏସ୍‌ଆର ପାଇଁ କେତେଗୁଡ଼ିଏ କାର୍ଯ୍ୟସୂଚୀ ନିର୍ଦ୍ଧାରିତ କରାଯାଇଛି। ରବିବାର ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମତଦାନ କେନ୍ଦ୍ରଗୁଡ଼ିକର ପୁନଃ ବ୍ୟବସ୍ଥାପନ ବା ପରିବର୍ତ୍ତନ କରାଯିବ। ସୋମବାର ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ଆସନ୍ତା ୧୫ରୁ ୨୯ ତାରିଖ ମଧ୍ୟରେ ଭୋଟରମାନେ ସେମାନଙ୍କ ଦାବି ଓ ଆପତ୍ତି ଜଣାଇପାରିବେ। ☞ପୃଷ୍ଠା-୨

### ଏସ୍‌ଆଇଆର୍, ଏସ୍‌ଏସ୍‌ଆର୍ ମଧ୍ୟରେ ପାର୍ଥକ୍ୟ

ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ହେଉଛି ଘରକୁ ଘର ଯାଇ ଭୋଟରମାନଙ୍କ ଗଣନା କରି ନୂଆ ଭୋଟର ତାଲିକା ପ୍ରସ୍ତୁତ କରିବା। ପ୍ରଚଳିତ ତାଲିକାକୁ ବିଚାରକୁ ନ ନେଇ ଗଣନାକାରୀମାନେ ପ୍ରତି ଘରକୁ ଯାଇ ଧାର୍ଯ୍ୟ ତାରିଖ ସୁଦ୍ଧା ଯୋଗ୍ୟ ଭୋଟରମାନଙ୍କ ତାଲିକା ପ୍ରସ୍ତୁତ କରିଥାନ୍ତି। ବର୍ତ୍ତମାନର ଭୋଟର ତାଲିକା ତ୍ରୁଟିଯୁକ୍ତ ଏବଂ ସମ୍ପୂର୍ଣ୍ଣ ନୂଆ ତାଲିକା ପ୍ରସ୍ତୁତ ଆବଶ୍ୟକ ବୋଲି ନିର୍ବାଚନ କମିଶନ ଯେତେବେଳେ ସିଦ୍ଧାନ୍ତରେ ପହଞ୍ଚନ୍ତି, ସେତେବେଳେ ସ୍ୱତନ୍ତ୍ର ସଘନ ସଂଶୋଧନ କରାଯାଇଥାଏ। ସାଧାରଣତଃ ନିର୍ବାଚନ ପୂର୍ବରୁ କିମ୍ବା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଭଳି ପ୍ରଶାସନିକ ପ୍ରକ୍ରିୟା ପରେ ଏସ୍‌ଆଇଆର୍ ହୋଇଥାଏ। ଅନ୍ୟପକ୍ଷରେ ସ୍ୱତନ୍ତ୍ର ସାରାଂଶ ସଂଶୋଧନ (ଏସ୍‌ଏସ୍‌ଆର୍) ନିର୍ବାଚନ ପୂର୍ବରୁ ହୋଇଥାଏ। ଏଥିରେ ଭୋଟର ତାଲିକାର ସମୀକ୍ଷା କରାଯିବା ସହ ୧୮ ବର୍ଷ ବୟସରେ ପହଞ୍ଚିଥିବା ନୂଆ ଭୋଟରଙ୍କୁ ଯୋଡ଼ାଯାଇଥାଏ। ଯେଉଁମାନେ ନିର୍ବାଚନମଣ୍ଡଳୀ ବଦଳାଇଥାନ୍ତି, ତଦନୁଯାୟୀ ପୂର୍ବ ନିର୍ବାଚନମଣ୍ଡଳୀରୁ ସେମାନଙ୍କ ନାଁ କଟାଯାଇ ନୂଆ ନିର୍ବାଚନମଣ୍ଡଳୀ ଭୋଟର ତାଲିକାରେ ସାମିଲ କରାଯାଇଥାଏ। ସେହିପରି ଡୁପ୍ଲିକେଟ୍ ଓ ମୃତ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଥାଏ।

## ଅକ୍ଟୋବରରେ ବାତ୍ୟା ଆଶଙ୍କା

**ସତର୍କ କରାଇଲେ ଆଇଏମ୍‌ଡି ଡିଜି**

**ଭୁବନେଶ୍ୱର, ୧୩।୯ (ବନ୍ଦନା ସେଠୀ)**

ଚଳିତ ବର୍ଷ ବହୁଦିନ ଧରି ମୌସୁମୀ ବର୍ଷା ଲାଗି ରହିଛି। ଇତିମଧ୍ୟରେ ବଙ୍ଗୋପସାଗରରେ ୧୫ରୁ ଊର୍ଦ୍ଧ୍ୱ ଲଘୁଚାପ କ୍ଷେତ୍ର ଓ ଘୂର୍ଣ୍ଣିବଳୟ ଆଗକୁ ପ୍ରାକୃତିକ ଦୁର୍ବିପାକର ସଙ୍କେତ ଦେଉଛି। ଏପରିସ୍ଥିତିରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଓଡ଼ିଶା ସହ ପୂର୍ବ ଭାରତୀୟ ରାଜ୍ୟଗୁଡ଼ିକୁ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ସତର୍କ ରହିବାକୁ ପରାମର୍ଶ ଦେଇଥିବାରୁ ଲୋକଙ୍କ ମନରେ ବାତ୍ୟା ନେଇ ଛନକା ପଶିଛି। ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଲା-ନିନା ପ୍ରଭାବରେ ବାତ୍ୟା ସଙ୍ଗଠିତ ହେବା ଆଶଙ୍କା ଅଧିକ ରହିଛି। ବିଶେଷକରି ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ହେଉଛି ଓଡ଼ିଶା ପାଇଁ ବାତ୍ୟାର ସମୟ। ତେଣୁ ଏହି ସମୟରେ ଲା-ନିନା ସୃଷ୍ଟି ହେଲେ ବାତ୍ୟା ଆସିଥାଏ। ତେବେ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ରୂପ ନେଇନାହିଁ। ୧୫ ତାରିଖରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅପସାରଣ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଲା-ନିନା ପ୍ରଭାବରେ ଏହା ଅଧିକରୁ ଅଧିକ ବିଳମ୍ବ ହେବ। ଏହି ସମୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ବାତ୍ୟା ଆଶଙ୍କାକୁ ☞ପୃଷ୍ଠା-୨

## ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ

**୨ ଯୁବକଙ୍କ ସହ ମହିଳାଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼**





**ବାରିପଦା, ୧୩।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଞ୍ଚଳରେ ପରକୀୟା ପ୍ରୀତି ସନ୍ଦେହ କରି ଏକ ଅମାନବୀୟ ଘଟଣା ଘଟିଛି। ଗ୍ରାମବାସୀ ୨ ଯୁବକଙ୍କ ସହ ମହିଳାଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି କଙ୍ଗାରୁକୋର୍ଟରେ ନିସ୍ଠୁର ମାଡ଼ ମାରିଛନ୍ତି। ଏହାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ୭ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବେଗୁନିଆ ପଞ୍ଚାୟତ ଅଧୀନ ଦୁରଦୁରା ଗ୍ରାମର ଜାଙ୍ଗେ ହୋ(୨୨), ଘନଶ୍ୟାମ ହୋ(୨୫), ଅନିଲ ହୋ(୨୫), ପଦ୍ମାବତୀ ହୋ(୩୪), ସୁରୁବାଲି ହୋ(୫୨), ବୁଦୁନୀ ହୋ(୪୮) ଓ ମାଟା ହୋ(୪୫) । ଶୁକ୍ରବାର ଅପରାହ୍ନରେ ଜଣେ ବିଧବା ନିକଟସ୍ଥ ହାଟକୁ ଯାଇ ଘରକୁ ଫେରୁଥିଲେ। ସନ୍ଧ୍ୟା ସମୟରେ ୨ଯୁବକଙ୍କ ସହ କଥା ହୋଇ ଆସୁଥିବାରୁ ଗ୍ରାମର ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସବୁଜ ବାହିନୀ ପକ୍ଷରୁ ଚାରାରୋପଣ ଓ ବନ ବନ୍ଧୁ ପୁରସ୍କାର ପ୍ରଦାନ ଉତ୍ସବ, ସ୍ଥାନ: ନହରକଣ୍ଟା ମହାରଥୀ ବିଦ୍ୟାପୀଠ ସମ୍ମୁଖ ନଦୀ କୂଳ ଖେଳ ପଡିଆ, ସମୟ: ସକାଳ ୮ଟା।
- ଭାଦ୍ର ସତ୍‌ସଙ୍ଗ ମହୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଗୋଷ୍ଠୀ ସମ୍ବଳ କର୍ମୀ ସଂଘ ପକ୍ଷରୁ ସାଙ୍ଗଠନିକ ଆଲୋଚନା, ସ୍ଥାନ: ହୋଟେଲ୍ ଲୁମ୍ବିନୀ କନଭେନ୍‌ଶନ୍, ନିଳାଦ୍ରି ବିହାର, ସମୟ: ମଧ୍ୟାହ୍ନ ୧୨ଟା।
- ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ପ୍ରଥମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ମାଷ୍ଟର କ୍ୟାଣ୍ଟିନ୍, ସମୟ: ଅପରାହ୍ନ ୩ଟା।
- ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୩ଟା ୩୦।
- ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ପୁଅ ଜିଉଁତିଆ (ଦୁତୀବାହନ ଓଷା), ସ୍ଥାନ: ହାଉସିଂବୋର୍ଡ କଲୋନି, ଚନ୍ଦ୍ରଶେଖରପୁର, ସମୟ: ସନ୍ଧ୍ୟା ୬ଟା।
- ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ବଡ଼ମ୍ବା ଟେନିସ ପଡ଼ିଆସ୍ଥିତ ବୈକୁଣ୍ଠ ସ୍ମୃତି ସଦନ, ସମୟ: ପୂର୍ବାହ୍ନ ୧୦ ଟା୩୦।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ବିଡ଼ାନାସୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ କଟକ ଶାଖା ପକ୍ଷରୁ ମହାପୁରୁଷ ଅଚ୍ୟୁତାନନ୍ଦ ଜୟନ୍ତୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଚହଟା, ସମୟ: ଅପରାହ୍ନ ୩ଟା।
- ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏଶନ୍‌ର ୩୬ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ଅପରାହ୍ନ ୩ଟା।
- ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ, ସ୍ଥାନ: ମା' ଭଟ୍ଟାରିକା ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।
- ଇଣ୍ଡିଆନ ଆସୋସିଏଶନ୍ ଅଫ୍ ମେଡିକାଲ ମାଇକ୍ରୋ ବାୟୋଲୋଜିଷ୍ଟସ୍ ଓଡ଼ିଶା ଚାପ୍ଟର ପକ୍ଷରୁ ୧୬ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ, ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ଏସ୍‌ସିବି ମେଡିକାଲ, ସମୟ: ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘ ଭକ୍ତିପ୍ରସାରର ସପ୍ତବିଂଶତମ ବାର୍ଷିକ ଉତ୍ସବ ପ୍ରବଚନର ଦ୍ୱିତୀୟ ଦିବସ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର ପରିସର, ରାଣୀହାଟ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଓଡ଼ିଶା ସେଲସ୍ ଏକ୍ଜିକ୍ୟୁଟିଭ ଆସୋସିଏଶନ ପକ୍ଷରୁ ରକ୍ତଦାନ ଓ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଶ୍ରୀନିବାସ, ତେଲେଙ୍ଗାବଜାର, ସମୟ: ସକାଳ ୯ଟା ୩୦।
- ବିଦ୍ୟାଳୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ଦିବ୍ୟଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ, ନୂଆପାଟଣା, ତିଗିରିଆ, ସମୟ: ସକାଳ ୯ ଟା୩୦।
- ସାହିତ୍ୟ ଓ ସଂସ୍କୃତି ମହୋତ୍ସବ, ୪୯ତମ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ପୁସ୍ତକ ଉନ୍ମୋଚନ-୨୦୨୫, ସ୍ଥାନ: ଚୌଦ୍ୱାର ଗାନ୍ଧି ଛକସ୍ଥିତ ପୌର ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ

- ବ୍ରାହ୍ମଣ ବରଣ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀନହର, ସମୟ: ସକାଳ ୯ଟା।
- ଗୋପୁରକ୍ଷା ସଚେତନତା ପଦଯାତ୍ରା, ସ୍ଥାନ: ମାରିଚିକୋଟ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଟି-୧୦ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କ୍ରିକେଟ ଷ୍ଟାଡିୟମ, ପେଣ୍ଟକଟା, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ପକ୍ଷରୁ ହିନ୍ଦୀ ଦିବସ ପାଳନ ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଟ୍ରାଫିକ କଲୋନୀ କାର୍ଯ୍ୟାଳୟ ପରିସର, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।
- କର୍ମ ମନ୍ଦିର ପରିବାର ପକ୍ଷରୁ 'ଆମ ନୂଆଁଖାଇ ଭେଟଘାଟ-୨୦୨୫' ଏବଂ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଉତ୍ତରାୟଣୀ କ୍ଲବ, ଜଟଣୀ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ଦିବଂଗତ ରାଜନେତା ଦେବେନ୍ଦ୍ର ତ୍ରିପାଠୀଙ୍କ ସ୍ମୃତିସଭା, ସ୍ଥାନ: ରାଜନଗର ମଙ୍ଗଳପୁର, ଆଗରପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଆମେ ବାରିପଦା ପକ୍ଷରୁ ନାଟକ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର

- କେଏସ ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ, ସ୍ଥାନ: ହିଲପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ନିର୍ମାଣ ସମ୍ମାନ, ସ୍ଥାନ: ରୋଟାରୀ କ୍ଲବ, ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ବିଶ୍ୱ ହିନ୍ଦୁ ପରିଷଦ (ଗଞ୍ଜାମ ପୂର୍ବ ପ୍ରଖଣ୍ଡ) ପକ୍ଷରୁ ପ୍ରଥମ ଉଦ୍ଧାର ଶିବିର, ସ୍ଥାନ: ଭାରତୀ ବିଦ୍ୟାପୀଠ ଗଞ୍ଜାମ, ସମୟ: ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ।

## ଢେଙ୍କାନାଳ

- ସମ୍ବାଦଦାତା ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାଗୃହ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା ୪୫ ମିନିଟ।
- ଶ୍ରୀଜଗନ୍ନାଥଙ୍କ ବିଦ୍ୟାଳିଳା ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଜଗତ୍‌ସିଂହପୁର

- ରଜ ମହୋତ୍ସବ କମିଟି ତରଫରୁ ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସିଜଡ଼ି-ଖଡ଼ୋଳ ରଜ ମହୋତ୍ସବ ପଡ଼ିଆ, ତିର୍ତ୍ତୋଲ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।

## ଯାଜପୁର

- ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏଶନର ୭ମ ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ରୋଡ଼ ବ୍ୟାସଦେବ ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଦୁର୍ଗାଦେବୀଙ୍କ ଉତ୍ଥାନ ପର୍ବ, ସ୍ଥାନ: ନୟାଗଡ଼ ପୁରୁଣା ରାଜବାଟୀ ନିକଟସ୍ଥ ଦୁର୍ଗାଦେବୀ ମନ୍ଦିର, ସମୟ: ସକାଳ ୫ଟା।
- ହନୁମାନଙ୍କ କାଠି ପୂଜା ପର୍ବ, ସ୍ଥାନ: ଖଣ୍ଡପଡ଼ା ରାଜବାଟୀ, ସମୟ: ରାତ୍ର ୧୦ଟା।
- ନିଖିଳ ଉତ୍କଳ କଂସାରୀ ସମାଜର ବୈଠକ, ସ୍ଥାନ: କଣ୍ଟିଲୋ ବାପୁଜୀ ନଗର କଂସାରୀ କଲ୍ୟାଣ ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱିତି ବାହନ ପର୍ବ, ସ୍ଥାନ: କଣ୍ଟିଲୋ ଫକିର ଅଡ୍ଡାବନ୍ଦିପାଟଣା, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସୁରକ୍ଷା ଏବଂ ସାଇବର ଅଇନ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପତ୍ରପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ଆରକ୍ଷୀ ଉପଖଣ୍ଡସ୍ତରୀୟ ସାଧାରଣ ବୈଠକ, ସ୍ଥାନ: ସିମାଡ୍ରୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଦଶହରା ପାଇଁ ଆଜ୍ଞାମାଳ, ସ୍ଥାନ: ଭଗବତୀ ମନ୍ଦିର, ଜୟପୁର, ସମୟ: ରାତି ୮ଟା।

## ସମ୍ବଲପୁର

- ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛ ସୁନ୍ଦର ସବୁଜ ସମ୍ବଲପୁର କାର୍ଯ୍ୟକ୍ରମ, ସ୍ଥାନ: କ୍ଷେତ୍ରରାଜପୁର, ସମୟ: ସକାଳ ୮ଟା ୩୦।

## ବଲାଙ୍ଗୀର

- ସନ୍ତରଣ ପ୍ରଶିକ୍ଷଣ, ସ୍ଥାନ: ଆଇଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା

## ରାଉରକେଲା

- ଉତ୍କଳ ସାହିତ୍ୟ ସଂସଦ ସାହିତ୍ୟ ସମ୍ମିଳନୀ, ସ୍ଥାନ:ସେକ୍ଟର-୭, ଅନୁଷ୍ଠାନ ସଭାଗୃହ, ସମୟ:ପୂର୍ବାହ୍ନ ୧୦ଟା।
- ପାତଞ୍ଜଳୀ ଯୋଗ କେନ୍ଦ୍ର ପକ୍ଷରୁ ଭାଗବତ ଉପରେ ଆଲୋଚନା ଚକ୍ର, ସ୍ଥାନ:ସେକ୍ଟର-୨୦,ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼

- ଅଘରିଆ ସମାଜ ପକ୍ଷରୁ ଜିଲ୍ଲା ସ୍ତରୀୟ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ ସେଣ୍ଟର,ସମୟ:ପୂର୍ବାହ୍ନ୧୦ଟା୩୦।

## ବରଗଡ଼

- ଏଭିଓସି ଫାଉଣ୍ଡେଶନ ପକ୍ଷରୁ ନୂଆଖାଇ ଭେଟ,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ଅପରାହ୍ନ ୩ଟା।

## କଳାହାଣ୍ଡି

- ମା' ଲଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡାବସା ପର୍ବ, ସ୍ଥାନ: ଜୁନାଗଡ଼ ମା' ଲଙ୍କେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଖଣ୍ଡାବସା ଫୁଟବଲ କପ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ପୁରୁଣାକଟକସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ଖଣ୍ଡାବସା ପର୍ବ, ସ୍ଥାନ: ମା' ଭୈରବୀ ମନ୍ଦିର ପ୍ରାଙ୍ଗଣ, ପୁରୁଣାକଟକ, ସମୟ: ଅପରାହ୍ନ ୪ଟା

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ସହର ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଜଳନ୍ତ ଦୁର୍ଗାଙ୍କ ଖଣ୍ଡା ଆଳତୀ, ସ୍ଥାନ: ମଠସାହି, ମା'ଜଳନ୍ତ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଡିଭାଇନ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ସୁବର୍ଣ୍ଣପୁର ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା ୩୦।
- ସର୍ବ ଭାରତୀୟ ଲୁଲୁଦପଙ୍କ କ୍ରିକେଟ କପ୍ ପାଇଁ ବୈଠକ, ସ୍ଥାନ: ଲୁଲୁଦପଙ୍କ ହାଇସ୍କୁଲ ପଡିଆ, ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଶ୍ରୀ ସତ୍ୟସାଇ ସେବା ମହୋତ୍ସବ, ସ୍ଥାନ: ଅଗ୍ରେସନ ଭବନ ଖଡିଆଳ, ସମୟ: ସକାଳ ୮ଟା।
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଚଉକିଡ ଧାମଣ୍ଡି, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗଳାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପ୍ରତ୍ୟୁଷଯାତ୍ରାରେ ସଫଳତା ସାଙ୍ଗକୁ ପ୍ରତିଯୋଗିତାମୂଳକ କାର୍ଯ୍ୟ ଓ ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରହେବ। ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗିପାରନ୍ତି। ଆକସ୍ମିକ ସମସ୍ୟା ଉପୁଜିବାରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ** ସନ୍ଦେହ ଏବଂ ଭୁଲ ବୁଝାମଣାରୁ ଘର ସଦସ୍ୟ ବିରକ୍ତି ପ୍ରକାଶ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇ ବନ୍ଧୁଙ୍କ ପ୍ରଶଂସାଭାଜନ ହେବେ। ସଙ୍ଗୀତ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବାର ସୂଚନା ରହିଛି।

**ମିଥୁନ** ଆଜି ଅର୍ଥ, ସମ୍ମାନ ଓ କଳା, ସଙ୍ଗୀତାଦିରୁ ପ୍ରଶଂସା ପାଇବେ। କର୍ମକ୍ଷେତ୍ରରେ ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ଦୋଷାରୋପ କରି ସମସ୍ୟା ବଢ଼ାଇଦେବେ। ପୂର୍ବ ଯୋଜନା ଅନୁଯାୟୀ କର୍ମ କଲେ ସଫଳତା ପାଇବା ଆଶା କରାଯାଇପାରେ। ଶିଳ୍ପ, ପରିବହନ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଦିନଟି ବହୁତ ଭଲ।

**କର୍କଟ** ବନ୍ଧୁଙ୍କ ଅସହଯୋଗରୁ କର୍ମକ୍ଷେତ୍ରରେ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ନିଜେ ଅସୁବିଧା ଭିତରେ ରହୁଥିଲେ ମଧ୍ୟ ପଡ଼ୋଶୀଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପ୍ରିୟବନ୍ଧୁଙ୍କ ନିଜର ପାରିବାରିକ କ୍ଷେତ୍ରର ଅଭିମାନଭରା କଥା କହି ଦୁଃଖ କରିପାରନ୍ତି।

**ସିଂହ** ଆଜିର ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱାସିପ୍ରଦକ କଥା ଶୁଣି ମନ ହାଲୁକା ହୋଇଯାଇପାରେ। ଅନ୍ୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। ପ୍ରାସନିକ କିମ୍ବା ରାଜନୀତିରେ ସଙ୍ଗଠନ ଓ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** ମତାନ୍ତରଜନିତ ପାରିବାରିକ ଅଶାନ୍ତିରୁ ମନ ଅସ୍ଥିର ରହିବ। ଆଜିର ଯାତ୍ରାରେ ହରାଣ ହରକତ ହେବାକୁ ପଡ଼ିପାରେ। ଘରର ବରାଦ ଅନୁଯାୟୀ କୌଣସି ଗୃହୋପକରଣ କିଣିବା ସକାଶେ ଯୋଜନା କରିପାରନ୍ତି। କୌଣସି କର୍ମଚାରୀ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ତାହାର ଆପଣଙ୍କ ପ୍ରତି ଥିବା ଭଲ ମନୋଭାବକୁ ବଦଳାଇ ଦେଇପାରେ।

**ତୁଳା** ସୁବିଧା ଓ ସହଯୋଗ ଅଭାବରୁ ଆରମ୍ଭ କରିଥିବା କାମ ସମ୍ପନ୍ନରେ ସମସ୍ୟାର ସମ୍ମୁଖୀନ ହେବେ। କେତେକ ବହି ମିଥ୍ୟା ଯାଚନା ଫସର ଫିଡ଼ିଫିରାକୁ ମନ ଭଲ ରହିବ ନାହିଁ। ଭଲ ସମ୍ପର୍କ ରହିଥିବା ବନ୍ଧୁ ଅନ୍ୟର କାନକୁହା କଥା ଶୁଣି ଦୂରେଇ ରହିପାରନ୍ତି। ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବାର ଆଶା ରହିଛି।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯାଇଥିବାରୁ ଆଶ୍ୱସ୍ତି ଅନୁଭବ କରିବେ। ନୂତନ ବସ୍ତ୍ର ଓ ଅଳଙ୍କାର ଲାଭ ସହ ବନ୍ଧୁଙ୍କ ସାନ୍ନିଧ୍ୟରୁ ଖୁସି ରହିବେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାମାଜିକ ସ୍ତରରେ ସାହିତ୍ୟ, ସଙ୍ଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଲୋଚନା ପରିଚାଳନାରେ ପ୍ରତିଦ୍ୱନ୍ଦ୍ୱୀଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଆଦାୟ କରିବାରେ ଅନ୍ୟମାନଙ୍କର ସହାୟତା ନେବାକୁ ପଡ଼ିପାରେ। ବ୍ୟବସାୟ, ବାଣିଜ୍ୟରେ କ୍ଷତିର ଭରଣା କରିବା ସକାଶେ ପ୍ରସ୍ତୁତ କରିପାରନ୍ତି।

**ମକର** ଆଜି କର୍ମୀଗଣ, ବନ୍ଧୁଙ୍କ ଆଲୋଚନା ତଥା ବ୍ୟବସାୟ ଓ ବାଣିଜ୍ୟରେ ଆଶାନୁରୂପ ଲାଭ ହେବ। ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହେବ। ଭଲ କଥା କହିଲେ ମଧ୍ୟ ପରିବାର ସଦସ୍ୟମାନେ ଭୁଲବୁଝି ଓଲଟି ଦୋଷାରୋପ କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଥିବା ସହ ସ୍ଥଗିତ କାମ ସମ୍ପନ୍ନ ହେତୁ ଖୁସି ମିଳିବ। ଋଣ ପରିଶୋଧ ସକାଶେ ବନ୍ଧୁ କିମ୍ବା ବିଭିନ୍ନ ଋଣପ୍ରଦାନକାରୀ ସଂସ୍ଥା ସହ ଯୋଗାଯୋଗ କଲେ ଉପକୃତ ହେବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଆଜିର ଯାତ୍ରା ଓ ଗତାନୁଗତିକ କାମରେ କୌଣସି ବାଧା ଉପୁଜିବ ନାହିଁ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ମାତ୍ର କୌଣସି କାମ ସମ୍ପନ୍ନ କରିବା ପାଇଁ ବିଶେଷ କଷ୍ଟ କରିବାକୁ ପଡ଼ିବ ନାହିଁ। ପାରିବାରିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବା କାରଣରୁ ସାମୟିକ ବିଚଳିତ ଅନୁଭବ କରିପାରନ୍ତି।

ଆଜି ସେପ୍ଟେମ୍ବର ୧୪ ତାରିଖ, ଆଶ୍ୱିନ କୃଷ୍ଣପକ୍ଷର ମୂଳାଷ୍ଟମୀ ରବିବାର, ଦ୍ୱିତୀୟାବାହନ ଓଷା, ଦେବୁଥାପନ, ସହସ୍ର କୁମ୍ଭାଭିଷେକ, ଷୋଡ଼ଶ ଦିନାତ୍ମକ ଦୁର୍ଗାପୂଜା ଆରମ୍ଭ, ବିମଳା ଦେବୀଙ୍କର ମହାପୂଜା ଆରମ୍ଭ, ଦୁର୍ଗାମାଧବ ବିଜେ, ରାଶିନକ୍ଷତ୍ର-ଦିବା ଘ.୦୮।୪୯ ପର୍ଯ୍ୟନ୍ତ ରୋହିଣୀ/ବୃଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ ପାଳନ। ସକାଳ ଘ.୦୫।୩୭ ଗତେ ଘ.୦୭।୪୦ ମଧ୍ୟରେ, ଘ.୦୧।୧୩ ଗତେ ଘ.୦୧।୫୩ ମଧ୍ୟରେ ଶୁଭ ଶୁଭବେଳା। ଦିବା ଘ.୦୪।୧୫ ଗତେ ଘ.୦୫।୪୬ ମଧ୍ୟରେ ରାହୁକାଳ।

# ଭୁଶୁଡ଼ିଲା ମାର୍କେଟ କମ୍ପ୍ଲେକ୍ସ: ଚାପିହୋଇ ଦୋକାନୀ ମୃତ

କୋରାପୁଟ,୧୩।୯ (ଅମିତାଭ ବେହେରା)

କୋରାପୁଟ ବସ୍‌ଷ୍ଟାଣ୍ଡ ନିକଟରେ ତଥା ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସର ୨ ଦୋକାନ ଘର ଭୁଶୁଡ଼ି ଶନିବାର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦୋକାନ ମାଲିକ ଲୋକନାଥ ପାତ୍ର(୬୨)। ଅନ୍ୟ ୩ ଜଣ ଘଟଣାରୁ ବର୍ତ୍ତିଯାଇଛନ୍ତି। ପ୍ରାୟ ୫ ଘଣ୍ଟା ଉଦ୍ଧାର କାର୍ଯ୍ୟ ଚାଲିଥିଲାବେଳେ ଏନ୍‌ଏଚ୍ ୨୬ ବନ୍ଦ ରହିଥିଲା। ଲୋକନାଥ କେତେକଣ ଶ୍ରମିକଙ୍କୁ ନେଇ ଦଶହରା ପୂର୍ବରୁ ଦୋକାନ ସଫା କରୁଥିଲେ। ଏହି ସମୟରେ ଶ୍ରମିକମାନେ ଡ୍ରିଲ୍ କାର୍ଯ୍ୟ କରୁଥିବା ବେଳେ ଗୋଟିଏ କୋଠାର ଦୁଇଟି ଦୋକାନ ଛାତ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା। ଦୋକାନରେ ଥିବା ଲୋକନାଥଙ୍କ ଭାଇ ଓ ୨ ଶ୍ରମିକ ଭାଙ୍ଗିବା ଶବ୍ଦ ଶୁଣି ବାହାରକୁ ବାହାରି ଆସିଥିଲେ। କିନ୍ତୁ ଲୋକନାଥ ଦୋକାନ ଭିତରେ ରହିଯାଇଥିବାରୁ ସେ ଛାତ ତଳେ ଚାପିହୋଇଯାଇଥିଲେ। ଏହା ଦେଖି ତାଙ୍କ ଭାଇ ଶ୍ରୀଧର ପାତ୍ର ବାହାରେ ଅଚେତ ହୋଇପଡ଼ିଥିଲେ। କୋରାପୁଟ ଏସ୍‌ପି ରୋହିତ ବର୍ମା ଓ ପରେ ଓଏସ୍‌ଏପି ତୃତୀୟ ବାଟାଲିଅନ ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ଓ କୋରାପୁଟ ଟାଉନ ପୋଲିସ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ କରିଥିଲେ। ଘଟଣାର ଏକ ଘଣ୍ଟା ପରେ ଲୋକନାଥଙ୍କୁ ଗୁରୁତର ଅବସ୍ଥାରେ ଛାତ ତଳୁ ଉଦ୍ଧାର କରାଯାଇଥିଲା। ତାଙ୍କୁ କୋରାପୁଟ ଶହୀଦ ଲକ୍ଷଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଲୋକନାଥଙ୍କ ପରିବାର ଲୋକଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତହସିଲଦାର ଏସ୍. ସବାର ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି।


କୋରାପୁଟରେ ମାର୍କେଟ କମ୍ପ୍ଲେକ୍ସର ୨ ଦୋକାନ ଭୁଶୁଡ଼ିବା ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାସିଲା ପଥର ବୁଡ଼ିଲା ଶୋଲ, ହରିବୋଲ ଭାଇ ଗୋବିନ୍ଦ ବୋଲ।**

ଯେଉଁଠି ବିପର୍ଯ୍ୟୟ ଦେଖା ନ ଯିବା କଥା ସେଠି ଯଦି ସେହିଭଳି ଅବସ୍ଥା ସୃଷ୍ଟି ହୁଏ, ତେବେ ସେଥିରୁ ବର୍ତ୍ତିବା ମଣିଷଙ୍କ ପକ୍ଷେ ଦୁରୂହବ୍ୟାପାର ହୋଇଯାଏ। ଏପରିକ୍ଷେତ୍ରେ ସେଥିରୁ ରକ୍ଷା ପାଇବାଲାଗି କେବଳ ହରି ହିଁ ଭରସା ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭିତରେ ଭିତରେ ମୂଷା କାଟି ଦେଉଗଲା ଖୋଷା ନହର ଯାକ ଖୋଲା ପଡ଼ିଛି ରଙ୍କକୁ ପଡ଼ିଛି ଦଶା!**

ଧୂର୍ତ୍ତ ପ୍ରକୃତି ବ୍ୟକ୍ତିର କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏମିତି କଳକୌଶଳ ବା ଖଞ୍ଜରେ କାମ କରିଥାଏ ଯେ ତା'ର ଟେର୍ କେହି ବି ପାଇପାରି ନ ଥାନ୍ତି। ଏପରି ବ୍ୟକ୍ତି ଅତି ସନ୍ତର୍ପଣ ସହକାରେ ନିଜର ଫାଇଦା ଉଠାଇ ନେଇ ସରଳ ନିରୀହ ବ୍ୟକ୍ତି ମୁଣ୍ଡରେ ସବୁ ଦୋଷ ଲଦି ଦେଇଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତି କିଛି ନ କରି ମଧ୍ୟ ସମାଜ ଆଖିରେ ନିନ୍ଦନୀୟ ହୋଇପଡ଼ୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଏସିଆ କପ୍: ଆଜି ...

ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଜବାବରେ ଭାରତ ପକ୍ଷରୁ ଅପରେଶନ ସିନ୍ଦୂର କରାଯାଇଥିଲା। ଆକ୍ରମଣର ୫ ମାସ ପୂରି ନଥିବା ବେଳେ ପୁଣି ଦେଶ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ପ୍ରବଳ ବିରୋଧ କରାଯାଉଛି। ପହଲଗାମ ଆକ୍ରମଣରେ ପ୍ରାଣ ହରାଇଥିବା ଶୁଭମ ଦ୍ୱିବେଦୀଙ୍କ ସ୍ତ୍ରୀ ଐଶାନ୍ୟା ଦ୍ୱିବେଦୀ କହିଛନ୍ତି ଯେ, ପାକିସ୍ତାନ ସହ ଭାରତ ମ୍ୟାଚ୍ ନଖେଳିବା ଉଚିତ ଥିଲା। ପହଲଗାମରେ ପ୍ରାଣ ହରାଇଥିବା ୨୬ ଜଣଙ୍କ ପ୍ରତି ବିସିସିଆଇର କୌଣସି ସହାନୁଭୂତି ମନୋଭାବ ନାହିଁ ବୋଲି ମନେହେଉଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମଧ୍ୟ ମ୍ୟାଚ୍‌କୁ ବିରୋଧ କରାଯାଉଛି। ଶିବ ସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ କହିଛନ୍ତି ଯେ, ଯୁଦ୍ଧ ଓ କ୍ରିକେଟ୍ ଏକାସମୟରେ କେମିତି ଚାଲିପାରିବ। ସେମାନେ ଦେଶଭକ୍ତିକୁ ଏକ ବ୍ୟାପାର କରିଦେଇଛନ୍ତି। ସେମାନଙ୍କୁ କେବଳ ଟଙ୍କା ଦରକାର। ଅନ୍ୟପକ୍ଷରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ପ୍ରକାଶ କରିଛନ୍ତି ଯେ, ଏସିସି ଓ ଆଇସିସି ଦ୍ୱାରା ଯେତେବେଳେ ବହୁଦେଶୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଏ, ସେତେବେଳେ ମ୍ୟାଚ୍ ଖେଳିବା ବାଧ୍ୟବାଧକତା ହୋଇଯାଏ। ଯଦି ସେମାନେ ମ୍ୟାଚ୍ ଖେଳିବେ ନାହିଁ, ତେବେ ସେମାନଙ୍କୁ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେବାକୁ ପଡ଼ିବ। ସେମାନଙ୍କୁ ମ୍ୟାଚ୍‌ରୁ ଓହରିବାକୁ ପଡ଼ିବ ଓ ପ୍ରତିପକ୍ଷ ଦଳକୁ ପଏଣ୍ଟ ମିଳିବ। କିନ୍ତୁ ପାକିସ୍ତାନ ସହ ଭାରତ କୌଣସି ଦ୍ୱିପକ୍ଷିକ ଟୁର୍ଣ୍ଣାମେଣ୍ଟ ଖେଳେ ନାହିଁ। ତେବେ ଉଭୟ ଭାରତ ଓ ପାକିସ୍ତାନ ଏସିଆ କପ୍ ଟୁର୍ଣ୍ଣାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଦୁଇ ଦଳ ଯଥାକ୍ରମେ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ୟୁଏଇ ଓ ଓମାନକୁ ହରାଇଛନ୍ତି। ଦୁଇ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୩ ଥର ପରସ୍ପରକୁ ଭେଟିପାରନ୍ତି।

## ୨୭ରେ ଓଡ଼ିଶା ଆସିବେ ...

ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ। ମୋଦି ତାଙ୍କ ଗତ ଜନ୍ମଦିନ ସମୟରେ ଓଡ଼ିଶା ଆସି ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ରାଜ୍ୟରେ ଭାଜପା ସରକାର ଆସିବା ପରେ ଏହା ପ୍ରଧାନମନ୍ତ୍ରୀଙ୍କ ୮ମ ଥର ପାଇଁ ରାଜ୍ୟ ଗସ୍ତ କାର୍ଯ୍ୟକ୍ରମ ହେବ। ଅନ୍ୟପକ୍ଷରେ ଭାଜପା କ୍ଷମତାକୁ ଆସିବା ପରଠାରୁ ଖାଲି ପଡ଼ିଥିବା ୭ ମନ୍ତ୍ରୀ ପଦ ପୂରଣ ଏବଂ ନିଗମ ଓ ବୋର୍ଡରେ ବଳାୟ ନେବାକୁ ଅଥଧାନ କରାଯାଇପାରିନାହିଁ। ଏହି ପ୍ରସଙ୍ଗରେ ଶନିବାର ରଣମାଧମଙ୍କୁ ସୂଚନା ଦେଇ ଦଳର ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି, ଏହି ମାସରେ ବହୁ କିଛି ହେବାକୁ ଯାଉଛି। ମୋଦି ଯେତେବେଳେ ଓଡ଼ିଶା ଆସନ୍ତି କିଛି ଦେଇକରି ଯାଇଥାଆନ୍ତି। ପ୍ରଧାନମନ୍ତ୍ରୀଙ୍କ ଫୋକସରେ ସବୁବେଳେ ଯୁବବର୍ଗ, ଏହା ତାଙ୍କର ପ୍ରାଥମିକତା

### ଏହି ମାସରେ ବହୁ କିଛି ହେବାକୁ ଯାଉଛି: ତୋମାର

ବୋଲି ତୋମାର କହିଛନ୍ତି। ମନ୍ତ୍ରୀ ତଥା ଭାଜପା ନେତା ବିଭୂତି ଭୂଷଣ ଜେନା କହିଛନ୍ତି, ୨୭ରେ ପ୍ରଧାନମନ୍ତ୍ରୀ ଆସିବା ଏକ ପ୍ରକାର ନିଶ୍ଚିତ। ଏଥିଲାଗି ପୁରୁଣ ୩ଟା ଜାଗା ଦେଖାଯାଇସାରିଛି। ବର୍ଷା ଯୋଗୁ ଯେଉଁ ସ୍ଥାନ ଉପଯୁକ୍ତ ହେବ ସେହି ଅନୁଯାୟୀ ଦେଖାଯାଉଛି, ଯାହା ଦୁଇ ଦିନ ଭିତରେ ସ୍ଥିର ହୋଇଯିବ। କାର୍ଯ୍ୟକ୍ରମରେ ୩ ଲକ୍ଷ ଲୋକଙ୍କ ସମାଗମ ହେବ। ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତ ଅବସରରେ କିଛି ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ କରିବେ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ମୋଦିଙ୍କ ଓଡ଼ିଶା ଗସ୍ତ ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଯେତେବେଳେ ପର୍ଯ୍ୟନ୍ତ ଓଡ଼ିଶାର ସବୁ ଖଣ୍ଡ ତାଙ୍କ ବନ୍ଧୁମାନଙ୍କୁ ଲିଜ୍‌ରେ ଦିଆଯାଇ ନାହିଁ ସେତେଦିନ ପର୍ଯ୍ୟନ୍ତ ସେ ଆସୁଥିବେ। ମଣିପୁରରେ ଦୀର୍ଘଦିନ ହେଲା ପ୍ରତିବାଦ ଚାଲିଛି, ଏତେଦିନ ପରେ ତାଙ୍କର ଚେତା ପଶିଲା ବୋଲି ଭକ୍ତ କହିଛନ୍ତି।

## ନୂଆପଡ଼ା ଉପନିର୍ବାଚନ ...

ଅକ୍ଟୋବର ୭ ତାରିଖରେ ସବୁ ଦାବି ଏବଂ ଆପତ୍ତିର ସମାଧାନ କରାଯିବ। ଅକ୍ଟୋବର ୨ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନରେ ନୂଆପଡ଼ା ବିଧାନସଭା କ୍ଷେତ୍ର(୭୧)ରୁ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଜୟୀ ହୋଇଥିଲେ। ଗତ ୮ ତାରିଖରେ ତାଙ୍କର ଦେହାନ୍ତ ହୋଇଯାଇଛି। ଢୋଲକିଆଙ୍କ ଦେହାନ୍ତ ପରେ ଏହି ବିଧାନସଭା ନିର୍ବାଚନମଣ୍ଡଳୀର ଆସନ ଖାଲି ନେଇ ଗତ ୧୧ ତାରିଖରେ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇସାରିଛି। ନିୟମାନୁଯାୟୀ କୌଣସି ଆସନ ଖାଲି ହେବାର ୬ ମାସ ମଧ୍ୟରେ ସେଠାରେ ଉପନିର୍ବାଚନ କରାଯିବ। ସେହି କ୍ରମରେ ଏବେଠାରୁ ନୂଆପଡ଼ା ଉପନିର୍ବାଚନ ଲାଗି

## ପ୍ରଥମ ପୃଷ୍ଠାରୁ...

ନିର୍ବାଚନ କମିଶନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଆଉକୁ ବିହାର ନିର୍ବାଚନ ହେବାକୁ ଯାଉଛି। ତେଣୁ ବିହାର ନିର୍ବାଚନ ନେଇ ଘୋଷଣା ହେବାବେଳେ ନୂଆପଡ଼ା ଆସନର ଉପନିର୍ବାଚନ ତାରିଖ ମଧ୍ୟ ଘୋଷଣା ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

## ପରକୀୟା ପ୍ରୀତି ...

ଲୋକମାନେ ଦେଖି ସନ୍ଦେହ କରିଥିଲେ, ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଗ୍ରାମବାସୀ ମହିଳାଙ୍କ ସହ ୨ଯୁବକଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିର୍ଘୃଣ ମାଡ଼ ମାରିଥିଲେ । ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଅକ୍ଟୋବରରେ ବାତ୍ୟା ...

ଏଭଳି ଦିଆଯାଇ ନ ପାରେ ବୋଲି ଚିନ୍ତା କହିଛନ୍ତି। ସେହିପରି ୧୫ ଦିନ ଆଗରୁ ବାତ୍ୟାର ପୂର୍ବାନୁମାନ କରାଯାଇପାରୁଥିବାରୁ ଏଥର ଓଡ଼ିଶାରେ ଏନେଇ ଗ୍ରାମୀୟ ପ୍ରଶାସନକୁ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଆଇଏମ୍‌ଡି ଓ ଅନ୍ୟ ଘରୋଇ ଅନ୍ତର୍ଜାତୀୟ ପାଣିପାଗ ସଂସ୍ଥାଗୁଡ଼ିକର ଆକଳନ ଅନୁଯାୟୀ, ଲା-ନିନା ସେପ୍ଟେମ୍ବର ଶେଷରେ ସକ୍ରିୟ ହୋଇପାରେ, ଯାହା ଅକ୍ଟୋବରରେ ବାତ୍ୟା ଗଠନକୁ ସହଜ କରିବ। ନ୍ୟାଶନାଲ୍ ଓସେନିକ୍ ଆଣ୍ଡ ଆଟ୍‌ମୋସ୍ଫିୟର ଆଡ୍‌ମିନିଷ୍ଟ୍ରେସନ୍(ଏନ୍‌ଓଏଏ) ସଂସ୍ଥାର ଆନୁମାନିକ ରିପୋର୍ଟ ଅନୁଯାୟୀ, ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ଲା-ନିନାର ସମ୍ଭାବନା ୭୧% ରହିଛି। ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ)ର ଆକଳନ ଅନୁଯାୟୀ ଏହି ଅବଧିରେ ଲା-ନିନାର ସମ୍ଭାବନା ୬୦% ରହିଛି, ଯାହା ତାପମାନ ଉପରେ ପ୍ରଭାବ ପକାଇବ ସହ ବାତ୍ୟା ସୃଷ୍ଟି କରିବ ଘଟାଇପାରେ। ଲା-ନିନା ହେଉଛି ଏକ ଜଳବାୟୁ ପ୍ରକ୍ରିୟା। ପ୍ରଶାନ୍ତ ମହାସାଗରରେ ପାଣି ସାଧାରଣ ତାପମାତ୍ରାଠାରୁ ଅଧିକ ଥଣ୍ଡା ହେଲେ ଲା-ନିନା ସ୍ଥିତି ସୃଷ୍ଟି ହୁଏ। ଏହାଦ୍ୱାରା ପ୍ରଶାନ୍ତ ମହାସାଗରରୁ ଗରମ ବାୟୁ ଓ ଜଳ ପଶ୍ଚିମ ଦିଗରେ ପ୍ରବାହିତ ହୋଇ ଭାରତ ମହାସାଗରରେ ପ୍ରବେଶ କରେ। ଏହା ଭାରତ ମହାସାଗରରେ ବାତ୍ୟା ସୃଷ୍ଟି ପାଇଁ ପାଗ ଅନୁକୂଳ କରିଥାଏ। ଭାରତରେ ମୌସୁମୀ ସକ୍ରିୟ ଥିବାରୁ ଏହା ବାତ୍ୟାକୁ ଆକର୍ଷିତ କରିଥାଏ। ଲା-ନିନା ପରିସ୍ଥିତି ସଙ୍ଗଠିତ ହେଲେ ବଙ୍ଗୋପସାଗରରେ ସାମୁଦ୍ରିକ ଝଡ଼ ବା ବାତ୍ୟାକୁ ବଳ ଯୋଗାଇବା ସହ ଏହାର ତୀବ୍ରତା ବୃଦ୍ଧିରେ ସହାୟକ ହୋଇଥାଏ।

# ସୁରକ୍ଷା ପ୍ରତିଟି ବ୍ୟକ୍ତିଙ୍କ ସାମୂହିକ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

**ଶୂନ ଦୁର୍ଘଟଣା ଦିବସର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

- ଦୁର୍ଘଟଣା ଶୂନ୍ୟ ରାଜ୍ୟ ଗଢ଼ିବା ପାଇଁ ଆହ୍ୱାନ
- ୧୩ ବ୍ଲକ୍‌ରେ ଗଡ଼ିଲା ଶୂନ ଦୁର୍ଘଟଣା ବାର୍ତ୍ତା ପ୍ରଚାର ରଥ

କେନ୍ଦୁଝର,୧୩।୯(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)



ଶୂନ ଦୁର୍ଘଟଣା ଦିବସ ଅବସରରେ ଦସ୍ତଖତ ଅଭିଯାନ ଆରମ୍ଭ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଜିରୋ ଆକ୍ସିଡେଣ୍ଟ ଡେ ବା ଶୂନ ଦୁର୍ଘଟଣା ଦିବସ ଅଭିଯାନର ଶନିବାର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଯାନର ଶୁଭାରମ୍ଭକରି ସୁରକ୍ଷା କେବଳ ସରକାରଙ୍କ କାମ ନୁହେଁ। ଏଥିପ୍ରତି ସଚେତନ ହେବା ପ୍ରତ୍ୟେକ ବ୍ୟକ୍ତିଙ୍କ ସାମୂହିକ ଦାୟିତ୍ୱ। ଓଡ଼ିଶାକୁ ଏକ ଦୁର୍ଘଟଣା ଶୂନ୍ୟ ରାଜ୍ୟ ଭାବେ ଗଢ଼ିବା ପାଇଁ ସମସ୍ତଙ୍କୁ ସେ ଆହ୍ୱାନ ଦେଇଥିଲେ।

ଗଣମାଧ୍ୟମକୁ ବିବୃତି ଦେଇ ସେ କହିଥିଲେ, ଭୁବନେଶ୍ୱରରେ ଶୂନ ଦୁର୍ଘଟଣା ଦିବସର ସଫଳତା ପରେ କେନ୍ଦୁଝରରେ ଏହି ଅଭିଯାନକୁ ଆଗକୁ ନେବାରେ ଓଡ଼ିଶା ପ୍ରଥମ ଜିଲା ହୋଇଛି। ଆମର ଲକ୍ଷ୍ୟ ଶୂନ ଦୁର୍ଘଟଣା ଦିବସ ସଚେତନତା ବାର୍ତ୍ତାକୁ ପ୍ରତି ସହର, ଗାଁ ଏପରିକି ଘରେ ଘରେ ପହଞ୍ଚାଇବା। ନିଜେ ସଚେତନ ହେବା ସହ ଅନ୍ୟଙ୍କୁ ସଚେତନ କରାଇବା। ସମସ୍ତ କ୍ଷେତ୍ରରେ ସତର୍କତା ହିଁ ଆମକୁ ଏସବୁ ଦୁର୍ଘଟଣାରୁ ବଞ୍ଚାଇପାରିବ। କେନ୍ଦୁଝରର ଏକ ଖଣିବହୁଳ ଅଞ୍ଚଳ ହୋଇଥିବାରୁ ଦିନରାତି ଖଣିଜ ପଦାର୍ଥ ପରିବହନ ହୋଇଥାଏ। ଏହା ଅଞ୍ଚଳର ଅର୍ଥନୀତିକୁ ସଚଳ କରୁଛି, କିନ୍ତୁ ସଡ଼କ ସୁରକ୍ଷା ପାଇଁ ଏକ ବିଶେଷ ଚାଲେଞ୍ଜ ହୋଇଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେଣୁ ପ୍ରତ୍ୟେକ ନାଗରିକଙ୍କୁ ଯାତାୟାତ ସମୟରେ ସଡ଼କ ସୁରକ୍ଷା ନିୟମାବଳୀ ମାନିବା ସହ ସତର୍କତା ଅବଲମ୍ବନ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମସ୍ତଙ୍କ ସହଯୋଗ ବିନା ଏହା ସଫଳ ହୋଇପାରିବ ନାହିଁ ବୋଲି କହିଥିଲେ। ଏଥିସହ ଖଣି ଓ ଶିଳ୍ପ କ୍ଷେତ୍ର ସହ ସଂଲଗ୍ନ ସମସ୍ତ କମ୍ପାନୀ, ଡ୍ରାଇଭର, କର୍ମଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଅନ୍ତୁ। ଭାରିଯାନଗୁଡ଼ିକର ନିୟମିତ ମେଣ୍ଟେନାନ୍ସ, ଡ୍ରାଇଭରଙ୍କ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିରୋ ଆକ୍ସିଡେଣ୍ଟ ସେଲ୍ଫି ପଏଣ୍ଟ, ଦସ୍ତଖତ ଅଭିଯାନକୁ ଉଦ୍‌ଘାଟନ କରିବା ସହ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରଚାରକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲାର ସମସ୍ତ ୧୩ ବ୍ଲକ୍‌ରେ ସଡ଼କ ସୁରକ୍ଷା ସଚେତନତା ତଥା ଶୂନ ଦୁର୍ଘଟଣା ବାର୍ତ୍ତା ପ୍ରଚାର ରଥର ଶୁଭାରମ୍ଭ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ, ଏସ୍‌ଟିଏ କମିଶନର ଅମିତାଭ ଠାକୁର, ଡିଆଇଜି ବ୍ରିଜେଶ ରାୟ, ଜିଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଇଆଇଟି ମାଡ୍ରାସ୍ ସହାୟତାରେ କେନ୍ଦୁଝରରେ ଏଥିନିମନ୍ତେ ଏକ ୧୪ ଦିନିଆ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଦୁର୍ଘଟଣାକୁ କିପରି ପ୍ରତିହତ କରିହେବ, ସେଥିପାଇଁ ଆଇଆଇଟି ମାଡ୍ରାସ୍‌ର ଏକ ଟିମ୍ ମାର୍ଗଦର୍ଶନ କରିବେ।

# କର୍ତ୍ତବ୍ୟରେ ଅବହେଳା: ବଡ଼ଚଣାର ପୂର୍ବତନ ଥାନା ଅଧିକାରୀ ନିଲମ୍ବିତ

ଚଣ୍ଡିଖୋଲ,୧୩।୯(ପ୍ରଦୀପ୍ତ କୁମାର ପୃଷ୍ଟି)


ମଧୁସ୍ମିତା ବେହେରା

ଯାଜପୁର ଜିଲା ବଡ଼ଚଣା ଥାନାର ପୂର୍ବତନ ଥାନା ଅଧିକାରୀ ମଧୁସ୍ମିତା ବେହେରାଙ୍କୁ କର୍ତ୍ତବ୍ୟରେ ଅବହେଳା ଓ ପୋଲିସ ଆଇନ ଉଲ୍ଲଂଘନ ଅଭିଯୋଗରେ ଶନିବାର ନିଲମ୍ବନ କରାଯାଇଛି। ନିଲମ୍ବନ ସମୟରେ ସେ ଯାଜପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ରହିବେ ବୋଲି ଓଡ଼ିଶା ପୋଲିସ ମୁଖ୍ୟାଳୟ ପତ୍ର ସଂଖ୍ୟା ୩୨୧୫ରେ ନିର୍ଦ୍ଦେଶ ରହିଛି। କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା କଟିକଟା ବଜାରର ଏକ ଔଷଧ ଦୋକାନରେ ରୋଗୀ ଦେଖୁଥିବା ଡାକ୍ତରଙ୍କ ପାଖକୁ ବଡ଼ଚଣା ଥାନା ଅଞ୍ଚଳର ଜଣେ ମହିଳା ଚିକିତ୍ସା ପାଇଁ ଯାଇଥିଲେ। ସମ୍ପୃକ୍ତ ଡାକ୍ତର ନକଲି ବୋଲି ମହିଳା ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ। ଜୁନ୍ ୨୪ରେ ବଡ଼ଚଣା ଥାନାଧିକାରୀ ଥିବା ମଧୁସ୍ମିତା ତଦନ୍ତ କରିବାକୁ କଟିକଟା ଯାଇ ଡାକ୍ତରଙ୍କୁ ପାଇ ନ ଥିଲେ। ପରେ ସମ୍ପୃକ୍ତ ଡାକ୍ତର ରୋଗୀ ଦେଖୁଥିବା ଔଷଧ ଦୋକାନର ମାଲିକ ପ୍ରଫୁଲ୍ଲ ସାହୁଙ୍କୁ ମଧୁସ୍ମିତା ଉଠାଇ ଆଣି ୩ ଦିନ ଥାନାରେ ତାଙ୍କୁ ନିର୍ଯ୍ୟାତନା ଦେଉଥିଲେ। ପରେ ତାଙ୍କୁ ଛାଡ଼ିବାକୁ ମଧ୍ୟସ୍ଥଙ୍କ ଜରିଆରେ ୨.୫ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ପ୍ରଫୁଲ୍ଲଙ୍କ ପୁଅ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ଡିଜିପି ଓ ଯାଜପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ତଦନ୍ତ କରିଥିଲେ। ୫ ଦିନ ତଳେ ଯାଜପୁର ଏସ୍‌ପି ମଧୁସ୍ମିତାଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଥିଲେ।







## କେନ୍ଦ୍ରୀୟ ଡେପୁଟେଶନରେ ଯିବେ ଶାଳିନୀ ପଣ୍ଡିତ

ଭୁବନେଶ୍ୱର,୧୩।୯(ସୁନିତ୍ ମିଶ୍ର)

୨୦୦୧ ବ୍ୟାଚ୍ ଆଇଏଏସ୍ ଅଫିସର ଶାଳିନୀ ପଣ୍ଡିତ ୫ ବର୍ଷିଆ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। କେନ୍ଦ୍ର ସରକାରଙ୍କ ଅର୍ଥ ସେବା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ ତାଙ୍କୁ ନୂଆ ନିଯୁକ୍ତି ମିଳିଛି। ଯେବେ ସେ ଏହି ଦାୟିତ୍ୱ ଗ୍ରହଣ କରିବେ ସେବେଠାରୁ ୫ ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ। ପଣ୍ଡିତଙ୍କ କେନ୍ଦ୍ରୀୟ ଡେପୁଟେଶନ ନେଇ ଶନିବାର କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶ କରିଛି। ଶାଳିନୀଙ୍କ ସମେତ ବିଭିନ୍ନ ରାଜ୍ୟର ୩୫ ଜଣ ଅଫିସର ଡେପୁଟେଶନରେ ଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଶାଳିନୀ ପଣ୍ଡିତ ଏବେ ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ଭାବେ ଦାୟିତ୍ୱରେ ଅଛନ୍ତି।

# ମାଡ଼ ଭୟରେ ବନ୍ଦ ବାକ୍ସରେ ଛାତ୍ର

ବଣାଇଁ,୧୩।୯(ପ୍ରଦୀପ ତ୍ରିପାଠୀ)

- ଅଚେତ ଅବସ୍ଥାରେ ଉଦ୍ଧାର
- ସହପାଠୀଙ୍କୁ ଦାୟୀକଲେ ପରିବାର ଲୋକେ

ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଜର୍ଡାର ଏକ ବିଦ୍ୟାଳୟର ଛାତ୍ରାବାସରୁ ଶୁକ୍ରବାର ଜଣେ ଛାତ୍ରଙ୍କୁ ଅଚେତ ଅବସ୍ଥାରେ ବାକ୍ସ ଭିତରୁ ଉଦ୍ଧାର କରାଯାଇଛି। ତାଙ୍କ ଘର ବ୍ରାହ୍ମଣଡିହି ଗ୍ରାମରେ ହୋଇଥିବାବେଳେ ସେ ତୃତୀୟ ଶ୍ରେଣୀରେ ପଢ଼ନ୍ତି। ମାଡ଼ ଭୟରେ ଉକ୍ତ ଛାତ୍ରଙ୍କୁ ତାଙ୍କର ଜଣେ ସହପାଠୀ ଏକ ବାକ୍ସ ଭିତରେ ପୂରାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଛାତ୍ର ଜଣଙ୍କ ସୁସ୍ଥ ଥିବାବେଳେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ପରିବାର ଲୋକେ ଘରକୁ ନେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଛାତ୍ରାବାସରେ କୌଣସି କାରଣ ଯୋଗୁ ତୃତୀୟ ଶ୍ରେଣୀର ଛାତ୍ର ଏବଂ ତାଙ୍କର ସହପାଠୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଭୟଭୀତ ହୋଇ ମାଡ଼ ଭୟରେ ଜଣେ ସହପାଠୀ ତାଙ୍କୁ ଏକ ବାକ୍ସ ଭିତରେ ପୂରାଇ ଦେଇଥିଲେ। ପ୍ରାର୍ଥନା କ୍ଲାସ ପରେ ରୋଲ୍ ନଂ. ପଡିବା ସମୟରେ ଛାତ୍ର ଜଣଙ୍କ ଅନୁପସ୍ଥିତ ଥିବା ଜଣାପଡ଼ିଥିଲା। ଏହା ଦେଖି ୱାର୍ଡେନ ପ୍ରଧାନଶିକ୍ଷକଙ୍କୁ ଜଣାଇ ସମସ୍ତେ ଖୋଜିଥିଲେ। କୌଣସି ସ୍ଥାନରେ ତାଙ୍କୁ ନ ପାଇବା ପରେ ତାଙ୍କ ଘରକୁ ଫୋନ କରିଥିଲେ। ପରିବାର ଲୋକେ ଛାତ୍ରାବାସରେ ପହଞ୍ଚି ଖୋଜାଖୋଜି କରିଥିଲେ। ଏହି ସମୟରେ ଏକ ବନ୍ଦ ବାକ୍ସ ଭିତରୁ କିଛି ଶବ୍ଦ ଶୁଣାଯାଇଥିଲା। ପରିବାର ଲୋକେ ଖୋଲିବା ପରେ ଅଚେତ ଅବସ୍ଥାରେ ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଜର୍ଡା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଘରକୁ ନେଇଯାଇଥିଲେ। ଝଗଡ଼ା ଲାଗିଥିବା ସହପାଠୀ ବାକ୍ସ ଭିତରେ ପୂରାଇ ଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ସହପାଠୀ ଏହାକୁ ମିଛ କଥା କହି ମାଡ଼ ଭୟରେ ନିଜେ ସେ ବାକ୍ସ ଭିତରେ ଲୁଚିଥିବା କହିଛନ୍ତି। ଏହି ଘଟଣା ଅଭିଭାବକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ଛାତ୍ରାବାସରେ ଏଭଳି ଘଟଣା ଘଟୁଥିବାରୁ ପିଲାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ତୁରନ୍ତ ଏନେଇ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସାତକୋଶିଆ ବିସ୍ଥାପିତଙ୍କ ଜମିର ହେଉନି କିସମ ପରିବର୍ତ୍ତନ

ଅନୁଗୋଳ,୧୩।୯(ଦିବ୍ୟଶାନ୍ତନୁ ନାଥ)

- ଜମି ଦଖଲ ନେବା ସତ୍ତ୍ୱେ ପଟ୍ଟାରେ ନାହିଁ ବନ ବିଭାଗ ନାମ
- ରାଜସ୍ୱ ବିଭାଗ ସହ ସମନ୍ୱୟ ଅଭାବ ଥିବା ଅଭିଯୋଗ
- ଦୀର୍ଘବର୍ଷ ଧରି ଲୋକଙ୍କ ନାମରେ ଗଡୁଛି ଖଜଣା


ବିସ୍ଥାପନ ପୂର୍ବରୁ ସାତକୋଶିଆ କୋର୍ ଅଞ୍ଚଳରେ ଥିବା ରାଇଗୁଡ଼ା ଗାଁ।

ଦୀର୍ଘବର୍ଷ ହେଲା ଗାଁ ବିସ୍ଥାପିତ ହେଲାଣି। ଗାଁ ଲୋକେ ଅନ୍ୟ ଅଞ୍ଚଳର ବାସିନ୍ଦା ହେଲେଣି। ଗାଁ ଲୋକଙ୍କ ନାମରେ ଥିବା ଜମି ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ମିଶାଇ ଦିଆଗଲାଣି। ହେଲେ ଉକ୍ତ ଜମିର କିସମ ପରିବର୍ତ୍ତନ ଏଯାଏ ହୋଇପାରି ନାହିଁ। ଏପରି କି ଜମିପଟ୍ଟାରୁ ରୟତମାନଙ୍କ ନାମ କଟାଯାଇ ବନ ବିଭାଗ ନାମରେ ତାହାକୁ କରାଯାଇ ନାହିଁ। ଫଳରେ ଏବେ ବି ପଟ୍ଟାଧାରୀଙ୍କ ନାମରେ ଜମି ଖଜଣା ବାବଦ ଟଙ୍କା ସରକାରୀ ଖାତାରେ ବକେୟା ଭାବେ ଗଡ଼ିଚାଲିଛି। ରାଜସ୍ୱ ଓ ବନ ବିଭାଗ ଭିତରେ ଆବଶ୍ୟକ ସମନ୍ୱୟ ଅଭାବରୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ତେବେ ବିସ୍ଥାପିତ ଲୋକମାନେ ଆଗାମୀ ଦିନରେ ଏହାକୁ ନେଇ ସମସ୍ୟାରେ ପଡ଼ିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନା ମୁତାବକ, ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ବାଘସଂଖ୍ୟା ବୃଦ୍ଧି କରିବା ନିମନ୍ତେ କିଛିବର୍ଷ ତଳେ ଆନ୍ତଃ ରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା। ଏହା ପୂର୍ବରୁ ଜଙ୍ଗଲର କୋର୍ ଅଞ୍ଚଳରେ ରହିଥିବା ଜନବସତିଗୁଡ଼ିକୁ ବିସ୍ଥାପନ କରିବା ପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ)ର ନିୟମାବଳୀ ରହିଥିଲା। ଏଥିପାଇଁ ୨୦୧୭ ମସିହାରେ ପ୍ରଥମେ ରାଇଗୁଡ଼ା ରାଜସ୍ୱ ଗ୍ରାମକୁ ଜଙ୍ଗଲ ମଧ୍ୟରୁ ନୂଆଖେତା ଗାଁ ମୁଣ୍ଡକୁ ବିସ୍ଥାପନ କରାଯାଇଥିଲା। ପରେ ଗୁଲୁକା, କଟରଙ୍ଗ ଆଦି ଗାଁ ମଧ୍ୟ ବିସ୍ଥାପିତ ହୋଇଥିଲା। ଗୋପାଳପୁର ଏବଂ ଚିକରପଡ଼ା ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ସ୍ୱେଚ୍ଛାକୃତ ବିସ୍ଥାପନ ପ୍ରକ୍ରିୟା ବନ ବିଭାଗ ପକ୍ଷରୁ ଜାରି ରଖାଯାଇଛି। କିନ୍ତୁ ରାଇଗୁଡ଼ାଠାରୁ ଆରମ୍ଭ କରି କଟରଙ୍ଗ ପର୍ଯ୍ୟନ୍ତ ଯେତେ ରାଜସ୍ୱ ଗ୍ରାମ ବିସ୍ଥାପିତ ହୋଇଛି, ଅଦ୍ୟାବଧି ସେଠାକାର ଲୋକଙ୍କ ନାମରେ ଜମିପଟ୍ଟା ପୂର୍ବପରି ରହିଛି। ବିସ୍ଥାପନ ପରେ ଗାଁ ରାଜସ୍ୱ ଜମି ଜଙ୍ଗଲ କିସମରେ ପରିବର୍ତ୍ତନ ସହ ବନ ବିଭାଗ ନାମରେ ପଟ୍ଟା ହେବା କଥା। କିନ୍ତୁ ୨୦୧୭ ମସିହାରୁ ରାଇଗୁଡ଼ା ବିସ୍ଥାପିତ ହୋଇଥିଲେ ହେଁ ୮ ବର୍ଷ ପରେ ମଧ୍ୟ ଲୋକଙ୍କ ନାମରେ ପଟ୍ଟା ରହିଛି। ଫଳରେ ରାଇଗୁଡ଼ା ଲୋକଙ୍କ ନାମରେ ଜମି ବାବଦ ଖଜଣା ଗଡୁଥିବା ଜଣାପଡ଼ିଛି। ବର୍ଷାଧିକ ସମୟ ହେବ ଲୋକେ ଗାଁ ଛାଡ଼ି ଯାଇଥିବା ବେଳେ ସେମାନଙ୍କ ନାମରେ ସରକାରୀ ଖାତାରେ ଗଡୁଥିବା ଏହି ଖଜଣା କିଏ ଭରଣା କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର କହିଛନ୍ତି, ଏ ନେଇ ତହସିଲଦାରଙ୍କ ସହ ଆଲୋଚନା ହୋଇଛି। ସବିଶେଷ ବିବରଣୀ ଦେବାକୁ କୁହାଯାଇଛି। ଯଥାଶୀଘ୍ର କିସମ ପରିବର୍ତ୍ତନ କରାଯିବ।



ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉଦ୍ଧର୍ଷ-ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ

ଦେବୋତ୍ଥାନ, ମୂଳାଷ୍ଟମୀ, ସହସ୍ର କୁମ୍ଭାଭିଷେକ, ଦ୍ୱିତୀବାହନ ଓଷା



# ଦୋଷ ଦେବା କାହାକୁ



ଆକାର ପଟେଲ

ନିକଟରେ ଚାଇନାର ଉତ୍ଥାନ ସମ୍ପର୍କରେ ବ୍ୟାଖ୍ୟା କରି ଆମେରିକୀୟ ଶିକ୍ଷାବିତ୍ ଡାନ୍ ୱାଙ୍ଗ ଏକ ପୁସ୍ତକ ଲେଖିଛନ୍ତି। ସେ ତାଙ୍କ ସିଦ୍ଧାନ୍ତରେ ଦର୍ଶାଇଛନ୍ତି, ଚାଇନା ହେଉଛି ଏକ ଇଞ୍ଜିନିୟରଙ୍କ ସମାଜ ଏବଂ ସେଠାକାର ସରକାର ଇଞ୍ଜିନିୟରଙ୍କ ଦ୍ୱାରା ଚାଳିତ। ଅନ୍ୟ ପକ୍ଷରେ ଆମେରିକା ଏକ ଆଇନଜୀବୀ ସମାଜ। ମାନୁଫାକ୍‌ଚରିଂ ଓ ନିର୍ମାଣରେ ଚାଇନା ଆଗୁଆ ହୋଇଥିବାବେଳେ ଆମେରିକା ସେସବୁ କ୍ଷେତ୍ରରେ ପଛୁଆ ବୋଲି ସେ କହିଛନ୍ତି। ଚାଇନା ବିଶେଷକରି ୨୦୧୫ରେ 'ମେଡ୍ ଇନ୍ ଚାଇନା ୨୦୨୫' ଯୋଜନା ଚୟନ କରିବା ଯୋଗୁ ତାହାର ଅଗ୍ରଗତି ହୋଇପାରିଛି। ତେବେ ଅନେକ ସମୟରେ ଏଭଳି ସବୁ ଚୟନ ବା ବିକଳ୍ପ କାମ କରେନାହିଁ ବୋଲି ୱାଙ୍ଗ ସୂଚିତ କରିଛନ୍ତି। ଏକ ଇଞ୍ଜିନିୟରିଂ ନେତୃତ୍ୱସମ୍ପନ୍ନ ମାନସିକତା ଯୋଗୁ ସାଂଘାଇରେ ଘାତକ ଲକ୍‌ଡାଉନ ସୃଷ୍ଟି ହୋଇଥିଲା କିମ୍ବା ଏକକ ସନ୍ତାନ ନୀତି ଅଗ୍ରହଣୀୟ ହେବା ସାମ୍ନାକୁ ଆସିଛି। କିନ୍ତୁ ଦ୍ରୁତତମ ଟ୍ରେନ, ଅକ୍ଷୟ ଶକ୍ତି, ବୈଦ୍ୟୁତିକ ଯାନ, ପାଣିଜାହାଜ ଓ ରକେଟ ନିର୍ମାଣ, ବିମାନ ଚଳାଚଳ, ସେମିକଣ୍ଡକ୍ଟର ଏବଂ କୃତ୍ରିମ ବୁଦ୍ଧିମତ୍ତା ଭଳି ଶିଳ୍ପ ନୀତିରେ ଚାଇନା ସଫଳ ହୋଇଛି। ଏହିସବୁ କ୍ଷେତ୍ରରେ ଚାଇନା ଯାହା ଚାହିଁଛି ତାହା ହାସଲ କରିଛି। ଆଜି ଆମକୁ ସମାନ ପ୍ରଶ୍ନ ପଚାରିବାକୁ ମୁଁ ଚାହେଁ- ଭାରତ ସରକାର କ'ଣ ହାସଲ କରିବାକୁ ଚାହିଁଛନ୍ତି ଏବଂ ଏହା ପାଇବାକୁ ସଫଳ ହୋଇଛନ୍ତି କି ? ଏହାର ଉତ୍ତର ଅର୍ଥ ବ୍ୟବସ୍ଥା, ନିଯୁକ୍ତି ଏବଂ ବିଶେଷକରି ବୈଦେଶିକ ନୀତିରୁ ମିଳେ। କାହାକୁ ଆମେ ଦୋଷ ଦେବା। ଏସବୁ ବିଷୟକୁ ନେଇ ଆମେ ଚିନ୍ତିତ ନୋହୁଁ। ତେବେ ଭାରତ ସରକାର କେଉଁସବୁ ବିଷୟକୁ ଚୟନ କରି ସେଥିରେ ସଫଳ ହୋଇଛନ୍ତି ତାହା ଦେଖିବା। ଚଳିତ ମାସରେ ରାଜସ୍ଥାନ ପ୍ରୋହିବିଶନ ଅଫ୍ ଅନ୍‌ଲ'ଫୁଲ କନ୍‌ଭର୍ସନ ଅଫ୍ ରିଲିଜିଅନ ବିଲ୍, ୨୦୨୫ ପାସ୍ ହୋଇଛି। ଏହାର ଗୋଟିଏ ଲକ୍ଷ୍ୟ ହେଉଛି ହିନ୍ଦୁ ଓ ମୁସଲମାନ ମଧ୍ୟରେ ଆନ୍ତଃଧର୍ମୀୟ ବିବାହର ଆପରାଧୀକରଣ ଏବଂ ଦ୍ୱିତୀୟଟି ହେଉଛି ସୁବିଧାସୁଯୋଗରୁ ବଞ୍ଚିତ ସମ୍ପ୍ରଦାୟଗୁଡ଼ିକର ଖ୍ରୀଷ୍ଟଧର୍ମ ଗ୍ରହଣ ପ୍ରକ୍ରିୟାକୁ ବନ୍ଦ କରିବା। ଅନ୍ୟ ଆଇନଗୁଡ଼ିକ ଭଳି ରାଜସ୍ଥାନର ଏହି ଆଇନରେ ଧର୍ମାନ୍ତରୀକରଣ ଉପରେ ଦଣ୍ଡବିଧାନର ପ୍ରାବଧାନ ରହିଛି, କିନ୍ତୁ ସମସ୍ତଙ୍କ ପାଇଁ ନୁହେଁ। ଏଥିରେ କୁହାଯାଇଛି, ଯଦି କୌଣସି ବ୍ୟକ୍ତି ତାଙ୍କ ମୂଳ ବା ପୈତୃକ ଧର୍ମକୁ ଫେରିଆସନ୍ତି, ତେବେ ତାହାକୁ ଧର୍ମାନ୍ତରୀକରଣ ବୋଲି ଗଣାଯିବ ନାହିଁ। ଏହାସହ ପୈତୃକ ଧର୍ମ କହିଲେ, ପୂର୍ବଜଙ୍କ ଧର୍ମ, ବିଶ୍ୱାସ ଓ ପରମ୍ପରା ବୋଲି ଏଥିରେ ସୂଚିତ କରାଯାଇଛି। ଏଭଳି ବିଷୟ ପ୍ରଥମ ଆଇନ ଉତ୍ତରାଖଣ୍ଡ ଫ୍ରିଡମ ଅଫ୍ ରିଲିଜିଅନ ଆକ୍ଟ, ୨୦୧୮ରେ ଆରମ୍ଭ କରାଯାଇଥିଲା। ଏହାପରେ ହିମାଚଳପ୍ରଦେଶ (୨୦୧୯), ଉତ୍ତରପ୍ରଦେଶ (୨୦୨୦), ମଧ୍ୟପ୍ରଦେଶ (୨୦୨୧), ଗୁଜରାଟ (୨୦୨୧), ହରିୟାଣା (୨୦୨୨) ଏବଂ କର୍ଣ୍ଣାଟକ (୨୦୨୨) ପ୍ରଣୟନ କରାଯାଇଥିବା ଆଇନରେ ଏଭଳି ସମାନ କଥା ବି କୁହାଯାଇଥିଲା।

ଏହିସବୁ ଆଇନ ଭାଜପା ଶାସନ ସମୟରେ ରାଜ୍ୟଗୁଡ଼ିକରେ ପ୍ରଣୟନ ହୋଇଥିଲା। କିନ୍ତୁ ରାଜସ୍ଥାନ ଆଇନ କିଛି ନୂଆ କଥା ଯୋଡ଼ିଛି। ଏଥିରେ କୁହାଯାଇଛି, ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ଏବଂ ମେସେଜ ମାଧ୍ୟମରେ ସୂଚନା, ବିଚାରଧାରା କିମ୍ବା ବିଶ୍ୱାସର ପ୍ରଚାରକୁ ଯଦି ଧର୍ମାନ୍ତରୀକରଣ ଉଦ୍ଦେଶ୍ୟରେ କରାଯାଇଥାଏ ତେବେ ତାହାକୁ ଧର୍ମୀୟ ପ୍ରଚାର ଭାବେ ଗଣାଯିବ ଓ ତାହା ବେଆଇନ। ଏଥିରେ ଜେଲ୍‌ଦଣ୍ଡ ଅବଧିକୁ ବୃଦ୍ଧି କରି ୧୪ ବର୍ଷ ରଖାଯାଇଛି ଏବଂ ଆଦିବାସୀ ଓ ଦଳିତ ଯଦି ଧର୍ମାନ୍ତରୀକରଣ କରିଥାନ୍ତି ତେବେ ସେମାନଙ୍କ କ୍ଷେତ୍ରରେ ଜେଲଦଣ୍ଡ ୨୦ ବର୍ଷ ରଖାଯାଇଛି। ଭାଜପା ଦ୍ୱାରା ପ୍ରଣୀତ ଏହିସବୁ ଆଇନ ସମସ୍ତ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିଲେ ମଧ୍ୟ ଆମ ସମାଜରେ ସେସବୁ ଗ୍ରହଣୀୟ ହୋଇଛି। ଏହା ଗ୍ରହଣୀୟ ଯେ, ଏହି ରାଜ୍ୟ ଯାହା କରିବାକୁ ସ୍ଥିର କରିଥିଲା ତାହା କରିବାରେ ସଫଳ ହେଲା। ତେବେ ରାଜନୈତିକ ଦୃଷ୍ଟିରୁ ଆଇନଗୁଡ଼ିକୁ ବଦଳାଇବା କଷ୍ଟକର, କାରଣ ସାମାଜିକ ସ୍ତରରେ ସେଗୁଡ଼ିକୁ ଗ୍ରହଣୀୟ କରିଦିଆଯାଇଛି। ଏହିସବୁ ଆଇନ ସପକ୍ଷରେ ଅନେକ ଲୋକ ଅଛନ୍ତି କିମ୍ବା ଏହାକୁ ଅନେକେ ବି ଚାହୁଁନାହାନ୍ତି। ହେଲେ ଏଭଳି ଲୋକଙ୍କ ସଂଖ୍ୟା ତୁଳନାରେ ଆଇନଗୁଡ଼ିକୁ ପ୍ରତ୍ୟାହାର କରିନେବା ପାଇଁ ଚାହୁଁଥିବା ଲୋକଙ୍କ ସଂଖ୍ୟା ବହୁତ କମ୍।

କର୍ଣ୍ଣାଟକରେ ୧୭ ମେ ୨୦୨୨ରେ ଲାଗୁ କରାଯାଇଥିବା ଆଇନରେ ଦର୍ଶାଯାଇଛି, ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଥିବା ଲୋକମାନେ ୩୦ଦିନ ପୂର୍ବରୁ ଜିଲା ମାଜିଷ୍ଟ୍ରେଟଙ୍କୁ ଏ ସମ୍ପର୍କରେ ଜଣାଇବାକୁ ପଡ଼ିବ। ପରେ ଏହା ବିରୋଧରେ ଥିବା ଅଭିଯୋଗ ସଂଗ୍ରହ କରିବା ସକାଶେ ସମ୍ପୃକ୍ତ ଅଧିକାରୀ ତାଙ୍କ କାର୍ଯ୍ୟାଳୟ ଏବଂ ତହସିଲ ଅଫିସର ନୋଟିସ ବୋର୍ଡରେ ସେହି ଆବେଦନପତ୍ରକୁ ଲଗାଇବେ। ମେ ୨୦୨୩ରେ କଂଗ୍ରେସ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ବିଜୟୀ ହେବା ପରେ ଏହି ଆଇନକୁ ରଦ୍ଦ କରିବ ବୋଲି କହିଥିଲା। ତା' ପର ମାସ ଅର୍ଥାତ୍ ଜୁନ ୧୫ରେ, ''ସିଦ୍ଦ ରମେୟା ନେତୃତ୍ୱାଧୀନ କର୍ଣ୍ଣାଟକ ସରକାର ଧର୍ମାନ୍ତରୀକରଣ ନିରୋଧୀ ଆଇନକୁ ପ୍ରତ୍ୟାହାର କରିନେଇଛନ୍ତି'' ଶୀର୍ଷକ ଖବର ପ୍ରକାଶ ପାଇଥିଲା। କିନ୍ତୁ ତାହା ହୋଇ ନ ଥିଲା। ପରେ ୮ ସେପ୍ଟେମ୍ବରରେ ପ୍ରକାଶ ପାଇଥିଲା, ଧର୍ମାନ୍ତରୀକରଣ ନିରୋଧୀ ଆଇନ ଭାବେ ଜଣାଶୁଣା କର୍ଣ୍ଣାଟକ ପ୍ରୋଟେକ୍‌ଶନ ଅଫ୍ ରାଇଟ୍ ଟୁ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ ସମ୍ପର୍କରେ ସରକାର ବୈଧ ମତ ଲୋଡ଼ିଛନ୍ତି ଏବଂ ସେହି ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ। ଏଥିରୁ ବୁଝାପଡୁଛି, ସେହି ଆଇନ ଏଯାବତ୍ ବଳବତ୍ତର ରହିଛି। ଦେଖିବାକୁ ଗଲେ ୨୦୧୪ରୁ ଭାଜପା ଶାସିତ ରାଜ୍ୟଗୁଡ଼ିକ କିଛି କରିବାକୁ ଚାହିଁଥିଲେ। ଫଳରେ ୨୦୧୫ରେ ବିଫ୍‌କୁ ନେଇ ଆଇନ, ୨୦୧୮ରେ ଧର୍ମୀୟ ସ୍ୱାଧୀନତା, ୨୦୧୯ରେ ନାଗରିକତ୍ୱକୁ ନେଇ ଆଇନଗୁଡ଼ିକ ଆରମ୍ଭ କରାଯାଇଥିଲା। ଏହାସହ ସର୍ବଧର୍ମ ସହାବସ୍ଥାନକୁ ଶେଷ କରିବା ଏବଂ ସଂଖ୍ୟାଲଘୁଙ୍କୁ ଲକ୍ଷ୍ୟ କରି ଆଇନ ଗଢ଼ାଯାଇଥିଲା। ଏଠାରେ ସରକାର ଯାହା ହାସଲ କରିବାକୁ ଚାହିଁଛନ୍ତି ତାହା ପାଇଛନ୍ତି। ଆମ ସାମ୍ନାରେ 'ମେଡ୍ ଇନ୍ ଚାଇନା ୨୦୨୫' ଯୋଜନାର ଅର୍ଥ କିଛି ରହି ନ ପାରେ, କିନ୍ତୁ ଆମେ ଏହାକୁ ଏବଂ ଅନ୍ୟସବୁ କ୍ଷେତ୍ରକୁ ଗମ୍ଭୀରତାର ସହ ବିଚାର କରି ନ ଥିବାରୁ ବିଫଳ ହୋଇଛୁ। କିନ୍ତୁ 'ରିମେକ୍ ଇଣ୍ଡିଆ ୨୦୨୫' ଯୋଜନାର ସଫଳତାକୁ ଗ୍ରହଣ କରିବା କଷ୍ଟକର ଏବଂ ଏହାର ପରିଣାମ ଆମେ ଏହି ସବୁ ଆଇନ, ଗଣମାଧ୍ୟମ ଏବଂ ଆମ ଚାରିପାଖ ସମାଜରେ ଦେଖିପାରିବା।

Email:aakar.patel@gmail.com

# ଶତାୟୁ ଓଡ଼ିଶା



ଡ. ପ୍ରଫୁଲ୍ଲ କୁମାର ସାହୁ

ଆଉ ଗୋଟିଏ ଦଶନ୍ଧି ପରେ ଓଡ଼ିଶା ପାଳନ କରିବ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ହୀରକ ଜୟନ୍ତୀ। ଏବେଠାରୁ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି। ୨୦୩୬ ମସିହା ସୁଦ୍ଧା ଶତାୟୁ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ ହେବା ସହିତ ତିଆରି ହେଲାଣି ନକ୍ସା। ସରକାରଙ୍କ ଘୋଷଣା ଅନୁସାରେ ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶା ହେବ ଦେଶର ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ଅନ୍ୟତମ। ଓଡ଼ିଶାର ସମ୍ବଳ ଓ ଦକ୍ଷତାକୁ ବିଚାରକୁ ନେଲେ ଏହା କିଛି ଅସମ୍ଭବ ନୁହେଁ, ମାତ୍ର ଏଥିପାଇଁ ଆବଶ୍ୟକ ଦୃଢ଼ ନେତୃତ୍ୱ ଓ ନିଷ୍ଠାପର ପ୍ରୟାସ।

ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା। ସମ୍ଭାବନାକୁ ସାକାର କରିବା ପାଇଁ ଆବଶ୍ୟକ ଯୋଜନାବଦ୍ଧ ବିକାଶ। ବିକଶିତ ଓଡ଼ିଶା ପାଇଁ ଗଲା ୯୦ବର୍ଷ ମଧ୍ୟରେ ରାଜ୍ୟ କେତେ ଆଗକୁ ବଢ଼ିଛି ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କେତେ ବାଟ ବାକି ଅଛି – ତାକୁ ଦୃଷ୍ଟିରେ ରଖି ଗତି ସ୍ଥିର କରିବା ଉଚିତ। ବିକଶିତ ଓଡ଼ିଶାର ପ୍ରଥମ ସୋପାନ ହେଉଛି ମୁଣ୍ଡପିଛା ଆୟବୃଦ୍ଧି। ଅର୍ଥ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ (୨୦୨୩-୨୪) ଓଡ଼ିଶାରେ ମୁଣ୍ଡପିଛା ଆୟ ୧,୮୩,୭୬୭ ଟଙ୍କା, ଯାହା ଜାତୀୟ ହାର (୨,୧୧,୭୨୫) ଠାରୁ ଯଥେଷ୍ଟ କମ୍। ମୁଣ୍ଡପିଛା ଆୟ କ୍ଷେତ୍ରରେ ଛୋଟ ରାଜ୍ୟ ସିକିମ୍ (୭,୦୭,୧୮୧) ସବା ଆଗରେ ଥିବାବେଳେ ୧୫ ତମ ସ୍ଥାନରେ ରହିଛି ଓଡ଼ିଶା। ଓଡ଼ିଶାରେ ଯଦି ମୁଣ୍ଡପିଛା ଆୟ ନ ବଢ଼ିବ ତେବେ ୨୦୩୬ ମସିହା ସୁଦ୍ଧା କେମିତି ସମ୍ଭବ ହେବ ସମୃଦ୍ଧ ଓଡ଼ିଶା ଗଠନ ?

ଓଡ଼ିଶାରେ ପ୍ରତି ହଜାରେ ଗ୍ରାମୀଣ ପରିବାର ମଧ୍ୟରୁ ୧୧୩ଟି ପରିବାର ବାସ କରନ୍ତି କଚ୍ଚାଘରେ। ଏ କ୍ଷେତ୍ରରେ ଛତିଶଗଡ଼, ଅରୁଣାଚଳ ପ୍ରଦେଶ ଓ ବିହାର ପରେ ଦେଶର ସବୁଠାରୁ ପଛୁଆ ରାଜ୍ୟ ଓଡ଼ିଶା। ଆଗାମୀ ଦଶବର୍ଷ ମଧ୍ୟରେ ଓଡ଼ିଶାରେ ଥିବା ପ୍ରତ୍ୟେକ ପରିବାର ଯଦି ପକ୍କା ଘରେ ବାସକରନ୍ତି, ତାହା ହେବ ସମୃଦ୍ଧ ଓଡ଼ିଶାର ଉଲ୍ଲେଖନୀୟ ଉପଲବ୍ଧି।

ଆମ ରାଜ୍ୟରେ ପାଞ୍ଚବର୍ଷରୁ କମ୍ ବୟସର ପ୍ରତି ହଜାରେ ପିଲାଙ୍କ ଭିତରୁ ୨୯୭ ଜଣଙ୍କର ଶାରୀରିକ ଓଜନ କମ୍। ପାଞ୍ଚବର୍ଷରୁ କମ୍ ବୟସର ପିଲାଙ୍କ ମଧ୍ୟରୁ ୩୧୦ଜଣ ବର୍ତ୍ତମାନ କ୍ଷୁଦ୍ରକାୟ। ୧୫ ରୁ ୪୯ ବର୍ଷ ବୟସ୍କ ପ୍ରତି ହଜାରେ ମହିଳାଙ୍କ ମଧ୍ୟରୁ ୨୧୮ଜଣ ରକ୍ତହୀନତା ରୋଗରେ ଆକ୍ରାନ୍ତ। ଏବେ ରାଜ୍ୟରେ ଲକ୍ଷେ ଜୀବିତ ଶିଶୁ ଜନ୍ମ କରୁଥିବା ମା'ମାନଙ୍କ ମଧ୍ୟରୁ ୧୧୯ ଜଣ ମୃତ୍ୟୁବରଣ କରୁଛନ୍ତି ଏବଂ ଜନ୍ମଗ୍ରହଣ କରୁଥିବା ପ୍ରତି ହଜାରେ ଜୀବିତ ଶିଶୁଙ୍କ ମଧ୍ୟରୁ ୩୯ ଜଣ ମୃତ୍ୟୁମୁଖରେ ପଡୁଛନ୍ତି ଜନ୍ମର ପାଞ୍ଚ ବର୍ଷ ମଧ୍ୟରେ। ଏହି ମୃତ୍ୟୁହାରକୁ ସଂକୁଚିତ ନକଲେ କେମିତି ସମ୍ଭବ ହେବ ସମୃଦ୍ଧ ଓଡ଼ିଶା।

ଗୋଟିଏ ଜାତିର ପ୍ରଗତିର ପରିଚାୟକ ହେଉଛି ଶିକ୍ଷା। ସେଥିପାଇଁ କୁହାଯାଏ ଯେଉଁ ରାଜ୍ୟର ଅଧିବାସୀ ଯେତେ ଅଧିକ ଶିକ୍ଷିତ, ସେ ରାଜ୍ୟ ସେତେ ବିକଶିତ। ମାତ୍ର ବିଡ଼ମ୍ବନାର ବିଷୟ ସମୃଦ୍ଧିର ଶିଖର ଆରୋହଣ କରିବାକୁ ଚାହୁଁଥିବା ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ବହୁ ପଛରେ। କୌଣସିମତେ କାମ ଚଳେଇ ନେବାର ପ୍ରବଣତା ଭିତରେ ପଛକୁ ଠେଲି ହୋଇ ଯାଉଛି ତା'ର ମାନବୃଦ୍ଧିର ଲକ୍ଷ୍ୟ। ଆମ ରାଜ୍ୟରେ ନବମ-ଦଶମ ଶ୍ରେଣୀରୁ ପ୍ରତି ରାଜ୍ୟରେ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୭୩୭ଜଣ ପାଠପଢ଼ା ଛାଡୁଛନ୍ତି, ଯାହା ଦେଶର ସର୍ବାଧିକ ସଂଖ୍ୟା। ସବୁ ବିଦ୍ୟାଳୟରେ କମ୍ପ୍ୟୁଟର ବ୍ୟବସ୍ଥା କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ବି ଏବେ ସୁଦ୍ଧା ସେଥିରୁ ୩୦ ଭାଗ ବିଦ୍ୟାଳୟ ବଞ୍ଚିତ। ପ୍ରାଥମିକ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଜଳଜଳ କରି ଦିଶୁଛି ବ୍ୟବସ୍ଥାର ବିକଳ ଚିତ୍ର। ପୂର୍ବାପେକ୍ଷା ଭିତ୍ତିଭୂମିର ଯଥେଷ୍ଟ ବିକାଶ ଘଟିଛି ସତ, କିନ୍ତୁ ସବୁଠି ଲାଗି ରହିଛି ଶିକ୍ଷକ ମରୁଡ଼ି।



ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ତା'ର ଶ୍ରମ ଶକ୍ତିର ୪୯ ପ୍ରତିଶତ କୃଷି କ୍ଷେତ୍ରରେ ନିୟୋଜିତ। ଅଥଚ ରାଜ୍ୟର ଅର୍ଥନୀତିରେ କୃଷିର ଯୋଗଦାନ ମାତ୍ର ୧୯ ପ୍ରତିଶତ। ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ୭୦ ପ୍ରତିଶତ ଜମି ଜଳସେଚନରୁ ବଞ୍ଚିତ। ଗୋଟାଏ କୃଷିପ୍ରଧାନ ରାଜ୍ୟରେ କୃଷି ଓ କୃଷକର ଭାଗ୍ୟ ଯଦି ପାଣିପାଗ ଉପରେ ନିର୍ଭର କରେ, ତେବେ କେମିତି ବଦଳିବ ରାଜ୍ୟର ଭାଗ୍ୟ ? ଏକଦା ମଧୁବାବୁ ଉତ୍କଳ ସମ୍ମିଳନୀ ମଣ୍ଡପରୁ କହିଥିଲେ ଓଡ଼ିଆ ଜାତିରେ କୃଷକଙ୍କ ସଂଖ୍ୟା ବେଶି। ସେମାନଙ୍କ ଉନ୍ନତି ନ ହେଲେ କେବେବି ସମ୍ଭବ ହେବନି ଜାତିର ଉନ୍ନତି।

୨୦୧୧ ଜନଗଣନା ତଥ୍ୟ ଅନୁସାରେ ସେତେବେଳେ ଓଡ଼ିଶାର ମୋଟ ଜନସଂଖ୍ୟା ୪କୋଟି ୧୯ଲକ୍ଷ ୪୭ ହଜାର ୩୫୮ ମଧ୍ୟରୁ ନିରକ୍ଷରଙ୍କ ସଂଖ୍ୟା ଥିଲା ୯୭ଲକ୍ଷ ୯୯ହଜାର। ଅର୍ଥାତ ସାକ୍ଷରତା ହାର ଥିଲା ପାଖାପାଖି ୭୬ ପ୍ରତିଶତ। ଇତିମଧ୍ୟରେ ସାକ୍ଷରତା ହାର ଯେ ବଢ଼ିଛି ଏହା ସତ୍ୟ, କିନ୍ତୁ ଧାର୍ଯ୍ୟ ଲକ୍ଷ୍ୟ ଠାରୁ କମ୍। ସ୍ୱତନ୍ତ୍ର ପ୍ରଦେଶ ହେବାର ୯୦ବର୍ଷ ପରେ ବି ୯୦ ପ୍ରତିଶତ ଲୋକଙ୍କୁ ସାକ୍ଷର କରିବାରେ ବିଫଳ ହୋଇଛି ଓଡ଼ିଶା। ନିରକ୍ଷରତା କାରଣରୁ ଓଡ଼ିଶାକୁ ଜାବୁଡ଼ି ଧରିଛି ଦାରିଦ୍ର୍ୟ। ତେଣୁ ସମୃଦ୍ଧ ରାଜ୍ୟ ଗଠନ କରିବାକୁ ହେଲେ ନିରକ୍ଷରତାର ମୂଳୋତ୍ପାଟନ ହେବା ଆବଶ୍ୟକ।

ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ସ୍ଥିତି ଅତ୍ୟନ୍ତ ଦୁର୍ବଳ। ବିଶେଷକରି ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ବଡ଼ ସମସ୍ୟା ହେଉଛି ଡାକ୍ତରଙ୍କ ଅନୁପସ୍ଥିତି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ମାପକାଠି ଅନୁସାରେ ଏକ ହଜାର ଲୋକଙ୍କ ପାଇଁ ଜଣେ ଡାକ୍ତର ରହିବା ଜରୁରୀ। ମାତ୍ର ଓଡ଼ିଶାରେ ୧୯୪୩ ଜଣ ଲୋକଙ୍କ ପାଇଁ ଅଛନ୍ତି ଜଣେ ଡାକ୍ତର। ରାଜ୍ୟରେ ଏବେ ସୁଦ୍ଧା ଏମିତି କିଛି ଗାଁ ଅଛି, ଯେଉଁଠିକି ଆବଶ୍ୟକ ବେଳେ ପଶିପାରେନି ୧୦୮ ଆମ୍ବୁଲାନ୍ସ। ତେଣୁ ଦୁର୍ଗମ ଅଞ୍ଚଳର ରାସ୍ତା, ସେତୁ, ନଳାପୋଲ, ଆଭ୍ୟନ୍ତରୀଣ ଗ୍ରାମ୍ୟ ରାସ୍ତା ଓ ଆନ୍ତଃ ଗ୍ରାମ ସଡ଼କର ଉନ୍ନତୀକରଣ ତଥା ମୁଖ୍ୟ ରାସ୍ତା ସହିତ ସଂଯୋଗ କରାଯିବା ଆବଶ୍ୟକ।

ଓଡ଼ିଶାରେ ଅଛି ସୁବିସ୍ତୃତ ବେଳାଭୂମି। ନଡ଼ିଆଚାଷ ପାଇଁ ଏହା ଉପଯୁକ୍ତ। ଓଡ଼ିଶାରେ ପ୍ରତି ଗାଁରେ ରହିଛି ଦେବଦେବୀ ମନ୍ଦିର। ମନ୍ଦିରର ପ୍ରଧାନ ଫସଲ ହେଲା ନଡ଼ିଆ। ଓଡ଼ିଶାବାସୀ ସବୁଦିନେ ନଡ଼ିଆ ତେଲ ଲଗେଇ ସ୍ନାନ କରନ୍ତି ସତ, କିନ୍ତୁ ଓଡ଼ିଶାରେ ଉତ୍ପାଦନ ହୁଏନି ନଡ଼ିଆତେଲ। ୪୮୦ କି.ମି. ବେଳାଭୂମି ଥିବା ସତ୍ତ୍ୱେ ଆମେ ଆମର ଆବଶ୍ୟକତା ପାଇଁ ବାହାରୁ ଆମଦାନୀ କରୁଛୁ ବାର୍ଷିକ ୬.୭ଲକ୍ଷ ଟନ୍ ଲୁଣ। ଅଥଚ ଆମ ଲୁଣ ଶ୍ରମିକ ବେକାର। ଓଡ଼ିଶାରେ କପା ଉତ୍ପାଦନର ପରିମାଣ ବାର୍ଷିକ ପାଖାପାଖି ୭ଲକ୍ଷ ଟନ୍। କିନ୍ତୁ ସୂତାକଳ ଅଚଳ। ବାହାରୁ ଆମଦାନୀ କରୁଛୁ ବାର୍ଷିକ ହାରାହାରି ୨୫ କୋଟି ଟଙ୍କାର କପଡ଼ା।

ପର୍ଯ୍ୟାପ୍ତ ଜଳସଂପଦ ସାଙ୍ଗକୁ ରାଜ୍ୟରେ ରହିଛି ବିପୁଳ ଅରଣ୍ୟସମ୍ପଦ। କେବଳ ଖଣିଜ ପଦାର୍ଥକୁ ଉତ୍ତୋଳନ କରି ବିକ୍ରି ବାବଦରେ ରୟାଲଟିରୁ ମିଳୁଥିବା ରାଜସ୍ୱ ବ୍ୟତୀତ ଏସବୁକୁ ଏପର୍ଯ୍ୟନ୍ତ ଆମ ମୁଖ୍ୟ ଆୟର ସ୍ରୋତ ଭାବରେ ଗ୍ରହଣ କରି ପାରିନି ରାଜ୍ୟ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ଆମ ରାଜ୍ୟରେ ବିସ୍ତୀର୍ଣ୍ଣ ବେଳାଭୂମି ସହିତ ରହିଛି ବିଶାଳ ଚିଲିକା ହ୍ରଦ, ପୂର୍ବଘାଟ ପର୍ବତମାଳାର ମନୋରମ ମାଳଅଞ୍ଚଳ, ବିଶ୍ୱବିଖ୍ୟାତ ମନ୍ଦିର ଓ ଅନେକ ଐତିହାସିକ ସ୍ଥଳ। ମାତ୍ର ଆଦୌ ସନ୍ତୋଷ ଜନକ ନୁହେଁ ପର୍ଯ୍ୟଟନ ଶିଳ୍ପର ବିକାଶ। ଏଥିରେ ଆୟ ଓ ନିଯୁକ୍ତି ସମ୍ଭାବନା ଥିଲେ ବି ଏ ଦିଗରେ ସରକାର ଉଦାସୀନ।

ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଔଦ୍ୟୋଗିକ ବିକାଶର ନକ୍ସା ପ୍ରସ୍ତୁତ କରିବା ଦରକାର। ଏହି ପ୍ରେକ୍ଷାପଟରେ ୨୦୨୫ ବର୍ଷ ଆରମ୍ଭରେ ସରକାରଙ୍କ ଦ୍ୱାରା ଆୟୋଜିତ ହୋଇଥିଲା 'ଉତ୍କର୍ଷ ଓଡ଼ିଆ' ଶୀର୍ଷକ ଏକ ଆଡ଼ମ୍ବରପୂର୍ଣ୍ଣ ଓ ବ୍ୟୟବହୁଳ କାର୍ଯ୍ୟକ୍ରମ। ସରକାରଙ୍କ ଘୋଷଣା ଅନୁସାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବ ଆସିଛି ଏବଂ ଏହାଦ୍ୱାରା ସୃଷ୍ଟି ହୋଇଛି ୧୨.୮୮ଲକ୍ଷ ନିଯୁକ୍ତି ସମ୍ଭାବନା। ସମୟ କହିବ ପୁଞ୍ଜିନିବେଶ, ପ୍ରକଳ୍ପ ପ୍ରତିଷ୍ଠା ଓ ନିଯୁକ୍ତିର ପରିମାଣ। କିନ୍ତୁ ବିକଶିତ ଓଡ଼ିଶା ପାଇଁ କେବଳ ଶିଳ୍ପ କରିଡ଼ର ପ୍ରତିଷ୍ଠା ଯଥେଷ୍ଟ ନୁହେଁ, ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ବିକାଶ ଲୋଡ଼ା।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ନେପାଳ ନେତ୍ରୀ

ହିମାଳୟ ଦେଶ ନେପାଳ ରାଜତନ୍ତ୍ରରୁ ମୁକ୍ତି ପାଇବା ପରେ ୨୦୦୮ରେ ଗଣତନ୍ତ୍ରରେ ପାଦ ଦେଇଥିଲା। ରାଜତନ୍ତ୍ର ଉଚ୍ଛେଦ ପରେ ଆଶା କରାଯାଉଥିଲା ଗଣତାନ୍ତ୍ରିକ ପ୍ରକ୍ରିୟା ମାଧ୍ୟମରେ 'ନ୍ୟାୟ ନେପାଳ' ଗଢ଼ି ଉଠିବ। ହେଲେ ଦୁଇ ଦଶନ୍ଧି ପୂରିବା ପୂର୍ବରୁ ଏହି ଛୋଟିଆ ଦେଶ ଦେଖିଲା ବୃହତ୍ ବିକ୍ଷୋଭ। ଏହାର ନେତୃତ୍ୱ ନେଇଥିବା ବର୍ଗ 'ଜେନ୍ ଜେଡ୍'କୁ ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚା ଲାଗିରହିଛି। ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଏହି ତରୁଣ ପିଢ଼ି ଦେଶର ରାଜନୈତିକ ଅସ୍ଥିରତା, ଅର୍ଥନୈତିକ ମାନ୍ଦାବସ୍ଥା, ଅସମ୍ଭାଳ ରୂପ ଧାରଣ କରିଥିବା ଦୁର୍ନୀତି ଓ ବେକାର ସମସ୍ୟାରେ ଅତିଷ୍ଠ ହୋଇପଡ଼ିବାରୁ ରାସ୍ତାକୁ ଓହ୍ଲାଇଲେ। ସରକାର ନିଜ ଅପାରଗତା ଲୁଚାଇବା ପାଇଁ ଫେସ୍‌ବୁକ୍, ଟୁଇଟର, ହ୍ୱାଟ୍ସଆପ୍, ୟୁଟ୍ୟୁବ୍ ଭଳି ସୋସିଆଲ ମିଡିଆର ୨୬ଟି ସାଇଟ୍‌କୁ ବନ୍ଦ କରିଦେବା ପରେ ଯୁବପିଢ଼ିଙ୍କ କ୍ରୋଧ ପଞ୍ଚମକୁ ଚାଲିଯାଇଥିଲା। ଅତୀତର ଶ୍ରୀଲଙ୍କା ଓ ବାଂଲାଦେଶରେ ସଂଘଟିତ ହିଂସାତ୍ମକ ବିକ୍ଷୋଭର ପ୍ରତିରୂପ ଯେଉଁଭଳି ନେପାଳରେ ପ୍ରତିଫଳିତ ହୋଇଛି। ବିକ୍ଷୋଭକାରୀ ପାର୍ଲାମେଣ୍ଟ, ସୁପ୍ରିମକୋର୍ଟ, ରାଜନୈତିକ ବ୍ୟକ୍ତିଙ୍କ ବାସଭବନରେ ନିଆଁ ଲଗାଇ ଦେବାଠାରୁ ଆରମ୍ଭ କରି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ଜାଳିଦେବା ଭଳି କ୍ରୋଧ ପ୍ରକଟ କଲେ। ଏହାର ପରିଣତି ୫୦ରୁ ଅଧିକ ଲୋକଙ୍କ ଜୀବନ ନେଇଥିବା ବେଳେ ଅନେକ ଶହ ଆହତ ହୋଇଛନ୍ତି। ଜଳୁଥିବା ନେପାଳକୁ ଦେଖି ପ୍ରଧାନମନ୍ତ୍ରୀ ଥିବା କେ.ପି. ଶର୍ମା ଓଲି ଇସ୍ତଫା ଦେବା ପରେ କେତେକାଂଶରେ ସ୍ଥିତି ସ୍ୱାଭାବିକ ଆଡ଼କୁ ଆସିଛି। ଗଣତନ୍ତ୍ରର ମୁରବୀବିହୀନ ଏହି ଭୂଖଣ୍ଡର ତତ୍କ୍ଷଣାତ୍ ନେତୃତ୍ୱ ନେବା ଲାଗି କିଏ ଯୋଗ୍ୟ ହେବେ ବୋଲି ଖୋଜା ଚାଲୁଥିବା ବେଳେ ସେହି ଦାୟିତ୍ୱ ଏବେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କିଙ୍କ ଉପରେ ନ୍ୟସ୍ତ କରାଯାଇଛି। ଫଳରେ ସେ ପ୍ରଥମ ମହିଳା ଭାବେ ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ୨୦୨୬ ମାର୍ଚ୍ଚରେ ସେଠାରେ ନିର୍ବାଚନ ହେବା ପରେ ଦେଶର ଗଣତାନ୍ତ୍ରିକ ଗତି କିଭଳି ରୂପ ନେବ ଜଣାପଡ଼ିବ। ତେବେ ଯୁବପିଢ଼ି ଯେଉଁ ମହିଳାଙ୍କ ଉପରେ ପ୍ରଚଣ୍ଡ ଭରସା କରି ତାଙ୍କୁ ଏହି ଦାୟିତ୍ୱ ସଁପି ଦେଇଛନ୍ତି, ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଜାଣିବ ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ସୁଶୀଳା ୭ ଜୁନ୍ ୧୯୫୨ରେ ନେପାଳର ସାର୍‌ଲାହି ଜିଲା ସାଙ୍କାରପୁରଠାରେ ଛେତ୍ରୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପରିବାରର ୭ ସନ୍ତାନଙ୍କ ମଧ୍ୟରେ ସେ ଜ୍ୟେଷ୍ଠା ଥିଲେ। ସେ ତ୍ରିଭୁବନ ବିଶ୍ୱବିଦ୍ୟାଳୟ ଅଧୀନ ମହେନ୍ଦ୍ର ମୋରାଙ୍ଗ କଲେଜରୁ ୧୯୭୨ରେ କଳାରେ ସ୍ନାତକ କରିଥିଲେ। ୧୯୭୫ରେ ଭାରତର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିବା ପରେ ସ୍ୱଦେଶ ଫେରିଥିଲେ। ୧୯୭୮ରେ ତ୍ରିଭୁବନ ବିଶ୍ୱବିଦ୍ୟାଳୟରୁ ସୁଶୀଳା ଆଇନରେ ଡିଗ୍ରୀ ଅର୍ଜନ କରିଥିଲେ। ପଢ଼ା ଶେଷ ପରେ ଧରନ୍‌ସ୍ଥିତ ମହେନ୍ଦ୍ର ମଲ୍ଟିପୁଲ କ୍ୟାମ୍ପସରେ ଜଣେ ସହକାରୀ ଶିକ୍ଷୟିତ୍ରୀ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ତେବେ ୧୯୯୦ରେ ସେ ରାଜନୀତିରେ ସ୍ୱଚ୍ଛତା ଆଣିବା ଲାଗି କରାଯାଇଥିବା 'ପିପୁଲ୍ସ ମୁଭମେଣ୍ଟ'ରେ ନିଜକୁ ସାମିଲ କରିଥିଲେ। ସେତିକିବେଳେ ତାଙ୍କ ନେତୃତ୍ୱ ନେବାର ଆଭାସ ମିଳିଥିଲା। ସେହି ସମୟରେ ସେ ମଧ୍ୟ ବିରାଟନଗର ଜେଲରେ ବନ୍ଦୀ ଜୀବନ କଟାଇଥିଲେ। ଏଭଳି ଅଭିଜ୍ଞତାକୁ ନେଇ ସେ 'କାରା' ନାମରେ ଏକ ଉପନ୍ୟାସ ରଚନା କରିଥିଲେ। ୨୦୦୮ ସେ ଆଇନ ବ୍ୟବସାୟ କରିବାକୁ ଯାଇ ନେପାଳ ବାର୍ ଆସୋସିଏଶନରେ ସିନିୟର ଆଡ୍‌ଭୋକେଟ ହୋଇଥିଲେ। ଆଇନଗତ ବିଦ୍ୱତ୍ତା ପ୍ରଦର୍ଶନ ପରେ ସେ ୨୦୦୯ ଜାନୁଆରୀରେ ନେପାଳ ସୁପ୍ରିମକୋର୍ଟରେ ଆଡ୍‌ହକ ଜଷ୍ଟିସ୍ ହେବାର ଗୌରବ ମଧ୍ୟ ଅର୍ଜନ କରିଥିଲେ। ପରେ ସେ ସ୍ଥାୟୀ ବିଚାରପତି ହୋଇଥିଲେ। ଏପ୍ରିଲ ୨୦୧୬ରେ କଲ୍ୟାଣ ଶ୍ରେଷ୍ଠା ପ୍ରଧାନ ବିଚାରପତି ପଦବୀରୁ ଅବସର ଗ୍ରହଣ କରିବା ପରେ ସାମ୍ବିଧାନିକ ପରିଷଦ ସୁଶୀଳାଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରିବା ଲାଗି ସୁପାରିସ କରିଥିଲା। ପରବର୍ତ୍ତୀ ସମୟରେ ସେ ସୁପ୍ରିମକୋର୍ଟର ପ୍ରଥମ ମହିଳା ପ୍ରଧାନ ବିଚାରପତି ହୋଇଥିଲେ। ଅବଶ୍ୟ ତାଙ୍କ ନିଯୁକ୍ତିକୁ ନେଇ ସେ ବିରୋଧର ସମ୍ମୁଖୀନ ହୋଇଥିଲେ। ଏଭଳି କି ତାଙ୍କ ବିରୋଧରେ ମହାଭିଯୋଗ ଅଣାଯାଇଥିଲା। ନ୍ୟାୟିକ ଅଡୁଆରେ ଧନ୍ଦି ହୋଇଥିଲେ ହେଁ ୨୦୧୭ ଜୁନ୍ ୬ରେ ସେ ୬୫ ବର୍ଷରେ ପହଞ୍ଚିବା ପରେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ।



ବ୍ୟକ୍ତିତ୍ୱ

ସୁଶୀଳା କାର୍କି

ଅବସର ଗ୍ରହଣ କରିବା ପରେ ସୁଶୀଳା ନିଜ ବାଲ୍ୟଜୀବନଠାରୁ ଆରମ୍ଭ କରି ବିଚାରପତି କ୍ୟାରିୟର ଯାଏ ଘଟଣାବଳୀକୁ ନେଇ ଆତ୍ମଜୀବନୀ 'ନ୍ୟାୟ' ଲେଖିଛନ୍ତି। ବିଭିନ୍ନ ମାମଲାରେ ସେ ଐତିହାସିକ ନିଷ୍ପତ୍ତି ନେଇ ଜନପ୍ରିୟତା ହାସଲ କରିଥିବାରୁ ସେ ଯୁବପିଢ଼ିଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ତେବେ କେ.ପି. ଶର୍ମା ଓଲି ପ୍ରଧାନମନ୍ତ୍ରୀ ପଦବୀରୁ ଇସ୍ତଫା ଦେବା ପରେ ବିକ୍ଷୋଭକାରୀମାନେ ଅନ୍‌ଲାଇନ୍ ପ୍ଲାଟଫର୍ମ 'ଡିସ୍‌କର୍ଡ' ମାଧ୍ୟମରେ ଏକ ସର୍ଭେ କରିଥିଲେ, ଯେଉଁଥିରେ ସମ୍ଭାବ୍ୟ ପାଞ୍ଚ ପ୍ରାର୍ଥୀଙ୍କ ମଧ୍ୟରୁ ସୁଶୀଳାଙ୍କୁ ଚୟନ କରାଯାଇଥିଲା।

ସ୍ୱାମୀ ଦୁର୍ଗା ପ୍ରସାଦ ସୁବେଦି ଓ ଝିଅକୁ ନେଇ ସୁଶୀଳାଙ୍କ ସଂସାର। ଏକଦା ନେପାଳୀ କଂଗ୍ରେସର ଯୁବ ଶାଖାର ନେତା ଭାବେ ଦୁର୍ଗା ଦେଶରେ ପରିଚିତ ଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପଢ଼ିବା ବେଳେ ଦୁର୍ଗାଙ୍କ ସହ ସୁଶୀଳାଙ୍କ ସାକ୍ଷାତ୍ ହୋଇଥିଲା।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପଶ୍ଚିମବଙ୍ଗ ମୁର୍ସିଦାବାଦରେ ମୁକ୍ତାକାଶ ସ୍କୁଲ ଆରମ୍ଭ କରିଛନ୍ତି ପ୍ରଫେସର ଅଂଶୁମାନ ଠାକୁର। ବିଶେଷକରି ଆଦିବାସୀ ପିଲାଙ୍କ ପାଇଁ ସେ ଏହି ସ୍କୁଲ ଖୋଲିଛନ୍ତି ଏବଂ ଏହାର ନାମ ହେଉଛି 'ଅନିର୍ବାଣ ଗଛେର ଇସ୍କୁଲ'। ଅଧାରୁ ପାଠପଢା ଛାଡ଼ିଦେଇଥିବା ପିଲାଙ୍କୁ ପଢ଼ାଇ ପୁନର୍ବାର ଶିକ୍ଷାର ମୁଖ୍ୟସ୍ରୋତକୁ ସେମାନଙ୍କୁ ଫେରାଇ ଆଣୁଛନ୍ତି। ଅଂଶୁମାନ ମୁର୍ସିଦାବାଦସ୍ଥିତ ପ୍ରଫେସର ସୟଦ ନୁରୁଲ ହାସନ କଲେଜରେ ବେଙ୍ଗଲୀ ସାହିତ୍ୟର ପ୍ରାଧ୍ୟାପକ ଭାବେ କାମ କରୁଛନ୍ତି। ରବୀନ୍ଦ୍ରନାଥ ଠାକୁରଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ ସେ ଏଭଳି ଶିକ୍ଷାଦାନ ପଦ୍ଧତିକୁ ଆପଣାଇଛନ୍ତି ଏବଂ ନିମ୍ବ ଓ ଆମ୍ବ ଗଛ ତଳେ ଛାତ୍ରୀଛାତ୍ରଙ୍କୁ ପଢ଼ାଉଛନ୍ତି। ସେ ପିଲାମାନଙ୍କୁ ଶିକ୍ଷା ମାଧ୍ୟମରେ ପରିବେଶ ସହ ଯୋଡ଼ିବାରେ ମଧ୍ୟ ସକ୍ଷମ ହେଉଛନ୍ତି। ଅଂଶୁମାନ ପ୍ରଥମେ ୫ ଜଣଙ୍କୁ ନେଇ୨୦୨୧ରେ ଏହି ସ୍କୁଲ ଆରମ୍ଭ କରିଥିଲେ। ଏବେ ସେଠାରେ ୧୦୫ ଜଣ ପିଲା ପଢୁଛନ୍ତି। ଏହାକୁ ନିଜସ୍ୱ ରୋଜଗାରରେ ଚଳାଉଛନ୍ତି। ଏହି ସ୍କୁଲ ପାଇଁ ପ୍ରତିମାସରେ ମାତ୍ର ୩୦୦ଟଙ୍କା ହିସାବରେ ବର୍ଷକୁ ୩,୬୦୦ ଟଙ୍କା ଖର୍ଚ୍ଚ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ସେପ୍ଟେମ୍ବର ୧୯୭୬

- ଆମେରିକାନ ଏୟାର ଲାଇନ୍‌ସର ବିମାନକୁ ଅପହରଣ କରି ପ୍ୟାରିସ ନେଇଯାଇଥିବା ଅପହରଣକାରୀମାନେ ପଣବନ୍ଦୀମାନଙ୍କୁ ମୁକ୍ତ କରିଦେବା ଫ୍ରାନ୍ସ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି।
- ଜାପାନରେ ସାମ୍ପ୍ରତିକ ବାତ୍ୟା ଓ ବର୍ଷା ଫଳରେ ୧୨୦ଜଣ ବ୍ୟକ୍ତିଙ୍କ ପ୍ରାଣହାନି।

## ଚିରନ୍ତନୀ

ବୁଡ଼ିଯାଏ ନିରିମମ ରବି
ଦିବସ ଅନ୍ତର କିବା କ୍ଷଣେ ଗଲା ଦ୍ରବି !
ଦୁହେଁ ଦୁଇ ମୁଖେ ଚାହିଁ ସ୍ଥିର ଅବିରତ
ଆସିବ ବିୟୋଗ, ନିଶା ଧୀରେ ଉପଗତ,
ଏପାରେ ରହିବ ଏକ, ଆନ ଆରପାରେ
ଚଳିବ ବିରହବ୍ୟଥା ଭାରେ !

-(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | 3 | | 7 | |
| 5 | | | | | | | | 1 |
| | | | | 9 | | 8 | | |
| | | 9 | | | | | 4 | |
| | | | | | | 6 | | |
| 3 | 6 | | 4 | | | | | 2 |
| | 8 | 4 | 7 | | | | | |
| 7 | | 6 | | 1 | | | | 5 |
| | | | | | 9 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 7 | 2 | 5 | 8 | 9 | 1 | 6 |
| 2 | 1 | 8 | 9 | 6 | 4 | 5 | 7 | 3 |
| 9 | 5 | 6 | 7 | 1 | 3 | 8 | 4 | 2 |
| 1 | 6 | 5 | 8 | 7 | 2 | 4 | 3 | 9 |
| 8 | 3 | 9 | 5 | 4 | 6 | 7 | 2 | 1 |
| 4 | 7 | 2 | 3 | 9 | 1 | 6 | 5 | 8 |
| 5 | 9 | 3 | 6 | 2 | 7 | 1 | 8 | 4 |
| 7 | 2 | 1 | 4 | 8 | 9 | 3 | 6 | 5 |
| 6 | 8 | 4 | 1 | 3 | 5 | 2 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚିକିତ୍ସା ବିଜ୍ଞାନ ପାଇଁ ଉପହାର

ମହାଶୟ,

ଅନ୍ତର୍ଜାତୀୟ କ୍ୟାନସର ଗବେଷଣା ସଂସ୍ଥା ୨୦୨୨ ମସିହାରେ ଦେଇଥିବା ତଥ୍ୟ ଅନୁଯାୟୀ ବିଶ୍ୱର ପ୍ରାୟ ୯.୭ ମିଲିୟନ ଲୋକ କ୍ୟାନସରରେ ମୃତ୍ୟୁବରଣ କରିଛନ୍ତି। ତେଣୁ ଏହିପରି ଏକ ଜଟିଳ ରୋଗ ବିରୋଧରେ ରୁଷିଆ ଏକ ଟିକା ପ୍ରସ୍ତୁତ କରିଛି। ଏହି ଟିକାର ନାମ 'ଏଣ୍ଟେରୋମିକ୍ସ'। ଏହାକୁ ରୁଷିଆର ସଂଘୀୟ ଜୀବବିଜ୍ଞାନ ଚିକିତ୍ସା ସଂସ୍ଥାର ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି। ଏହି ଟିକାକୁ ଦୁଇଟି ବୈଜ୍ଞାନିକ ଉପାୟରେ ବିଭକ୍ତ କରାଯାଇଛି ଯଥା କ୍ୟାନସର କୋଷକୁ ନଷ୍ଟ କରୁଥିବା ଭୂତାଣୁ ଟିକା ଏବଂ ଅନ୍ୟଟି ହେଲା ଏମ୍‌ଆର୍‌ଏନ୍‌ଏ ଟିକା। ଉଭୟ ଉପାୟକୁ ବୈଜ୍ଞାନିକମାନେ ପ୍ରାଥମିକ ସ୍ତରରେ ବ୍ୟବହାର କରି ସଫଳତା ପାଇଛନ୍ତି। ବୈଜ୍ଞାନିକଙ୍କ ଅନୁଯାୟୀ ଏହି ଟିକା ନେବା ପରେ ଟ୍ୟୁମରର ବୃଦ୍ଧି କ୍ଷମତା କମିଯିବା ସହ ଏହାର ଆକାର ୭୦ ରୁ ୮୦ ପ୍ରତିଶତ ହ୍ରାସ ପାଉଛି। ରୁଷିଆ ସରକାର ଦାବି କରିଛନ୍ତି ଯେ ଏହି ଟିକା ଶରୀର ପାଇଁ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଶହେ ପ୍ରତିଶତ ପ୍ରଭାବଶାଳୀ। ପ୍ରାଥମିକ ସ୍ତରୀୟ ପରୀକ୍ଷା ସଫଳ ହେବା ପରେ ଏହାକୁ ରୁଷିଆର ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅନୁମତି ମିଳିଲେ ଟିକା ବଜାରରେ ଉପଲବ୍ଧ ହେବ। ଆଗାମୀ ଭବିଷ୍ୟତରେ ଯଦି ଏହି ଟିକା ସଫଳତାର ସହ ସମସ୍ତ କ୍ୟାନସର ବିରୋଧରେ କାର୍ଯ୍ୟକରେ ତେବେ ଚିକିତ୍ସା ବିଜ୍ଞାନ ପାଇଁ ଏହା ଏକ ସଞ୍ଜୀବନୀ ଭାବେ ନିଶ୍ଚୟ ଉଭାହେବ।

– ଅଧ୍ୟାପକ ରାଜେଶ ରାୟ, ଉଦ୍ଭିଦ ବିଜ୍ଞାନ ବିଭାଗ, ବିଦ୍ୱାନ ମହାବିଦ୍ୟାଳୟ, ଜୟପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୧୭ରେ ବୃକ୍ଷରୋପଣ ପାଇଁ ସମସ୍ତଙ୍କୁ ଅନୁରୋଧକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୯(ସୁନିତ୍ ମିଶ୍ର)

ଦୁନିଆର ସବୁଠୁ ବଡ଼ ଆଶୀର୍ବାଦ ହେଉଛନ୍ତି ମା'। ନିଜ ଜନ୍ମଦାତ୍ରୀ ମା' ଭଳି ଧରିତ୍ରୀ ମଧ୍ୟ ଆମର ଆଉ ଏକ ମା'। ନିଜ ମା' ପ୍ରତି ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ପ୍ରଦର୍ଶନ କରିବା ସହ ଧରିତ୍ରୀ ମା'ର ସୁରକ୍ଷା ଲାଗି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଏକ୍ ପେଡ୍ ମା' କେ ନାମ୍' ବା 'ମା ପାଇଁ ଗଛଟିଏ' ଅଭିଯାନ ଆରମ୍ଭ କରିଛନ୍ତି। ଗତ ବର୍ଷଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଅଭିଯାନ ଦ୍ୱିତୀୟ ସଂସ୍କରଣରେ ଚଳିତ ବର୍ଷ ରାଜ୍ୟବ୍ୟାପୀ ମୋଟ ୭.୫ କୋଟି ଗଛ ଲଗାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଗତ ଜୁନ୍ ୫ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୩୦ରେ ଶେଷ ହେବ। ଆସନ୍ତା ୧୭ ତାରିଖ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ। ଏକ ସଶକ୍ତ ଓ ବିକଶିତ ଭାରତ ଗଠନରେ ମୋଦିଙ୍କ ନେତୃତ୍ୱ ବର୍ତ୍ତମାନ ସାରା ବିଶ୍ୱରେ ପ୍ରଶଂସା ଅର୍ଜନ କରିଛି। ଓଡ଼ିଶାର ବିକାଶ ପ୍ରତି ତାଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଓଡ଼ିଶାର ବିକାଶ ପ୍ରତି ତାଙ୍କର ନିଷ୍ଠାକୁ ସମ୍ମାନ ଦେଇ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଚାରାରୋପଣ କରାଯିବ। ଏହା ହେବ ମୋଦିଙ୍କ ପ୍ରତି ଓଡ଼ିଶାବାସୀଙ୍କ ଏକ ସଶକ୍ତ ଉପହାର। ତେଣୁ ବୃକ୍ଷରୋପଣ ଭଳି ମହତ କାମରେ ସମସ୍ତ ଜନସାଧାରଣ, ଛାତ୍ରଛାତ୍ରୀ, ଯୁବପିଢ଼ି, ଏସ୍‌ଏଚ୍‌ଜି ସଦସ୍ୟ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୋଗଦେଇ ଏହାକୁ ସଫଳ କରିବା ପାଇଁ ଭିଡିଓ ବାର୍ତ୍ତା ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁରୋଧ କରିଛନ୍ତି। ସେ ଆହୁରି କହିଛନ୍ତି, ଏହି ଅଭିଯାନରେ ସମସ୍ତେ ସାମିଲହେବା ଆମ ଜନ୍ମଦାତ୍ରୀ ମା' ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହ ଧରିତ୍ରୀ ମା'ର ସୁରକ୍ଷା ଲାଗି ଗଛଟିଏ ନିଶ୍ଚୟ ଲଗାଇବା। ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ ଓ ସୁନ୍ଦର ପୃଥିବୀ ଗଢ଼ି ତୋଳିବାରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି।

# ସଡ଼କ ଦୁର୍ଘଟଣା: ବାପା ଆଗରେ ଝିଅ ମୃତ

ଆଠଗଡ଼,୧୩।୯(ସତ୍ୟ ପ୍ରସାଦ ରଥ)

ସଡ଼କ ଦୁର୍ଘଟଣାରେ ବାପା ଆଗରେ ଝିଅର ଜୀବନ ଯାଇଛି। କଟକ ଜିଲ୍ଲା ଆଠଗଡ଼ ଥାନା ଅନ୍ତର୍ଗତ ନୂଆପଡା ନିକଟସ୍ଥ ସାପୁଆ ବ୍ରିଜ୍ ନିକଟରେ ଅପରାହ୍ନରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତା ହେଲେ ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ ମୈତ୍ରୀନଗରର ବିମଳ ଲୋଚନ ସାହୁଙ୍କ ସ୍ତ୍ରୀ ରଶ୍ମିତା (୩୨)। ସେ ଆଠଗଡ଼ ଥାନା ଅନ୍ତର୍ଗତ ଅରଖପାଳଗଡ଼ିଆ ବାପଘରକୁ ଆସିଥିଲେ। ଅପରାହ୍ନରେ ବାପା ରବୀନ୍ଦ୍ରନାଥ ସାହୁଙ୍କ ସହ ସ୍କୁଟିରେ ଶ୍ୱଶୁର ଘରକୁ ଫେରୁଥିବା ବେଳେ ସାପୁଆ ବ୍ରିଜର ହମ୍ପ ନିକଟରେ ଖସି ପଡ଼ିଥିଲେ। ଏହି ସମୟରେ ସମ୍ମୁଖପଟୁ ଆସୁଥିବା ଏକ ହାଇୱା (ନଂ.ଓଡି-୦୫-ବିଏନ୍-୪୦୮୧) ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ରଶ୍ମିତାଙ୍କ ମୃତ୍ୟୁ ଘଟିଛି। ଖବର ପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱାକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏସମ୍ପର୍କରେ ହାଇୱା ଚାଳକ ସମୀର କୁମାର ସିଂହଙ୍କୁ ଥାନାରେ ଅଟକ ରଖିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

# 'କନ୍ୟାଙ୍କ ସୁରକ୍ଷା ପାଇଁ ଦୃଢ଼ ବ୍ୟବସ୍ଥା ଲୋଡ଼ା'

କଟକ,୧୩।୯(କାର୍ତ୍ତିକ ସାହୁ)




କନ୍ୟାସନ୍ତାନ ସୁରକ୍ଷା ଉପରେ ରାଜ୍ୟସ୍ତରୀୟ ଜୁଭେନାଇଲ ଜଷ୍ଟିସ ପରାମର୍ଶ କର୍ମଶାଳାରେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

ଓଡ଼ିଶା ହାଇକୋର୍ଟର ଜୁଭେନାଇଲ ଜଷ୍ଟିସ କମିଟି, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ କନ୍ୟା ସନ୍ତାନ ସୁରକ୍ଷା: ଭାରତରେ କନ୍ୟା ସନ୍ତାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସକ୍ଷମ ପରିବେଶ ଶୀର୍ଷକ ରାଜ୍ୟସ୍ତରୀୟ ଜୁଭେନାଇଲ ଜଷ୍ଟିସ୍ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଶନିବାର ଆୟୋଜିତ କର୍ମଶାଳାକୁ ଉଦ୍‌ଘାଟନ କରି ହିଂସା, ବାଲ୍ୟବିବାହ ଏବଂ ଶୋଷଣରୁ କନ୍ୟାମାନଙ୍କୁ ସୁରକ୍ଷା ଦେବା ପାଇଁ ଦୃଢ଼ ସଂସ୍ଥାଗତ ବ୍ୟବସ୍ଥା ଲୋଡ଼ା ବୋଲି କହିଛନ୍ତି। ମୁଖ୍ୟ ବିଚାରପତି ବାଲ୍ୟବିବାହ ନିଷେଧ ଆଇନ, ୨୦୦୬ ଏବଂ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ, ୨୦୧୫ର ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ହାଇକୋର୍ଟର କିଶୋର ନ୍ୟାୟ କମିଟି ଅଧ୍ୟକ୍ଷା ତଥା ବିଚାରପତି ସାବିତ୍ରୀ ରଥ ସ୍ୱାଗତ ଭାଷଣ ଦେଇ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କନ୍ୟା ସନ୍ତାନମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସମାନ ସୁଯୋଗ ଅଧିକାରକୁ ସୁନିଶ୍ଚିତ କରିବା ଆମର ମୌଳିକ କର୍ତ୍ତବ୍ୟ ବୋଲି ସେ କହିଥିଲେ। ନ୍ୟୁଜ୍‌ଲେଟରର ମୁଖ୍ୟ ସମ୍ପାଦକ ତଥା ହାଇକୋର୍ଟ ଜୁଭେନାଇଲ ଜଷ୍ଟିସ୍ କମିଟି ସଦସ୍ୟ ବିଚାରପତି ଏ. କେ. ମହାପାତ୍ର ୨୦୧୭ରେ ଆରମ୍ଭ ହୋଇଥିବା

## କନ୍ୟା ସନ୍ତାନ ସୁରକ୍ଷା ଉପରେ ରାଜ୍ୟସ୍ତରୀୟ ଜୁଭେନାଇଲ ଜଷ୍ଟିସ୍ ପରାମର୍ଶ କର୍ମଶାଳା

ନ୍ୟୁଜ୍‌ଲେଟରର ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏଥିସହ ମୁଖ୍ୟ ବିଚାରପତି ଟଣ୍ଡନ ଜୁଭେନାଇଲ ଜଷ୍ଟିସ କମିଟିର ନ୍ୟୁଜଲେଟର ୨୦୨୫ ବର୍ଷ ସଂସ୍କରଣକୁ ଉନ୍ମୋଚନ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ମୋନିଷା ବାନାର୍ଜୀ କହିଲେ, କନ୍ୟାସନ୍ତାନଙ୍କୁ ସୁରକ୍ଷା, ନ୍ୟାୟ, ମର୍ଯ୍ୟାଦା ଦେବା ବିକାଶର ମୂଳମନ୍ତ୍ର। ପ୍ରତ୍ୟେକ ଶିଶୁକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ। ସରକାରୀ, ବେସରକାରୀ ଅନୁଷ୍ଠାନ, ଆମର ଢାଞ୍ଚା ବିଷୟରେ ଆମ ସମାଜକୁ ତତ୍ପର ହେବାକୁ ପଡ଼ିବ ବୋଲି ସେ ମତପ୍ରକାଶ କରିଥିଲେ।

ୟୁନିସେଫ ଓଡ଼ିଶା କ୍ଷେତ୍ର କାର୍ଯ୍ୟାଳୟର ମୁଖ୍ୟ ୱିଲିୟମ ହାନଲନ ଜୁନିୟର କହିଲେ, ଶିଶୁମାନଙ୍କ ବିରୋଧରେ ହିଂସା କେବଳ ମୌଳିକ ମାନବାଧିକାରର ଉଲ୍ଲଂଘନ ନୁହେଁ, ବରଂ ଏକ ଜରୁରୀ ଜନସ୍ୱାସ୍ଥ୍ୟ ସଙ୍କଟ। କନ୍ୟା ସନ୍ତାନ ଓ ସମସ୍ତ ଶିଶୁଙ୍କ ବିରୋଧରେ ହିଂସା ସମାପ୍ତ କରିବା ପାଇଁ ଆମର ଆଇନକୁ ସୁଦୃଢ଼ କରିବା ସହ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ହାଇକୋର୍ଟ କିଶୋର ନ୍ୟାୟ କମିଟି ସଦସ୍ୟ ବିଚାରପତି ଏମ୍. ଏସ୍. ରମଣ ଧନ୍ୟବାଦ ଦେଇଥିଲେ।

# 'ଭିସୁଟ୍ ଉତ୍କର୍ଷ ଦେଶ ବିଦେଶରେ ବିସ୍ତାରିତ'




ମଞ୍ଚାସୀନ ଅତିଥିମାନଙ୍କ ଉପସ୍ଥିତିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଜଣେ ମେଧାବୀ ଛାତ୍ରୀଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରୁଛନ୍ତି।

## ୧୬ତମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ

ସମ୍ବଲପୁର,୧୩।୯(ପ୍ରମୋଦ ବହିଦାର)

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍) ପିଢ଼ି ପରେ ପିଢ଼ି ପ୍ରଖ୍ୟାତ ଯାନ୍ତ୍ରିକ, ବୈଜ୍ଞାନିକ, ଉଦ୍ଭାବକ ସହ ନେତୃତ୍ୱ ସୃଷ୍ଟି କରିବାରେ ସକ୍ଷମ ହୋଇଛି। ଏଭଳି ଏକ ଶିକ୍ଷାନୁଷ୍ଠାନର ସମାବର୍ତ୍ତନ ଉତ୍ସବରେ କୁଳାଧିପତିଭାବେ ଅଧ୍ୟକ୍ଷତା କରିବାର ସୁଯୋଗ ପାଇବା ମୋ ପାଇଁ ଗୌରବର ବିଷୟ। ଭିସୁଟ୍ ସାର୍ ବିଶ୍ୱେଶ୍ୱରାୟ ପ୍ରେକ୍ଷାଳୟରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ଏହାର ୧୬ତମ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରିବା ଅବସରରେ ରାଜ୍ୟପାଳ ତଥା କୁଳାଧିପତି ଡ. ହରିବାବୁ କମ୍ଭମପାଟି ଏହା କହିଛନ୍ତି। ସର୍ବପ୍ରଥମେ ଏହି ମାଟିର ମହାନ୍ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏ ଯାହାଙ୍କ ନାମରେ ଶିକ୍ଷାନୁଷ୍ଠାନ ନାମିତ ହୋଇଛି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ଉପନିବେଶବାଦର ଅତ୍ୟାଚାର ବିରୋଧରେ ସୁରେନ୍ଦ୍ର ସାଏଙ୍କ ଅଦମ୍ୟ ସାହସ, ସଂଘର୍ଷ, ତ୍ୟାଗ ଓ ବଳିଦାନରେ ଅନୁପ୍ରାଣିତ ପଦକ ବିଜେତାଙ୍କ ସହ ସମସ୍ତ ସ୍ନାତକ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଦେଶ ବିଦେଶରେ ବିସ୍ତାରିତ। ସେମାନଙ୍କର ଶିକ୍ଷାଭିତ୍ତିକ ଉତ୍କର୍ଷ ଏହି ପ୍ରତିଷ୍ଠାନକୁ ଗୌରବାନ୍ୱିତ କରିଛି। ଏହାର ଗଭୀର ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା, ନବସୃଜନୀୟ ଶକ୍ତି ଓ ମହାକାଶ ଅନୁସନ୍ଧାନ ଦ୍ୱାରା ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁଳାଧିପତି ଡ. କମ୍ଭମପାଟି କହିଥିଲେ। ତେବେ ଭିସୁଟ୍‌ରୁ ସୃଷ୍ଟ ମାନବ ସମ୍ବଳ ଦକ୍ଷ ବୃତ୍ତିଗତ ମନୋଭାବାପନ୍ନ ନ ହୋଇ ବରଂ ନିଯୁକ୍ତି ସୃଷ୍ଟିକାରୀ, ଉଦ୍ଭାବକ ଏବଂ ଉଦ୍ୟୋଗୀ ଗଠନର ନେତୃତ୍ୱ ନେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସେ ଆହ୍ୱାନ ଦେଇଥିଲେ।

ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ, ଦଶନ୍ଧି ଦଶନ୍ଧି ଧରି ଭିସୁଟ୍ ରାଜ୍ୟ ତଥା ଦେଶରେ ବୈଷୟିକ ଶିକ୍ଷାର ପ୍ରସାର କରିଆସୁଛି। ଗରିବ ଓ ସାଧାରଣ ପରିବାରର ପିଲା ଏଠାରେ ଅଧ୍ୟୟନକରି ଦେଶର ବୈଜ୍ଞାନିକ ଓ ଯାନ୍ତ୍ରିକ ଶକ୍ତିର ପ୍ରତୀକ ହେବାରେ ସକ୍ଷମ ହୋଇଛନ୍ତି। ଛାତ୍ରୀଛାତ୍ର ଓ ଗବେଷକମାନଙ୍କ ପାଇଁ ବିଶ୍ୱ ମାନର ଗୁଣାତ୍ମକ ଶିକ୍ଷାର ସୁଯୋଗ ପ୍ରଦାନକରି ଭିସୁଟ୍ ଆଗାମୀ ଦିନରେ ଆହୁରି ସୁନାମ ଅର୍ଜନ କରିବାର ସାମର୍ଥ୍ୟ ବହନ କରୁଛି। ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଚାକିରି ଖୋଜିବା ବଦଳରେ ଚାକିରିଦାତା ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏଥିପାଇଁ ଭିସୁଟ୍‌କୁ ଭବିଷ୍ୟତ ଆଧାରିତ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ମନ୍ତ୍ରୀ ପ୍ରଧାନ ଆହ୍ୱାନ ଦେଇଥିଲେ।

ସମାବର୍ତ୍ତନ ଉତ୍ସବରେ ସମ୍ମାନିତ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭଟଲି ବିଧାୟକ ତଥା ଭିସୁଟ୍ ପରିଚାଳନା ବୋର୍ଡ ସଦସ୍ୟ ଇରାଶିଷ ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ଭିସୁଟ୍‌ର ୧୨୨୦ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଶିକ୍ଷାରେ ଉତ୍କୃଷ୍ଟତା ପାଇଁ ୨୭ଜଣଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ, ୮ ଜଣଙ୍କୁ ଡୋନୋର୍ସ ସ୍ୱର୍ଣ୍ଣପଦକ, ୩୦ଜଣଙ୍କୁ ମେଧା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ପିଏଚ୍.ଡି. କାର୍ଯ୍ୟକ୍ରମରେ ୭୪ ଜଣ, ଏମ୍‌ଟେକ୍‌ରେ ୧୦୪, ଏମ୍‌ସିଏରେ ୩୯, ଏମ୍‌ଏସ୍‌ସିରେ ୫୯, ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସିରେ ୪୭, ବିଟେକ୍‌ରେ ୮୭୬, ବି.ଆର୍କ (ସ୍ଥାପତ୍ୟ)ରେ ୧୭ ତଥା ବିଟେକ୍ ଓ ଏମ୍‌ଟେକ୍ ଦ୍ୱୈତ ଡିଗ୍ରୀ ପାଇଁ ୪ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହାସହ ୪ ଶ୍ରେଷ୍ଠ ଆଲୁମ୍‌ନିଙ୍କୁ ସମ୍ମାନିତ କରାଯାଇଥିଲା।

# ରାଜ୍ୟରେ ୩,୦୬,୬୯୫ ମାମଲା ଫଇସଲା

କଟକ,୧୩।୯(କାର୍ତ୍ତିକ ସାହୁ)

## ୨୬୫,୨୬,୯୫,୭୩୯ ଜରିମାନା, କ୍ଷତିପୂରଣ ରାଶି ସ୍ଥିରୀକୃତ

ନ୍ୟାଶନାଲ ଲିଗାଲ ସର୍ଭିସ ଅଥୋରିଟି (ନାଲସା) ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟର ୩୦ ଜିଲାରେ ଥିବା ବିଭିନ୍ନ ଜିଲାସ୍ତରୀୟ ଅଦାଲତ ସମେତ କଟକସ୍ଥିତ ଋଣ ଆଦାୟ ଟ୍ରିବୁନାଲ, ଖାଉଟି ଅଦାଲତ, ଭୁବନେଶ୍ୱରସ୍ଥିତ ଇଣ୍ଡଷ୍ଟ୍ରିଆଲ ଟ୍ରିବୁନାଲ ଓ ଷ୍ଟେଟ ଏଜୁକେଶନ ଟ୍ରିବ୍ୟୁନାଲରେ ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ, ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକଙ୍କ ମାର୍ଗଦର୍ଶନରେ



### ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଲୋକ ଅଦାଲତ ପରିଚାଳିତ ହୋଇଛି।

ବିଭିନ୍ନ ଅଦାଲତରେ ପଡ଼ିରହିଥିବା ମୋଟ ୨୨,୯୩୬ଟି ମାମଲା, ରାଜସ୍ୱ ମାମଲା ୨,୭୬,୦୯୩ଟି ଏବଂ ପ୍ରି-ଲିଟିଗେଶନ ମାମଲା ୭,୬୪୪ଟି ମିଶି ମୋଟ ୩,୦୬,୬୯୫ଟି ମାମଲା ଫଇସଲା କରାଯାଇଥିଲା। ଏଥିସହ ମୋଟ ୨୬୫,୨୬,୯୫,୭୩୯ ଟଙ୍କା ଜରିମାନା ଏବଂ କ୍ଷତିପୂରଣ ରାଶି ବାବଦରେ ସ୍ଥିରୀକୃତ ହୋଇଛି।

ବିଭିନ୍ନ ଅଦାଲତରେ ପଡ଼ିରହି ସମାଧାନ ହୋଇଥିବା ମାମଲାଗୁଡ଼ିକ ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ ଅଫେନ୍ସ ୩୭୦, ଏନ୍‌ଆଇ ଆକ୍ଟ ୨୨୦୦, ମନି ରିକଭରି ୬୮୨, ମୋଟରଯାନ ଦୁର୍ଘଟଣାଜନିତ ୧୩୦୯, ଶ୍ରମ ବିବାଦ ୩୯, ବିଦ୍ୟୁତ୍ ଓ ପାଣି ବିଲ ବିବାଦ ୩୫, ବୈବାହିକ ତଥା ପାରିବାରିକ ବିବାଦ ୬୬୦, ଜମି ଅଧିଗ୍ରହଣ ୦୨, ରାଜସ୍ୱ ଓ ଅନ୍ୟାନ୍ୟ ବିବାଦ ୨,୭୬,୦୯୩, ଖାଉଟି ବିବାଦ ଆଦି ୩୨, ଅନ୍ୟାନ୍ୟ ସିଭିଲ ବିବାଦ ୨,୨୨୮, ଅନ୍ୟାନ୍ୟ ଫୌଜଦାରି ୧୫,୩୭୯, ଋଣ ଆଦାୟ ଟ୍ରିବ୍ୟୁନାଲ ୮, ରାଜ୍ୟ ଖାଉଟି ଅଦାଲତରେ ୨ଟି, ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲରେ ୮ଟି, ଭୁବନେଶ୍ୱର ଶ୍ରମ ଅଦାଲତରେ ୨ ଓ ଭୁବନେଶ୍ୱର ଶିଳ୍ପ ଟ୍ରିବ୍ୟୁନାଲରେ ୨ଟି ମାମଲା ଫଇସଲା ହୋଇଛି।

# ହିନ୍ଦୀ ପୃଥିବୀର ତୃତୀୟ ସର୍ବାଧିକ ବ୍ୟବହୃତ ଭାଷା

### ଆଜି ବିଶ୍ୱ ହିନ୍ଦୀ ଦିବସ




ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତର ବୈଶିଷ୍ଟ୍ୟ। ଦେଶ ସ୍ୱାଧୀନ ହେବା ପରେ ଭାଷାକୁ ନେଇ ବଡ଼ ପ୍ରଶ୍ନ ଉଠିଥିଲା। ତେବେ ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲେଖାଯାଇଥିବା ହିନ୍ଦୀ ଭାଷାକୁ ରାଷ୍ଟ୍ରର ଭାଷା ରୂପେ ସ୍ୱୀକାର କରିଥିଲା। ସମ୍ବିଧାନ ସଭାରେ ୧୯୪୯ ସେପ୍ଟେମ୍ବର ୧୪ରେ ହିନ୍ଦୀକୁ ସରକାରୀ ଭାଷା ଭାବରେ ଗ୍ରହଣ କରାଯାଇଥିଲା। ତେଣୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ସେପ୍ଟେମ୍ବର ୧୪କୁ ହିନ୍ଦୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ଦୈନନ୍ଦିନ ଜୀବନରେ ହିନ୍ଦୀର ବହୁଳ ବ୍ୟବହାର, ହିନ୍ଦୀ ସାହିତ୍ୟର ପ୍ରସାର କରିବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଉଛି। ବିଶ୍ୱର ସବୁଠାରୁ ଅଧିକ ବ୍ୟବହୃତ ହେଉଥିବା ଭାଷାଗୁଡିକ ମଧ୍ୟରୁ ଗୋଟିଏ ହେଉଛି ହିନ୍ଦୀ। ଏହା ଭାରତର କୋଟି କୋଟି ଲୋକଙ୍କର ମାତୃଭାଷା। ହିନ୍ଦୀ ଏହାର ନାମ ପାର୍ସୀ ଶବ୍ଦ ହିନ୍ଦ୍‌ରୁ ପାଇଛି, ଯାହାର ଅର୍ଥ ହେଉଛି 'ଇନ୍ଦସ ନଦୀର ଭୂମି।' ହିନ୍ଦୀ ପୃଥିବୀର ତୃତୀୟ ସର୍ବାଧିକ ବ୍ୟବହାର ହେଉଥିବା ଭାଷା ଭାବରେ ପରିଗଣିତ ହୁଏ। ଭାରତ ବ୍ୟତୀତ ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଏବଂ ଅନ୍ୟ ପଡ଼ୋଶୀ ଦେଶରେ ହିନ୍ଦୀ ଭାଷାରେ ଅନେକ ଲୋକ କଥାବାର୍ତ୍ତା କରିଥାନ୍ତି। ହିନ୍ଦୀ ହଜାର ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ଭାଷା।


**OHPC**

**ODISHA HYDRO POWER CORPORATION LTD.,**

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in

CIN : U40101OR1995SGC003963

No.CAD-1739

**No. HHEP/Tech-WK-104, Vol-IV/6161 Date : 10.09.2025**

**NOTICE INVITING TENDER NO HHEP-53/2025**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Contractors having **valid HT License with supervision for EHT works** issued from ELBO, Govt of Odisha, valid IT PAN, GST registration certificate and past experience for carrying out such type of work as mentioned below.

| Sl. No. | Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|---|
| 1 | Annual Maintenance Contract for two years for maintenance of equipments of 132KV Switchyard, 11KV Switch house & LT Systems of HHEP,Burla | Rs. 11800/- (Rs. 10000 + GST @ 18%) | 57565/- |

- Sale of tender paper: **16.09.2025 (10.00AM) to 03.10.2025 upto 05.30PM**
- Receipt of tender paper: **04.10.2025 upto 03.30PM**
- Date & time of opening of tender: **04.10.2025 at 04.00PM**
- For details of tender documents / terms & conditions / corrigendum / errata / addendum if any please visit our website **www.ohpcltd.com**.

OIPR-04007/11/0072/2526

Sd/- C&P Head, HHEP, Burla



**DISTRICT EDUCATION OFFICE, SAMAGRA SIKHYA, ANGUL**

No.2896, Dated 13.09.2025

**NOTIFICATION**

It is hereby informed to all concerned that the **Draft Provisional List of Applicants** who has applied for various vacancies under **Kasturba Gandhi Balika Vidyalaya (KGBV) Hostels of Angul District** has been published in the **OSEPA website (https://osepa.odisha.gov.in)** and the **District Website (https://angul.odisha.gov.in).**

Applicants are hereby invited to submit their **objections, if any,** against the draft provisional list/draft Reject list in the prescribed objection form. The objection form must be submitted **on or before 23.09.2025** during office hours on working days only, at the Office of the District Education Officer, Samagra Sikhya, Angul.

No Objections will be entertained after the stipulated date.

**Sd./- District Education Officer cum DPC, Angul**



**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**

Email : rd_bgh@yahoo.co.in, Gmail : rwd.bgh@gmail.com

No.O-738 **e-Procurement Notice No. ONLINE-BGH-07 of 2025-26**

| | | | |
|---|---|---|---|
| 1 | Name of the Work | : | Building work during 2025-26 in the district of Bargarh |
| 2 | EMD | : | @1% of the estimated cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bargarh | ONLINE-BGH-07 OF 2025-26 | 15.09.2025 at 11.00 A.M. | 25.09.2025 upto 5.00 P.M. | 25.09.2025 upto 4.00 P.M. | 26.09.2025 at 11.00 A.M. |

Further details can be seen from the website www.tendersorissa.gov.in.

Sd./- Executive Engineer
R.W. Division, Bargarh

OIPR-25062/11/0033/2526



**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 12/2025-26**

**No. 3293 / Date : 03.09.2025**

**No.B-490** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.15.09.2025 at 05.00 P.M. to dt.29.09.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.03.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

**Sd./- Superintending Engineer Electrical Circle (R&B), Odisha, BBSR**

OIPR-34006/11/0046/2526



**Government of Jharkhand**
**Directorate of Food & Consumer Affairs**
**3rd Floor, JSFC Bhawan, Kadru, Ranchi -834002**

**Reverse e-Auction Procurement Notice through GeM Portal**

Letter No.-kha.up.ni.01-namak-11/2025- **1506** Date : **12-09-2025**

**Selection Of Bidder For Supply Of Free Flow Refined Iodized Edible Salt (As Per FSSAI Norms) For 2nd Quarter (July 2025 to September 2025) Of Financial Year 2025-26 By e-Tender Through E-Bid Followed By Reverse Auction on GeM Platform.**

| Bid Details | |
|---|---|
| GeM Bid No. | GEM/2025/B/6677183 Dated: 12-09-2025 |
| Earnest Money Deposit (EMD)/Bid Security | Rs. 42,90,000.00 as EMD (margin money) in the form of Demand Draft issued from any scheduled commercial bank in the name of "Director, Directorate of Food and Consumer Affairs, Jharkhand Ranchi" in the office of Directorate of Food and Consumer Affairs, Jharkhand, Ranchi, 3rd JSFC Bhawan, Kadru, Ranchi – 834002 before last date of submission of bid documents. |
| Document Sale Date & Timing i.e Last Date & time for downloading RFP from website http://jharkhand.gov.in/food & GeM portal | From 12-09-2025 to 03-10-2025 |
| Online Bid Submission Period | From 12-09-2025 to 03-10-2025 (1600 hrs.) |
| Pre-Bid Meeting | 19-09-2025 at 12:00 pm through google meet (https://meet.google.com/jxf-paxh-ovq) |
| Date of Auction | Will be published after technical evaluation |
| Nameand concerned person for Correspondence | Mr. Dilip Tirkey Mobile no.- 9470520458 , email- directorfood18@gmail.com |

Sd/-
Director
(Directorate of Food & Consumer Affairs)

PR 361819 (Directorate of Food and Consumer Affairs) 25-26 (D)



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P.H.DIVISION, CUTTACK**

e-mail ID- eephctcii@gmail.com, sephdctc521@gmail.com

No.C-1057: **e-Procurement Notice for**
**Bid Identification No.SEPH-DIVISION, CTC-22 of 2025-26**

1. Name of the Work : 1 No. P.H. Work
2. Estimated Cost : Rs.668.90 Lakh
3. Tender Paper Cost : Rs.10,000.00
4. Period of Completion : 2 Months
5. Date & Time of availability of bid document in the portal : 16.09.2025 from 11.00 A.M. to 03.10.2025 upto 5.00 P.M.
6. Last date & time of seeking clarification : 22.10.2025 upto 5.00 P.M.
7. Last date/time of receipt of bids in the portal : 03.10.2025 upto 5.00 P.M.
8. Date & Time of opening of bids: 04.10.2025 at 11.00 A.M.
9. Name and address of the Officer Inviting Bid : I/C Superintending Engineer P.H. Division, Cuttack- 753004 Odisha, Ph.(0671) 2441063 email: eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in.

**Sd./- I/C Superintending Engineer P.H. Division, Cuttack**

OIPR-13225/11/0034/2526

# ୧୭ରୁ ସ୍ୱାସ୍ଥ୍ୟ ନାରୀ, ସଶକ୍ତ ପରିବାର ଅଭିଯାନ

## ସମସ୍ତ ବର୍ଗର ମହିଳାଙ୍କ ହେବ ସ୍ୱାସ୍ଥ୍ୟ ପରୀକ୍ଷା

ଖୋର୍ଦ୍ଧା, ୧୩।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ(ସିଡିଓ ଆଣ୍ଡ ଇଓ) ଜ୍ୟୋତି ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ନାରୀ, ସଶକ୍ତ ପରିବାର ଅଭିଯାନ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ଆସନ୍ତା ୧୭ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାର ଲକ୍ଷ୍ୟ ସମସ୍ତ ମହିଳା ଏବଂ ୧୮ବର୍ଷ ପର୍ଯ୍ୟନ୍ତ କନ୍ୟା, ଶିଶୁମାନଙ୍କୁ ବିଭିନ୍ନ ବୟସ ଭିତ୍ତିରେ ଟିକା ପ୍ରଦାନ କରାଯିବ। ୩୦ବର୍ଷ ଓ ତଦୂର୍ଦ୍ଧ ବୟସର ମହିଳାଙ୍କର ଉଚ୍ଚ ରକ୍ତଚାପ, ମଧୁମେହ ରୋଗ, ମୁଖ ଗହ୍ୱର କର୍କଟ, ସ୍ତନ କର୍କଟ, ରକ୍ତହୀନତା, ସିକିଲ ସେଲ ଆନିମିଆ ଏବଂ ଥାଲାସେମିଆ ଚିହ୍ନଟ ଓ ସେବା ଯୋଗାଇବା। ଏହି ଅଭିଯାନରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଗଣ ସହାୟକ ବିଭାଗ ଯଥା- ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ପଞ୍ଚାୟତିରାଜ ବିଭାଗ, ସମସ୍ତ ବେସରକାରୀ ଚିକିତ୍ସାଳୟ, କମନ ସର୍ଭିସ ସେଣ୍ଟର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆଦି ସାମିଲ ହେବେ। ଜିଲାରେ ଯେତେ ମହିଳା ଅଛନ୍ତି ସମସ୍ତଙ୍କୁ ଏହି ଅଭିଯାନରେ ସାମିଲ କରାଯାଇ ଚିକିତ୍ସା ପ୍ରଦାନ କରାଯିବ। ଶତ ପ୍ରତିଶତ ସଫଳତା ହାସଲ କରିବାକୁ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଦିନ କେଉଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ କମନ ସର୍ଭିସ ସେଣ୍ଟରରେ କେତେ ମହିଳାଙ୍କୁ ସେବା ଯୋଗାଇ ଦିଆଗଲା, କେତେ ବେସରକାରୀ ଡାକ୍ତର ନିଯୁକ୍ତ କରାଗଲା, ତାହାର ସମସ୍ତ ତଥ୍ୟ ଡାଟାବେସ ପ୍ରସ୍ତୁତ କରିବେ। ଜିଲାରେ ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୧୬୧୦ କେନ୍ଦ୍ରରେ ଏହି ସେବା ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯାଇଅଛି । ଏହି ସେବା ସମ୍ପର୍କରେ ଜନସଚେତନତା ନିମନ୍ତେ ଡାକବାଜି ଯନ୍ତ୍ରରେ ପ୍ରଚାର କରିବା, ପ୍ରାଚୀର ପତ୍ର ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା.ପ୍ରଦୀପ ସାହୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡା.ଏସ୍. କେ. ତ୍ରିପାଠୀ, ଜିଲା ମ୍ୟାଲେରିଆ ଅଧିକାରୀ ଡା.ଏସ୍. ପି. ମିତ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭି ବି ଡି) ଡା. ଜୀବନ କୁମାର ଆଚାର୍ଜୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ ରୋଗ) ଡା. ଇନ୍ଦିରା କୁମାରୀ ରଥ, ଜିଲା କାର୍ଯ୍ୟକ୍ରମ ପରିଚାଳକ(ଜାତୀୟ ସ୍ୱାସ୍ଥ୍ୟ ମିଶନ) ଶୁଭକାନ୍ତ ଗନ୍ତାୟତ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରବୀନ୍ଦ୍ର କୁମାର ପରମାଣିକ, ହସ୍ପିଟାଲ ମ୍ୟାନେଜର ସୋନାଲି ନନ୍ଦ, ଜିଲା ପରିଚାଳକ, ଆର.ସି.ଏଚ ରୋଜାଲିନ ମହାପାତ୍ର, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଡା. ଜୟ ନାରାୟଣ ପାଢ଼ୀ, ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାଶ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ.ପ୍ରଜ୍ଞା ପାରମିତା ଜେନା, ଡିପିସି ମିଶନ ଶକ୍ତି ସମେତ ଜିଲା ସ୍ୱାସ୍ଥ୍ୟ ସମିତି କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

# 'ଅଣସ୍ୱୀକୃତିପ୍ରାପ୍ତ ସ୍କୁଲ ଉପରେ କାର୍ଯ୍ୟାନୁଷ୍ଠାନ ନିଅ'

## ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଓଏଚ୍ଆରସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩।୯ (ସୁଚିସ୍ମିତା ସାହୁ)

ରାଜ୍ୟରେ ଓଡ଼ିଶା ଶିକ୍ଷା ଆଇନ ଏବଂ ଶିକ୍ଷା ଅଧିକାର ଆଇନ-୨୦୦୯ ନିୟମାବଳିକୁ ଉଲ୍ଲଂଘନ କରି ଶହଶହ ବେଆଇନ ସ୍କୁଲ କାର୍ଯ୍ୟ କରୁଛି। ସ୍ୱୀକୃତି ମିଳି ନ ଥିଲେ ସୁଦ୍ଧା ମନ ଇଚ୍ଛା ସ୍କୁଲ ଖୋଲାଯାଇ ବେପାର ଚାଲୁଛି। ଫଳରେ ଛାତ୍ରୀଛାତ୍ରଙ୍କ ନିରାପତ୍ତା, ସୁରକ୍ଷା ଏବଂ ଭବିଷ୍ୟତ ବିପଦପୂର୍ଣ୍ଣ ପରିସ୍ଥିତିକୁ ଚାଲିଯାଉଛି। ରାଜ୍ୟରେ ବେଆଇନ ଭାବେ ଚାଲୁଥିବା ଅଣସ୍ୱୀକୃତିପ୍ରାପ୍ତ ସ୍କୁଲଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍ସି)ଙ୍କ ନିକଟରେ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାର ଶୁଣାଣି କରି ଓଏଚ୍ଆର୍ସି ଅଧ୍ୟକ୍ଷ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରିଛନ୍ତି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଜିଲାରେ ଚାଲୁଥିବା ଅଣସୀକୃତିପ୍ରାପ୍ତ ସ୍କୁଲ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସେପ୍ଟେମ୍ବର ୧୫ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ବେଆଇନ ଓ ଅଣସ୍ୱୀକୃତିପ୍ରାପ୍ତ ସ୍କୁଲ ଗୁଡିକର ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୨୦୧୮ ମସିହାରୁ କ୍ରମାଗତ ଭାବେ ବାରମ୍ବାର ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦା କରିବା ସତ୍ତ୍ୱେ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ବରଂ ଜିଲା ଶିକ୍ଷାଧିକାରୀଙ୍କ ପୃଷ୍ଠପୋଷକତାରେ ବେଆଇନ ସ୍କୁଲ ଚାଲୁଥିବା ଅଭିଯୋଗ ହୋଇ ଆସୁଥିଲା। ଏପରିକି ଏ ସମ୍ବନ୍ଧରେ ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନ ତରଫରୁ ଶିକ୍ଷା ନିର୍ଦ୍ଦେଶକ ଏବଂ ଶିକ୍ଷା ସଚିବଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଥିଲା। ଫଳରେ ବାଧ୍ୟ ହୋଇ ଫେଡେରେଶନ ସଭାପତି ପଟ୍ଟନାୟକ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଥିବା ନେଇ ଫେଡେରେଶନ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ଫେଡେରେଶନ ସଭାପତି ପଟ୍ଟନାୟକଙ୍କ ସହ ଉପଦେଷ୍ଟା ନାଗାର୍ଜୁନ

## ରାଜ୍ୟ ଗ୍ରନ୍ଥାଗାରରେ ପ୍ରେରଣାଦାୟକ ବକ୍ତୃତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୩।୯ (ସୌମ୍ୟରଞ୍ଜନ ରାଉତ): ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପରିସରରେ ଶନିବାର ପ୍ରତିଯୋଗିତାମୂଳକ ପରୀକ୍ଷା ଆଶାୟୀ ତଥା ପାଠିକାପାଠକଙ୍କ ନିମନ୍ତେ ପ୍ରେରଣାଦାୟକ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲୋକସେବା ଆୟୋଗର ପୂର୍ବତନ ସଦସ୍ୟ ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ସାକ୍ଷାତ୍କାରର ସମ୍ପୂର୍ଣ୍ଣ ପ୍ରକ୍ରିୟା ଏବଂ ପ୍ରତିଯୋଗୀଙ୍କୁ ପଚରା ଯାଉଥିବା ବିଭିନ୍ନ ସମ୍ଭାବ୍ୟ ପ୍ରଶ୍ନୋତ୍ତର ସମ୍ବନ୍ଧରେ ଆଲୋଚନା କରିଥିଲେ।

# ବାଲୁଗାଁ ମହାବିଦ୍ୟାଳୟରେ ବିଶ୍ୱ ଭ୍ରାତୃତ୍ୱ ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ଛାତ୍ରୀମାନେ।

ବାଲୁଗାଁ, ୧୩।୯ (ସଂଗ୍ରାମ ପାଇକରାୟ)

ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀ, ଓଡ଼ିଶା ପକ୍ଷରୁ ଶନିବାର ବାଲୁଗାଁ ମହାବିଦ୍ୟାଳୟ ପରିସରରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧି ସଭାପତି ଭାବେ ଯୋଗଦେଇ ଭାରତୀୟ ସଂସ୍କୃତିର ବ୍ୟାପକତା, ବିଶ୍ୱ ଭ୍ରାତୃତ୍ୱ ଦିବସର ମହନୀୟତା, ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ, ବ୍ୟକ୍ତିତ୍ୱ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଶ୍ରୀଚନ୍ଦନ ରାଷ୍ଟ୍ର ଗଠନରେ ଯୁବପିଢ଼ିଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ବାଣପୁର ଓ ବାଲୁଗାଁ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ଓଡ଼ିଶା ଶାଖାର ସଂଯୋଜକ ବୈରାଗୀ ଚରଣ ବଳ ଏବଂ ନଗର ପ୍ରମୁଖ ଅଜୟ କୁମାର ଦାସ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ବିଶ୍ୱଭ୍ରାତୃତ୍ୱ ଭାବକୁ ବିଶ୍ୱାୟନ କରିବା ପ୍ରସଙ୍ଗ ଉପସ୍ଥାପନା କରିବା ସହିତ ପିଲାମାନଙ୍କୁ କିପରି ଉତ୍ତମ ପ୍ରଶିକ୍ଷଣ ଦିଆଯାଇପାରିବ ସେ ବିଷୟରେ ଆଲେଚନା କରିଥିଲେ। ବିବେକାନନ୍ଦଙ୍କ ଜୀବନୀକୁଆଧାରକରିଅନୁଷ୍ଠିତହୋଇଥିବା ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଏବଂ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ତଥା ଦର୍ଶନ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ମହାରଣାଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଝରଣା ନାଥ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସୁଶ୍ରୀ ସ୍ନିଗ୍ଧାରାଣୀ ମୁଦୁଲି ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ପ୍ରୋ ଟି ୨୦ ଲିଗ୍ କ୍ରିକେଟ: ଖୋର୍ଦ୍ଧା ଜିଲାର ୭ ଖେଳାଳି ମନୋନୀତ

ଖୋର୍ଦ୍ଧା, ୧୩।୯ (ପ୍ରଭାତ ପାଣିଗ୍ରାହୀ): ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ୧୭ତାରିଖରୁ ୨୬ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମଠାରେ ଓଡ଼ିଶା ପ୍ରୋ ଟି୨୦ ଲିଗ୍ କ୍ରିକେଟ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ୬ଟି ଦଳରେ ଖେଳିବାକୁ ଥିବା ଖେଳାଳିମାନଙ୍କ ନିଲାମ ପ୍ରକ୍ରିୟାରେ ଖୋର୍ଦ୍ଧା ଜିଲାରୁ ୭ଜଣ ଖେଳାଳି ନିଲାମରେ ବିକ୍ରି ହୋଇ ବିଭିନ୍ନ ଫ୍ରାଞ୍ଚାଇଜ ପାଇଁ ମନୋନୀତ ହୋଇଛନ୍ତି। ଆର୍ଯ୍ୟଶ୍ରୀ ଦେବାଶିଷ ଭଞ୍ଜ ଭୁବନେଶ୍ୱର ଟାଇଗର୍ସ, ଦେବବ୍ରତ ପ୍ରଧାନ ଏବଂ ବିଶ୍ୱଭୂଷଣ ବିହାରୀ କେଉଁଝରର ମାଇନର୍ସ, ରୁଦ୍ର ପ୍ରସାଦ ମଲ୍ଲିକ ଏବଂ ଆଦିତ୍ୟ ଜୟସିଂ ପୁରୀ ଟାଇଟନ୍ସ, ରାକେଶ ପଟ୍ଟନାୟକ ଏବଂ ହେମନ୍ତ ରଥ ସମ୍ବଲପୁର ୱାରିୟର୍ସ ପାଇଁ ଖେଳିବାକୁ ମନୋନୀତ ହୋଇଛନ୍ତି। ଜିଲା କ୍ରିକେଟ ସଂଘ ଖୋର୍ଦ୍ଧାର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମନୋନୀତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରବିବାର ସମସ୍ତ ମନୋନୀତ ଖେଳାଳିଙ୍କୁ ଖୋର୍ଦ୍ଧା ମିନି ଷ୍ଟାଡିୟମଠାରେ ସମ୍ବର୍ଦ୍ଧିତ କରାଯିବ ବୋଲି ଆସୋସିଏଶନ ସମ୍ପାଦକ ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ସୂଚନା ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଟାଙ୍ଗୀ, ୧୩।୯ (ରଘୁନାଥ ସାହୁ)

ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ୟୁନିଟ୍ର ସମସ୍ତ ସ୍ୱେଚ୍ଛାସେବୀ ତଥା ସମସ୍ତ ଛାତ୍ରୀଛାତ୍ରଙ୍କ ମିଳିତ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ୍ର ସଂଯୋଜକ ରଞ୍ଜନ କୁମାର ମହାପାତ୍ର ସଂଯୋଜନା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ମହେନ୍ଦ୍ର କୁମାର ପ୍ରଧାନ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରାଥମିକ ଚିକିତ୍ସା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ଡା. ମଧୁସୂଦନ ସେନାପତି ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସାର ଉପାଦେୟତା ଏବଂ ଜଳବାୟୁ ପରିବର୍ତ୍ତନର ବିଭିନ୍ନ କାରଣ ସମ୍ପର୍କରେ ଅବଗତ କରାଇଥିଲେ। ତପ୍ରରେ ବିଭିନ୍ନ ପ୍ରୟୋଗାତ୍ମକ ଶୈଳୀର ଅବଲମ୍ବନ ପୂର୍ବକ ପ୍ରାଥମିକ ଚିକିତ୍ସାକୁ ପ୍ରଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକା ଅଧ୍ୟାପକ ଓମ୍ ପ୍ରକାଶ ପରିଡ଼ା, ସଂଘମିତ୍ରା ଦତ୍ତ, ଶେଖ ସମ୍ମତ କଳାପାହାଡ଼, ହରିହର ରଣା, କାଜଲ ପରିଡ଼ା, ମୁନି ମହାନ୍ତି, ରୁବିନା ସାହୁ, ପୁନମ ସାଗରିକା ରାଉତରାୟ, ସୀତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ଯାଁଳା (ବୁଲା ବାରିକ):** ସରକାରୀ ଉଚ୍ଚ ବିଦ୍ୟାଳୟ ମଦନପୁରରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ସେଠୀଙ୍କ ଅଧ୍ୟକ୍ଷତାରେ ରେଡକ୍ରସ ସଂଯୋଜିକା ପାୟଲ ପ୍ରିୟଦର୍ଶିନୀ ଯୋଗଦେଇ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ଶିକ୍ଷୟିତ୍ରୀ ଝୁମୁରି ସାହୁଙ୍କ ସହଯୋଗରେ ୫ମ ଶ୍ରେଣୀ ପିଲାମାନେ ସାପ କାମୁଡ଼ିଲେ ପ୍ରାଥମିକ ଚିକିତ୍ସା କିପରି କରିବା ଅଭିନୟ ମାଧ୍ୟ ମରେ ପ୍ରଦର୍ଶନ କରିଥିଲେ। ନୀଳିମା କୁମାରୀ ମହାପାତ୍ର ଫାଷ୍ଟଏଡ କ'ଣ, କାହିଁକି ଆବଶ୍ୟକ ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଶତଜ୍ୟୋତ୍ସ୍ନା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଏସ୍ଏମ୍ସି ସଭାପତି ଧୀରେନ କୁମାର ରଣସିଂହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

**ବାଣପୁର (ଦିଲୀପ କୁମାର ସ୍ୱାଇଁ):** ସ୍ଥାନୀୟ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ଶାଖା ପକ୍ଷରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସଭାରେ ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ମନୋଜ ମହାପାତ୍ର, ଅଧ୍ୟାପିକା କଲ୍ୟାଣୀ ବୈରୀଗଞ୍ଜନ, ରୋଜାଲିନ ଦାସ, ସାଗରିକା ଦାସ, କସ୍ତୁରି ପଟ୍ଟନାୟକ, ରବୀନ୍ଦ୍ର କୁମାର ମାଥା, କ୍ରୀଡା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ, କମ୍ପ୍ୟୁଟର ପ୍ରଶିକ୍ଷକ ଶିବ ଶଙ୍କର ପଣ୍ଡା, ଅକ୍ରୁର ପ୍ରଧାନ, ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବଜ୍ରପାତ, ସର୍ପ ଦଂଶନ, ସଡ଼କ ଦୁର୍ଘଟଣା, ହୃଦଘାତ, ନିଆଁରେ ପୋଡିଯାଇଥିବା ଆଦି କ୍ଷେତ୍ରରେ ପୀଡ଼ିତ ବ୍ୟକ୍ତିଙ୍କୁ କିପରି ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇ ପାରିବ ସେ ସମ୍ପର୍କରେ ଅଧ୍ୟକ୍ଷ ବିବରଣୀ ପ୍ରଦାନ କରିଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟଛାତ୍ରୀମାନଙ୍କଦ୍ୱାରା କେତେକ ଡେମୋନଷ୍ଟ୍ରସନ ପ୍ରଦର୍ଶନ କରାଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

## ଭାସ୍କର, ବାସୁଦେବଙ୍କ ସ୍ମୃତିଚାରଣ

ବୋଲଗଡ଼, ୧୩।୯ (ଦେବବ୍ରତ ହୋତା): ବୋଲଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନର ଦୁଇ ପ୍ରତିଷ୍ଠାତା ସଦସ୍ୟ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ୧୪ତମ ଏବଂ ବାସୁଦେବ ପଟ୍ଟନାୟକଙ୍କ ୫ମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠାନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ୍ତ କୁମାର ଦାଶ, ମୁଖ୍ୟ ବକ୍ତା ନୟାଗଡ଼ସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିପିନ ବିହାରୀ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ହରିବନ୍ଧୁ ସାହୁ, ଐତିହାସିକ ରବୀନ୍ଦ୍ର ପରିଡ଼ା, ପୂର୍ବତନ ସମ୍ପାଦକ ଗୁଣନିଧି ହୋତା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଗୋପୀନାଥ ଖାଡଙ୍ଗା, ଦିବାକର ପରମଗୁରୁ, ରାଧେଶ୍ୟାମ ରାୟଗୁରୁ ମହାପାତ୍ର, ଲଲାଟେନ୍ଦୁ କେଶରୀ ସିଂହ ପ୍ରମୁଖ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଗୀତାଞ୍ଜଳି ମହାପାତ୍ର ମଙ୍ଗଳାଚରଣ ପାଠ କରିଥିବା ବେଳେ ଅନୁଷ୍ଠାନ ସମ୍ପାଦକ ଧୀରେଶ ମହାପାତ୍ର ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଗୀତିକାର ଶିକ୍ଷକ ପ୍ରଫୁଲ୍ଲ ମହାନ୍ତି ଓ ଗଣମାଧ୍ୟମ ପ୍ରତିନିଧି ରମେଶ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସନ୍ତୋଷ ପ୍ରଧାନ, ଅଜୟ ମହାନ୍ତି ପ୍ରମୁଖ ସହଯୋଗ କରିଥିବା ବେଳେ ସନାତନ ପାଟଶାଣୀ ଧନ୍ୟବାଦ ଦେଇଥିଲେ।

# ଶ୍ରୀଜଗନ୍ନାଥ ହିଁ ଓଡ଼ିଆଙ୍କ ସାଂସ୍କୃତିକ ଚେତନାର ପ୍ରତୀକ



ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ବାର୍ଷିକ ବୈଠକରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର, ୧୩।୯ (ସୌମ୍ୟରଞ୍ଜନ ରାଉତ)

ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ବାର୍ଷିକ ବୈଠକ ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ସଞ୍ଜିତା ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ବିଧାୟକ ବାବୁ ସିଂ, ପରିଷଦର ଅନ୍ୟତମ ସମ୍ପାଦକ ସନ୍ତୋଷ ଦାଶ, ଶ୍ରୀକ୍ଷେତ୍ରର ଚୂନରା ସମ୍ପାଦକ ଡ. ଶରତ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀ ଜଗନ୍ନାଥ ହିଁ ଓଡ଼ିଆଙ୍କ ସାଂସ୍କୃତିକ ଚେତନାର ପ୍ରତୀକ ବୋଲି କହିଥିଲେ। ଏଥିସହ ମହାପ୍ରଭୁଙ୍କ ଅପାର ମହିମା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଫ୍ତାବ ହୁସେନ, ସୁରେନ୍ଦ୍ରନାଥ ଦାଶ, ସୁଶାନ୍ତ ଦାଶ ଓ ଡ. ହରିହର କାନୁନ୍ଗୋଙ୍କୁ 'ପୁରୁଷୋତ୍ତମ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରିଷଦର ସଂଶୋଧିତ ସଭ୍ୟାସଭ୍ୟଙ୍କ ସୂଚୀ ପୁସ୍ତିକା ଓ ଇଂ. ସୁଶାନ୍ତ ପଣ୍ଡାଙ୍କ କବିତା ପୁସ୍ତକ 'ପୁଷ୍ପାଞ୍ଜଳି' ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ମୁରଲୀଧର ପଲାଇ ବିଷ୍ଣୁ ସହସ୍ରନାମ ଗାନ କରିଥିବାବେଳେ ଶିଶୁ ନୃତ୍ୟଶିଳ୍ପୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ପରିଷଦ ସମ୍ପାଦକ ସନତ୍ ନାୟକ ଅତିଥି ପରିଚୟ, ଅନ୍ୟତମ ସମ୍ପାଦକ ସନ୍ତୋଷ ଦାଶ ବାର୍ଷିକ ବିବରଣୀ ପାଠ ଓ ମନୋରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

### ୪ ଜଣଙ୍କୁ 'ପୁରୁଷୋତ୍ତମ ସମ୍ମାନ'

## ପିଲୁଙ୍କ ସ୍ମୃତିରେ ଶ୍ମଶାନରେ ହେଲା ଆଲୋକୀକରଣ

ନିରାକାରପୁର, ୧୩।୯ (ମାନସ ଚନ୍ଦ୍ର ପଟ୍ଟନାୟକ): ନିରାକାରପୁର ଯୁବକ ସଂଘ ପକ୍ଷରୁ ନନପଡ଼ା ଗ୍ରାମର ଗଣେଶ ପ୍ରଧାନ ଓରଫ ପିଲୁଙ୍କ ସ୍ମୃତିରେ ସ୍ଥାନୀୟ ଶ୍ମଶାନରେ ଆଲୋକୀକରଣ କରାଯାଇଛି। ପୂର୍ବତନ ସରପଞ୍ଚ ତଥା ଯୁବ ସଙ୍ଗଠକ ହୃଷିକେଶ ରାଉତରାୟଙ୍କ ନେତୃତ୍ୱରେ ଶ୍ମଶାନ ଆଲୋକୀକରଣ କରାଯିବା ସହିତ କଂକ୍ରିଟ ବେଞ୍ଚ ପକାଯାଇଛି। ଏଥିପାଇଁ ଯୁବକ ସଂଘ ସଦସ୍ୟମାନେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଯୁବକମାନଙ୍କ ଏଭଳି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ସୂଚନା ମୁତାବକ, ପିଲୁଙ୍କ ଅନ୍ତିମ ସଂସ୍କାର ବେଳେ ଶ୍ମଶାନଟି ସମ୍ପୂର୍ଣ୍ଣ ଅନ୍ଧକାର ରହିଥିଲା। ଏପରିକି ବସିବା ପାଇଁ ସେଠାରେ ସୁବିଧା ନ ଥିଲା। ଫଳରେ ପିଲୁଙ୍କ ସ୍ମୃତିରେ ଉକ୍ତ ଶ୍ମଶାନରେ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ଯୁବକମାନେ ନିଷ୍ପତ୍ତି ନେଇଥିଲେ।

# ମନମୋହିଲା ରାଉତ ଭଉଣୀଙ୍କ ଶାସ୍ତ୍ରୀୟ କଣ୍ଠ, ଯନ୍ତ୍ର ସଙ୍ଗୀତ

ଭୁବନେଶ୍ୱର, ୧୩।୯ (ସୌମ୍ୟରଞ୍ଜନ ରାଉତ)




ରାଉତ ଭଉଣୀଙ୍କ ପକ୍ଷରୁ ଶାସ୍ତ୍ରୀୟ କଣ୍ଠ ଓ ଯନ୍ତ୍ର ସଙ୍ଗୀତ ପରିବେଷଣ ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଅରବିନ୍ଦ ବେହେରା, ମର୍ଦ୍ଦଳବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଭୁବନେଶ୍ୱର ମ୍ୟୁଜିକାଲ୍ ସର୍କଲ୍ର ସହସମ୍ପାଦିକା ସଙ୍ଗୀତା ଗୋସାଇଁ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ବିଭାଗର ସହକାରୀ ଅଧ୍ୟାପିକା ବନ୍ଦିତା ରାୟ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାର ପ୍ରଥମ ପରିବେଷଣରେ ଶୁଭ୍ରାଶୀ ରାଉତ କଣ୍ଠ ସଙ୍ଗୀତରେ ରାଗ ଜୋନପୁରୀରେ ବିଲମ୍ବିତ ଏକତାଲରେ ନିବଦ୍ଧ ଖୟାଲର ବନ୍ଦିସ- ଅବତୋ କହୁଁ ନା ଯାରେ, ପରେ ପରେ ତିନ୍ତାଲରେ ବନ୍ଦିସ- ଛୋମ ଛନ୍ଛନ୍ ବିଛୁଆ ବାଜେ, ତା'ପରେ ଏକ ତରାନା ଏବଂ ଶେଷରେ ମିଶ୍ର ପିଲୁ ରାଗରେ ଦାଦରା- ନଥ ବେସର ବଲମା ମଗୱା ଦେ ପରିବେଷଣ କରିଥିଲେ। ଏଥିରେ ତବଲାରେ ଶିଳ୍ପୀ କୃଷ୍ଣଚନ୍ଦ୍ର ବରାଳ, ହାରମୋନିଅମ୍ରେ ବିଦ୍ୟାଧର ଶତପଥୀ ଓ ତାନ୍ପୁରାରେ ସସ୍ମିତା ବେହେରା ସହଯୋଗ କରିଥିଲେ। ଦ୍ୱିତୀୟ ପରିବେଷଣରେ ବେହେଲା ବାଦନରେ ଦିବ୍ୟାଶୀ ରାଉତ ରାଗ କିରୱାନୀରେ ତିନ୍ତାଲରେ ନିବଦ୍ଧ ଗତ ଓ ଶେଷରେ ମିଶ୍ର କିରୱାନୀରେ ଧୁନ୍ ସହଯୋଗୀରେ ତବଲାରେ କୃଷ୍ଣଚନ୍ଦ୍ର ବରାଳ ଓ ତାନ୍ପୁରାରେ ସସ୍ମିତା ବେହେରା ସହଯୋଗ କରିଥିଲେ। ଶମ୍ଭୁଦତ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରିଂ ବନ୍ଧ ନିର୍ମାଣ, ସ୍ୱଚ୍ଛ ପାନୀୟଜଳ ଯୋଗାଣ ଦାବି

କୃଷ୍ଣପ୍ରସାଦ, ୧୩।୯ (କୈଳାସ ଚନ୍ଦ୍ର ପଟ୍ଟନାୟକ)


ବିଧାୟିକା ଉପାସନା ମହାପାତ୍ରଙ୍କ ସହ ଗ୍ରାମବାସୀ ଏବଂ ଅନ୍ୟମାନେ।

ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କୁ ଶନିବାର ମହିଁଷା ଗ୍ରାମବାସୀଙ୍କ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଗ୍ରାମ୍ୟ କମିଟି ସଭାପତି ରଞ୍ଜିତ ସାହୁଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ବନ୍ୟା, ବାତ୍ୟା ଦାଉରୁ ରକ୍ଷା ପାଇବା ପାଇଁ ଉକ୍ତ ଗ୍ରାମର ଚତୁଃପାର୍ଶ୍ୱରେ ରିଂ ବନ୍ଧ ନିର୍ମାଣ, ରାସ୍ତା ନିର୍ମାଣ, ସ୍ୱଚ୍ଛ ପାନୀୟଜଳ ଯୋଗାଣ, ଗ୍ରାମରେ ଥିବା ମୁକୁଳା ଡ୍ରେନର ପୁନରୁଦ୍ଧାର, ବୋଇତ ନାସି ଏବଂ ବୋଇତଖଳାର ପୁନରୁଦ୍ଧାର ଓ ଖନନ, ମତ୍ସ୍ୟଜୀବୀଙ୍କ ଉନ୍ନତୀକରଣ ନିମନ୍ତେ ପୋତାଶୟ ଏବଂ କମ୍ୟୁନିଟି ସେଣ୍ଟର ନିର୍ମାଣ, ନିରନ୍ତର ବଦ୍ୟୁତ୍ ସେବା ଆଦି ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ। ଏଥିସହ ଏହି ଦାବିଗୁଡ଼ିକ ପୂରଣ କରିବା ପାଇଁ ଗ୍ରାମବାସୀ ବିଧାୟିକା ମହାପାତ୍ରଙ୍କୁ ନିବେଦନ କରିଥିଲେ। ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେବା ସହ ଅଙ୍ଗନୱାଡ଼ି ଗୃହ-୨, ପାଇକ ଆଖଡ଼ା ଗୃହ, ମାଳିସାହି କମ୍ୟୁନିଟି ସେଣ୍ଟର ପୂର୍ଣ୍ଣାଙ୍ଗ ରୂପରେଖ ଦେବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଧାୟିକାଙ୍କ ଗସ୍ତ ସମୟରେ ପିରିଜିପୁର ସରପଞ୍ଚ ଇଂ.ମଳୟ କୁମାର ଜେନା, ବ୍ଲକ ଉପାଧ୍ୟକ୍ଷା ଶକୁନ୍ତଳା ଗଡ୍ଡୁ, ଉତ୍ତମ କୁମାର ତରେଇ, ସାତପଡ଼ା ମଣ୍ଡଳ ଭାଜପା ସଭାପତି ପ୍ରଦୀପ୍ତ ବେହେରା, ଗୋପୀନାଥପୁର ସରପଞ୍ଚ ସରୋଜ ଲେଙ୍କା, ଗମ୍ଭାରୀ ସରପଞ୍ଚ ସୁଶାନ୍ତ ପରିଡା, ପୂର୍ଣ୍ଣ ଚନ୍ଦ୍ର ଗଡ୍ଡୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଡକାୟତି ଯୋଜନା: ୫ ଗିରଫ, ମାରଣାସ୍ତ୍ର ଜବତ

ଖୋର୍ଦ୍ଧା, ୧୩।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୋଲିସ ଗଡ଼ଖୋର୍ଦ୍ଧାସ୍ଥିତ ଗଡ଼ଚଣ୍ଡୀ ମନ୍ଦିର ନିକଟରେ ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ୫ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପାତ୍ରପଡ଼ା ସିଙ୍ଗଆର ଅନିଲ ପ୍ରଧାନ ଓ ସୁନୀଲ ପ୍ରଧାନ, ଶିଳ୍ପାଞ୍ଚଳ ଥାନା ମୁକୁନ୍ଦପ୍ରସାଦର କୃଷ୍ଣା କୁମାର ପ୍ରଧାନ, ତାଙ୍କ ଖାନ୍ ଏବଂ ଆଦର୍ଶ ଥାନା ଗଡ଼ଦ୍ୱାରସାହିର ମାନକେତନ ଆଚାର୍ଯ୍ୟ। ଏମାନଙ୍କଠାରୁ ଦେଶୀ ବନ୍ଧୁକ, ୪ଟି ବୋମା, ଗୋଟିଏ ଛୁରି, ପ୍ଲାଷ୍ଟିକ ପାଇପ, ପ୍ଲାସ, ଲୁହାରଡ, ଆଇରନ କରଡ, ଦୁଇଟି ବାଇକ୍ ଜବତ କରାଯାଇଛି। ଶନିବାର ଭୋରରେ ଏସ୍ଆଇ ସୁନୀତା ବେହେରା ଟିମ୍ ସହ ଗଡ଼ଖୋର୍ଦ୍ଧାଠାରୁ ବେଣାପଞ୍ଜରୀ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ କେତେଜଣ ଯୁବକ ଡକାୟତି ପାଇଁ ଯୋଜନା କରୁଥିବା ଖବର ପାଇଥିଲେ। ସଦର ଏସ୍ଡିପିଓ ଅନିଲ ମହାନ୍ତିଙ୍କ ନେତୃତ୍ୱରେ ଶିଳ୍ପାଞ୍ଚଳ ଥାନା ଭାରପ୍ରାପ୍ତ ଅଧିକାରୀ ଏସ୍ଆଇ ବାସୁଦେବ ଜୟସିଂ ସଦଳବଳ ଯୁବକମାନଙ୍କୁ କାବୁ କରିବା ସହ ଉପରୋକ୍ତ ମାରଣାସ୍ତ୍ର ଜବତ କରିଥିଲେ।

# ବସ୍ତିରୁ କୋଠାଘରକୁ ଗଲେ ୧୨୩ ହିତାଧିକାରୀ


ହିତାଧିକାରୀମାନେ ଟ୍ରାକ୍ଟରରେ ଜିନିଷଧରି ନୂଆ ଘରକୁ ଆସୁଛନ୍ତି।


ହିତାଧିକାରୀ ଗୃହ ପ୍ରବେଶ କରୁଛନ୍ତି।

ଭୁବନେଶ୍ୱର, ୧୩।୯ (ବନ୍ଦନା ସେଠୀ)

ଆଫୋର୍ଡେବଲ ହାଉସିଂ ଯୋଜନାରେ ଘର ପାଇଥିବା ୧୨୩ ଜଣ ଯୋଗ୍ୟ ହିତାଧିକାରୀ ଶନିବାର ଗୃହ ପ୍ରବେଶ କରିଛନ୍ତି। ଚନ୍ଦ୍ରଶେଖରପୁର ବୁଦ୍ଧବିହାରଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ଆଫୋର୍ଡେବଲ ହାଉସିଂ ପ୍ରକଳ୍ପରେ ଏବେଠାରୁ ସେମାନେ ସ୍ଥାୟୀ ଭାବେ ନିଜ ଘରେ ବସବାସ କରିବେ। ୱାର୍ଡ ନଂ. ୩୭ ଅନ୍ତର୍ଗତ ଭେଙ୍କଟେଶ୍ୱର ବସ୍ତି, ସ୍ୱପ୍ନା ଟ୍ରଷ୍ଟ, ୱାର୍ଡ ନଂ. ୯ ଅନ୍ତର୍ଗତ ଗାଡ଼କଣ ମୌଜାର ମହାବୀର ବସ୍ତି, ୱାର୍ଡ ନଂ. ୪୩ ଅନ୍ତର୍ଗତ ଲକ୍ଷ୍ମୀସାଗର ଅଞ୍ଚଳର ପାନବରଜ ବସ୍ତି, ୱାର୍ଡ ନଂ. ୩୬ ଅନ୍ତର୍ଗତ ନିଳାମ୍ବର ବସ୍ତି ସହ ପିଚୁ ପଡ଼ିଆ ବସ୍ତି, ଭଗବତୀ-୨ ବସ୍ତି, ମା' ଭଗବତୀ ବସ୍ତି, ସାଲିଆସାହିରୁ କିଛି ଲୋକ, ତାରିଣୀ ବସ୍ତି, ଡେଲ୍ଟାରୁ ବସ୍ତି, ନାରାୟଣୀ ବ୍ୟାଙ୍କେଲର ବାରାକ ଆଦି ବସ୍ତିରୁ ୧୨୩ ଜଣ ହିତାଧିକାରୀ ସପରିବାରେ ଗୃହ ପ୍ରବେଶ କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଏମ୍ସି ମାଧ୍ୟମରେ ସେମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଯଥା ପାନୀୟଜଳ, ବିଦ୍ୟୁତ୍ ଆଲୋକ, ଗ୍ୟାସ୍ ସଂଯୋଗ ସହ ଆସବାବପତ୍ର ପରିବହନ ପାଇଁ ବ୍ୟବସ୍ଥା କରାଯାଇଥିଲା। ଏଥିସହ ଖାଦ୍ୟ ଯୋଗାଇ ଦିଆଯାଇଥିଲା। ଘର ପାଇଁ ଅର୍ଥ ଦେଇପାରି ନ ଥିବା ଏବଂ ଋଣ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଋଣ ସୁବିଧା, ସ୍ଥାନାନ୍ତର ପରେ ପାଠ ପଢୁଥିବା ପିଲାଙ୍କ ସ୍କୁଲ ପରିବର୍ତ୍ତନ, ରାଶନ କାର୍ଡ ଠିକଣା ପରିବର୍ତ୍ତନ ଆଦି ସୁବିଧା ପାଇଁ ପୂର୍ବରୁ ଏହାର ସୁବନ୍ଦୋବସ୍ତ କରାଯାଇଥିଲା। ଏହି କ୍ରମରେ ପୂର୍ବରୁ ଇନ୍‌କମ୍ ସାର୍ଟିଫିକେଟ ପାଇଁ ସ୍ଥାନୀୟ ତହସିଲଦାର, ଋଣ ସମ୍ପର୍କିତ ତଥ୍ୟ ପ୍ରଦାନ ପାଇଁ ବ୍ୟାଙ୍କ ଅଧିକାରୀ, ବିଦ୍ୟୁତ୍ ସେବା ପାଇଁ ଟିପିସିଓଡିଏଲ, ସ୍କୁଲ ପରିବର୍ତ୍ତନ ପାଇଁ ବିଇଓ, ପାଣି ସଂଯୋଗ ପାଇଁ ୱାଟ୍କୋ ଅଧିକାରୀଙ୍କ ସମେତ ଲାଇନ୍ ଡିପାର୍ଟମେଣ୍ଟର ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକ ହୋଇଥିଲା। ୧୮ ଜଣ ଦିବ୍ୟାଙ୍ଗଙ୍କୁ ଗ୍ରାଉଣ୍ଡ ଫ୍ଲୋର ପ୍ରଦାନ କରାଯାଇଥିବାବେଳେ ପୂର୍ବରୁ ସମସ୍ତଙ୍କୁ ଲଟେରି ମାଧ୍ୟମରେ ଗୃହ ଆବଣ୍ଟନ କରାଯାଇଥିଲା।

## ଦରମା ଦାବିରେ ଧାରଣା ଦେଲେ ଆମ ବସ୍ ଡ୍ରାଇଭର



ଭୁବନେଶ୍ୱର, ୧୩।୯ (ବନ୍ଦନା ସେଠୀ)

ରାତିଦିନ ଗାଡି ଚଳାଉଛୁ। ହେଲେ ଠିକ୍ ସମୟରେ ଦରମା ମିଳୁନି ଏଭଳି ଚେକ କ'ଣ ହେଲେ ଲୋକଙ୍କଠାରୁ ମାଡ଼ ଖାଇବାକୁ ପଡୁଛି ଏଭଳି ଅସନ୍ତୋଷ ବ୍ୟକ୍ତ କରିବା ସହ ଠିକ୍ ସମୟରେ ଦରମା, ସୁରକ୍ଷା ଆଦି ଦାବି କରି ଆମ ବସ୍ ଡ୍ରାଇଭରମାନେ ଶନିବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ପୋଖରୀପୁଟ ଆମ ବସ୍ ଡିପୋରେ ଦିନ ତମାମ ଧାରଣା ଦେଇଥିବାରୁ ଆମ ବସ୍ ସେବା ବାଧାପ୍ରାପ୍ତ ହୋଇଥିଲା। କର୍ତ୍ତୃପକ୍ଷ ବୁଝାଶୁଝା କରିବା ସହିତ ସୋମବାର ଦରମା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଡ୍ରାଇଭରମାନେ ଆନ୍ଦୋଳନରୁ ଉଠିଥିଲେ। ଆମ ବସ୍ ଡ୍ରାଇଭରଙ୍କ ଦରମା ପ୍ରତି ମାସ ୭ରୁ ୧୦ ତାରିଖ ମଧ୍ୟରେ ଦିଆଯାଏ। ମାତ୍ର ଚଳିତ ମାସ ୧୩ ତାରିଖ ହୋଇଯାଇଥିଲେ ମଧ୍ୟ ଏଯାଏ ଦରମା ପାଇନାହାନ୍ତି। ଏହାକୁ ନେଇ ଡ୍ରାଇଭରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେବା ସହିତ ଶନିବାର ସକାଳୁ ସେମାନେ ଧାରଣା ଦେଇଥିଲେ। ପୋଖରୀପୁଟ ଡିପୋରୁ ୪୩ଟି ଆମ ବସ୍ ଗଡି ନ ଥିଲା। ସେହିପରି ବିଭିନ୍ନ ରୁଟ୍‌ରେ ଯାତ୍ରୀ ସେବା ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା। ହଠାତ୍ ଆନ୍ଦୋଳନ ହେବାରୁ ଯାତ୍ରୀଙ୍କ ପାଖରେ ଏନେଇ କୌଣସି ସୂଚନା ନ ଥିଲା। ଫଳରେ ବସ୍‌କୁ ଅପେକ୍ଷା କରି ଲୋକେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିଲେ।

## ପିଲାମାନେ ଆଦର୍ଶ ବିଦ୍ୟାର୍ଥୀ ସହ ସୁଚରିତ୍ର ଗଠନ କରନ୍ତୁ

ଭୁବନେଶ୍ୱର, ୧୩।୯ (ସୁଚିସ୍ମିତା ସାହୁ)

ଦିବ୍ୟ ଜୀବନ ସଂଘ ଚନ୍ଦ୍ରଶେଖରପୁର ଶାଖା ପକ୍ଷରୁ ଶୁକ୍ରବାର ଏକ ବିଦ୍ୟାର୍ଥୀ ଚେତନା ଶିବିର ପଟିଆସ୍ଥିତ ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବନମାଳୀ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ଶିବିରରେ ଶାଖାର ସଭାପତି ଅଦ୍ୱୈତ ପ୍ରସାଦ ବିଶ୍ୱାଳ, ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ବିଷୟରେ ଆଲୋଚନା କରିଥିଲେ। ଉପଦେଷ୍ଟା ଅଧ୍ୟାପକ ବିଶ୍ୱମୋହନ ପଟ୍ଟନାୟକ ପିଲାମାନଙ୍କୁ ଆଦର୍ଶ ବିଦ୍ୟାର୍ଥୀ ହେବା ସହ ସୁଚରିତ୍ର ଗଠନ କରିବାକୁ ଦିଗଦର୍ଶନ ଦେଇଥିଲେ। ଶିବିରରେ ଉପସ୍ଥିତ ୩୦୦ ବିଦ୍ୟାର୍ଥୀଙ୍କୁ ସ୍ୱାମୀ ଶିବାନନ୍ଦଙ୍କ ରଚିତ ପୁସ୍ତକ ଆଦର୍ଶ ବିଦ୍ୟାର୍ଥୀ ଓ ମାନସିକ ଶାନ୍ତିର ନିଶ୍ଚିତ ଉପାୟ ବଣ୍ଟନ କରିଥିଲେ। ଶିବିରକୁ ଶାଖାର ସଂପାଦକ ପ୍ରଭାକର ମହାରଣା ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପରିଚାଳନା କରିଥିଲେ।



ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ବାଳକ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିଦ୍ୟାର୍ଥୀ ଚେତନା ଶିବିର।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କର୍ମଶାଳା

ଭୁବନେଶ୍ୱର, ୧୩।୯ (ସୌମ୍ୟରଞ୍ଜନ ରାଉତ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପଟିଆ ଶାଖାରେ ରାଜଯୋଗ ଏଜୁକେଶନ ଆଣ୍ଡ ରିସର୍ଚ୍ଚ ଫାଉଣ୍ଡେଶନର ଆଇଟି ପ୍ରଭାଗ ପକ୍ଷରୁ ୨ଦିନିଆ କର୍ମଶାଳା ଶନିବାର ଆୟୋଜିତ ହୋଇଯାଇଛି। ଅତିଥି ଭାବରେ କିଟ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଟିସିଏସ୍‌ର ପୂର୍ବତନ ଭାଇସ ପ୍ରେସିଡେଣ୍ଟ ଡ. ସନ୍ତୋଷ କୁମାର ମହାନ୍ତି, କୋଲକାତାର ବ୍ରହ୍ମାକୁମାରୀ ପଦ୍ମା ଦିଦି, ନୂଆଦିଲୀର ଇଂ. ବ୍ରହ୍ମାକୁମାରୀ ମୋନିକା, ଭୁବନେଶ୍ୱର ସବ୍ ଜୋନର ମୁଖ୍ୟ ପ୍ରଶାସିକା ବ୍ରହ୍ମାକୁମାରୀ ଲୀନା ଦିଦିଜୀ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ସେବାକେନ୍ଦ୍ରର ସଂଚାଳିକା ବ୍ରହ୍ମାକୁମାରୀ ଗୋଲାପ ଭଉଣୀ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ବ୍ରହ୍ମାକୁମାରୀ ସ୍ୱପ୍ନା ମଞ୍ଚ ସଂଯୋଜନା କରିଥିଲେ।


ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପଟିଆ ଶାଖାରେ ଆୟୋଜତ କର୍ମଶାଳାରେ ଅତିଥିମାନେ।

## ୩୨୩ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର, ୧୩।୯ (ବନ୍ଦନା ସେଠୀ)

ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀ ଓ ରାଜଧାନୀ ଇଞ୍ଜିନିୟରିଂ କଲେଜ ଦ୍ୱାରା ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨୩ ୟୁନିଟ୍ ରକକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ଶିବିରକୁ ଓଆଇଏସ୍ଏଫ୍ ଲଳିତେନ୍ଦୁ ମହାନ୍ତି ଉଦ୍‌ଘାଟନ କରିଥିଲେ। ଜିଲା ଗଭର୍ନର ଲାୟନ ହେମନ୍ତ କୁମାର ଖୁଣ୍ଟିଆ ଓ ପୂର୍ବତନ ଜିଲା ଗଭର୍ନର ଲାୟନ ଭଗବାନ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। କ୍ୟାପିଟାଲ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କ ଓ ଇଣ୍ଡିଆନ ରେଡକ୍ରସ ସୋସାଇଟି ବ୍ଲଡ୍ ବ୍ୟାଙ୍କ, ଏସ୍‌ସିବି ମେଡିକାଲ, କଟକରୁ ଆସିଥିବା ଡାକ୍ତରୀ କର୍ମଚାରୀ, ପାରାମେଡିକାଲ ଷ୍ଟାଫ୍ ଓ ସୁପରଭାଇଜର୍‌ମାନେ ୩୨୩ ୟୁନିଟ୍ ରକ୍ତ ସଂଗ୍ରହକୁ ସୁଚାରୁରୂପେ ସମ୍ପନ୍ନ କରିଥିଲେ। ଲାୟନ୍ସ କ୍ଲବ ସଦସ୍ୟ ଶରତ ଚନ୍ଦ୍ର ପଣ୍ଡ ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଧନ୍ୟବାଦ ଜଣାଇଥିଲେ। ସେ ଯୁବକମାନଙ୍କୁ ନିୟମିତ ଭାବେ ରକ୍ତଦାନ କରି ଜୀବନରକ୍ଷାରେ ଅଗ୍ରଗାମୀ ହେବାକୁ ପ୍ରେରିତ କରିଥିଲେ। ଲାୟନ୍ସ କ୍ଲବର ଅଧ୍ୟକ୍ଷ ଲାୟନ ସୁବ୍ରତ ଶତପଥୀ, ସଚିବ ଲାୟନ ପ୍ରତୀକ ମହାପାତ୍ର କହିଥିଲେ ଯେ, କ୍ଲବ ସେବା, ନେତୃତ୍ୱ ଓ ସମାଜିକ ଉନ୍ନତିରେ ଆଗାମୀ ଦିନରେ ଆହୁରି ସଶକ୍ତ ହୋଇ କାର୍ଯ୍ୟ କରିବ।



ସୂଚନା ଭବନଠାରେ ଶନିବାର ଅନୁଷ୍ଠିତ ଚତୁର୍ଥ 'ଓଡ଼ିଶା ମୋଶନ ପିକ୍ଚର ଆୱାର୍ଡ଼' ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ଟିମ୍।

# ହରିହର ଶ୍ରେଷ୍ଠ ଅଭିନେତା, ବର୍ଷା ଶ୍ରେଷ୍ଠ ଅଭିନେତ୍ରୀ

## ଚତୁର୍ଥ ଓଡ଼ିଶା ମୋଶନ ପିକ୍ଚର ଆୱାର୍ଡ଼

ଭୁବନେଶ୍ୱର, ୧୩।୯ (ସୌମ୍ୟରଞ୍ଜନ ରାଉତ)

ମାସ୍ ଇଭେଣ୍ଟ ପକ୍ଷରୁ ଚତୁର୍ଥ 'ଓଡ଼ିଶା ମୋଶନ ପିକ୍ଚର ଆୱାର୍ଡ଼' ଉତ୍ସବ ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଅଭିନୟ ପାଇଁ ଦର୍ଶକ, ସିନେ ସାମ୍ବାଦିକ ଓ ଜୁରୀ କମିଟିର ମତ ଓ ନିଷ୍ପତ୍ତି ଅନୁଯାୟୀ ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରାଯାଉଛି। ମୀର ଅହମ୍ମଦ ଅଲ୍ଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପରିବେଶବିତ୍ ଦିଲୀପ ଶ୍ରୀଚନ୍ଦନ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଅଭିନେତା ଜୀବନ ପଣ୍ଡା ଓ ସଂଳାପକାର ରଜନୀ ରଞ୍ଜନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ହରିହର ମହାପାତ୍ରଙ୍କୁ ଶ୍ରେଷ୍ଠ ଅଭିନେତା, ବର୍ଷା ପ୍ରିୟଦର୍ଶିନୀ ଶ୍ରେଷ୍ଠ ଅଭିନେତ୍ରୀ, ପ୍ରସନଜିତ୍ ମହାପାତ୍ର ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା, ଶ୍ୱେତା ଆଚାର୍ଯ୍ୟ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ, ସୁଧାଂଶୁମୋହନ ସାହୁ ଶ୍ରେଷ୍ଠ ନିର୍ଦ୍ଦେଶକ, କ୍ରିଷ୍ଣା କର ଶ୍ରେଷ୍ଠ ଖଳନାୟକ, ଉଷସୀ ମିଶ୍ର ଶ୍ରେଷ୍ଠ ଖଳନାୟିକା, ଉଦୀୟମାନ ଅଭିନେତା ଭାବେ ଅଭିଷେକ ଗିରି, ଦୁଷ୍ମନ୍ତ ପଣ୍ଡା ଓ ସୋନା ମଲ୍ଲିକଙ୍କୁ ଜୁରୀ ଆୱାର୍ଡ, 'ଭୋଟ' ଶ୍ରେଷ୍ଠ ଚଳଚ୍ଚିତ୍ର, ବବି ଇସ୍‌ଲାମ ଶ୍ରେଷ୍ଠ ନୃତ୍ୟ ନିର୍ଦ୍ଦେଶକ, ସର୍ଶ ପ୍ରସାଦ ଶ୍ରେଷ୍ଠ ସିନେମାଟୋଗ୍ରାଫର, ଶର୍ମିଷ୍ଠା ପାଣିଗ୍ରାହୀ ଜୁରୀ ସଦସ୍ୟ, ସ୍ମୃତିରଞ୍ଜନ ମହାନ୍ତି ଉଦୀୟମାନ ହାସ୍ୟ ଅଭିନେତା, ପ୍ରସିଦ୍ଧି ନାୟକ ଶ୍ରେଷ୍ଠ ଶିଶୁ କଳାକାର, ସୁବ୍ରତ ମହାନ୍ତି ଶ୍ରେଷ୍ଠ ଯୁବ ମ୍ୟୁଜିକ ଭିଡ଼ିଓ ନିର୍ଦ୍ଦେଶକ, ସ୍ମୃତିରେଖା ରଣା, ଜୟଶ୍ରୀ ଷଡ଼ଙ୍ଗୀ, ପ୍ରିୟଙ୍କା ସାହୁ ଉଦୀୟମାନ ଅଭିନେତ୍ରୀ, ଆଶୁତୋଷ ବେହେରା ପ୍ଲେବ୍ୟାକ୍ ସିଙ୍ଗର ଭାବେ ସମ୍ମାନିତ ହୋଇଥିଲେ।

## ପ୍ରଥମ ଦିନରେ 'ହୀରଏକ୍ସପ୍ରେସ' ଆୟକଲା ୧.୨୮ କୋଟି

ଭୁବନେଶ୍ୱର, ୧୩।୯ (ଅନୁରାଧା ମହାରଣା)




ଉମେଶ ଶୁକ୍ଲାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ' ବକ୍ସ ଅଫିସରେ ଦମ୍‌ଦାର୍ ପ୍ରଦର୍ଶନ କରିଛି। ପ୍ରଥମ ଦିନରେ ଏହି ଚଳଚ୍ଚିତ୍ର ୧.୨୮ କୋଟି ଟଙ୍କା ଆୟ କରିଛି। ବଲିଉଡ୍‌ରେ ଡେବ୍ୟୁ କରୁଥିବା ନାୟିକା ଦିବିତା ଜୁନେଜା ସମୀକ୍ଷକ ଓ ଦର୍ଶକଙ୍କଠାରୁ ପ୍ରଶଂସା ସାଉଁଟୁଛନ୍ତି। ପ୍ରଥମ ଚଳଚ୍ଚିତ୍ରରେ ଚମତ୍କାର ତଥା ଅସାଧାରଣ ଅଭିନୟ, ଆବେଗପୂର୍ଣ୍ଣ ପ୍ରଦର୍ଶନ ଓ ସରଳତା ଦର୍ଶକଙ୍କ ମନ ଜିଣିଛି। ଚଳଚ୍ଚିତ୍ରଟିରେ ପ୍ରୀତ କାମାନୀ, ଆଶୁତୋଷ ରାଣା, ଗୁଲଶନ ଗ୍ରୋଭର, ସଞ୍ଜୟ ମିଶ୍ର ଓ ମେଘନା ମଲ୍ଲିକଙ୍କ ଦମଦାର ଅଭିନୟ କାହାଣୀକୁ ଆହୁରି ଶକ୍ତିଶାଳୀ କରିଛି। 'ଆଇ ଲଭ ମାଇ ଇଣ୍ଡିଆ' ଗୀତଟି ଦର୍ଶକଙ୍କ ମନରେ ଆବେଗ ସୃଷ୍ଟି କରୁଛି। ଶକ୍ତିଶାଳୀ ବିଷୟବସ୍ତୁ ଓ ସକାରାତ୍ମକ ପ୍ରଚାର ସହିତ 'ହୀର ଏକ୍ସପ୍ରେସ' ବକ୍ସ ଅଫିସରେ ସଫଳତା ହାସଲ କରିବାକୁ ପ୍ରସ୍ତୁତ ଥିବା ନିର୍ମାଣକାରୀ କହିଛନ୍ତି।

## ଗୋପୀନାଥ ମଣ୍ଡଳସ୍ତରୀୟ ସେବା ପକ୍ଷ କର୍ମଶାଳା


କର୍ମଶାଳାରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସହ ଅନ୍ୟମାନେ।

ବାଲିଅନ୍ତା, ୧୩।୯ (ନୀଳମାଧବ ସାହୁ)

ଭୁବନେଶ୍ୱର ମହାନଗର ନିଗମର ୧୮ ନଂ ୱାର୍ଡର ପାଣ୍ଡରା ବାଇପାସ ଛକ ନିକଟସ୍ଥ ଏକ ମଣ୍ଡପରେ ଭାଜପାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ଅଧୀନ ଗୋପୀନାଥ ମଣ୍ଡଳ ପକ୍ଷରୁ ଏକ ସେବା ପକ୍ଷ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଜଳନ୍ଧର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ପୂର୍ବତନ ବିଧାୟକ ତଥା ଭାଜପା ଜନସେବକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ଏଥିସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହିତ ତଳସ୍ତରରୁ ସଂଗଠନକୁ ମଜଭୁତ ଉପରେ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ନିରଞ୍ଜନ ମିଶ୍ର ଅନ୍ୟତମ ଅତିଥିଭାବେ ଯୋଗଦେଇ ସେବା ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ପାଳନ ଅବସରରେ ବ୍ୟାପକ ଚାରାରୋପଣ, ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟ ଶିବିର ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ରାଉତରାୟ, ନବଘନ ବେହେରା, ସ୍ୱାକ୍ଷର ରଞ୍ଜନ ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ଗୋପୀନାଥ ମଣ୍ଡଳର ସମସ୍ତ ପଦାଧିକାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ରାଜ୍ୟ ଗ୍ରନ୍ଥାଗାରରେ ପ୍ରେରଣାଦାୟକ ବକ୍ତୃତା

ଭୁବନେଶ୍ୱର, ୧୩।୯ (ସୌମ୍ୟରଞ୍ଜନ ରାଉତ)

ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପରିସରରେ ଶନିବାର ପ୍ରତିଯୋଗିତାମୂଳକ ପରୀକ୍ଷା ଆଶାୟୀ ତଥା ପାଠିକାପାଠକଙ୍କ ନିମନ୍ତେ ପ୍ରେରଣାଦାୟକ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲୋକସେବା ଆୟୋଗର ପୂର୍ବତନ ସଦସ୍ୟ ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ସାକ୍ଷାତ୍‌କାରର ସମ୍ପୂର୍ଣ୍ଣ ପ୍ରକ୍ରିୟା ଏବଂ ପ୍ରତିଯୋଗୀଙ୍କୁ ପଚରା ଯାଉଥିବା ବିଭିନ୍ନ ସମ୍ଭାବ୍ୟ ପ୍ରଶ୍ନୋତ୍ତର ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ସାକ୍ଷାତକାର ସମୟରେ ଘଟିଥିବା କିଛି ପ୍ରେରଣାଦାୟୀ ଘଟଣା ବର୍ଣ୍ଣନା କରି ଉପସ୍ଥିତ ଆଶାୟୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସର୍ବଭାରତୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ରାଜ୍ୟ ଗ୍ରନ୍ଥାଗାରର ୪ଜଣ ପାଠିକାପାଠକଙ୍କୁ ଗ୍ରନ୍ଥାଗାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରନ୍ଥାଗାରର ବିଶେଷ କର୍ତ୍ତବ୍ୟରତ ଅଧିକାରୀ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ।



ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ରାଜ୍ୟ ଗ୍ରନ୍ଥାଗାରର ୪ ପାଠିକାପାଠକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ପ୍ରତିଭା ଦେଖାଇଲେ ଶିଶୁ ବିଜ୍ଞାନୀ

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନମେଳା

ଭୁବନେଶ୍ୱର, ୧୩।୯ (ସୁଚିସ୍ମିତା ସାହୁ)

ରସୁଲଗଡ଼ ଜିଜିପି କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୨ତମ ବାର୍ଷିକ ବିଜ୍ଞାନମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ନିରଞ୍ଜନ ରାଉତରାୟ ଓ ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ବେହେରା ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ୬୧ଟି ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ଶିଶୁ ବୈଜ୍ଞାନିକମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରଫେସର ଚନ୍ଦ୍ରମାଧବ ମହାପାତ୍ର ନିରୀକ୍ଷଣ କରିଥିଲେ। ଏହି ଅବସରରେ ୧୮ଜଣ ଶିଶୁ ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା' ପ୍ରୀତିପଦ୍ମା ସାହୁ, ପ୍ରତ୍ୟାଶା ପ୍ରିୟଦର୍ଶିନୀ, ଶୁଭଶ୍ରୀ ପ୍ରତିଭା ନନ୍ଦ, ଗୁରୁଜୀ ପ୍ରମୋଦ କୁମାର ଦାସ ଓ ପ୍ରଧାନ ଆଚାର୍ଯ୍ୟା ମଧୁସ୍ମିତା ଦାସ ବିଜ୍ଞାନମେଳା ପରିଚାଳନା କରିଥିଲେ।



# ହୋମିଭାବା କ୍ୟାନ୍ସର ହସ୍ପିଟାଲ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧୩।୯ (ବନ୍ଦନା ସେଠୀ)

ଜଟଣୀରେ ହୋମିଭାବା କ୍ୟାନ୍ସର ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ର ସ୍ଥାପନ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଭଳି ଅତ୍ୟାଧୁନିକ କ୍ୟାନ୍ସର ହସ୍ପିଟାଲ ପୂର୍ବଭାରତରେ ପ୍ରଥମ ହେବ। ଏହି ହସ୍ପିଟାଲ ନିର୍ମାଣ ହେଲେ ଓଡ଼ିଶାର ବିଭିନ୍ନ ଜିଲା ତଥା ପଡୋଶୀ ରାଜ୍ୟର କ୍ୟାନ୍‌ସର ରୋଗୀମାନଙ୍କ ପାଇଁ ଚିକିତ୍ସା ସୁବିଧା ଓ ସହଜରେ ମିଳିପାରିବ। ତେଣୁ ଏଥିପାଇଁ ସମସ୍ତ ବିଭାଗ ସମନ୍ୱୟ ରଖି କାର୍ଯ୍ୟ କଲେ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏହି ଚିକିତ୍ସାଳୟ ଓ ଗବେଷଣା ସ୍ଥାପନ ନେଇ ୨୦୨୨ରେ ରାଜ୍ୟ ସରକାର ଏବଂ ଟାଟା ମେମୋରିଆଲ କ୍ୟାନ୍ସର ହସ୍ପିଟାଲ, ମୁମ୍ବାଇଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ତଦନୁସାରେ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ ହସ୍ପିଟାଲର ଆନୁଷଙ୍ଗିକ ଅନ୍ୟାନ୍ୟ ଆବଶ୍ୟକତା ମଧ୍ୟରେ ପାରିପାର୍ଶ୍ୱିକ ବିକାଶ ଓ ଗମନାଗମନ ସୁବିଧା ପାଇଁ ପ୍ରଶସ୍ତ ରାସ୍ତା ନିର୍ମାଣ ନିମନ୍ତେ ଅଧିକ ଜମିର ଆବଶ୍ୟକତା ସମ୍ପର୍କରେ ହସ୍ପିଟାଲ ତରଫରୁ ଅନୁରୋଧ କରାଯାଇଥିଲା। ଏ ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା କରାଯାଇ ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ ଏବଂ ଖୋର୍ଦ୍ଧାଜିଲା ପ୍ରଶାସନ ସମନ୍ୱୟରେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଏହି ଚିକିତ୍ସା କେନ୍ଦ୍ରରେ ୨୯୪ଟି ଶଯ୍ୟା ପାଇଁ ପ୍ରସ୍ତାବ ରହିଛି। ହସ୍ପିଟାଲ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିଲେ। କ୍ୟାନ୍ସର ହସ୍ପିଟାଲ ପରିସରରେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ କର୍କଟ ଚିକିତ୍ସାକେନ୍ଦ୍ର (ପେଡିଆଟିକ କ୍ୟାନ୍ସର ୟୁନିଟ) ନିର୍ମାଣର ଅଗ୍ରଗତି, ହସ୍ପିଟାଲ ପରିସରରୁ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା, ହସ୍ପିଟାଲକୁ ନିରବଚ୍ଛିନ୍ନ ବିଦ୍ୟୁତ୍‌ଶକ୍ତି ଯୋଗାଣ ପ୍ରକଳ୍ପର ଅଂଶବିଶେଷ ରହିଥିବା ରୋଗୀମାନଙ୍କର ସମ୍ପର୍କୀୟମାନେ ରହିବା ପାଇଁ ଧର୍ମଶାଳା ନିର୍ମାଣ ଆଦି ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଅଗ୍ନିଶମ ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଏନ୍. ତିରୁମାଲା ନାୟକ, ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜଙ୍କ ସମେତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

**ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗ, ସ୍ୱାମୀ ଗିରଫ**

ତ୍ରିଶୂଳିଆ, (ତୁଷାର କାନ୍ତ ବେହେରା): ବାରଙ୍ଗ ଥାନା ଅନ୍ତର୍ଗତ ଗୁଆକୋଳିମୁଣ୍ଡିଆ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ମାଡ ମାରିବା ଘଟଣାରେ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର କାହ୍ନୁ ରାଉତ (୨୮)। ଏନେଇ ପୋଲିସ ମାମଲା (ନଂ. ୪୭୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, କାହ୍ନୁ ରାଉତ ତାଙ୍କ ସ୍ତ୍ରୀଙ୍କୁ ମାନସିକ ଶାରୀରିକ ନିର୍ଯାତନା ଦେବା ସହ ମାଡ଼ମାରୁଥିଲେ। ଶନିବାର ନିର୍ଯାତନା ଅସହ୍ୟ ହେବାରୁ ସ୍ତ୍ରୀ ଗୋଡ଼ିସାହି ଫାଣ୍ଡିରେ ଅଭିଯୋଗ କରିଥିଲେ।



**ସଂକ୍ଷେପରେ**

## ଶିକ୍ଷକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ

ସାଲେପୁର, ୧୩।୯(ଅରବିନ୍ଦ ଭୂୟାଁ)– ସାଲେପୁର ଥାନା ଏକ ସରକାରୀ ଉଚ୍ଚବିଦ୍ୟାଳୟ ଜଣେ ଶିକ୍ଷକଙ୍କ ବିରୋଧରେ ଅସଦଚାରଣ ଅଭିଯୋଗ ହୋଇଛି। ଏନେଇ ବିଦ୍ୟାଳୟରେ ଶନିବାର ଉତ୍ତେଜନା ପ୍ରକାଶ ପାଇଛି। ଖବରପାଇ ସାଲେପୁର ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ସମ୍ପୃକ୍ତ ଶିକ୍ଷକ ବିଦ୍ୟାଳୟରେ ପାଠ ପଢ଼ାଉଥିବାବେଳେ କିଛି ଅନାବଶ୍ୟକ ଆଲୋଚନା କରିବାରୁ ପିଲାମାନେ ଲଜ୍ଜିତ ବୋଧ କରି ଅଭିଭାବକଙ୍କୁ ଜଣାଇଥିଲେ। ଏହାପରେ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ପ୍ରତିବାଦ କରିଛନ୍ତି। ଏସମ୍ପର୍କରେ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ସେ ବିଜ୍ଞାନ ବିଷୟରେ ଥିବା ଶରୀର ଅଙ୍ଗ ପ୍ରତ୍ୟଙ୍ଗ ବିଷୟରେ ପଢ଼ାଉଥିଲେ। ଏହି ସମୟରେ କେତେଜଣ ଛାତ୍ରୀଛାତ୍ର ହସିଥିଲେ। ସେମାନଙ୍କୁ ହସିବା ପାଇଁ ସେ ବାରଣ କରିବା ସହ ପାଠରେ ମନଦିଅ ବୋଲି କହିଥିଲେ। ମାତ୍ର ପିଲାମାନଙ୍କୁ ଲଜ୍ୟା ବୋଧ ହେବା ଭଳି କିଛି କହି ନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଏସମ୍ପର୍କରେ ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷ୍ମୀହୀରା ଲାବଣ୍ୟବତୀ ବେହେରା କହିଛନ୍ତି, ସେ ଅଭିଯୋଗ ପାଇଛନ୍ତି। ଖୁବ୍‌ଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୧.୪ କିଲୋ ଗଞ୍ଜେଇ ଜବତ: ଜଣେ ଗିରଫ

ସାଲେପୁର, ୧୩।୯(ଅରବିନ୍ଦ ଭୂୟାଁ)– ସାଲେପୁର ଥାନା କେନ୍ଦ୍ରାପଡା କେନାଲ ବନ୍ଦ ରାସ୍ତାରୁ ପୋଲିସ ୧ କିଲୋରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏଥିରେ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଶିଶୁଆ ପଞ୍ଚାୟତ ବାହାରପଡା ଗ୍ରାମର ମୁରଲୀଧର ସାହୁ। ସାଲେପୁର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କେନ୍ଦ୍ରାପଡା କେନାଲ ବନ୍ଦ ରାସ୍ତାରେ ମୁରଲୀଧରଙ୍କ ହାବଭାବରୁ ତାଙ୍କ ଉପରେ ସନ୍ଦେହ ଜାତ ହୋଇଥିଲା। ପଚାରଉଚୁରା ସମୟରେ ତାଙ୍କ ନିକଟରୁ ଏକ କିଲୋ ୪୦୦ଗ୍ରାମ ଗଞ୍ଜେଇ ମିଳିଛି। ଏହି ଅଭିଯୋଗରେ ପୋଲିସ ମୁରଲୀଧରଙ୍କୁ ଗିରଫ କରି ଥାନାରେ ମାମଲା (ନଂ. ୪୪୦/୨୫) ରୁଜୁ କରିଛି।

## ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ କର୍ମକର୍ତ୍ତା ଚୟନ

ମାଣିଆବନ୍ଧ, ୧୩।୯(ଅଖିଳ କୁମାର ସାହୁ): ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ କଟକ ଜିଲ୍ଲା ବଡ଼ମ୍ବା ବ୍ଲକର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦର ମହକୁମାସ୍ଥ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଆୟୋଜିତ ଏହି ବୈଠକରେ ସମନ୍ୱୟ ପରିଷଦର କଟକ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଟିକନ ବେହେରା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସମନ୍ୱୟ ସମିତି ଆଠଗଡ ବ୍ଲକ ସଭାପତି ଚାରୁଚନ୍ଦ୍ର ବେହେରା ଓ ସଂଗଠନ ସମ୍ପାଦକ ସ୍ୱପ୍ନାକର ନାଏକଙ୍କ ପ୍ରସ୍ତାବ କ୍ରମେ ସର୍ବସମ୍ମତି ଭାବେ ମୁଖ୍ୟ ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷକ ରଘୁନାଥ ସେଠୀ ଓ ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷକ ବିଜୟ ମଲ୍ଲିକ ମନୋନୀତ ହୋଇଥିଲେ। ସଭାପତି ଭାବେ ଶିକ୍ଷକ ରମେଶ ଚନ୍ଦ୍ର ବେହେରା (ଗଣ ଶିକ୍ଷା ବିଭାଗ), କାର୍ଯ୍ୟକାରୀ ସଭାପତି ଭାବେ ଶିକ୍ଷକ ସୁଧାଂଶୁ ଭୂଷଣ ରାଉତରାୟ (ଗଣଶିକ୍ଷା ବିଭାଗ), ସମ୍ପାଦକ ଭାବେ ଗୌତମ ନାଏକ (କୃଷି ବିଭାଗ), ସହ ସମ୍ପାଦକ ଭାବେ ସରୋଜ ସେଠୀ (ଅଗ୍ନିକ ବିଭାଗ), ସଂଗଠନ ସମ୍ପାଦକ ଭାବେ ରାଜେଶ କୁମାର ମଲ୍ଲିକ (ଗଣଶିକ୍ଷା ବିଭାଗ), କର୍ମଚାରୀ ସମ୍ପାଦକ ଭାବେ ସୁକାନ୍ତ କୁମାର ସେଠୀ (ରାଜସ୍ୱ ବିଭାଗ) ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

# ଉପରପଡ଼ିଆରେ ବାଲିଯାତ୍ରା କରାଯାଉ

### ଭଏସ୍ ଅଫ୍ କଟକ ସଙ୍ଗଠନ ପକ୍ଷରୁ ଦାବିପତ୍ର

କଟକ, ୧୩।୯(ଶିଲ୍ପା ପ୍ରିୟଦର୍ଶିନୀ)

ଐତିହାସିକ ବାଲିଯାତ୍ରା କଟକକୁ ଚଳିତବର୍ଷ ଉପରପଡିଆରେ କରା ନ ଯିବା ନିଷ୍ପତ୍ତିକୁ ବିରୋଧ କରିଛି ସାମାଜିକ ସଙ୍ଗଠନ ଭଏସ୍ ଅଫ୍ କଟକ। ସଙ୍ଗଠନ ସଭାପତି ସିଦ୍ଧାର୍ଥ ମହାନ୍ତିଙ୍କ ନେତୃତ୍ୱରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଶିବ ଟପୋଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଐତିହାସିକ ବାଲିଯାତ୍ରା କଟକର ମୁଖ୍ୟ ଆକର୍ଷଣ ଓ ମୁଖଶାଳା ହେଉଛି ଉପରପଡିଆ, ଆଜିକୁ ପ୍ରାୟ ହଜାରବର୍ଷ ହେବ ଏହି ଉପରପଡିଆରେ ବାଲିଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଏହା କଟକବାସୀଙ୍କ ଭାବାବେଗ ସହ ଜଡିତ ରହିଛି। ଏହାକୁ ଯଦି ବନ୍ଦ କରାଯାଏ ଏହା ଓଡିଆ ଅସ୍ମିତା, ଓଡିଶା ସଂସ୍କୃତି ଓ ପରମ୍ପରା ଉପରେ କୁପ୍ରଭାବ ପକାଇବ। ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରି କଟକର ସମ୍ମାନ, ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଶିବ ଟପୋ ଗ୍ରହଣ କରିବା ସହ ଏଦିଗରେ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସଙ୍ଗଠନ ସମ୍ପାଦକ ସୌମ୍ୟଦୀପ ଘୋଷ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିବା ଭଏସ୍ ଅଫ୍ କଟକ ସଙ୍ଗଠନର ସଦସ୍ୟମାନେ।

## ରାଷ୍ଟ୍ରୀୟ ଲୋକ ଅଦାଲତ: ୨୦୬ ମାମଲା ଫଇସଲା

ତିଗିରିଆ/ ଆଠଗଡ, ୧୩।୯ (ଜାଫର ଖାଁ/ସତ୍ୟପ୍ରସାଦ ରଥ)

ତିଗିରିଆ କୋର୍ଟ ପରିସରରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତକୁ ତିଗିରିଆ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା କୋର୍ଟ ବିଚାରପତି ଅନିମେଶ ସାମଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ୩୩ଟି ଫୌଜଦାରି ମାମଲାର ଫଇସଲା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତିଗିରିଆ ଓକିଲ ସଂଘ ସଭାପତି ମଙ୍ଗଳ କୃଷ୍ଣ ଦାସ, ସମ୍ପାଦକ ଶାନ୍ତନୁ କୁମାର ଦାଶ, ଆଇନଜୀବୀ ରମେଶ ଚନ୍ଦ୍ର ମାଝୀ, ଚନ୍ଦ୍ରମଣି ପଣ୍ଡା, ରଞ୍ଜନ କୁମାର ମହାରଣା, ସୁବାସ ଚନ୍ଦ୍ର ସାହୁ, ରଘୁନାଥ ଦାଶ, ଲିଗାଲ ରିଟେନର ଶରତ ଚନ୍ଦ୍ର ମହାପାତ୍ର, ଇଭା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଆଠଗଡ଼ ତାଲୁକ ଆଇନସେବା କେନ୍ଦ୍ର ପକ୍ଷରୁ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆଇନସେବା କେନ୍ଦ୍ର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ରାଜକୁମାର ଦାସ ଏହାର ଉଦ୍‌ଘାଟନ କରିଥିଲେ। ଏଥିସହ ୨୯ଟି ମୋଟରଯାନ ଜନିତ ମାମଲାର ବିଚାର କରି ହିତାଧିକାରୀଙ୍କୁ ୧ କୋଟି ୨୩ ଲକ୍ଷ ୪୯ ହଜାର ୩୩୨ ଟଙ୍କା କ୍ଷତିପୂରଣ ବାବଦରେ ପ୍ରଦାନ କରିଥିଲେ। ବରିଷ୍ଠ ଦେୱାନି ବିଚାରପତି ଅମିତାଭ ପଣ୍ଡା ୧ଟି ଦେୱାନୀ ଏବଂ ୨ଟି ବୈବାହିକ ମାମଲା ଫଇସଲା କରିଥିଲେ। ସେହିପରି ଉପଖଣ୍ଡ ବିଚାରବିଭାଗୀୟ ଅଧିକାରୀ ନିରୋଜ କୁମାର ସାହୁ ୬୮ ଟି ଫୌଜଦାରି ମାମଲା ସମେତ ୭୧ଟି ମାମଲାର ଫଇସଲା କରିଥିଲେ। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ସ୍ଥିତପ୍ରଜ୍ଞା ଅମୃତ ତନୟା ୨ଟି ଫୌଜଦାରୀ ମାମଲା ଫଇସଲା କରିଥିଲେ। ଏତଦ୍ ବ୍ୟତୀତ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଧୁରୁକୁଡିଆ ଏବଂ କନ୍ତୋଲସ୍ଥିତ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଅନାଦେୟ ଋଣ ରାଶି ଆଦାୟ କରିଥିବା ବେଳେ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ନିଜ ନିଜର ଅଦାଲତ ପରିଚାଳନା କରିଥିଲେ। ଅଦାଲତ ପରିଚାଳନାରେ ସମସ୍ତ କର୍ମଚାରୀଙ୍କ ସହିତ ଓକିଲମାନେ ସହଯୋଗ କରିଥିବା ବେଳେ ଆଇନ ସହାୟିକା ରାଜଶ୍ରୀ ମହଲା ଏବଂ ବୀଣାପାଣି ପଣ୍ଡା ସହାୟତା କରିଥିଲେ।

# ଅକ୍ଟୋବର ୧୦ ସୁଦ୍ଧା ମୂର୍ତ୍ତି ବିସର୍ଜନ ନିଷ୍ପତ୍ତି

**ଦଶହରା ନିମନ୍ତେ ପ୍ରସ୍ତୁତି ବୈଠକ**

- ଶବ୍ଦ ପ୍ରଦୂଷଣ ରୋକିବା ପାଇଁ କଡ଼ା ଆଭିମୁଖ୍ୟ
- ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ

ଆଠଗଡ, ୧୩।୯(ସତ୍ୟପ୍ରସାଦ ରଥ):

ଆଠଗଡ଼ ସହରରେ ଦଶହରା ଯାତ୍ରାକୁ ସରସ ସୁନ୍ଦର ସହ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଆଠଗଡ ପ୍ରଶାସନ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ପ୍ରେକ୍ଷାଗୃହଠାରେ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଠଗଡ ସହରର ପ୍ରମୁଖ ବଜାର ପୂଜା କମିଟି ସାମିଲ ହୋଇଥିଲେ। ଦୁର୍ଗା ବଜାର, ଜଗନ୍ନାଥ ବଜାର, ରଘୁନାଥ ବଜାର, ଚାନ୍ଦବାଲି ଛକ ବଜାର, କନ୍ତୋଲ ବଜାର ପୂଜା କମିଟିର କାର୍ଯ୍ୟକର୍ତ୍ତାଙ୍କ ସମେତ ବିଭିନ୍ନ ସାହି ପୂଜା କମିଟିର କାର୍ଯ୍ୟକର୍ତ୍ତା ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଏହି ଅବସରରେ ଭସାଣି ସମୟରେ ବ୍ୟବହୃତ ଡିଜେ, ସାଉଣ୍ଡ ନିୟନ୍ତ୍ରଣ କରିବା ସହ ସଙ୍ଗୀତ ପରିବେଷଣ ସମୟରେ ଏହାର ବ୍ୟବହାର ତଥା ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପ୍ରଶାସନ ତରଫରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଅଧିକ ସୁରକ୍ଷା ବଳ ନିୟୋଜିତ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଭିନ୍ନ ପୂଜା କମିଟି ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୧୦ ମଧ୍ୟରେ ଶେଷ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଭସାଣି ପାଇଁ ସାପୁଆ ନଦୀଠାରେ ୨ଟି କୃତ୍ରିମ ପୋଖରୀ ଖୋଳାଯାଇ ବିସର୍ଜନ କରାଯିବ, ଏଥିସହିତ ଯାତ୍ରା ସମୟରେ ସହରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ପାନୀୟଜଳ ସେବା, ରାସ୍ତାଘାଟ ମରାମତି, ସ୍ୱାସ୍ଥ୍ୟସେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଅକ୍ଟୋବର ୧୦ ସୁଦ୍ଧା ସହରରେ ସମସ୍ତ ମୂର୍ତ୍ତିକୁ ବିସର୍ଜନ କରାଯିବ। ଏହାପରେ ଏହି ଶୋଭାଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯିବ ନାହିଁ ବୋଲି ସ୍ଥିର ହୋଇଛି। ଆୟୋଜିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଆରକ୍ଷୀ ଉପାଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, ଅବକାରୀ ଉପାଧ୍ୟକ୍ଷ ସିଏଚ୍ ତିରୁପତି, ଉପଖଣ୍ଡ ଡାକ୍ତରଖାନାର ଅଧୀକ୍ଷକ ଡ. ମାନସ ରଞ୍ଜନ ପାଣି, ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଆଠଗଡ ଥାନା ଅଧିକାରିଣୀ ସୁମତି କୁମାରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।


ପ୍ରସ୍ତୁତି ବୈଠକରେ ଉପଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

## ଷୋଳପୁଅ ମା' ପୂଜା ପୂର୍ବରୁ ଶେଷହେବ ରାସ୍ତାଘାଟ ମରାମତି କାର୍ଯ୍ୟ

କଟକ, ୧୩।୯(ଶିଳ୍ପା ପ୍ରିୟଦର୍ଶିନୀ):

ସିଏମ୍‌ସି ପକ୍ଷରୁ ଷୋଳପୁଅ ମା' ପୂଜାର ଏକ ପ୍ରସ୍ତୁତି ବୈଠକ ଶନିବାର ନିଗମର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂଜା ସମୟରେ ତେଲୁଗୁ ସମ୍ପ୍ରଦାୟ ଅଞ୍ଚଳରେ ପରିମଳ ବ୍ୟବସ୍ଥା, ଦୁଇବେଳା ରାସ୍ତା ସଫେଇ, ୨୪ ଘଣ୍ଟିଆ ପାନୀୟ ଜଳଯୋଗାଣ, ଆଲୋକୀକରଣ ଓ ସୁରକ୍ଷା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଷୋଳପୁଅ ମା' ପୂଜା ପାଇବେ ଏବଂ ଷୋଳପୁଅ ମା' ଶୋଭାଯାତ୍ରା ଯେଉଁ ରାସ୍ତା ଦେଇ ସହର ପରିକ୍ରମା କରିବେ ତାହାକୁ ଯଥାଶୀଘ୍ର ମରାମତି କରିବା ପାଇଁ ଷୋଳପୁଅ ମା' କମିଟି ସଦସ୍ୟମାନେ ମେୟରଙ୍କୁ ଅନୁରୋଧ କରିଥିବାବେଳେ ପୂଜା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ମେୟର ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସିଏମସି କମିଶନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ, ଦୀପ୍ତିମୟୀ ମୁଳିଆ, କର୍ପୋରେଟର ବସନ୍ତ ବେହେରା, କର୍ପୋରେଟର ଲିଜାରାଣୀ ରାଉତ, କର୍ପୋରେଟର ଈତିଶ୍ରୀ ଦାସ, ଷୋଳପୁଅ ମା' ପୂଜା କମିଟି ସଭାପତି ଉମେଶ କୁମାର ରାଓ, ସମ୍ପାଦକ ଟି. ଗୌରୀଶଙ୍କର ଆଚାରୀ, କେ. ଦୁର୍ଗାପ୍ରସାଦଙ୍କ ସମେତ ତେଲୁଗୁ ସମ୍ପ୍ରଦାୟର ବରିଷ୍ଠ ମୁରବି, ସିଏମସି ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଙ୍କୀ ମହୋତ୍ସବ-୨୦୨୫ ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ।

ବାଙ୍କୀ, ୧୩।୯ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଅକ୍ଟୋବର ୭ରେ ବାଙ୍କୀ ମହୋତ୍ସବ ଅନୁଷ୍ଠିତ ହେବ। ଉତ୍ସବକୁ ଜାକଜମକରେ ପାଳନ ଓ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଶନିବାର ପ୍ରଶାସନିକସ୍ତରରେ ଏକ ପ୍ରସ୍ତୁତି ବୈଠକ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହୋତ୍ସବ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ଚଳିତ ବର୍ଷ ରୌପ୍ୟ ଜୟନ୍ତୀକୁ ମହାସମାରୋହରେ ପାଳନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିସହ ମହୋତ୍ସବକୁ ମହାଆଡମ୍ବରରେ ପାରମ୍ପରିକ ଭାବେ ପାଳନ କରିବା ପାଇଁ ସମସ୍ତ ବିଭାଗ ଯେପରି ସମନ୍ୱୟ ରଖି କାର୍ଯ୍ୟ କରିବେ ସେ ବିଷୟରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ବୁଦ୍ଧିଜୀବୀମାନଙ୍କ ସହ ଆଲୋଚନା କରି ମତାମତ ଗ୍ରହଣ କରିଥିଲେ। ଉତ୍ସବରେ ମା' ଚର୍ଚ୍ଚିକା ମନ୍ଦିରକୁ ଫୁଲ ଓ ଆଲୋକ ମାଳାରେ ସୁସଜ୍ଜିତ କରିବା, ବିଦ୍ୟୁତ୍ ବିଭାଗ ତରଫରୁ ବିଦ୍ୟୁତ୍ କାଟ ନ କରିବା, ଅସ୍ଥାଇ ଶୌଚାଳୟ ସ୍ଥାପନ, ଏନ୍‌ଏସି ତରଫରୁ ମହୋତ୍ସବ ପଡିଆ ସଫା କରିବା, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଯୁଦ୍ଧକାଳୀନଭିତ୍ତିରେ ରାସ୍ତା ମରାମତି କରିବାକୁ ଉପଜିଲାପାଳ ବେହେରା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜାତମୁଣ୍ଡିଆ ପୋଲ ନିକଟରୁ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ପୋଲିସ ପାଟ୍ରୋଲିଂ କରିବାକୁ ମତ ପ୍ରକାଶ ପାଇଥିଲା। ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କହଁର ଆଶ୍ୱାସନା ଦେଇଥିଲେ ଯେ ମହୋତ୍ସବ ସମୟରେ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ମହୋତ୍ସବ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉକ୍ତ ବୈଠକରେ ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ମାଣିକ ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ବାଙ୍କୀ ଥାନା ଏସ୍‌ଡିପିଓ ବାଳକୃଷ୍ଣ କହଁର, ଆଇଆଇସି ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡ. ଆଲୋକ କୁମାର ପଟ୍ଟନାୟକ, ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ ଓ ଡମପଡା ତହସିଲଦାର ବୈଶାଖୀ ଲେଙ୍କା, ଡେପୁଟି କଲେକ୍ଟର ସୌମ୍ୟରଞ୍ଜନ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି, ମହୋତ୍ସବ କମିଟିର ସଭ୍ୟ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। ଡମପଡା ବ୍ଲକ ବିଡିଓ ଅଂଶୁମାନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବଙ୍ଗାଳି ଠିକାଦାର, ଶ୍ରମିକଙ୍କ ମଧ୍ୟରେ ମାରପିଟ୍

**ଠିକାଦାର କୋର୍ଟ ଚାଲାଣ**

ତ୍ରିଶୂଳିଆ, ୧୩।୯(ତୁଷାର କାନ୍ତ ବେହେରା):

ବାରଙ୍ଗ ଥାନା ଗେଡିସାହି ଫାଣ୍ଡି ଅଧିନ ପଦ୍ମନାଭ ନଗରରେ ବଙ୍ଗାଳି ଠିକାଦାର ଓ ଶ୍ରମିକଙ୍କ ମଧ୍ୟରେ ମାର୍‌ପିଟ୍ ହୋଇଛି। ଶ୍ରମିକମାନଙ୍କ ମଜୁରୀକୁ କେନ୍ଦ୍ର କରି ଏହି ଗଣ୍ଡଗୋଳ ହୋଇଥିବା ଜଣାପଡିଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଠିକାଦାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଙ୍ଗଳାଭାଷୀ ଠିକାଦାର ଅସାରୁ ଲେସ୍କେ। ଏନେଇ ପୋଲିସ ମାମଲା (ନଂ. ୫୦୩/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଶ୍ରମିକ ଲାଟୁ ସେକେଙ୍କ ଅଭିଯୋଗ ଅନୁଯାୟୀ ପଦ୍ମନାଭ ନଗରରେ ଏକ ଗୃହ ନିର୍ମାଣ କାର୍ଯ୍ୟରେ ଠିକାଦାର ଅସାରୁ କେତେଜଣ ଶ୍ରମିକଙ୍କୁ ନିୟୋଜିତ କରିଥିଲେ। ମାତ୍ର ଶ୍ରମିକମାନଙ୍କୁ ବକେୟା ପାରିଶ୍ରମିକ ଦେଉ ନ ଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଅସାରୁ ଓ ଲାଟୁଙ୍କ ମଧ୍ୟରେ ଶନିବାର ଗଣ୍ଡୋଗୋଳ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଅସାରୁ ମୁଣ୍ଡ ଫଟାଇ ଦେଇଥିବା ନେଇ ଲାଟୁ ଗୋଡିସାହି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଫାଣ୍ଡି ଆଧିକାରୀ ସୋମ୍ୟଶ୍ରୀ ଆଶୁତେଶ ପାଣି ଘଟଣା ସ୍ଥଳକୁ ଜାଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

## ମିନି ଷ୍ଟାଡିୟମ ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଦାବି

ତିଗିରିଆ, ୧୩।୯(ଜାଫର ଖାଁ):

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତସ୍ଥିତ ମିନିଷ୍ଟାଡିୟମର ଉନ୍ନତିରେ ବାଧକ ସାଜିଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ଜିଲାପାଳଙ୍କ ସମେତ ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କୁ ପାଞ୍ଚଗାଁ ଏବଂ ସୋମପଡା ପଞ୍ଚାୟତର ଜନସାଧାରଣ, କ୍ରୀଡ଼ାବିତ ଦାବିପତ୍ର ପ୍ରଦାନ କରିଛନ୍ତି। ଜାନୁଆରୀ ୭ରେ ଉକ୍ତ ଖେଳ ପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସଦସ୍ୟ ତଥା କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ଉକ୍ତ ଖେଳ ପଡ଼ିଆର ଉନ୍ନତିକରଣ ପାଇଁ ଏମ୍‌ପି ଲ୍ୟାଡ୍ ସ୍କିମରୁ ୫୦ ଲକ୍ଷ ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଥିଲେ। ମାତ୍ର ଉକ୍ତ ମିନି ଷ୍ଟାଡିୟମର ଚତୁଃପାର୍ଶ୍ୱର ସରକାରୀ ଜାଗାକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଥିବାରୁ ଷ୍ଟାଡିୟମର ଉନ୍ନତିକରଣରେ ବାଧା ସୃଷ୍ଟି ହୋଇଛି। ଉକ୍ତ ଜବରଦଖଲ ଉଚ୍ଛେଦ ପାଇଁ ପୂର୍ବରୁ ବିଡିଓ ଏବଂ ତହସିଲଦାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏନେଇ ଜିଲାପାଳ ଉକ୍ତ ସ୍ଥାନ ପରିଦର୍ଶନ କରି ଜବରଦଖଲ ଉଚ୍ଛେଦ ପାଇଁ ଦାବି କରିଛନ୍ତି। ପାଞ୍ଚଗାଁ ପଞ୍ଚାୟତର ଯୁବନେତା ଜଗଦୀଶଙ୍କ ମିଶ୍ରଙ୍କ ନେତୃତ୍ୱରେ ତ୍ରିନାଥ ସାହୁ, ଦିପୁ ମାଝୀ, ରଞ୍ଜନ ମାଝୀ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

# ଆରମ୍ଭ ହେଲା ଷୋଳପୁଅ ମା' ପୂଜା

### ଆଜି ଘଟପୂଜା, ପ୍ରାଣପ୍ରତିଷ୍ଠା

କଟକ, ୧୩।୯(ଶିଳ୍ପା ପ୍ରିୟଦର୍ଶିନୀ)

ଗଣେଶ ପୂଜାଠାରୁ ପାର୍ବଣ ଋତୁ ପ୍ରବେଶ ହୋଇଥିବାବେଳେ ଏବେ ଷୋଳପୁଅ ମା' ପୂଜା ଆରମ୍ଭ ହେବାକୁ ଯାଉଛି। କଟକ ସହରରେ ମୋଟ ୧୨ଟି ପୂଜା କମିଟି ଏହି ପୂଜା ବେଶ୍ ଧୁମଧାମର ସହ କରିଆସୁଛନ୍ତି। ଏହି ପୂଜା ଦୌଡରେ ଶ୍ରୀ ଶ୍ରୀ ଷୋଳପୁଅ ମା' ଠାକୁରାଣୀ କମିଟି, ସୂତାହାଟ ତନ୍ତିସାହି ଦୀର୍ଘବର୍ଷ ହେବ ସାମିଲ ହୋଇଆସିଛି। ଚଳିତବର୍ଷ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଠାରେ ପୂଜା ଆରମ୍ଭର ୭ ଦିନ ପୂର୍ବରୁ ଘଟ ଦୀପ ବୁଲିବା ସହ ଦାଣ୍ଡିଆ ଖେଳ କରାଯାଇଥାଏ। ଦାଣ୍ଡିଆ ଖେଳ ଶନିବାର ହୋଇଥିବାବେଳେ ରବିବାର ସକାଳେ ଘଟପୂଜା ବା ପ୍ରାଣପ୍ରତିଷ୍ଠା କରାଯିବ। ସମସ୍ତ ପୂଜା କମିଟି ଶୋଭାଯାତ୍ରାରେ ବାହାରି ମହାନଦୀ ଓ କାଠଯୋଡି ନଦୀକୂଳରୁ ରୀତିନୀତିରେ ପୂଜାର୍ଚ୍ଚନା କରିବା ସହ ଘଟପୂଜା କରିବେ। ଅପରାହ୍ନରେ ମା' ନଗର ପରିକ୍ରମା କରିବା ସହ ପ୍ରାୟ ୨୦୦ଟି ଘରେ ଭୋଗ ଖାଇବେ। ପରେ ମା' ମନ୍ଦିରକୁ ବିରାଜିବେ। ସେହିପରି ପୂଜାର ଦ୍ୱିତୀୟ ଦିନ ସୋମବାର ସକାଳେ ୧୦୦୧ ଦୀପ ଆରାଧାନ କରାଯିବ ଏବଂ ମଧ୍ୟାହ୍ନରେ ଦହିପଖାଳ ଭୋଗ ଲାଗି କରାଯିବ, ଯାହାକୁ ୧୫୦୦ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ। ପରେ ୧୦୦୧ ଦୀପରେ ସନ୍ଧ୍ୟା ଆଳତି କରାଯିବ। ପୂଜାର ତୃତୀୟ ଦିନ ମଙ୍ଗଳବାର ମଧ୍ୟାହ୍ନ ଘଟ ଓ ଦୀପ ବିସର୍ଜନ କରାଯିବ। ପରେ ମା' ନଗର ପରିକ୍ରମା କରି ଭୋଗ ଖାଇବେ ଏବଂ ବିସର୍ଜନ ନିମନ୍ତେ ଶୋଭାଯାତ୍ରା ଆରମ୍ଭ କରାଯିବ। ଶୋଭାଯାତ୍ରା ଦରଘା ବଜାର, ଚୌଧୁରୀ ବଜାର, ବକ୍ସିବଜାର ଦେଇ କଲେଜ ଛକରେ ପହଞ୍ଚିବ ଏବଂ ବିସର୍ଜନ କରାଯିବ। ଶ୍ରୀ ଶ୍ରୀ ଷୋଳପୁଅ ମା' ଠାକୁରାଣୀ କମିଟି ଯୁଗ୍ମ ସମ୍ପାଦକ କେ. ରମେଶ କୁମାର କହିଛନ୍ତି, ସୂତାହାଟ ତନ୍ତିସାହି ସମେତ ଅନ୍ୟ ୧୧ଟି ପୂଜା କମିଟି ତିନିଦିନ ଧରି ବହୁ ଆଡ଼ମ୍ବର ଓ ନିଷ୍ଠାର ସହ ଏହି ପୂଜା କରିଥାନ୍ତି। ମୁଖ୍ୟତଃ ଶ୍ରୀ ଶ୍ରୀ ଷୋଳପୁଅ ମା' ଠାକୁରାଣୀ କମିଟି ସୂତାହାଟ ତନ୍ତି ସାହି ପକ୍ଷରୁ ବିଶେଷ ଆୟୋଜନ କରାଯାଉଛି। ଏହି ପୂଜାକୁ ମିନି ଦଶହରା କୁହାଯାଇଥାଏ ବୋଲି ସେ କହିଛନ୍ତି।



**ପୂଜାର ବିଶେଷତ୍ୱ:** ବିଶ୍ୱାସ ରହିଛି ଯେ ଷୋଳପୁଅ ମା' ଠାକୁରାଣୀଙ୍କ ନିକଟରେ ସମସ୍ତଙ୍କ ମାନସିକ ପୂରଣ ହୋଇଥାଏ। ଏପରିକି ମୁଖ୍ୟତଃ ସନ୍ତାନପ୍ରାପ୍ତି ପାଇଁ ଏଠାରେ ପୂଜା କରାଯାଇଥାଏ। ଏହି ପୂଜାରେ ଘଟ ପ୍ରତିଷ୍ଠା ପରେ ଯିଏ ଘଟ ମୁଣ୍ଡାଇଥାନ୍ତି ତାଙ୍କ ପାଦକୁ ନିମପତ୍ର ଓ ହଳଦୀ ପାଣିରେ ଧୁଆଯାଇ ପ୍ରଣାମ କରାଯାଏ।

**ପୂଜା କମିଟି ନାମ:** ସୂତାହାଟ ପରଦେଶୀ ଷ୍ଟ୍ରିଟ୍, ଦିୱାନ୍ ବଜାର, ବାଉଁଶ ଗଳି, ତିନିକୋଣିଆ ବଗିଚା, ବକ୍ସି ବଜାର ବେପାରୀ ସାହି, ଜଗନ୍ନାଥ ବଲ୍ଲଭ, ମୋଚି ସାହି, ପଟ୍ଟାପୋଲ ତନ୍ତି ସାହି, ଓଡ଼ିଆ ବଜାର, କେ.କେ ଗଳି, କେ.କେ ଗଳି ଗଣେଶ ମହିମା, ରାଣୀହାଟ ଆଦି କମିଟିରେ ଏହି ପୂଜା କରାଯାଇଥାଏ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୯।୨୦୨୫

| ୬,୦୦,୧୮୨ ଟଙ୍କା | |
|---|---|
| ସୁନା | ୪.୭୦୦ ଗ୍ରାମ୍ |
| ରୁପା | ୯୧.୫୦୦ ଗ୍ରାମ୍ |

# ମାଛଚାଷ କ୍ଷେତ୍ରରେ ସ୍ୱୟଂସମ୍ପନ୍ନ ହେବ ନିମାପଡ଼ା

ନିମାପଡ଼ା,୧୩।୯(ବିଚିତ୍ରା ନନ୍ଦ ସାହୁ)

ନିମାପଡ଼ା ମାଛଚାଷ କ୍ଷେତ୍ରରେ ଏକ ସ୍ୱୟଂସମ୍ପନ୍ନ ଅଞ୍ଚଳ ହେବ ବୋଲି ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏହି ଅଞ୍ଚଳ ଦେଇ କୁଶଭଦ୍ରା, ଭାର୍ଗବୀ, ଧନୁଆଁ ନଦୀ ପ୍ରବାହିତ ହୋଇ ସମୁଦ୍ରରେ ମିଶିଛି। ନିମାପଡ଼ା, ଗୋପ, କୋଣାର୍କ, କାକଟପୁର ବ୍ଲକ ମତ୍ସ୍ୟ ଓ ଯାଆଁଳ ଉତ୍ପାଦନ କ୍ଷେତ୍ରରେ ଉତ୍କୃଷ୍ଟ ଅଞ୍ଚଳ ଓ ବହୁଳ ଭାବେ ସହାୟକ ହେବ। ନୂତନ ଟେକ୍ନୋଲୋଜି ପଦ୍ଧତିରେ ମତ୍ସ୍ୟଚାଷୀମାନେ ମାଛ ଚାଷ କଲେ ଅଧିକ ଲାଭବାନ ହେବା ସହ ବହୁଳ ଭାବେ ଉପକୃତ ହୋଇପାରିବେ। କେନ୍ଦ୍ର ଓ ରାଜ୍ୟ ସରକାର ମତ୍ସ୍ୟ ସମ୍ପଦ ଓ ମତ୍ସ୍ୟ ଚାଷ ଦିଗରେ ଗୁରୁତ୍ୱାରୋପ କରୁଛନ୍ତି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ମତ୍ସ୍ୟ ସମ୍ପଦ ଯୋଜନାରେ ମତ୍ସ୍ୟ ଚାଷୀମାନେ ବହୁଳ ଭାବେ ଉପକୃତ ହୋଇଥିବା ବେଳେ ଆଗକୁ ଅନେକ ସ୍ୱପ୍ନ ଦେଖୁଛନ୍ତି। ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଏକ ଜିଲାସ୍ତରୀୟ ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଓ ସଚେତନତା ଶିବିର ନିମାପଡ଼ା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ମତ୍ସ୍ୟ ଚାଷୀମାନଙ୍କୁ ବିଭିନ୍ନ ଯୋଜନାରେ ସରକାରୀ ସହାୟତା, ପ୍ରୋତ୍ସାହନ, ଡଙ୍ଗା, ଜାଲ ସମେତ ମାଛ ଚାଷ ଉପକରଣମାନ ଯୋଗାଣର ବ୍ୟବସ୍ଥା କରିଥିବା ବେଳେ ମତ୍ସ୍ୟସମ୍ପଦର ବିକାଶ କ୍ଷେତ୍ରରେ ଆମ ସରକାର ସଦାଚେଷ୍ଟିତ ଓ ସଙ୍କଳ୍ପବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।




ସମାରୋହରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ମଞ୍ଚାସୀନ ଅତିଥି ବୃନ୍ଦ।

ସମାରୋହରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବିଡିଓ ଅଭିଜିତ୍ ଷଡ଼ଙ୍ଗୀ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏନ୍‌ଏସିର ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ଆତ୍ମାର ଅଧ୍ୟକ୍ଷ ଦିଲ୍ଲୀପ ପରିଡ଼ା, ଜିଲା ମତ୍ସ୍ୟ ବିଭାଗର ଅତିରିକ୍ତ ଅଧିକାରୀ ସଂଘମିତ୍ରା ପାଣିଗ୍ରାହୀ, ନିମାପଡ଼ା ବ୍ଲକ୍ ମତ୍ସ୍ୟ ବିଭାଗ ଅଧିକାରୀ ଆଶିଷ କୁମାର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ, ମତ୍ସ୍ୟ ବୈଷୟିକ ସହାୟକ ସୌଦାମିନୀ ଜେନା ପ୍ରମୁଖ ଯୋଗଦେଇ ଏହି ପ୍ରଶିକ୍ଷଣ ଓ ସଚେତନତା ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ, ମତ୍ସ୍ୟ ସମ୍ପଦ ବିଭାଗର ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମତ୍ସ୍ୟ ବିଭାଗ ପକ୍ଷରୁ ୧୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମତ୍ସ୍ୟ ଚାଷ ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ା କାର୍ଯ୍ୟାଦେଶ ପ୍ରଦାନ କରିଥିବା ବେଳେ ୩ ମତ୍ସ୍ୟ ଚାଷୀଙ୍କୁ ୫ ଲକ୍ଷ ୭୦ ହଜାର ଟଙ୍କା ପ୍ରୋତ୍ସାହନ ରାଶିର ଚେକ୍ ପ୍ରଦାନ, ୩ ଚାଷୀଙ୍କୁ ମାଛ କୁଣ୍ଡ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ଓ ବ୍ଲକ ମତ୍ସ୍ୟ ବିଭାଗ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ମଞ୍ଚାସୀନ ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

# ଷୋଳପୂଜା ପାଇଁ ଆଜି ଶ୍ରୀନହରରେ ବ୍ରାହ୍ମଣ ବରଣ

ପୁରୀ,୧୩।୯(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ତଥା ମୂଳାଷ୍ଟମୀ ଦ୍ୱିତୀୟା ଓଷାଠାରୁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ଦେବୀ ପୀଠଗୁଡ଼ିକରେ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପରିସର ମା'ବିମଳାଙ୍କ ପୀଠରେ ମଧ ରବିବାରଠାରୁ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏଥିସହ ଶ୍ରୀମନ୍ଦିର ଭିତରେ ବେଢ଼ା ପରିସର ମା'ଭୁବନେଶ୍ୱରୀ, ମା'ବଟମଙ୍ଗଳା, ମା'ଉତ୍ତରାୟଣୀ ଏବଂ ଶ୍ରୀକ୍ଷେତ୍ରର ଦକ୍ଷିଣକାଳୀ, ଆଲାମଚଣ୍ଡୀ ଏବଂ କପିଳେଶ୍ୱରପୁର ଶାସନର ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ମଧ ଷୋଡ଼ଶ ପୂଜା ଓ ଚଣ୍ଡୀପାଠ ଆରମ୍ଭ ହେବ। ପୂଜା ଆରମ୍ଭ ହେବା ପୂର୍ବରୁ ରବିବାର ପୂର୍ବାହ୍ନରେ ଶ୍ରୀନଅରରେ ୨୧ ଜଣ ଶ୍ରୋତ୍ରିୟ ବ୍ରାହ୍ମଣଙ୍କୁ ବରଣ କରାଯିବ। ବରଣ ପରେ ଶ୍ରୋତ୍ରିୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା ଆରମ୍ଭ କରିବେ। ଷୋଳପୂଜା ପାଇଁ ଚଳଚଞ୍ଚଳ ହୋଇଉଠିବ ଶ୍ରୀକ୍ଷେତ୍ର। ମହାରାଜା ଦିବ୍ୟସିଂହ ଦେବଙ୍କ ପଇତା ଲାଗି, ଦେବାର୍ଚ୍ଚନା, ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହେବା ପରେ ରାଜଗୁରୁଙ୍କୁ ଗଜପତି ଶ୍ରୀହସ୍ତ ଛୁଆଁଗୁଆ, ନଡ଼ିଆ ପ୍ରଦାନ କରିବେ। ଗଜପତିଙ୍କ ପ୍ରତିନିଧି ଭାବେ ରାଜଗୁରୁ ଏହି ଗୁଆ, ନଡ଼ିଆ ବ୍ରାହ୍ମଣମାନଙ୍କୁ ଦେଇ ବରଣ କରିବେ। ସେହିପରି ଶ୍ରୀମନ୍ଦିରରେ ସହସ୍ର କୁମ୍ଭାଭିଷେକ ଓ ଦେବୀ ଉତ୍ଥାପନ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ସକାଳଧୂପ ସମ୍ପନ୍ନ ହେବା ପରେ ଏହି ନୀତି ଅନୁଷ୍ଠିତ ହେବ।

# ଚନ୍ଦ୍ରଭାଗା ସମୁଦ୍ରକୂଳରୁ କୁମ୍ଭୀର ଉଦ୍ଧାର

## ନନ୍ଦନକାନନରେ ଛଡ଼ାଯିବ ବୋଲି ବନ ବିଭାଗର ସୂଚନା

କୋଣାର୍କ,୧୩।୯(ଜ୍ୟୋତିରାଜ ମହାନ୍ତି)

ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନସ୍ଥ ଚନ୍ଦ୍ରଭାଗା ସମୁଦ୍ରକୂଳରୁ ଶନିବାର ପୂର୍ବାହ୍ନରେ କୋଣାର୍କ ବନ କର୍ମଚାରୀମାନେ ଏକ ଦେଢ଼ଫୁଟିଆ ବଉଳା କୁମ୍ଭୀର ଉଦ୍ଧାର କରି କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ସଂରକ୍ଷିତ ଭାବେ ରଖାଯାଇଛି। ପ୍ରକାଶ ଯେ, ଚନ୍ଦ୍ରଭାଗା ବଜାର ସନ୍ନିକଟ ସମୁଦ୍ରକୂଳରେ ଏକ ବଉଳା କୁମ୍ଭୀର ଭାସୁଥିବା ଦେଖି ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ପକ୍ଷରୁ କୋଣାର୍କ ବନବିଭାଗ କାର୍ଯ୍ୟାଳୟକୁ ଖବର ଦିଆଯାଇଥିଲା। କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ କୋଣାର୍କ ବନବିଭାଗ କାର୍ଯ୍ୟାଳୟର ବନପାଳ କାର୍ତ୍ତିକେଶ୍ୱର ମୁଣ୍ଡା ଓ ବନରକ୍ଷୀ ରଶ୍ମିତା ପୃଷ୍ଟି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଚନ୍ଦ୍ରଭାଗା ସମୁଦ୍ରକୂଳରେ ଭାସୁଥିବା ଦେଢ଼ଫୁଟିଆ ବଉଳା କୁମ୍ଭୀରକୁ ଉଦ୍ଧାର କରି ସ୍ଥାନୀୟ ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଉଦ୍ଧାର କୁମ୍ଭୀରଟିକୁ ବନବିଭାଗ କାର୍ଯ୍ୟାଳୟ ମଧ୍ୟରେ ସୁରକ୍ଷିତ ଭାବେ ରଖାଯାଇଛି। ପୁରୀ ଜିଲା ବନ ଅଧିକାରୀଙ୍କୁ ଉଦ୍ଧାର କୁମ୍ଭୀର ସମ୍ପର୍କରେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ଅବଗତ କରିଛନ୍ତି। ପୁରୀ ଜିଲା ବନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିବା ପରେ ଚନ୍ଦ୍ରଭାଗା ସମୁଦ୍ରକୂଳରୁ ଉଦ୍ଧାର ଦେଢ଼ଫୁଟିଆ ବଉଳା କୁମ୍ଭୀରଟିକୁ ନନ୍ଦନକାନନ କିମ୍ବା ସାତକୋଶିଆ ଠାରେ ଛଡ଼ାଯାଇପାରେ ବୋଲି କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ପ୍ରକାଶ କରିଛନ୍ତି।

# ୧୯,୦୫୫ ମାମଲା ଫଇସଲା, ୭ କୋଟି ଆଦାୟ

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ,୧୩।୯(ଅଜିତ୍ କୁମାର ମହାନ୍ତି)

ଜିଲା ଆଇନ ସେବା ପ୍ରାଧିକରଣଙ୍କ ଆନୁକୂଲ୍ୟରେ ପୁରୀ ସମେତ ନିମାପଡ଼ା, ପିପିଲି, କୋଣାର୍କ, କଣାସ, ବ୍ରହ୍ମଗିରି, ଅସ୍ତରଙ୍ଗ ଓ କାକଟପୁର କୋର୍ଟରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀଙ୍କ ପରିଚାଳନାରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତ ୧୯,୦୫୫ଟି ମୋକଦ୍ଦମା ଫଇସଲା କରାଯିବା ସହ ଜରିମାନା ଓ କ୍ଷତିପୂରଣ ବାବଦରେ ୬ କୋଟି ୨୩ ଲକ୍ଷ ୩୭ ହଜାର ୪୬୭ ଟଙ୍କା ଆଦାୟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀ ଲୋକ ଅଦାଲତକୁ ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତ ବିଚାରପତି ସୁମିତା ଜେନା, ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ସୈକତ ପତ୍ର, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ମୟ ମିଶ୍ର, ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ମୟୀ ବେହୁରା, ମୁଖ୍ୟ ବିଚାରପତି ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ସୌମ୍ୟସ୍ୱରୂପ ସାହୁ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ପ୍ରଜ୍ଞା ପଣ୍ଡା, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ସୋନାଲି ଅପରାଜିତା, ଦେୱାନୀ ବିଚାରପତି ସିଦ୍ଧାର୍ଥ ଶଙ୍କର ସେନାପତି, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ପତିତପାବନ ପଣ୍ଡା ପ୍ରମୁଖ ମାମଲାଗୁଡ଼ିକର ବିଚାର କରିଥିଲେ। ଲୋକ ଅଦାଲତରେ ୧୧୯ଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୪,୩୮,୨୮,୦୦୦ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୪୩ ଗୋଟି ଚେକ୍ ବାଉନ୍ସ କେସ, ୩୭ଟି ବିବାହ ବିବାଦ ସମ୍ପର୍କିତ ମୋକଦ୍ଦମା ଫଇସଲା କରାଯାଇଥିଲା। ଏହାଛଡ଼ା ୧୨୧ଟି ପ୍ରାକ୍ ମୋକଦ୍ଦମା ମାମଲାର ଫଇସଲା କରାଯାଇ ବ୍ୟାଙ୍କ ଋଣ ବାବଦରେ ୩୪,୭୬,୪୫୪ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ଜିଲା କାରାଗାରର କଏଦୀମାନଙ୍କ ଦ୍ୱାରା ତିଆରି କରାଯାଇଥିବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକର ଷ୍ଟଲ୍ କୋର୍ଟ ପରିସରରେ ପଡ଼ିଥିଲା।



ଲୋକ ଅଦାଲତରେ ଉପସ୍ଥିତ ବିଚାରପତିମାନେ।

# ମୋଦିଙ୍କ ଜନ୍ମଦିନରେ ପିପିଲିରେ ଲାଗିବ ୩୦ ହଜାର ଗଛ

ପିପିଲି, ୧୩।୯ (ଦୁର୍ଗା ମାଧବ ମିଶ୍ର)

ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ। ଏହାକୁ ସ୍ମରଣୀୟ କରିବାକୁ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ପିପିଲି ବ୍ଲକର ୨୫ଟି ପଞ୍ଚାୟତରେ ମୋଟ ୨୯,୭୦୦ ଗଛ ଲଗାଯିବ। ଏଥିପାଇଁ ପିପିଲି ବ୍ଲକ ବିଡିଓ ସରୋଜ ରାଉତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଜିଲାପରିଷଦ ସଭ୍ୟମାନଙ୍କୁ ନେଇ ଗତ ୪ତାରିଖ ଦିନ ବ୍ଲକ କମ୍ପ୍ଲେକ୍ସ ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଡିଓ ଦେଇଥିବା ସୂଚନାନୁଯାୟୀ, ବ୍ଲକର ପ୍ରତି ପଞ୍ଚାୟତକୁ ୫୫ହ ହିସାବରେ ୨୫ଟି ପଞ୍ଚାୟତକୁ ୧୨,୫୦୦ ଗଛ, ଅଙ୍ଗନୱାଡ଼ି ଦିଦିମାନଙ୍କୁ ୫,୨୦୦ ଏବଂ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକୁ ୧୨ହଜାର ଗଛ ଯୋଗାଇ ଦିଆଯିବ। ବନବିଭାଗ ପକ୍ଷରୁ ନିମ୍ବ, କୃଷ୍ଣଚୂଡ଼ା, ଚାକୁଣ୍ଡା, ଶିଶୁ ଆଦି ଚାରା ବିନାମୂଲ୍ୟରେ ଯୋଗାଇଦେବା ପାଇଁ କହିଥିଲେ। ଏହି ଅନୁଦାନରୁ ଶତକଡ଼ା ୭୫ଭାଗ ମ୍ୟାଟେରିଆଲ୍ କିଣିବେ ଆଉ ଶତକଡ଼ା ୨୫ଭାଗ ଶ୍ରମିକମାନଙ୍କୁ ମଜୁରି ପ୍ରଦାନ କରିବାକୁ କୁହାଯାଇଥିଲା।

# ଗୁରୁ ଚନ୍ଦ୍ରମଣି ଲେଙ୍କାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ




ପୁରୀ ଅନ୍ନପୂର୍ଣ୍ଣା ରଙ୍ଗ ମଞ୍ଚରେ ସଙ୍ଗୀତ ଗୁରୁ ଚନ୍ଦ୍ରମଣି ଲେଙ୍କାଙ୍କ ସ୍ମୃତି ସଭାରେ ଉପସ୍ଥିତ ଅତିଥିମାନେ।

ପୁରୀ,୧୩।୯(ଅଜିତ୍ କୁମାର ମହାନ୍ତି)

ଚନ୍ଦ୍ରମଣି ଲେଙ୍କା ସ୍ମୃତି ସଂସଦ ତରଫରୁ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ପ୍ରେକ୍ଷାଳୟରେ ଗୁରୁବାର ଓଡ଼ିଶୀ ସଙ୍ଗୀତ ଜଗତର ବିଶିଷ୍ଟ ସାଧକ ଦିବଂଗତ ଗୁରୁ ଚନ୍ଦ୍ରମଣି ଲେଙ୍କାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଓଡ଼ିଶୀ ସଙ୍ଗୀତ ଗବେଷକ କବି ତିଳକ ଗୁରୁ ଆର୍ତ୍ତତ୍ରାଣ ଶତପଥୀ, ବରିଷ୍ଠ ଓଡ଼ିଶୀ ନୃତ୍ୟଗୁରୁ ତଥା ମର୍ଦ୍ଦଳ ବାଦକ ରବିନାରାୟଣ ପଣ୍ଡା ଏବଂ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଯୋଗଦେଇ ଗୁରୁ ଚନ୍ଦ୍ରମଣିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗୀ ପଦ୍ମିନୀ ଦାସଙ୍କୁ ଗୁରୁ ଚନ୍ଦ୍ରମଣି ଲେଙ୍କା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଦିବଂଗତ ଗୁରୁଙ୍କ ସହଧର୍ମିଣୀ ସୁଲୋଚନା ଲେଙ୍କା ବିଶିଷ୍ଟ ଅତିଥିଭାବେ ଉପସ୍ଥିତ ଥିଲେ। ପୁରୀ ସହରର ବିଭିନ୍ନ ସଙ୍ଗୀତ ଅନୁଷ୍ଠାନ ତରଫରୁ ସମବେତ ସଙ୍ଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଗୁରୁଙ୍କ ଶିଷ୍ୟାଶିଷ୍ୟମାନେ ଏକକ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଗୁରୁ ସତ୍ୟପ୍ରିୟ ମହାପାତ୍ର ଏବଂ ସଭାପତି ସୁରେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଗୁରୁ ସବିତା ମିଶ୍ର ଓ ଗୁରୁ ସୁଚରିତା ପ୍ରତିହାରୀ ମଞ୍ଚ ପରିଚାଳନା କରିଥିଲେ।

# ଥାନା ମାନ୍ୟତା ଅପେକ୍ଷାରେ ନୟାହାଟ ଫାଣ୍ଡି

ଯୋଗେଶ୍ୱରପୁର,୧୩।୯ (ରଞ୍ଜିତରଞ୍ଜନ ସାହୁ)

## ଫାଣ୍ଡିରେ ଭ୍ୟାନ୍ ନାହିଁ, ଆବଶ୍ୟକ ସଂଖ୍ୟକ ପୋଲିସ କର୍ମଚାରୀ ଅଭାବ

ପୁରୀ ଜିଲା ଗୋପ ଥାନା ଅଧୀନରେ ଥିବା ନୟାହାଟ ଫାଣ୍ଡି ୧୯୮୯ ମସିହାରେ ପ୍ରତିଷ୍ଠା ହୋଇଥିଲା। ଇତିମଧ୍ୟରେ ଦୀର୍ଘ ୩୭ ବର୍ଷ ବିତିଗଲାଣି, ହେଲେ ଏପର୍ଯ୍ୟନ୍ତ ନୟାହାଟ ଫାଣ୍ଡିକୁ ଥାନା ମାନ୍ୟତା ମିଳିପାରିନାହିଁ। ଏଥିଯୋଗୁ ଅଞ୍ଚଳବାସୀଙ୍କ ସମେତ ନୟାହାଟ ବରିଷ୍ଠ ନାଗରିକ ମଞ୍ଚ ଓ ବ୍ୟବସାୟୀ ସଂଘ ଅସନ୍ତୋଷ ବ୍ୟକ୍ତ କରିଛି। ନୟାହାଟ ଫାଣ୍ଡି ଅଧୀନରେ ଧୂମାଳ, ଜଲ୍ଲଭେରି, ଦେଉଳୀ, ଈଶାନପୁର, ବଉଳାଙ୍ଗ ଓ ସୋରଭା ପଞ୍ଚାୟତର ୭୫ ଗ୍ରାମ ଏବଂ ସୁନାନପୁର ପଞ୍ଚାୟତର ଗୋଟିଏ ଗ୍ରାମ ମୋଟ ୭୫ ଗ୍ରାମ ରହିଥିବାବେଳେ ୫୦ ହଜାର ଜନସାଧାରଣ ବସବାସ କରୁଛନ୍ତି। ଅଞ୍ଚଳବାସୀ ନୟାହାଟ ଫାଣ୍ଡି ଉପରେ ନିର୍ଭର କରନ୍ତି। ତେବେ ଏହି ଫାଣ୍ଡିରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଓ ପୋଲିସ ଭ୍ୟାନ ନ ଥିବାରୁ ଜନସାଧାରଣଙ୍କ ସୁରକ୍ଷା ଯୋଗାଇଦେବା କଷ୍ଟକର ହୋଇପଡୁଛି। ନୟାହାଟଠାରୁ ଗୋପ ଥାନାର ଦୂରତା ପ୍ରାୟ ୨୦ କି.ମି. ହୋଇଥିବାବେଳେ ଗରିବ ଶ୍ରେଣୀର ଲୋକେ ଥାନାକୁ ଯିବାଆସିବା ପାଇଁ ହାରାହାରି ୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ରାତିରେ ନୟାହାଟକୁ ଫେରିବା ପାଇଁ ଗାଡ଼ି ମିଳେନାହିଁ। ସେଥିପାଇଁ ପାଇଁ ୩୦୦ ଟଙ୍କା ଅଟୋ ଭଡ଼ା ଦେବାକୁ ପଡ଼େ। ନୟାହାଟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଗୋପ ଥାନାରୁ ଏଠାକୁ ପୋଲିସ ଭ୍ୟାନ ଆସିବାକୁ ଏକଘଣ୍ଟା ସମୟ ଲାଗିଥାଏ। ଏହି ସମୟରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସିଯିବାରେ ସକ୍ଷମ ହୋଇଥାନ୍ତି। ନୟାହାଟ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାବେଳେ ଏଠାରେ ଜଳସେଚନ ବିଭାଗ କାର୍ଯ୍ୟାଳୟ, ରାଜସ୍ୱ ବିଭାଗ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମେତ ୪ଟି ବିଦ୍ୟାଳୟ, କଲେଜ, ଡାକଘର, ବ୍ୟାଙ୍କ ଆଦି ରହିଛି। ନୟାହାଟ ଫାଣ୍ଡିକୁ ଥାନା ମାନ୍ୟତା ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଥିବାବେଳେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ଅବହେଳା କାରଣରୁ ତାହା ହୋଇପାରୁନାହିଁ ବୋଲି ବ୍ୟବସାୟୀ ସଂଘ ସଭାପତି ଫକିର ଚରଣ ବାରିକ, ସମ୍ପାଦକ ସୁବାସ ପାତ୍ର ଏବଂ ବରିଷ୍ଠ ନାଗରିକ ସଂଘ ଉପସଭାପତି ସୁରେନ୍ଦ୍ର ମୋହନ ବିଡି, ସମ୍ପାଦକ କୃଷ୍ଣଚନ୍ଦ୍ର ବାରିକ, ସାମାଜିକ କର୍ମୀ ଅନନ୍ତ ସାହୁ, କେଦାର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ଆଗାମୀ ଦିନରେ ବଡ଼ଧରଣର ଜନ ଆନ୍ଦୋଳନ ହେବ ବୋଲି ସେମାନେ କହିଛନ୍ତି।

# ନୂଆ ରୂପରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବ ନାୟକପାଟଣା

ପୁରୀ,୧୩।୯(ଅଜିତ୍ କୁମାର ମହାନ୍ତି)

ପୋଥିଚିତ୍ର କାରିଗରଙ୍କ ଗାଁ ନାୟକପାଟଣା ଏବେ ନୂଆରୂପରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବାକୁ ଯାଉଛି। ଗ୍ରାମର ଶିଳ୍ପୀମାନେ ନିଜେ ନିଜ ଘରର କାନ୍ଥକୁ ପଟ୍ଟଚିତ୍ରର ରୂପ ଦେଉଛନ୍ତି। ତେବେ ଏଥିରେ ସହଯୋଗର ହାତ ବଢ଼ାଇଛି ଆଦିତ୍ୟ ବିର୍ଲା ଫାଉଣ୍ଡେସନ। ଫାଉଣ୍ଡେସନର ସହଯୋଗ ଏବଂ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ନିଆରା ପ୍ରୟାସ ଗ୍ରାମରେ ଆରମ୍ଭ ହୋଇଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ନାୟକପାଟଣା ଗାଁ ଜାତକ ପ୍ରସ୍ତୁତି ପାଇଁ ପ୍ରସିଦ୍ଧି ସହ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। କାହିଁ କେତେ ପୁରୁଷରୁ ଗ୍ରାମର ବାସିନ୍ଦାମାନେ ତାଳପତ୍ରରେ ପୋଥି ଲେଖୁଥିଲେ। ସେଥିପାଇଁ ଗାଁର ନାଁ ନାୟକପାଟଣା ଦିଆଯାଇଥିବା କୁହାଯାଏ। କାଳକ୍ରମେ ତାଳପତ୍ରରେ ଚିତ୍ରକୁ ରୂପ ଦିଆଗଲା। ପୋଥିଚିତ୍ର ଭାବେ ଏହା ପ୍ରସିଦ୍ଧି ଅର୍ଜନ କଲା। ବହୁ ବିଜ୍ଞ କଳାକାର ପୋଥିଚିତ୍ରକୁ ସମୃଦ୍ଧ କରିବା ପରେ ଏହା ରୋଜଗାରର ମାଧ୍ୟମ ପାଲଟିଥିଲା। ସମ୍ପୂର୍ଣ୍ଣ ଗ୍ରାମ ଏହି କଳାକୁ ଆଦରି ନେଇଥିଲା। ଏବେ ବି ଏହି ଗ୍ରାମରେ ୧୧୦ଟି ପରିବାର ରହିଥିବା ବେଳେ ୩୫୦ରୁ ଊର୍ଦ୍ଧ୍ୱ ଶିଳ୍ପୀ ପୋଥିଚିତ୍ର ପ୍ରସ୍ତୁତ କରି ଜୀବିକା ନିର୍ବାହ କରିଆସୁଛନ୍ତି। କିନ୍ତୁ ପ୍ରଚାର ପ୍ରସାର ଏବଂ ସରକାରୀ ପ୍ରୋତ୍ସାହନ ଅଭାବରୁ ରଘୁରାଜପୁର ଭଳି ନାୟକପାଟଣା ଦୃଷ୍ଟି ଆକର୍ଷଣ କରିପାରିନାହିଁ। ଏହି ଗାଁକୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟ ନେଇ ଏଭଳି ନୂଆ ପ୍ରୟାସ ଆରମ୍ଭ ହୋଇଛି। କଳାକୃତି ବିକାଶ କେନ୍ଦ୍ରର ସମ୍ପାଦକ ପ୍ରସନ୍ନ ନାୟକଙ୍କ କହିବା ମୁତାବକ, ନାୟକପାଟଣାର ପ୍ରତିଟି ପରିବାର ପୋଥିଚିତ୍ର କଳା ସହ ଜଡ଼ିତ। ଜିଲ୍ଲାରୁ ବୃହ ପର୍ଯ୍ୟନ୍ତ ଏହି କଳାରେ ମାହିର। ମାତ୍ର ଦୀପତକ ଅଭାବ ଭଳି ଏହି ଅଞ୍ଚଳ ଉପେକ୍ଷିତ। ଫାଉଣ୍ଡେସନ ପକ୍ଷରୁ ସମଗ୍ର ଗ୍ରାମର କାନ୍ଥକୁ ପଟ୍ଟଚିତ୍ରର ରୂପ ଦେବା ନେଇ ଆରମ୍ଭ ହୋଇଥିବା ପ୍ରୟାସ ପର୍ଯ୍ୟଟକଙ୍କୁ ଗାଁରେ ବାନ୍ଧି ରଖିବାରେ ସହାୟକ ହେବ। ପୋଥିଚିତ୍ର କଳାର ପ୍ରସ୍ତୁତି ଏବଂ କ୍ରମବିକାଶଧାରାକୁ କାନ୍ଥରେ ଚିତ୍ରିତ କରାଯିବ। ରାଧାକୃଷ୍ଣଙ୍କ ସମେତ ପୌରାଣିକ କଥାବସ୍ତୁର ରୂପାୟନ ମଧ ଦେଖିବାକୁ ମିଳିବ ବୋଲି କହିଛନ୍ତି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି କାନ୍ଥଚିତ୍ର ଶୁଭାରମ୍ଭ ପରିପ୍ରେକ୍ଷୀରେ ହସ୍ତଶିଳ୍ପ ବିଭାଗର ସହ ନିର୍ଦ୍ଦେଶକ ଭୁବନ ଭାସ୍କର, ଟେକ୍ସଟାଇଲ କମିଟିର ଅଧିକାରୀ ପ୍ରଦୀପ ଦାଶ, ଫେଡେରେସନ ଅଫ୍ ଏକ୍ସପୋର୍ଟର କମଳାକାନ୍ତ ସାହୁ, ହସ୍ତଶିଳ୍ପ ବିଭାଗର ଉପନିର୍ଦ୍ଦେଶକ ବିଷ୍ଣୁ ମାର୍ଣ୍ଣି ଓ ସୂର୍ଯ୍ୟକାନ୍ତ ପଣ୍ଡା ଏବଂ ଆଦିତ୍ୟ ବିର୍ଲାର କେଦାର କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ବରିଷ୍ଠ ପୋଥିଚିତ୍ର ଶିଳ୍ପୀ ମାଗା ନାୟକ, ସ୍ୱପ୍ନାଞ୍ଜଳୀ ନାୟକ, ଶରତ ପ୍ରଧାନ, ନାରାୟଣ ପ୍ରଧାନ, ମାଗା ବରାଳଙ୍କ ସମେତ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ।



ଜଣେ ଶିଳ୍ପୀ କାନ୍ଥରେ ପଟ୍ଟଚିତ୍ର କରୁଛନ୍ତି।

## ଫଟୋ ରେ ଖବର



ପକ୍କିଙ୍କ ଆକାଉଣ୍ଟସ କମିଟିର ସଦସ୍ୟମାନେ ଶନିବାର ମହାପ୍ରଭୁଙ୍କ ଦର୍ଶନ କରି ଫେରୁଛନ୍ତି।




ପୁରୀ ସହାଣିବ ପରିସରରେ ଗଞ୍ଜନ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ଶ୍ରମିକଙ୍କୁ ମାଡ଼, ଠିକାଦାର ଗିରଫ

ତ୍ରିଶୂଳିଆ, ୧୩।୯(ତୁଷାର କାନ୍ତ ବେହେରା)

ବାରଙ୍ଗ ଥାନା ଗୋଡିସାହି ଫାଣ୍ଡି ଅଧୀନ ପଦ୍ମନାଭ ନଗରରେ ବଙ୍ଗାଳି ଠିକାଦାର ଓ ଶ୍ରମିକଙ୍କ ମଧ୍ୟରେ ମାରପିଟ ହୋଇଛି। ଶ୍ରମିକମାନଙ୍କ ମଜୁରିକୁ କେନ୍ଦ୍ର କରି ଏହି ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଠିକାଦାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଙ୍ଗଳାଭାଷୀ ଠିକାଦାର ଅସାରୁ ଲେସ୍କେ। ଏନେଇ ପୋଲିସ ମାମଲା (ନଂ. ୫୦୩/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଶ୍ରମିକ ଲାଟୁ ସେକେଙ୍କ ଅଭିଯୋଗ ଅନୁଯାୟୀ, ପଦ୍ମନାଭ ନଗରରେ ଏକ ଗୃହ ନିର୍ମାଣ କାର୍ଯ୍ୟରେ ଠିକାଦାର ଅସାରୁ କେତେଜଣ ଶ୍ରମିକଙ୍କୁ ନିୟୋଜିତ କରିଥିଲେ। ମାତ୍ର ଶ୍ରମିକମାନଙ୍କୁ ବକେୟା ପାରିଶ୍ରମିକ ଦେଉ ନ ଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଅସାରୁ ଓ ଲାଟୁଙ୍କ ମଧ୍ୟରେ ଶନିବାର ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅସାରୁ ମୁଣ୍ଡ ଫଟାଇ ଦେଇଥିବା ନେଇ ଲାଟୁ ଗୋଡିସାହି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଫାଣ୍ଡି ଅଧିକାରୀ ସୋମ୍ୟଶ୍ରୀ ଆଶୁତୋଷ ପାଣି ଘଟଣା ସ୍ଥଳକୁ ଯାଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

### ୨ବସ୍ତା ମାଦକଦ୍ରବ୍ୟ ଜବତ

ବାରଙ୍ଗ,୧୩।୯(ଲିଙ୍ଗରାଜ ରାଉତ)

ଚନ୍ଦକା ପୋଲିସର ଅପରେଶନ ପ୍ରହାର ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ଭୋଳା ନିକଟ ଏକ ଘରୋଇ ଶିକ୍ଷାନୁଷ୍ଠାନ ଓ ଗୋଠପଟଣାଠାରେ ଥିବା ଏକ ଶିକ୍ଷାନୁଷ୍ଠାନ

**ଚନ୍ଦକା ପୋଲିସର ଅପରେଶନ ପ୍ରହାର**

ନିକଟରେ ଥିବା ୧୨ଟି ପାନ ଓ ଗୁଟ୍ଖା ଦୋକାନ ଉପରେ ଚଢ଼ାଉ କରାଯାଇଛି। ସେଠାରୁ ପୋଲିସ ୨୦ହଜାର ଟଙ୍କାର ତମାଖୁ ଜାତୀୟ ୨ବସ୍ତା ଦ୍ରବ୍ୟ ଜବତ କରିଛି। ଏଥିସହ ସମସ୍ତ ଦୋକାନୀଙ୍କୁ ନୋଟିସ୍ ଦିଆଯାଇ ୧୨ଶହ ଟଙ୍କା ଫାଇନ ଆଦାୟ କରାଯାଇଛି। ଆଗାମୀ ଦିନରେ ଅପରେସନ ପ୍ରହାରରେ ଚନ୍ଦକା ଥାନା ଅଧୀନ ସମସ୍ତ ଶିକ୍ଷାନୁଷ୍ଠାନଠାରୁ ୧୦୦ମିଟର ଭିତରେ ରହିଥିବା ଦୋକାନ ଉପରେ ଚଢ଼ାଉ କରାଯିବ ବୋଲି ଥାନା ଅଧିକାରିଣୀ ସମିତା ମିଶ୍ର କହିଛନ୍ତି

ସେହିପରି ରାଜଧାନୀ ଉପକଣ୍ଠ ଦାରୁଠେଙ୍ଗ ପାଟଣାସାହିରେ ଅବକାରୀ କେନ୍ଦ୍ରାଞ୍ଚଳ ଗୋଇନ୍ଦା ବିଭାଗର ଏକ ଦଳ ଶୁକ୍ରବାର ଚଢାଉ କରିଛି। ଚଢ଼ାଉବେଳେ ଅବକାରୀ ବିଭାଗ ୧୦ ଲିଟର ଦେଶୀ ମଦ ସହ ଏକ ସ୍କୁଟି ଜବତ କରିଛି। ଏହି ଅଭିଯୋଗରେ ଜଣେ ମହିଳାଙ୍କୁ ଅବକାରୀ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ସେ ହେଲେ ମାମା ସେଠ(୩୫)। ତାଙ୍କର ଅନ୍ୟ ଜଣେ ସହଯୋଗୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି।

# 'ଅଣସ୍ୱୀକୃତିପ୍ରାପ୍ତ ସ୍କୁଲ ଉପରେ କାର୍ଯ୍ୟାନୁଷ୍ଠାନ ନିଅ'

**ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ**

- ୧୫ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ଚିଠି

ଭୁବନେଶ୍ୱର,୧୩।୯(ସୁଚିସ୍ମିତା ସାହୁ)

ରାଜ୍ୟରେ ଓଡ଼ିଶା ଶିକ୍ଷା ଆଇନ ଏବଂ ଶିକ୍ଷା ଅଧିକାର ଆଇନ-୨୦୦୯ ନିୟମାବଳୀକୁ ଉଲ୍ଲଂଘନ କରି ଶହଶହ ବେଆଇନ ସ୍କୁଲ ଖୋଲିଛି। ସ୍ୱୀକୃତି ମିଳି ନ ଥିଲେ ସୁଦ୍ଧା ମନଇଚ୍ଛା ସ୍କୁଲ ଖୋଲାଯାଇ ବେପାର ଚାଲୁଛି। ଫଳରେ ଛାତ୍ରୀଛାତ୍ରଙ୍କ ନିରାପତ୍ତା, ସୁରକ୍ଷା ଏବଂ ଭବିଷ୍ୟତ ବିପଦପୂର୍ଣ୍ଣ ପରିସ୍ଥିତିକୁ ଚାଲିଯାଉଛି। ରାଜ୍ୟରେ ବେଆଇନ ଭାବେ ଚାଲୁଥିବା ଅଣସ୍ୱୀକୃତିପ୍ରାପ୍ତ ସ୍କୁଲଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନ ସଭାପତି ଭୂମୋହନ ବେବର୍ତ୍ତା ପଟ୍ଟନାୟକ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍‌ସି)ଙ୍କ ନିକଟରେ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାର ଶୁଣାଣି କରି ଓଏଚ୍ଆର୍‌ସି ଅଧ୍ୟକ୍ଷ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରିଛନ୍ତି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଜିଲାରେ ଚାଲୁଥିବା ଅଣସୀକୃତିପ୍ରାପ୍ତ ସ୍କୁଲ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସେପ୍ଟେମ୍ବର ୧୫ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ବେଆଇନ ଓ ଅଣସ୍ୱୀକୃତିପ୍ରାପ୍ତ ସ୍କୁଲଗୁଡିକର ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୨୦୧୮ ମସିହାରୁ କ୍ରମାଗତ ଭାବେ ବାରମ୍ବାର ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ କରିବା ସତ୍ତ୍ୱେ ଏଯାବତ କୌଣସି କାର୍ଯ୍ୟନୁଷ୍ଠାନ ନିଆଯାଇ ନ ଥିଲା। ବରଂ ଜିଲା ଶିକ୍ଷାଧିକାରୀଙ୍କ ପୃଷ୍ଠପୋଷକତାରେ ବେଆଇନ ସ୍କୁଲ ଚାଲୁଥିବା ଅଭିଯୋଗ ହୋଇ ଆସୁଥିଲା। ଏପରିକି ଏ ସମ୍ବନ୍ଧରେ ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନ ତରଫରୁ ଶିକ୍ଷା ନିର୍ଦ୍ଦେଶକ ଏବଂ ଶିକ୍ଷା ସଚିବଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଥିଲା। ଫଳରେ ବାଧ ହୋଇ ଫେଡେରେଶନ ସଭାପତି ପଟ୍ଟନାୟକ ମାନବାଧିକାର କମିଶନଙ୍କ ଦାରସ୍ଥ ହୋଇଥିଲେ। ଏହାର ଶୁଣାଣି କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଥିବା ନେଇ ଫେଡେରେଶନ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ଫେଡେରେଶନ ସଭାପତି ପଟ୍ଟନାୟକଙ୍କ ସହ ଉପଦେଷ୍ଟା ନାଗାର୍ଜ୍ଜୁନ ସେଠୀ, ଉପସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ, ନିର୍ମଳ ରାଉତ, ସମ୍ପାଦକ ରମେଶ ଭାରତୀ ଏବଂ ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଓଡିଏମ୍‌ରେ ବିଶ୍ୱବିଦ୍ୟାଳୟ କ୍ୟାରିୟର ମେଳା



ଭୁବନେଶ୍ୱର,୧୩।୯(ଅନୁରାଧା ମହାରଣା)

ଓଡିଏମ୍ ଏଜୁକେଶନାଲ୍ ଗ୍ରୁପ୍ ପୂର୍ବ ପକ୍ଷରୁ ଭାରତର ସର୍ବବୃହତ୍ ବିଶ୍ୱବିଦ୍ୟାଳୟ କ୍ୟାରିୟର ମେଳା ଶୁକ୍ରବାର ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ଭାରତ, ଫ୍ରାନ୍ସ, ଆମେରିକା, କାନାଡା, ଇଟାଲୀ, ଅଷ୍ଟ୍ରେଲିଆ ଏବଂ ସୁଇଜରଲାଣ୍ଡର ୬୮ଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଛାତ୍ର, ଶିକ୍ଷାବିତ୍ ଏବଂ ପ୍ରତିନିଧିମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ଉଚ୍ଚଶିକ୍ଷା ବିକଳ୍ପଗୁଡିକ ଅନୁସନ୍ଧାନ କରିବା ଏବଂ ସେମାନଙ୍କ ଶୈକ୍ଷିକ ଭବିଷ୍ୟତ ବିଷୟରେ ସୂଚନାପୂର୍ଣ୍ଣ ନିଷ୍ପତ୍ତିନେବା ପାଇଁ ମେଳା ସୁଯୋଗ ପ୍ରଦାନ କରିଛି। ଅହମଦାବାଦ ବିଶ୍ୱବିଦ୍ୟାଳୟ, କୋଲକାତାର ଆମିଟି ବିଶ୍ୱବିଦ୍ୟାଳୟ, ଏଫ୍ଏଲ୍ଏମ୍ଇ ୟୁନିଭର୍ସିଟି, ଜିଡି ଗୋଏଙ୍କା ବିଶ୍ୱବିଦ୍ୟାଳୟ ଏବଂ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି ଭଳି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଏଥିରେ ଯୋଗଦେଇଥିଲା। ଯୁକ୍ତରାଷ୍ଟ୍ରର ସେଣ୍ଟ ଥମାସ୍ ବିଶ୍ୱବିଦ୍ୟାଳୟ, ନର୍ଦ୍ଦନ ଆରିଜୋନା ବିଶ୍ୱବିଦ୍ୟାଳୟ, ନର୍ଥଉଡ୍ ବିଶ୍ୱବିଦ୍ୟାଳୟ ଏବଂ ଇଏଚ୍ଏଲ୍ ହସ୍ପଟାଲିଟି ବିଶ୍ୱବିଦ୍ୟାଳୟ (ସୁଇଜରଲାଣ୍ଡ) ପରି ବିଶିଷ୍ଟ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ମଧ୍ୟ ଏହି କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରିଥିଲେ। ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଶିକ୍ଷାଗତ ଏବଂ ବୃତ୍ତିଗତ ଭବିଷ୍ୟତକୁ ଆକାର ଦେବା ପାଇଁ ଆବଶ୍ୟକ ଜ୍ଞାନ, ଦକ୍ଷତା ଏବଂ ସମ୍ବଳ ସହ ସଜ୍ଜିତ କରିବା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ତଥା ଓଡିଏମ୍ ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ସୁବ୍ରତ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ତ୍ରୀଙ୍କୁ ମାଡ଼, ସ୍ୱାମୀ ଗିରଫ

ତ୍ରିଶୂଳିଆ, ୧୩।୯(ତୁଷାର କାନ୍ତ ବେହେରା)

ବାରଙ୍ଗ ଥାନା ଅନ୍ତର୍ଗତ ଗୁଆକୋଳିମୁଣ୍ଡିଆ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ମାଡ ମାରିବା ଘଟଣାରେ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର କାହ୍ନୁ ରାଉତ (୨୮)। ଏନେଇ ପୋଲିସ ମାମଲା (ନଂ. ୪୭୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାହ୍ନୁ ତାଙ୍କ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ମାଡ଼ ମାରୁଥିଲେ। ଶନିବାର ନିର୍ଯାତନା ଅସହ୍ୟ ହେବାରୁ ସ୍ତ୍ରୀ ଗୋଡ଼ିସାହି ଫାଣ୍ଡିରେ ଅଭିଯୋଗ କରିଥିଲେ।

# ମନମୋହିଲା ରାଉତ ଭଉଣୀଙ୍କ ଶାସ୍ତ୍ରୀୟ କଣ୍ଠ, ଯନ୍ତ୍ର ସଙ୍ଗୀତ




ଭୁବନେଶ୍ୱର,୧୩।୯(ସୌମ୍ୟରଞ୍ଜନ ରାଉତ)

ରାଉତ ଭଉଣୀଙ୍କ ପକ୍ଷରୁ ଶାସ୍ତ୍ରୀୟ କଣ୍ଠ ଓ ଯନ୍ତ୍ର ସଙ୍ଗୀତ ପରିବେଷଣ ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଅରବିନ୍ଦ ବେହେରା, ମର୍ଦ୍ଦଳବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଭୁବନେଶ୍ୱର ମ୍ୟୁଜିକାଲ୍ ସର୍କଲ୍‌ର ସହସମ୍ପାଦିକା ସଙ୍ଗୀତା ଗୋସାଇଁ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ବିଭାଗର ସହକାରୀ ଅଧ୍ୟାପିକା ବନ୍ଦିତା ରାୟ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାର ପ୍ରଥମ ପରିବେଷଣରେ ଶୁଭ୍ରାଶୀ ରାଉତ କଣ୍ଠ ସଙ୍ଗୀତରେ ରାଗ ଜୋନପୁରୀରେ ବିଲମ୍ବିତ ଏକତାଲରେ ନିବଦ୍ଧ ଖୟାଲର ବନ୍ଦିସ- ଅବତୋ କହୁଁ ନା ଯାରେ, ପରେ ପରେ ତିନ୍‌ତାଲରେ ବନ୍ଦିସ-ଛୋମ ଛନ୍‌ଛନ୍ ବିଛୁଆ ବାଜେ, ତା'ପରେ ଏକ ତରାନା ଏବଂ ଶେଷରେ ମିଶ୍ର ପିଲୁ ରାଗରେ ଦାଦରା- ନଥ ବେସର ବଲମା ମଗୱା ଦେ ପରିବେଷଣ କରିଥିଲେ। ଏଥିରେ ତବଲାରେ ଶିଳ୍ପୀ କୃଷ୍ଣଚନ୍ଦ୍ର ବରାଳ, ହାରମୋନିଅମ୍‌ରେ ବିଦ୍ୟାଧର ଶତପଥୀ ଓ ତାନ୍‌ପୁରାରେ ସସ୍ମିତା ବେହେରା ସହଯୋଗ କରିଥିଲେ। ଦ୍ୱିତୀୟ ପରିବେଷଣରେ ବେହେଲା ବାଦନରେ ଦିବ୍ୟାଶୀ ରାଉତ ରାଗ କିରୱାନୀରେ ତିନ୍‌ତାଲରେ ନିବଦ୍ଧ ଗତ ଓ ଶେଷରେ ମିଶ୍ର କିରୱାନୀରେ ଧୁନ୍ ସହଯୋଗୀରେ ତବଲାରେ କୃଷ୍ଣଚନ୍ଦ୍ର ବରାଳ ଓ ତାନ୍‌ପୁରାରେ ସସ୍ମିତା ବେହେରା ସହଯୋଗ କରିଥିଲେ। ଶମ୍ଭୁଦତ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀଜଗନ୍ନାଥ ହିଁ ଓଡ଼ିଆଙ୍କ ସାଂସ୍କୃତିକ ଚେତନାର ପ୍ରତୀକ




ଭୁବନେଶ୍ୱର, ୧୩।୯(ସୌମ୍ୟରଞ୍ଜନ ରାଉତ)

**୪ ଜଣଙ୍କୁ 'ପୁରୁଷୋତ୍ତମ ସମ୍ମାନ'**

ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ବାର୍ଷିକ ବୈଠକ ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ସଞ୍ଜିତା ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ବିଧାୟକ ବାବୁ ସିଂ, ପରିଷଦର ଅନ୍ୟତମ ସମ୍ପାଦକ ସନ୍ତୋଷ ଦାଶ, ଶ୍ରୀକ୍ଷେତ୍ରର ଚୂନରା ସମ୍ପାଦକ ଡ. ଶରତ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀ ଜଗନ୍ନାଥ ହିଁ ଓଡ଼ିଆଙ୍କ ସାଂସ୍କୃତିକ ଚେତନାର ପ୍ରତୀକ ବୋଲି କହିଥିଲେ। ଏଥିସହ ମହାପ୍ରଭୁଙ୍କ ଅପାର ମହିମା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଫ୍‌ତାବ ହୁସେନ, ସୁରେନ୍ଦ୍ରନାଥ ଦାଶ, ସୁଶାନ୍ତ ଦାଶ ଓ ଡ. ହରିହର କାନୁନ୍‌ଗୋଙ୍କୁ 'ପୁରୁଷୋତ୍ତମ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରିଷଦର ସଂଶୋଧିତ ସଭ୍ୟାସଭ୍ୟଙ୍କ ସୂଚୀ ପୁସ୍ତିକା ଓ ଇଂ. ସୁଶାନ୍ତ ପଣ୍ଡାଙ୍କ କବିତା ପୁସ୍ତକ 'ପୁଷ୍ପାଞ୍ଜଳି' ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ମୁରଲୀଧର ପଲାଇ ବିଷ୍ଣୁ ସହସ୍ରନାମ ଗାନ କରିଥିବାବେଳେ ଶିଶୁ ନୃତ୍ୟଶିଳ୍ପୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ପରିଷଦ ସମ୍ପାଦକ ସନତ୍ ନାୟକ ଅତିଥି ପରିଚୟ, ଅନ୍ୟତମ ସମ୍ପାଦକ ସନ୍ତୋଷ ଦାଶ ବାର୍ଷିକ ବିବରଣୀ ପାଠ ଓ ମନୋରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଡ୍ରୋନ୍ ଟେକ୍ନୋଲୋଜି ନିର୍ମାଣ କୌଶଳ ଶିଖିଲେ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୩।୯(ଅନୁରାଧା ମହାରଣା)

ଭୁବନେଶ୍ୱର ଛତାବରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଓ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ପକ୍ଷରୁ ଚାଲିଥିବା ୫ଦିନିଆ 'ଡ୍ରୋନ୍ ଟେକ୍ନୋଲୋଜି ଓ ଏହାର ସଫଳ ଉଡାଣ' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜିର ପ୍ରୋଜେକ୍ଟ ଆସୋସିଏଟ୍ କୌଶିକ ମହାନ୍ତି ଓ ଟ୍ରେନର୍ ଦେବେନ୍ଦ୍ର ଦାଶ ଓ ବିଶ୍ୱଜିତ ଜେନା ପ୍ରମୁଖ ଯୋଗଦେଇ ଡ୍ରୋନ ଟେକ୍ନୋଲୋଜି ନିର୍ମାଣର କୌଶଳ, କାର୍ଯ୍ୟକାରିତା ଓ ଏହାର ଉପାଦେୟତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେଇଥିଲେ। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ, ଡାଇରେକ୍ଟର ଡ. ପ୍ରିୟଦର୍ଶୀ କାନୁନ୍‌ଗୋ, ଅଧ୍ୟକ୍ଷ ଡ. ଦେବବ୍ରତ ରଥ ଓ କମ୍ପ୍ୟୁଟର ସାଇନ୍ସର ବିଭାଗୀୟ ମୁଖ୍ୟ ପ୍ରଫେସର ନିହାର ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନରେ ଡିପ୍ଲୋମା ଓ ଡିଗ୍ରୀ ଇଞ୍ଜିନିୟରିଂର ଛାତ୍ରୀଛାତ୍ରଙ୍କ ପାଇଁ ଚଳିତ ଶିକ୍ଷାବର୍ଷରେ ବିଭିନ୍ନ ପ୍ରକାର କର୍ମଶାଳା, ସେମିନାର ଓ ନିଯୁକ୍ତି ଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଥିବା ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ କହିଛନ୍ତି।

# ଷ୍ଟେ-ଚେକ୍‌ଡ ହେଲ୍‌ଥ କେୟାର ଆପ୍ ଉନ୍ମୋଚିତ

ଭୁବନେଶ୍ୱର,୧୩।୯(ଅନୁରାଧା ମହାରଣା)

ଭୁବନେଶ୍ୱରର ଏକ ପ୍ରଯୁକ୍ତିବିଦ୍ୟା କମ୍ପାନୀ ଟ୍ରୋନିକ୍ସୱେ ପକ୍ଷରୁ ଷ୍ଟେ-ଚେକ୍‌ଡ ଆପ୍‌ର ଉନ୍ମୋଚନ କରାଯାଇଛି। ଏହି ଆପ୍ଲିକେଶନ ଏକ ଏକୀକୃତ ଡିଜିଟାଲ ଇକୋସିଷ୍ଟମ ମାଧ୍ୟମରେ ସ୍ୱାସ୍ଥ୍ୟସେବାର ବ୍ୟାପକ ସୁବିଧା ପ୍ରଦାନ କରିବ। ଏହି ଆପ୍‌ରେ ଡାକ୍ତରମାନଙ୍କ ପାଇଁ ଡିଜିଟାଲ ସହାୟକ ଉପକରଣ ରହିଛି। ଏହା ସାହାଯ୍ୟରେ ସ୍ଲଟ୍ ଓ ସମୟ ପରିଚାଳନା, ଚିକିତ୍ସା ରେକର୍ଡ ପ୍ରବେଶ, ଡିଜିଟାଲ ପ୍ରେସ୍‌କ୍ରିପ୍‌ଶନ ସୃଷ୍ଟି ଆଦି କାର୍ଯ୍ୟ କରାଯାଇପାରିବ। ରୋଗୀମାନେ ଅଙ୍ଗୁଳି ଚାଳନାରେ ଡାକ୍ତରଙ୍କ ଆପଏଣ୍ଟମେଣ୍ଟ ବୁକ୍‌କରି ସୁବିଧାଜନକ ସମୟ ସ୍ଲଟ୍ ଚୟନ କରିପାରିବେ। ଏହାଦ୍ୱାରା ଯେକୌଣସି ସମୟରେ ଚିକିତ୍ସା ରେକର୍ଡ ଦେଖି ତାହାକୁ ଡାଉନ୍‌ଲୋଡ୍ ମଧ୍ୟ କରିପାରିବେ। ଏକାଧିକ ଆକାଉଣ୍ଟ ସହ ପୂରା ପରିବାରର ସ୍ୱାସ୍ଥ୍ୟ ବିବରଣୀ ପାଇପାରିବେ। ଷ୍ଟେ-ଚେକ୍‌ଡର ପ୍ରତିଷ୍ଠାତା ଅସିତ କେ. ଧଳ କହିଛନ୍ତି, ଆମେ ଏପରି ଏକ ଭବିଷ୍ୟତ କଳ୍ପନା କରୁଛୁ ଯେଉଁଠାରେ ପ୍ରତ୍ୟେକ ଡାକ୍ତରଙ୍କର ଡିଜିଟାଲ ଉପକରଣ ରହିବ। ଏହା କାଗଜ କାର୍ଯ୍ୟ ପରିବର୍ତ୍ତେ ଡାକ୍ତରମାନେ ଚିକିତ୍ସା ଉପରେ ଧ୍ୟାନଦେବାକୁ ସହାୟତା କରିବ। ବର୍ତ୍ତମାନ ସୁଦ୍ଧା ସଫଳତାର ସହ ପ୍ରାୟ ୫୦ଟି କ୍ଲିନିକ ଅନ୍‌ବୋର୍ଡ କରାଯାଇଛି। ଏହାସହ ଭୁବନେଶ୍ୱର ଓ କଟକରେ ୨୫୦ରୁ ଅଧିକ ଡାକ୍ତରଙ୍କୁ ସଂଯୋଗ କରାଯାଇଛି। ଆସନ୍ତା ୬ମାସରେ ରାଜ୍ୟର ଅନ୍ୟ ସହରଗୁଡ଼ିକୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖାଯାଇଛି।




ଟ୍ରୋନିକ୍ସୱେ ପକ୍ଷରୁ ଷ୍ଟେ-ଚେକ୍‌ଡ ଆପ୍‌ର ଉନ୍ମୋଚନ କରାଯାଉଛି।

# ଝଲସିବ ଲକ୍ଷ୍ମୀନିବାସ ମନ୍ଦିର ତୋରଣ



### ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ



ପୂଜାରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱେଚ୍ଛାସେବୀଙ୍କ ସହିତ ପୋଲିସ ଓ ସୁରକ୍ଷା କର୍ମୀ ମୁତୟନ ରହିବେ। ସିସିଟିଭି ଲଗାଯାଇ ନଜର ରଖାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ଲୋକପ୍ରିୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଅଷ୍ଟମୀ ଦିନ ଅପରାହ୍ନରେ ୫ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଥିବା ବେଳେ ଦଶମୀରେ ମଧ୍ୟ ହଜାରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯିବ।

–ସୁବଳ ବେହେରା, ସଭାପତି

### ପାରମ୍ପରିକ ନୃତ୍ୟ, ବାଜାରେ ଭସାଣି



ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଶହୀଦନଗର ସମୂହ ଭସାଣି ଯାତ୍ରାରେ ସାମିଲ ହେବୁ। ଭସାଣିରେ ଡିଜେ, ବାଣ ବ୍ୟବହାର କରାଯିବ ନାହିଁ। ପାରମ୍ପରିକ ନୃତ୍ୟ, ଘୋଡା ନାଚ, ମୃଦଙ୍ଗ, ସିଂହ ବାଜା, ଢ଼ୋଲ ଓ ସମ୍ବଲପୁରୀ ବାଜା ରହିବ। ଏଥିସହ ଭସାଣିର ଆକର୍ଷଣ ପାଲଟିବ ପାରମ୍ପରିକ ଘଣ୍ଟ ବାଦ୍ୟ। ଶାନ୍ତିର ପ୍ରତାକା ଧରି ଯାତ୍ରା କରିବେ। ନିଶାଦ୍ରବ୍ୟକୁ ବାରଣ କରିବା ପାଇଁ ଲୋକଙ୍କୁ ସଚେତନତା କରାଯିବ।

– ଶ୍ରୀବତ୍ସ ରାଉତ, ସାଧାରଣ ସମ୍ପାଦକ



**ଧରାବତରଣ କରିବେ ମା'**

ଭୁବନେଶ୍ୱର,୧୩।୯(ସୁଚିସ୍ମିତା ସାହୁ)

**୪୫ ବର୍ଷରେ କଟକରୋଡ଼ ବ୍ୟବସାୟୀ ସଂଘ ଦୁର୍ଗାପୂଜା**

ଏଥର ଦୁର୍ଗାପୂଜାରେ ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳିବ ନୂଆଦିଲ୍ଲୀସ୍ଥିତ ଲକ୍ଷ୍ମୀନିବାସ ମନ୍ଦିରର ଝଲକ। କଟକରୋଡ଼ ବ୍ୟବସାୟୀ ସଂଘ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତବର୍ଷ କଟକରୋଡ୍ ବ୍ୟବସାୟୀ ସଂଘ ଦୁର୍ଗାପୂଜା ୪୫ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବାବେଳେ ଏଠାରେ ଲକ୍ଷ୍ମୀନିବାସ ମନ୍ଦିରର ତୋରଣ ଆକର୍ଷଣ ସାଜିବ। ତେବେ ଲକ୍ଷ୍ମୀସାଗର ଗ୍ରାମବାସୀଙ୍କ ସହଯୋଗରେ ମୂର୍ତ୍ତି, ତୋରଣ ନିର୍ମାଣଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ଆଗେଇ ଚାଲିଛି। ଏହି ତୋରଣର ଉଚ୍ଚତା ୭୦ ଫୁଟ ରହିଥିବା ବେଳେ ପ୍ରସ୍ଥ ୧୨୦ ଫୁଟ ରହିଛି। କାରିଗରଙ୍କ ଦ୍ୱାରା ମା'ଙ୍କର ୧୮ ଫୁଟର ମୂର୍ତ୍ତି ନିର୍ମାଣ କରାଯାଉଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ମା' ଚାନ୍ଦିର ମୁକୁଟ ପରିଧାନ କରିବେ। ମା'ଙ୍କ ସମେତ ସମସ୍ତ ପାର୍ଶ୍ୱ ଦେବଦେବୀମାନେ ମଧ୍ୟ ଚାନ୍ଦିର ମୁକୁଟ ପରିଧାନ କରୁଛନ୍ତି। ଆସନ୍ତା ବର୍ଷଠାରୁ ମା'ଙ୍କ ମେଢ଼ ଚାନ୍ଦିରେ କରାଯିବ। ଅଢ଼େଇ କୁଇଣ୍ଟାଲ ଚାନ୍ଦିରେ ମେଢ଼ ପ୍ରସ୍ତୁତି ଚାଲିଥିବାବେଳେ କାରିଗରମାନେ ୧୫ଦିନ ହେଲା କାମରେ ଲାଗିଛନ୍ତି। ପୂଜାରେ ଭିଡକୁ ନଜରରେ ରଖି ସଂଘ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସୁରକ୍ଷା ପାଇଁ ୧୦ଟି ସିସିଟିଭି ଲଗାଯିବା ସହିତ ୧୨୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ସହିତ ପୋଲିସ ନିୟୋଜିତ ରହିବେ। ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଦର୍ଶନ ପାଇଁ ପ୍ରଶସ୍ତ ପ୍ରବେଶ ପଥ ଓ ଗାଡି ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଛି। ଝାରପଡା ବ୍ରିଜ ପାଖରୁ ଷ୍ଟେଶନ ବଜାର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଆଲୋକ ସାଜସଜ୍ଜା କରାଯିବ। ଚଳିତବର୍ଷ ୮ଟି ଲାଇଟ ଗେଟ୍‌ର ଯୋଜନା ରହିଥିବାବେଳେ ନିଶାଦ୍ରବ୍ୟ ସେବନକୁ ବିରୋଧ କରାଯିବ। ମା'ଙ୍କ ପାଖରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ହେବ। ଷଷ୍ଠୀ ତିଥିରୁ ବେଲବରଣ ଓ କଳସ ଯାତ୍ରା କରାଯିବ। ସେଥିରେ ୨୧ଜଣ କଳସ ଧରି ଚିନ୍ତାମଣିଶ୍ୱର ମନ୍ଦିରରୁ ପାଣି ଧରି ଆସିବେ। ଷଷ୍ଠୀରୁ ଅଷ୍ଟମୀ ଯାଏ ସବୁଦିନ ସନ୍ଧ୍ୟାରେ ଭଜନ ସମାରୋହ ଏବଂ ନବମୀରୁ ଦଶମୀ ପର୍ଯ୍ୟନ୍ତ ମେଲୋଡି କାର୍ଯ୍ୟକ୍ରମ କରାଯିବ।

# ମହିଳା ସଶକ୍ତୀକରଣ, ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ

**ଗଣଶିକ୍ଷା, ମିଶନ ଶକ୍ତି ଶାସନ ସଚିବ ଶାଳିନୀ ପଣ୍ଡିତଙ୍କ ଖୋର୍ଦ୍ଧା ଗସ୍ତ**


ମିଶନ ଶକ୍ତି ବିଭାଗର ଶାସନ ସଚିବ ଶାଳିନୀ ପଣ୍ଡିତ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଖୋର୍ଦ୍ଧା/ବେଗୁନିଆ,୧୩।୯ (ପ୍ରଭାତ ପାଣିଗ୍ରାହୀ/ହରପ୍ରସନ୍ନ ପଣ୍ଡା)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ମିଶନ ଶକ୍ତି ବିଭାଗର ଶାସନ ସଚିବ ଶାଳିନୀ ପଣ୍ଡିତ ଶନିବାର ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବେଗୁନିଆ, ଖୋର୍ଦ୍ଧା ଏବଂ ଜଟଣୀ ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନୟନ ଯୋଜନାର କାର୍ଯ୍ୟକାରିତା, ଅଗ୍ରଗତି ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ଶୈକ୍ଷିକ ବାତାବରଣ, ଡ୍ରପଆଉଟ୍ ସଂଖ୍ୟା ହ୍ରାସ, ମହିଳା ସଶକ୍ତୀକରଣ, ଗ୍ରାମାଞ୍ଚଳର ମହିଳାଙ୍କୁ ସାମାଜିକ ସ୍ରୋତରେ ସାମିଲ ଉପରେ ଗୁରୁତ୍ୱ ଦେଇଛନ୍ତି। ପୂର୍ବାହ୍ନ ୧୧ଟାରେ ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ବାମଡିହସ୍ଥିତ ଏକ ବ୍ରଏଲର କୁକୁଡ଼ା ଫାର୍ମ ପରିଦର୍ଶନ କରିଥିଲେ। ପରେ ବେଗୁନିଆ ପଞ୍ଚାୟତ ଅନ୍ତର୍ଗତ କୁସୁପଲ୍ଲୀସ୍ଥିତ ଅଙ୍ଗନୱାଡି କେନ୍ଦ୍ର(୨) ପରିଦର୍ଶନ କରି ପିଲାଙ୍କ ଉପସ୍ଥାନ, ଟୀକାକରଣ, ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ଅଙ୍ଗନୱାଡି କେନ୍ଦ୍ରର ସ୍ୱଚ୍ଛତା, ପିଲାଙ୍କୁ ଉନ୍ନତମାନର ଖାଦ୍ୟ, ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଜାରି କରାଯାଉଥିବା ଯୋଜନାଗୁଡିକର ସଫଳ ରୂପାୟନ ଦିଗରେ ଅଙ୍ଗନୱାଡି କର୍ମୀଙ୍କ ପ୍ରମୁଖ ଭୂମିକା ରହିଛି। ପିଲାଙ୍କ ସ୍ୱାସ୍ଥ୍ୟ ଯତ୍ନନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦାୟିତ୍ୱରେ ଥିବା ଅଙ୍ଗନୱାଡି କର୍ମୀ, ସହାୟିକା, ସ୍ଥାନୀୟ ସିଡିପିଓଙ୍କ ସହିତ ବିଭିନ୍ନ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରୁ ଏକ ମହିଳା ଗୋଷ୍ଠୀ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରି ସେମାନଙ୍କ ସହିତ ଉତ୍ପାଦିତ ସାମଗ୍ରୀର ଗୁଣବତ୍ତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ମହିଳାଙ୍କ ଆର୍ଥିକ ବିକାଶ, ସ୍ୱାବଲମ୍ବୀ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଗ୍ରାମାଞ୍ଚଳର ବିକାଶରେ ସ୍ୱୟଂସହାୟିକା ଗୋଷ୍ଠୀଙ୍କର ଏକ ପ୍ରମୁଖ ଭୂମିକା ରହିଛି। ବିଭିନ୍ନ ଯୋଜନାରେ ଦିଆଯାଉଥିବା ଋଣକୁ ଠିକ୍ କାର୍ଯ୍ୟରେ ଲଗାଇ ଆର୍ଥିକ ସ୍ୱାବଲମ୍ବନ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି କୁଶପଲାରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ରାଉତପଡ଼ା ବୁଣାକାର ଉତ୍ପାଦକ ଗୋଷ୍ଠୀକେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ କାର୍ଯ୍ୟରତ ମହିଳାଙ୍କ ସହ ସରକାରଙ୍କ ବୟନଶିଳ୍ପ ଓ ହସ୍ତତନ୍ତ ବିଭାଗ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ରାଜ୍ୟର ବିକାଶରେ ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଭୂମିକା ରହିଛି। ବୁଣାକାରମାନଙ୍କ ଆର୍ଥିକ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ଯୋଜନାର ଲାଭ ଉଠାଇବା ସହ ଅଧିକରୁ ଅଧିକ ଉନ୍ନତମାନର ବସ୍ତ୍ର ବୁଣିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାପରେ ଖୋର୍ଦ୍ଧା ବ୍ଲକ ନନ୍ଦପୁର ପଞ୍ଚାୟତର ଅନ୍ତେଦ୍ୟୋୟ ହିତାଧିକାରୀ ମାଗି ଦେବୀ ଏବଂ କୁସୁମ ନାୟକଙ୍କ ଘର ପରିଦର୍ଶନ କରିଥିଲେ। ପରେ ମିଶନଶକ୍ତି ଗୃହ ପରିଦର୍ଶନ କରି ଉପସ୍ଥିତ ମହିଳାଙ୍କ ସହ ଉକ୍ତ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରୁ ଜଟଣୀ ବ୍ଲକ ବେଣାପଞ୍ଜୁରୀ ପଞ୍ଚାୟତର ଗ୍ରାମୀଣ ଶିଳ୍ପ ପରିଦର୍ଶନ କରିଥିଲେ। ସେଠାରେ କାର୍ଯ୍ୟରତ ମହିଳା ଏସଏଚ୍‌ଜିମାନଙ୍କ ସହ ଆଲୋଚନା କରିଥିଲେ। ଶାସନ ସଚିବ ପଣ୍ଡିତଙ୍କ ଏହି ଗସ୍ତ ସମୟରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ରବି ପଟ୍ଟନାୟକ, ବିଭାଗୀୟ ଅଧିକାରୀ, ସ୍ଥାନୀୟ ବିଡିଓ, ସିଡିପିଓ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ: ୧୯୫ ମାମଲା ଫଇସଲା




**୧କୋଟି ୮୪ଲକ୍ଷ ୫୧ହଜାର ଟଙ୍କା ଜରିମାନା ଆଦାୟ**

ଖୋର୍ଦ୍ଧା,୧୩।୯ (ପ୍ରଭାତ ପାଣିଗ୍ରାହୀ)

ରାଷ୍ଟ୍ରୀୟ ଲୋକ ଅଦାଲତ ଖୋର୍ଦ୍ଧା କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜୁଲତା ଲେଙ୍କା ଅଧ୍ୟକ୍ଷତା କରିଥିଲେ। ଏହି ଲୋକ ଅଦାଲତରେ ଫୌଜଦାରି, ଦେୱାନୀ, ମୋଟରଯାନ ଦୁର୍ଘଟଣା, ବୈବାହିକ ମାମଲା ଏବଂ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମାମଲା ବିଚାର କରାଯାଇଛି। ମୋଟ୍ ୪୯୯ଟି ମାମଲାରୁ ୧୯୫ଟି ବିଚାର କରାଯାଇ ୧କୋଟି ୮୪ଲକ୍ଷ ୫୧ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୨୦ଟି ଜାତୀୟକରଣ ବ୍ୟାଙ୍କର ୧୯ଟି ମାମଲା ବିଚାରକୁ ନିଆଯାଇ ୧୭ଟି ଫଇସଲା କରାଯାଇ ୪ଲକ୍ଷ ୪୫ହଜାର ଟଙ୍କା ଆଦାୟ କରାଯାଇଛି। ଏଥିରେ ଖୋର୍ଦ୍ଧା କୋର୍ଟର ସମସ୍ତ ବିଚାରପତି ସହଯୋଗ କରିଥିଲେ। ତାଲୁକା ଆଇନ ସେବା କମିଟି ସମ୍ପାଦକ ବସନ୍ତ ଶତପଥୀ ସଂଯୋଜନା କରିଥିଲେ। ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର, ସମ୍ପାଦକ କ୍ଷୀରୋଦ ମୋହନ ସ୍ୱାଇଁ, ଆଇନଜୀବୀ ପ୍ରଭାତ ବେହେରା, ବିକ୍ରମ ଚମ୍ପତି, ମନ୍ମଥ ମିଶ୍ର, ନାସିର ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

### ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

ବୋଲଗଡ଼,୧୩।୯ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଫାସୀଓଦା ପଞ୍ଚାୟତ ଟାଙ୍ଗୀସାହି ଗ୍ରାମସ୍ଥିତ ମା' ଶିଖରବାସିନୀ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ମିଳିତ ଆବାହକତ୍ୱରେ ଦୁର୍ଗାପୂଜା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଶନିବାର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୀନବନ୍ଧୁ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କମିଟି ସଦସ୍ୟ ଓ ଗ୍ରାମବାସୀ ଯୋଗଦେଇଥିଲେ। ସପ୍ତମୀ ଦିନଠାରୁ ନବମୀ ପର୍ଯ୍ୟନ୍ତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କନ୍ଦନା ଲୁହ ସରିଯିବ, କିଏ କାନ୍ଦି ନାହିଁ ହାତ ଟେକ, ଦରିଆ କୂଳର ଦରଦୀ ବନ୍ଧୁ ଆଦି ସାମାଜିକ ନାଟକ ପରିବେଷଣ ସହିତ ଦଶମୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବାହିନୀ ସହଯୋଗ ଲୋଡ଼ାଯିବ। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ମା'ଙ୍କ ପୂଜା ନୀତି ସମ୍ପାଦନ ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଛି। କମିଟି ସମ୍ପାଦକ ଜନ୍ମେଜୟ ମାଝୀ ବାର୍ଷିକ ବିବରଣୀ ପାଠକରିଥିବା ବେଳେ କୋଷାଧ୍ୟକ୍ଷ ସୁକାନ୍ତ ବେହେରା ଗତବର୍ଷର ଆୟବ୍ୟୟ ହିସାବ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଧମକଦେବା ଅଭିଯୋଗ: ଜଣେ ଗିରଫ

ଟାଙ୍ଗୀ,୧୩।୯ (ରଘୁନାଥ ସାହୁ)

ଟାଙ୍ଗୀ ବନାଞ୍ଚଳ ଅଧିକାରୀଙ୍କୁ ବାରମ୍ବାର ଫୋନ କରି ହଇରାଣ କରିବା ସହ ଧମକ ଦେବା ଅଭିଯୋଗରେ ଶୁକ୍ରବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ସାନଖୁଜଲା ଗ୍ରାମର ଶେଖ ସାକିବ ହୁସେନ। ଏନେଇ ଟାଙ୍ଗୀ ଥାନାରେ ଏକ ମାମଲା (ନଂ.୩୩୨/୨୫)ରୁଜୁ ହୋଇଛି। ସୂଚନା ମୁତାବକ, ରେଞ୍ଜର ଦେବାଶିଷ ଭୋଇଙ୍କୁ ବିଭିନ୍ନ ସମୟରେ ଅଭିଯୁକ୍ତ ଜଣଙ୍କ ଫୋନ କରି ହଇରାଣ କରୁଥିଲେ। ଉକ୍ତ ଫୋନ ନମ୍ବରକୁ ରେଞ୍ଜର ବ୍ଲକ୍ କରିବା ପରେ ଅନ୍ୟ ଏକ ଫୋନ ନମ୍ବରରୁ ବାରମ୍ବାର ଫୋନକଲ ଆସୁଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତ ଶେଖ ସାକିବ ହୁସେନ କହିଛନ୍ତି ଯେ, ରେଞ୍ଜର ଚାକିରି କରାଇଦେବା ପାଇଁ ୪୦ଜଣଙ୍କଠାରୁ ଟଙ୍କା ନେଇଛନ୍ତି। ସେହି ଟଙ୍କା ଫେରସ୍ତ କରିବା ପାଇଁ ବାରମ୍ବାର ଫୋନ କରିଥିଲି।

### ଅଗ୍ନିବିପନ୍ନ ପରିବାରକୁ ସହାୟତା ପ୍ରଦାନ

କୃଷ୍ଣପ୍ରସାଦ,୧୩।୯ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଧୀନ ବଡ଼ଅଁଳ ପଞ୍ଚାୟତ ଖଟିଆକୁଦି ଗ୍ରାମର ଅଗ୍ନିବିପନ୍ନ ପରିବାର ମାୟାଧର ତରେଇଙ୍କୁ ସ୍ଥାନୀୟ ସରପଞ୍ଚ ବୀଣାପାଣି ପ୍ରଧାନ ସହଯୋଗର ହାତ ବଢ଼ାଇଛନ୍ତି। ସରପଞ୍ଚ ପ୍ରଧାନ ବିପନ୍ନ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହ ଆର୍ଥିକ ସହାୟତା ଓ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ସୂଚନାଥାଉ କି, ଶୁକ୍ରବାର ଗ୍ୟାସ ଲିକ ଯୋଗୁ ହଠାତ୍ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିଲା। କ୍ଷତିଗ୍ରସ୍ତ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ବାସଗୃହ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଶୃଙ୍ଖଳା, ପରିଶ୍ରମ ସଫଳତା ଆଣେ


ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ ଓ ଉତ୍ସାହ'ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଭାଧାରୀ।

**ଜିଲାସ୍ତରୀୟ 'ମହକ ଓ ଉତ୍ସାହ' ଉଦ୍‌ଯାପିତ**

ଖୋର୍ଦ୍ଧା,୧୩।୯ (ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ ଓ ଉତ୍ସାହ-୨୦୨୫' ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଜେବି ହାଇସ୍କୁଲ ସମ୍ମିଳନୀ କକ୍ଷରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସଙ୍ଗୀତଜ୍ଞ ଶୈଳେନ୍ଦ୍ର ପାତ୍ର, ଗୀତିକାର ସୂର୍ଯ୍ୟ ଶ୍ରୀକାନ୍ତ ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। କଠିନ ପରିଶ୍ରମ ସଫଳତାର ମାପକାଠି ବୋଲି କହିଥିଲେ। ନୀରବ ସାଧନା, ଏକାଗ୍ରତା, ଶୃଙ୍ଖଳିତ ଜୀବନଶୈଳୀ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। ଡେପୁଟି କଲେକ୍ଟର(ଜରୁରିକାଳୀନ) ଶ୍ରୀତପା ମିଶ୍ର, ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ବିଭୂପ୍ରସାଦ ସେନାପତି, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଇନ୍ଦିରା ରଥ, ଶିଶୁ କଲ୍ୟାଣ ସମିତି ସଦସ୍ୟା ସ୍ୱପ୍ନା ତ୍ରିପାଠୀ, ମନୀଷା ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଅତିଥି ପରିଚୟ, ସ୍ୱାଗତ ଭାଷଣରେ ମହୋତ୍ସବ ଆୟୋଜନ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।

ଏହି ଶିଶୁ ମହୋତ୍ସବରେ ଜିଲାର ସମସ୍ତ ଶିଶୁଯତ୍ନ ଅନୁଷ୍ଠାନର ୨୫୦ଜଣ ଅନ୍ତେବାସୀ ଫୁଟ୍‌ବଲ, କ୍ୟାରମ, ଚେସ୍, ଶହେ ମିଟର ଦୌଡ଼, ଉଚ୍ଚ ଓ ଲମ୍ବା ଡିଆଁ, ନୃତ୍ୟ ସଙ୍ଗୀତ, ବକ୍ତୃତା, ପ୍ରଶ୍ନୋତ୍ତରୀ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମେଡାଲ, ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବାଳିକା ଶହେ ମିଟର ଦୌଡ଼ରେ ନରସୀମା ବେଗମ, ବାଳକ ବର୍ଗରେ ରଶ୍ମି ରଞ୍ଜନ ଦେହୁରି, ଉଚ୍ଚଡିଆଁ ବାଳିକା ବର୍ଗରେ ଝରଣା ପ୍ରଧାନ, ବାଳକ ବର୍ଗରେ ବାବୁ ରାଓ, ନୃତ୍ୟରେ ଆଦୃତ ଶିଶୁଯତ୍ନ ଅନୁଷ୍ଠାନ, ଚିତ୍ରାଙ୍କନରେ ମାନିନା ସିଂହ, ପ୍ରଶ୍ନୋତ୍ତରୀରେ ଏନ୍ ନରେଶ ରାଓ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏହି ସମସ୍ତ କୃତୀ ପ୍ରତିଯୋଗୀ ଆଗାମୀ ରାଜ୍ୟସ୍ତରୀୟ ମହକ ଓ ଉତ୍ସାହରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ୟୁନିଟ୍ ଆନୁଷ୍ଠାନିକ ଯତ୍ନ ଅଧିକାରୀ ଶଚିନ୍ଦ୍ର ନାଥ ସାହୁ, ଅଶୋକ ସେଠୀ, ସୁକାନ୍ତ ପୃଷ୍ଟି, ରଞ୍ଜନ ଗୋଚ୍ଛାୟତ, ରୀତାଞ୍ଜଳି ମହାନ୍ତି, ମନସ୍ୱିନୀ ମହାପାତ୍ର, ସତ୍ୟବ୍ରତ ସାମନ୍ତରା, ସଚ୍ଚିଦାନନ୍ଦ ସେଠୀ, ଶୁଭାଶିଷ ପଟ୍ଟନାୟକ, ନିରାଳି ପ୍ରଧାନ, ଅର୍ଚ୍ଚନା ରାୟ ପ୍ରମୁଖ ପରିଚାଳନା କରିଥିଲେ।

### ଦୋକାନରୁ ଟଙ୍କା, ସାମଗ୍ରୀ ଚୋରି

ଟାଙ୍ଗୀ,୧୩।୯ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ନିକଟ ଗୋଲେଇ ଛକଠାରେ ଥିବା ଟି ସ୍ନାକ୍ସ ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗୋପୀନାଥ ମହାପାତ୍ରଙ୍କ ଟି ସ୍ନାକ୍ସ ଦୋକାନର ତାଲା ଭାଙ୍ଗି ଗ୍ୟାସ୍ ଟାଙ୍କି, ୧୫ହଜାର ଟଙ୍କା, ଦାମୀ ମୋବାଇଲ, ଇନ୍‌ଭର୍ଟର ଓ ଅନ୍ୟାନ୍ୟ ସାମଗ୍ରୀ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ଏନେଇ ଶନିବାର ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ପୋଲିସ ପାଟ୍ରୋଲିଂ ଅଭାବରୁ ଚୋରି ବଢ଼ିଚାଲିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଟାଙ୍ଗୀ ଅଞ୍ଚଳରେ ବଢୁଛି ନିଶା କାରବାର

ଟାଙ୍ଗୀ,୧୩।୯ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡ଼ି, ରତନପୁର, ସୋରଣ, ମାନସିଂହପୁର, କୁଞ୍ଜୁରୀ, ହାଟବରଡ଼ି, ବିରିବାଡ଼ି ଓ ଚଣ୍ଡେଶ୍ୱର ପଞ୍ଚାୟତ ଅଞ୍ଚଳରେ ନିଶା କାରବାର ଦିନକୁ ଦିନ ବଢ଼ିଚାଲିଛି। ବେଆଇନ ଭାବେ ମଦ, ଗଞ୍ଜେଇ ଏବଂ ବ୍ରାଉନ୍‌ସୁଗାର ବିକ୍ରି ହେଉଛି। ଏହି କାରବାରରେ ମହିଳା, ଯୁବପିଢ଼ି ଓ ଛାତ୍ରଙ୍କ ସମ୍ପୃକ୍ତି ରହିଥିବା ନଜିର ରହିଛି। ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଲାଳସାରେ ଏହି କାରବାରରେ ଲିପ୍ତ ରହୁଛନ୍ତି। କୁହୁଡ଼ି ବସ୍‌ଷ୍ଟାଣ୍ଡ, ଚଣ୍ଡେଶ୍ୱର, ଦୀକ୍ଷିତପଡା, ଜନତା କଲେଜ ପଡିଆ, କୁହୁଡ଼ି ବଜାର, ସ୍କୁଲ ପଡିଆ, ବାମ୍ଫିସାହି ଛକ, ନରହରି ସାହି ଛକ, ଘୋଡ଼ାଦୌଡ଼ ଛକ ଓ ପାଲା ପଡିଆ ଛକ ନିଶା କାରବାରର କେନ୍ଦ୍ରସ୍ଥଳୀ ପାଲଟିଛି। ପାନ ଦୋକାନ, ମୋବାଇଲ ଦୋକାନ, ଗ୍ରୋସେରି, ପରିବା ଦୋକାନ ଆଳରେ ନିଶା କାରବାର ଚାଲିଛି। ନିଶା ବେପାରୀମାନେ ଖୁଲମଖୁଲା ବେପାର କରୁଛନ୍ତି। ମଦ୍ୟପାନ କରି କେତେଜଣ ଅସାମାଜିକ ଗଣ୍ଡଗୋଳ କରିବା ସହ ମହିଳାମାନଙ୍କୁ ଗାଳିଗୁଲଜ ଏବଂ ସନ୍ଧ୍ୟାରେ ପାଠ ପଢ଼ିବାକୁ ଯାଉଥିବା ପିଲାମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ତେବେ ଅବକାରୀ ବିଭାଗ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଏହି ନିଶା କାରବାର ରୋକିବାକୁ କୌଣସି ପଦକ୍ଷେପ ନିଆଯାଉ ନାହିଁ, ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ବାଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ: ୪୦ ମାମଲା ଫଇସଲା

ବାଣପୁର,୧୩।୯ (ଦିଲୀପ କୁମାର ସ୍ୱାଇଁ)

ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଶନିବାର ବାଣପୁର ବିଚାର ବିଭାଗୀୟ ଅଦାଲତ ପରିସରରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଉତ୍ସିତା ପ୍ରିୟା ଏକ୍କା ଯୋଗଦେଇ ବିଭିନ୍ନ ମାମଲାର ଫଇସଲା କରିଥିଲେ। ଗୋଟିଏ ବ୍ୟାଙ୍କର ପ୍ରାକ ବିବାଦୀୟ ମୋକଦ୍ଦମାର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ ୬୬ ହଜାର ୪୪୫ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ୩୨ଟି ଫୌଜଦାରୀ, ୬ଟି ଦେୱାନୀ ଏବଂ ଗୋଟିଏ ବୈବାହିକ ବିବାଦ ମକଦ୍ଦମା ସମେତ ମୋଟ୍ ୪୦ଟି ମାମଲାର ଫଇସଲା ହୋଇଥିଲା। ଓକିଲ ସଂଘର ସମସ୍ତ ସଦସ୍ୟ ଏବଂ ଅଦାଲତ କର୍ମଚାରୀଙ୍କ ସମେତ ବାଣପୁର ଓ ବାଲୁଗାଁ ଅଞ୍ଚଳର ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ପରିଚାଳନାରେ ସହାୟତା କରିଥିଲେ।

## ଚିଲିକା-ବାଲୁଗାଁ ରୋଟାରି କ୍ଲବ୍‌ର ଅଧିଷ୍ଠାନ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବାଲୁଗାଁ,୧୩।୯ (ସଂଗ୍ରାମ ପାଇକରାୟ)

ଚିଲିକା-ବାଲୁଗାଁ ରୋଟାରୀ କ୍ଲବର ଦଶମ ଅଧିଷ୍ଠାନ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଶନିବାର ବାଲୁଗାଁସ୍ଥିତ ଦିଗନ୍ତିକା ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋଟାରି ଜିଲାର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ଶିବବ୍ରତ ଦାଶ ମୁଖ୍ୟ ଅତିଥି, ରୋଟରିଆନ ଆଶୁତୋଷ ସାମନ୍ତସିଂହାର ଏବଂ ଡା. ସୁରେନ୍ଦ୍ରନାଥ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜାତୀୟ ସଙ୍ଗୀତ ଗାନ ପରେ ବିଜୟଲକ୍ଷ୍ମୀ ପଣ୍ଡା ଓ ସୁପ୍ରଭା ବାରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ରୋଟାରିଆନ ଜାନକୀ ବଲ୍ଲଭ ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହାପରେ ମୁଖ୍ୟ ଅତିଥି ଦାଶ ଚଳିତବର୍ଷର ନୂତନ କ୍ଲବ ସଭାପତି ଗଜେନ୍ଦ୍ର ସେଠି ଓ ସମ୍ପାଦକ ଯଦୁମଣୀ ତରାଇଙ୍କୁ ସେମାନଙ୍କ ନୂତନ ପଦବୀରେ ଅଧିଷ୍ଠିତ କରାଇଥିଲେ। ଏଥିସହ ବୋର୍ଡ ନିର୍ଦ୍ଦେଶକ ଭାବେ ଆଶୁତୋଷ ସାମନ୍ତସିଂହାର, ଜାନକୀ ବଲ୍ଲଭ ପଟ୍ଟନାୟକ, କୈଳାସ ଚନ୍ଦ୍ର ମହାରଣା, ସତ୍ୟେନ୍ଦ୍ର ସ୍ୱାଇଁ, ନମିତା ଝା, ଅମୂଲ୍ୟ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ କ୍ଲବରେ ନୂତନଭାବେ ଯୋଗଦେଇଥିବା ୧୪ଜଣ ସଦସ୍ୟଙ୍କୁ ମୁଖ୍ୟ ଅତିଥି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଚଳିତବର୍ଷର କୃତୀ ଶିକ୍ଷୟିତ୍ରୀ ବିଶ୍ୱ ରଞ୍ଜିତା ପ୍ରଧାନ, ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, କୁମାର ଆଭାମୟ ରଥ, ପବିତ୍ର ବେହେରା ଏବଂ ହାଡ଼ିବନ୍ଧୁ ବେହେରାଙ୍କୁ ରାଷ୍ଟ୍ର ନିର୍ମାତା ପୁରସ୍କାର ପ୍ରଦାନ କରାଯାଇଥିଲା। ରୋଟାରୀ କ୍ଲବ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ କୈଳାସ ଚନ୍ଦ୍ର ମହାରଣା ସଞ୍ଚାଳନ କରିଥିବା ବେଳେ ବରିଷ୍ଠ ରୋଟାରିଆନ ପଞ୍ଚାନନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୧କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ବେପାରୀ ଗିରଫ

**ଅଟୋରେ ହେଉଥିଲା ଚାଲାଣ**

ନିରାକାରପୁର,୧୩।୯ (ମାନସ ଚନ୍ଦ୍ର ପଟ୍ଟନାୟକ)


ମାଗୁଣି ସାହୁ

ଜଙ୍କିଆ ଥାନା ପୋଲିସ ଶନିବାର ଛଣଗିରି କବରସ୍ଥାନ ନିକଟରୁ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ସିକୋ ଫାଣ୍ଡି ଅଧୀନ ସିକୋ ଗ୍ରାମର ମାଗୁଣି ସାହୁ(୬୨)। ତାଙ୍କ ନିକଟରୁ ୨୧ କେଜି ୫୦୦ଗ୍ରାମ୍ ଗଞ୍ଜେଇ, ଏକ ଅଟୋ ଏବଂ ୩୭୨୦ ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୨୭/୨୫)ରୁଜୁ ପରେ ମାଗୁଣିଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସୁଶାନ୍ତ ବେହେରା ସୂଚନା ଦେଇଛନ୍ତି। ସୂଚନା ମୁତାବକ, ମାଗୁଣି ଏକ ବସ୍ତାରେ ଗଞ୍ଜେଇ ପ୍ୟାକିଂ କରି ଅଟୋ(ଓଡି ୦୭ ୩୪୮୮)ରେ ସିକୋରୁ ଜଙ୍କିଆ ଅଭିମୁଖେ ଯାଉଥିଲେ। ଖବରପାଇ ପୋଲିସ ଛଣଗିରି କବରସ୍ଥାନ ନିକଟରେ ଚଢ଼ାଉ କରି ମାଗୁଣିଙ୍କୁ ଧରିବା ସହ ଗଞ୍ଜେଇ ଜବତ କରିଥିଲା।

## ୪୬୪ ହିତାଧିକାରୀଙ୍କୁ ମିଳିଲା ରାଶନକାର୍ଡ


ଜଣେ ହିତାଧିକାରୀ ରାଶନକାର୍ଡ ନେଉଛନ୍ତି।

ନିରାକାରପୁର,୧୩।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକର ୨୬ଟି ପଞ୍ଚାୟତରେ ଶନିବାର ପ୍ରଶାସନ ପକ୍ଷରୁ ୪୬୪ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରାଯାଇଛି। ଏନେଇ ବ୍ଲକ କାର୍ଯ୍ୟାଳୟରେ ବିଡିଓ ରୁମାନା ଜାସ୍ମିନଙ୍କ ସଭାପତିତ୍ୱରେ ବଣ୍ଟନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଧାୟକଙ୍କ ପ୍ରତିନିଧି ଭାଗୀରଥି ସାମନ୍ତରାୟ, ବ୍ଲକ ଉପାଧ୍ୟକ୍ଷ ଦୂରୁନାଥ ଶର୍ମା, ସାନରାଉତପଡ଼ା ସରପଞ୍ଚ କିଶୋର କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ବଣ୍ଟନ କରିଥିଲେ। ଶେଷରେ ବ୍ଲକ ଖାଉଟି ଯୋଗାଣ ନିରୀକ୍ଷକ ଶିବରାମ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ୫୨ ୟୁନିଟ୍ ରକ୍ତ ସଂଗ୍ରହ

ଖୋର୍ଦ୍ଧା,୧୩।୯ (ପ୍ରଭାତ ପାଣିଗ୍ରାହୀ)

ନବୀନାବାଗ ସ୍ଥିତ ବକ୍ସି ଜଗବନ୍ଧୁ କ୍ଲବର ସଭ୍ୟ ତଥା ଯୁବ ସ୍ୱେଚ୍ଛାସେବୀ ଦିବଂଗତ ଲେଲିନ ପାଇକରାୟଙ୍କ ସ୍ମୃତିରେ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଜୁଶ୍ରୀ କଲ୍ୟାଣୀ ମଣ୍ଡପଠାରେ ରକ୍ତଦାନ ଶିବିର ଏବଂ ସ୍ମୃତିଚାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଡ.ସଞ୍ଜୟ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ୫୨ରୁ ଊର୍ଦ୍ଧ୍ୱ ରକ୍ତଦାତା ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ଦେବେନ୍ଦ୍ର ଶତପଥୀ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ବ୍ଲଡ ବ୍ୟାଙ୍କ ଡା.ସୌରଭ ସୁନ୍ଦର ରାୟ, ଡା.ଜୟ ନାରାୟଣ ପାଢୀ, ଅରୁଣ କୁମାର ସାହୁ ଓ ଟିମ ରକ୍ତ ସଂଗ୍ରହ କରିଥିଲେ। ସ୍ମିତ ରଞ୍ଜନ ବଳିୟାରସିଂହ, ଦିଲନ କୁମାର ଜେନା, ନିରାକାର ବଳିୟାରସିଂହ, ଦେବାଶିଷ ସାହୁ, ସତ୍ୟ ପ୍ରକାଶ ସାହୁ, ସମୀର ସ୍ୱାଇଁ, ପ୍ରିୟବ୍ରତ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## ଡକାୟତି ଯୋଜନା: ୫ ଗିରଫ, ମାରଣାସ୍ତ୍ର ଜବତ

ଖୋର୍ଦ୍ଧା,୧୩।୯ (ପ୍ରଭାତ ପାଣିଗ୍ରାହୀ)


ଗିରଫ ୫ ଅଭିଯୁକ୍ତ, ଜବତ ମାରଣାସ୍ତ୍ର ଏବଂ ବାଇକ୍।

ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୋଲିସ ଗଡ଼ଖୋର୍ଦ୍ଧାସ୍ଥିତ ଗଡ଼ଚଣ୍ଡୀ ମନ୍ଦିର ନିକଟରେ ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାତ୍ରପଡ଼ା ସିଜୁଆର ଅନିଲ ପ୍ରଧାନ(୩୦) ଓ ସୁନୀଲ ପ୍ରଧାନ(୩୬), ଶିଳ୍ପାଞ୍ଚଳ ଥାନା ମୁକୁନ୍ଦପ୍ରସାଦର କ୍ରିଷ୍ଣା କୁମାର ପ୍ରଧାନ(୨୬), ତାଜ୍ ଖାନ୍(୨୭) ଏବଂ ଆଦର୍ଶ ଥାନା ଅନ୍ତର୍ଗତ ଗଡ଼ଦ୍ୱାରସାହିର ମୀନକେତନ ଆଚାର୍ଯ୍ୟ (୩୪)। ଏମାନଙ୍କଠାରୁ ଦେଶୀ ବନ୍ଧୁକ, ୪ଟି ବୋମା, ଗୋଟିଏ ଛୁରି, ପ୍ଲାଷ୍ଟିକ ପାଇପ, ପ୍ଲାସ, ଲୁହାରଡ, ଆଇରନ କଟର, ଦୁଇଟି ବାଇକ୍ ଜବତ କରାଯାଇଛି। ସୂଚନା ମୁତାବକ, ଶନିବାର ଭୋର ସାଢ଼େ ୪ଟାରେ ଏସ୍‌ଆଇ ସୁନୀତା ବେହେରା ଟିମ୍ ସହ ଗଡ଼ଖୋର୍ଦ୍ଧାଠାରୁ ବେଣାପଞ୍ଜୁରୀ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ କେତେଜଣ ଯୁବକ ଡକାୟତି ପାଇଁ ଯୋଜନା କରୁଥିବା ଖବର ପାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଅନିଲ ମହାନ୍ତିଙ୍କ ନେତୃତ୍ୱରେ ଶିଳ୍ପାଞ୍ଚଳ ଥାନା ଭାରପ୍ରାପ୍ତ ଅଧିକାରୀ ଏସ୍‌ଆଇ ବାସୁଦେବ ଜୟସିଂ ସଦଳବଳ ପହଞ୍ଚି ଯୁବକମାନଙ୍କୁ କାବୁ କରିବା ସହ ଉପରୋକ୍ତ ମାରଣାସ୍ତ୍ର ଜବତ କରିଥିଲେ। ଏହି ରାସ୍ତା ଦେଇ ଯାଉଥିବା ମାଲବାହୀ ଟ୍ରକ୍ ଚାଳକଙ୍କଠାରୁ ଲୁଟ ପାଇଁ ଯୋଜନା କରୁଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏନେଇ ଏସ୍‌ଆଇ ସୁନୀତା ବେହେରାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୩୧୦/୨୫) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

**ନୟାହାଟରେ ନିମ୍ନମାନର ନଳକୂପ ଯନ୍ତ୍ରାଂଶ ବିକ୍ରି**

ଯୋଗେଶ୍ୱରପୁର, (ରଶ୍ମିରଞ୍ଜନ ସାହୁ): ନୟାହାଟ ଅଞ୍ଚଳରେ ନିମ୍ନମାନର ନଳକୂପ ଯନ୍ତ୍ରାଂଶ ବିକ୍ରି ହେଉଛି। ଗ୍ରାମାଞ୍ଚଳରେ ସ୍ଥାପନ କରାଯାଉଥିବା ସରକାରୀ ନଳକୂପରେ ନକଲି ୱାଶର, ସିଟିଲ, ରଡ ଏବଂ ପ୍ଲାଷ୍ଟିକ ପାଇପ ଆଦି ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ନଳକୂପ ଅଳ୍ପଦିନରେ ଅଚଳ ହୋଇପଡୁଥିବାବେଳେ ସରକାରୀ ଅର୍ଥ ତୋସରପାତ ହେଉଛି। ଏହିସବୁ ସାମଗ୍ରୀ ବିକ୍ରି କରୁଥିବା ସଂସ୍ଥାକୁ ଠାବ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

# ଉନ୍ନୟନ ଯୋଜନାର ସମୀକ୍ଷାକଲେ ନୋଡାଲ ସଚିବ

**ପୁରୀ,୧୩।୯(ଅଜିତ୍ କୁମାର ମହାନ୍ତି)**



ବୈଠକରେ ଶାସନ ସଚିବ ଚିତ୍ରା ଅରୁମୁଗମ ଓ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସମେତ ଅନ୍ୟ ଅଧିକାରୀମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ ଜିଲା ଦାୟିତ୍ୱରେ ଥିବା ନୋଡାଲ ସଚିବ ତଥା ବିଜ୍ଞାନ ଓ ବୈଷୟିକ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ଶନିବାର ପୂର୍ବାହ୍ନରେ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ପୁରୀ ଜିଲାର ସ୍ଥିତି ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଛନ୍ତି। ସରକାର ଲୋକମାନଙ୍କ ମୌଳିକ ଆବଶ୍ୟକତା ପୂରଣ ସହ ସେମାନଙ୍କ ବିକାଶ ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିଥାନ୍ତି। ଯୋଗ୍ୟତା ଅନୁସାରେ ହିତାଧିକାରୀଙ୍କୁ ସାମିଲ କରି ଏହାର ସୁଫଳ ଯୋଗାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ନୋଡାଲ ସଚିବ ଚିତ୍ରା ଅରୁମୁଗମ କହିଛନ୍ତି। ଯୋଜନା ଓ ପ୍ରକଳ୍ପର ପ୍ରକୃତ ଲକ୍ଷ୍ୟ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ୍ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ ସହ ଜିଲାରେ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ପଞ୍ଚଦଶ ଅର୍ଥ କମିଶନର ବିଭିନ୍ନ କାର୍ଯ୍ୟ, ଗ୍ରାମ୍ୟ ଜଳଯୋଗାଣ, ସହରାଞ୍ଚଳରେ [illegible] ଜଳଯୋଗାଣ, ପ୍ରାଣୀ ସମ୍ପଦ, ବିଦ୍ୟୁତ୍, ପର୍ଯ୍ୟଟନ, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଜଳସମ୍ପଦ ଇତ୍ୟାଦି ବିଭାଗ ସମ୍ପର୍କରେ ନୋଡାଲ୍ ସଚିବ ସମୀକ୍ଷା କରିବା ସହ କାର୍ଯ୍ୟରେ ଉନ୍ନତି ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ପରେ କ୍ଷେତ୍ର ପରିଦର୍ଶନ କରି ଅରୁମୁଗମ ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ ପରାମର୍ଶ ଦେବା ସହ ହିତାଧିକାରୀଙ୍କ ସହ କଥା ହୋଇଥିଲେ। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୁଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପୁଷ୍ଟି ଧନ୍ୟବାଦ ଦେଇଥିଲେ।

## ୧୭ରୁ ଭାଜପା ପାଳିବ 'ସେବା ପକ୍ଷ'

**ଅସ୍ତରଙ୍ଗ,୧୩।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ 'ସେବା ପକ୍ଷ' ଭାବେ ପାଳନ କରାଯିବ ବୋଲି ଜଗତସିଂହପୁର ଏମ୍ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ସୂଚନା ଦେଇଛନ୍ତି। ଅସ୍ତରଙ୍ଗ ମଣ୍ଡଳ ତରଫରୁ ଅସ୍ତରଙ୍ଗ ସବୁଜ ଶାଖା ପରିସରରେ ଅତିଥି ଭାବେ ପୁରୀ ଜିଲା ଉପସଭାପତି ରତିକାନ୍ତ ବେହେରା, ଜଗତସିଂହପୁର ଏମ୍ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ୧ ନଂ. ମଣ୍ଡଳର ସଭାପତି ଇନ୍ଦ୍ରମଣି ଜେନା ପ୍ରମୁଖ ଉପସ୍ଥିତ ଥିବାବେଳେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ। ଭାଜପା କର୍ମୀ ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବେ। ପ୍ରଧାନମନ୍ତ୍ରୀ 'ସିଙ୍ଗଲ ୟୁଜ ପ୍ଲାଷ୍ଟିକ୍' ତଥା ପ୍ଲାଷ୍ଟିକମୁକ୍ତ ଭାରତ ପାଇଁ ଯେଉଁ କଳ୍ପନା କରିଛନ୍ତି, ତାହାକୁ ସାକାର କରିବା ପାଇଁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା ଶପଥ ନେବେ। ଏହି ପରିପ୍ରେକ୍ଷୀରେ ଭାଜପା କର୍ମକର୍ତ୍ତାମାନେ ନିଜ ଅଞ୍ଚଳର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କୁ ପ୍ଲାଷ୍ଟିକ ବସ୍ତୁ ବର୍ଜନ କରିବା ଏବଂ ଜଳ ସଂରକ୍ଷଣ ପାଇଁ ସଚେତନ କରାଇବେ।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

**ସାକ୍ଷୀଗୋପାଳ,୧୩।୯(ଭରତ ରାଉତ)**

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଯୁବ ରେଡକ୍ରସ ବିଭାଗ ଉଦ୍ୟମରେ ଶନିବାର ମହାବିଦ୍ୟାଳୟର ସଭାଗୃହରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗଣିତ ବିଭାଗର ମୁଖ୍ୟ ଧନୁର୍ଦ୍ଧର ମୁଦୁଲି ପ୍ରାଥମିକ ଚିକିତ୍ସା ମାଧ୍ୟମରେ କିପରି ବ୍ୟାଧିକୁ ଦୂରୀକରଣ କରାଯାଇପାରେ ସେ ବିଷୟରେ ସ୍ୱମତ ଉପସ୍ଥାପନ କରିଥିଲେ। ଜଳବାୟୁ ପରିବର୍ତ୍ତନ କ'ଣ ଏବଂ ଏହାଦ୍ୱାରା ଉପୁଜୁଥିବା ଆକସ୍ମିକ ଦୁର୍ଘଟଣାରୁ ପ୍ରାଥମିକ ଚିକିତ୍ସା ମାଧ୍ୟମରେ କିପରି ନିଜକୁ ବଞ୍ଚାଇବା ସହ ଅନ୍ୟମାନଙ୍କୁ କିପରି ସଚେତନ କରାଯାଇପାରିବ ସେ ବିଷୟରେ ଯୁବ ରେଡ଼କ୍ରସ ଉପଦେଷ୍ଟା ଅଧ୍ୟାପକ ଜିତେନ କୁମାର ଦାସ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପିକା ସର୍ଣ୍ଣଲତା ମାହାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ଏହାର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୌରାଣିକ ନାଟକ 'ଅଶୁଭ କନ୍ୟା' ଲୋକାର୍ପିତ




ଅତିଥିମାନେ ନାଟକ ପୁସ୍ତକ ଲୋକାର୍ପଣ କରୁଛନ୍ତି ।

**ପୁରୀ,୧୩।୯(ଅଜିତ୍ କୁମାର ମହାନ୍ତି)**

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡ଼ିଶା ପୁରୀ ଆନୁକୂଲ୍ୟରେ ବିଶିଷ୍ଟ ଚିକିତ୍ସକ ତଥା ନାଟ୍ୟକାର ଡା. ରାଧାକାନ୍ତ ମହାପାତ୍ରଙ୍କର ୮୮ତମ ଜନ୍ମ ଦିବସ ଅବସରରେ ତାଙ୍କ ଦ୍ୱାରା ଲିଖିତ ପୌରାଣିକ ନାଟକ 'ଅଶୁଭ କନ୍ୟା' ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପାର ବରିଷ୍ଠ ମୁଖପାତ୍ର ସଜନ ଶର୍ମା ଯୋଗଦେଇ କହିଥିଲେ, ଡା. ମହାପାତ୍ର ଅଶୁଭ କନ୍ୟା ବ୍ୟତୀତ ଅର୍କକ୍ଷେତ୍ର, କାନଫୁଲ ଓ ପୂର୍ଣ୍ଣାହୁତି ପ୍ରଭୃତି ଅନେକ ନାଟକ ରଚନା କରିଛନ୍ତି। ତାଙ୍କର ସମସ୍ତ ନାଟକ ଆକାଶବାଣୀ ମାଧ୍ୟମରେ ସାରା ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଅନ୍ୟତମ ପ୍ରମୁଖ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ଗୋଲଖ ମହାପାତ୍ର, ସତ୍ୟବାଦୀର ଐତିହାସିକ ଭୀମସେନ ମହାପାତ୍ର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରାୟ, ଆଦିତ୍ୟ ବାହିନୀର ଜାତୀୟ ଶାଖା ମୁଖ୍ୟ ମାତୃପ୍ରସାଦ ମିଶ୍ର, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପଣ୍ଡିତ ସଦାଶିବ ମିଶ୍ର ଓ ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍ସବରେ ଅଧ୍ୟକ୍ଷତା ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା କରିଥିବା ବେଳେ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ପୌରାଣିକ ନାଟକ 'ଅଶୁଭ କନ୍ୟା' ଲୋକାର୍ପିତ ହୋଇଥିବା ବେଳେ ପୁରୀ ସହରର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଡା. ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶୁଭ ଅବସରରେ ଡା. ମହାପାତ୍ରଙ୍କ ଧର୍ମପତ୍ନୀ ସୁନନ୍ଦା ଦେବୀ, ପୁତ୍ର ବିନୟ ନୃସିଂହ ମହାପାତ୍ର, ବୋହୂ ଶିକ୍ଷୟିତ୍ରୀ ଜ୍ୟୋତି ମିଶ୍ର, ନାତି ଅଂଶୁମାନ ମହାପାତ୍ର, ସାଇ ସୁମନ ମହାପାତ୍ର ଓ ନାତୁଣୀ ବୋହୂ କବିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରୁଚିସ୍ମିତା ଜଗଦ୍ଦେବ ମହାପାତ୍ର, ଗୁଣ୍ଡିଚା ବରାଳ, ଅଜୟ କୁମାର ଦାଶ, ମାନସୀ ରଥ, ରାଜକିଶୋର ମହାନ୍ତି ପରିଚାଳନା କରିଥିବା ବେଳେ ଦେବଦତ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଅପରେଶନ ଚକ୍ରରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫକଲା ପୋଲିସ

**ପୁରୀ,୧୩।୯(ଅଜିତ୍ କୁମାର ମହାନ୍ତି)**

ପୁରୀ ସହରକୁ ଅପରାଧ ଓ ନିଶା ମୁକ୍ତ କରିବା ପାଇଁ ପୁରୀ ପୋଲିସର ଅପରେଶନ ଚକ୍ର ଜାରି ରହିଛି। ଏହି ଅଭିଯାନରେ ପୁରୀ ପୌରାଞ୍ଚଳ ଅନ୍ତର୍ଗତ ୨ଟି ଥାନା ପକ୍ଷରୁ ୩ଟି ଗୁରୁତ୍ୱପୂର୍ଣ୍ଣ ମାମଲାରେ ସଫଳତା ମିଳିଛି। ବାସେଲିସାହି ଥାନା ପୋଲିସ ଦ୍ୱାରା ୧୧.୩୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ମିଶ୍ର ନୋଳିଆସାହିର ଶିବୁନା ନାୟକଙ୍କୁ ପୋଲିସ ଗିରଫ କରିଛି। ଶିବୁନା ନାଁରେ ସମୁଦ୍ରକୂଳ, ସଦର ଓ ବାସେଲି ସାହି ଥାନାରେ ୪ଟି ମାମଲା ରହିଛି। ସେହିପରି ବେଆଇନ ଭାବେ ୨୨୦୦ ମି.ଲି. କୋରେକ୍ସ ବିକ୍ରି ଅଭିଯୋଗରେ ବାସେଲୀସାହି ଥାନା ପକ୍ଷରୁ ଜଣଙ୍କୁ ଗିରଫ କରାଯାଇଛି। ସମୁଦ୍ରକୂଳ ଥାନା ପୋଲିସ ଦ୍ୱାରା ବାଇକ ଚୋରି କରୁଥିବା ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଅଜୟ ସିଂଙ୍କୁ ଗିରଫ କରିବା ସହ ତାଙ୍କଠାରୁ ପୋଲିସ ୩ଟି ବାଇକ୍ ଜବତ କରିଛି। ଏଥିସହ ପୁରୀ ସହର ସବ୍‌ଡିଭିଜନ ଅନ୍ତର୍ଗତ ୮ଟି ଥାନା ପକ୍ଷରୁ ଗତ ସପ୍ତାହକ ମଧ୍ୟରେ ୯ଟି ଚୋରା ବାଇକ୍, ୧୦ଟି ମଦ୍ୟପାନ ଜନିତ ଗାଡ଼ି ଚଳାଇବା ମାମଲା, ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରିବା ଜନିତ ୨୩୨ଟି ମାମଲା ରୁଜୁ କରାଯାଇ ୨୩ ଲକ୍ଷ ୩୦ ହଜାର ଜରିମାନା ଆଦାୟ କରାଯାଇଥିବା ଏସ୍‌ପି ପ୍ରତୀକ ସିଂହ ସୂଚନା ଦେଇଛନ୍ତି। ଏନେଇ ଏସ୍‌ପି ଆହୁରି ସୂଚନା ଦେଇ କହିଛନ୍ତି, ପୁରୀ ସହରରେ ଆଇନ କାନୁନ ବଜାୟ ରଖିବା ସହ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ପକ୍ଷରୁ ଅପରେଶନ ଚକ୍ର କରାଯାଉଛି। ଏଥିରେ ଭଲ ସଫଳତା ପୋଲିସକୁ ମିଳିଛି ବୋଲି କହିଛନ୍ତି।

## ଶ୍ରୀଜଗନ୍ନାଥ ହିଁ ଓଡ଼ିଆଙ୍କ ସାଂସ୍କୃତିକ ଚେତନାର ପ୍ରତୀକ




ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ବାର୍ଷିକ ବୈଠକରେ ଉପସ୍ଥିତ ଅତିଥିମାନେ ।

**ଭୁବନେଶ୍ୱର, ୧୩।୯**
**(ସୌମ୍ୟରଞ୍ଜନ ରାଉତ)**

**୪ ଜଣଙ୍କୁ 'ପୁରୁଷୋତ୍ତମ ସମ୍ମାନ'**

ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ବାର୍ଷିକ ବୈଠକ ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ସଞ୍ଚିତା ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ବିଧାୟକ ବାବୁସିଂ, ପରିଷଦର ଅନ୍ୟତମ ସମ୍ପାଦକ ସନ୍ତୋଷ ଦାଶ, ଶ୍ରୀକ୍ଷେତ୍ରର ଚୂନରା ସମ୍ପାଦକ ଡ. ଶରତ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀ ଜଗନ୍ନାଥ ହିଁ ଓଡ଼ିଆଙ୍କ ସାଂସ୍କୃତିକ ଚେତନାର ପ୍ରତୀକ ବୋଲି କହିଥିଲେ। ଏଥିସହ ମହାପ୍ରଭୁଙ୍କ ଅପାର ମହିମା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଫ୍‌ତାବ ହୁସେନ, ସୁରେନ୍ଦ୍ରନାଥ ଦାଶ, ସୁଶାନ୍ତ ଦାଶ ଓ ଡ. ହରିହର କାନୁନ୍‌ଗୋଙ୍କୁ 'ପୁରୁଷୋତ୍ତମ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରିଷଦର ସଂଶୋଧିତ ସଭ୍ୟାସଭ୍ୟଙ୍କ ସୂଚୀ ପୁସ୍ତିକା ଓ ଇଂ. ସୁଶାନ୍ତ ପଣ୍ଡାଙ୍କ କବିତା ପୁସ୍ତକ 'ପୁଷ୍ପାଞ୍ଜଳି' ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ମୁରଲୀଧର ପଲାଇ ବିଷ୍ଣୁ ସହସ୍ରନାମ ଗାନ କରିଥିବାବେଳେ ଶିଶୁ ନୃତ୍ୟଶିଳ୍ପୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ପରିଷଦ ସମ୍ପାଦକ ସନତ୍ ନାୟକ ଅତିଥି ପରିଚୟ, ଅନ୍ୟତମ ସମ୍ପାଦକ ସନ୍ତୋଷ ଦାଶ ବାର୍ଷିକ ବିବରଣୀ ପାଠ ଓ ମନୋରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ସାକ୍ଷୀଗୋପାଳ,୧୩।୯(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)**

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ସାକ୍ଷୀଗୋପାଳ କଲେଜ ଛକ ନିକଟରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଆସୁଥିବା ରାଜଶ୍ରୀ ନାମକ ବସ୍ ଏକ ବାଇକ୍ ଆରୋହିଙ୍କୁ ପଛପଟୁ ଧକ୍କା ଦେବା ଫଳରେ ବାଇକ ଆରୋହିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ବଳଙ୍ଗା ଅଞ୍ଚଳ ନରୁଡ଼ା ଗ୍ରାମର ଲକ୍ଷ୍ମୀଧର ରାଉତ (୫୫)। ସୂଚନାଯୋଗ୍ୟ ଲକ୍ଷ୍ମୀଧରଙ୍କ ସାତଶଙ୍ଖ ବଜାରରେ ଏକ ମଞ୍ଜି ବିକ୍ରୟ ଦୋକାନ ରହିଛି। ଦୋକାନ ଖୋଲା କରି କୌଣସି ଏକ କାମରେ ସାକ୍ଷୀଗୋପାଳ ଅଭିମୁଖେ ଆସୁଥିଲେ। ଏହି ସମୟରେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣାସ୍ଥଳରେ ବସ୍‌ର ଆଗପଟ ଦୁଇ ଚକା ମଝିରେ ବାଇକ ସହ ଲକ୍ଷ୍ମୀଧରଙ୍କୁ କିଛି ବାଟ ଘୋଷାଡ଼ି ନେଇଥିଲା। ଖବରପାଇ ସତ୍ୟବାଦୀ ଥାନାଧିକାରୀ ବିଜୟକେତନ ବେହେରା ଓ ସ୍ଥାନୀୟ ଲୋକେ ଲକ୍ଷ୍ମୀଧରଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଣାଗ୍ରସ୍ତ ବସ୍ ଓ ବାଇକ୍‌କୁ ପୋଲିସ ଜବତ କରିଛି। ବସ୍ ଡ୍ରାଇଭର ଦୁର୍ଘଟଣା ପରେ ଫେରାର୍ ଅଛନ୍ତି। ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଛି। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରିଛି।

## ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସଂଘର ବାର୍ଷିକୋତ୍ସବ

**ପୁରୀ,୧୩।୯(ଅଜିତ୍ କୁମାର ମହାନ୍ତି)**

ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସଂଘ ପକ୍ଷରୁ ୧୮ତମ ବାର୍ଷିକ ଉତ୍ସବ ପୋଲିସ ରିଜର୍ଭ ଲାଇନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅବସର ପରେ ମଧ୍ୟ ଅବସରପ୍ରାପ୍ତ ପୋଲିସ ପଦାଧିକାରୀମାନେ ଅବିରତ ଭାବେ ଏକତା ଓ ସେବା ଭାବନାର ନିଦର୍ଶନ ଦେଇ ଆଗାମୀ ପିଢ଼ିକୁ ଅନୁପ୍ରାଣିତ କରୁଛନ୍ତି। ସେବା ନିବୃତ୍ତ ପୋଲିସ ଅଧିକାରୀମାନଙ୍କର ଅଭିଜ୍ଞତା ଓ ସେବା ସଂକ୍ରାନ୍ତୀୟ ଜ୍ଞାନ, ସମାଜକୁ ଶୃଙ୍ଖଳିତ କରିବାରେ ବିଶେଷ ସହାୟକ ହେବା ସହ ସାଧାରଣ ନାଗରିକ ଓ ପୋଲିସ ବିଭାଗ ମଧ୍ୟରେ ଏକ ସେତୁ ସ୍ଥାପନ କରିବ ବୋଲି କହିଛନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ମିଶ୍ର। ଏହି ଅବସରରେ ଅବସରପ୍ରାପ୍ତ ପୋଲିସ ପଦାଧିକାରୀଙ୍କ ଦୀର୍ଘଦିନର ଦାବି ଅତିଥିମାନଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ପରେ ପୋଲିସ ହାଇସ୍କୁଲର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯିବା ସହ ପ୍ରଥମ ସ୍ମରଣିକା ସୂର୍ଯ୍ୟୋଦୟ ଉନ୍ମୋଚନ କରାଯାଇଥିଲା। ଉତ୍ସବରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ ଓ ପୁରୀ ଜିଲା ସଂଘ ସଭାପତି ପି. ଚିଟି ରାଓ ଉପସ୍ଥିତ ରହି ଅନୁଷ୍ଠାନର ସର୍ବାଙ୍ଗୀନ ସମୃଦ୍ଧି ଓ ସଫଳତା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।




ଅତିଥିମାନେ ବାର୍ଷିକ ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି ।

## ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ଟପ୍ପରଙ୍କୁ 'ବିଦ୍ୟାରତ୍ନ ସମ୍ମାନ'



ଜଣେ ଛାତ୍ରୀଙ୍କୁ 'ବିଦ୍ୟାରତ୍ନ ସମ୍ମାନ' ଦିଆଯାଉଛି ।

**ପିପିଲି,୧୩।୯(ଦୁର୍ଗା ମାଧବ ମିଶ୍ର)**

ରାଜ୍ୟରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମିତି ଇଣ୍ଡିଆ ଚାରିଟେବଲ୍ ଟ୍ରଷ୍ଟ ବିଭିନ୍ନ ସମୟରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡ଼ିତ ରହି ଜନସାଧାରଣଙ୍କ ସେବା କରିଆସୁଥିବା ବେଳେ ୨୦୧୧ ମସିହାଠାରୁ ପିପିଲି ବ୍ଲକ୍‌ରେ ବିଦ୍ୟାଳୟଗୁଡ଼ିକର ମାଟ୍ରିକ ଟପ୍ପରମାନଙ୍କୁ 'ବିଦ୍ୟାରତ୍ନ ସମ୍ମାନ'ରେ ସମ୍ମାନିତ କରିବା ପାଇଁ ପ୍ରୟାସ କରିଆସିଛି। ଉକ୍ତ ଅନୁଷ୍ଠାନର ଅଧ୍ୟକ୍ଷ ଆଇନଜୀବୀ ସୁରେଶ ରଥ ଶନିବାର ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ୍ ହାଇସ୍କୁଲର ଚଳିତବର୍ଷ ମାଟ୍ରିକ ଟପ୍ପର ବିଷ୍ଣୁପ୍ରିୟା ସାହୁଙ୍କୁ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ଗହଣରେ ମାନପତ୍ର ପ୍ରଦାନ କରି 'ବିଦ୍ୟାରତ୍ନ ସମ୍ମାନ'ରେ ସମ୍ମାନିତ କରିଛନ୍ତି। ଏହା ପୂର୍ବରୁ ଉକ୍ତ ସଂସ୍ଥା ପିପିଲି ସରସ୍ୱତୀ ଶିଶୁମନ୍ଦିର, ପିପିଲି ହାଇସ୍କୁଲ ଏବଂ ଜବାହର ବିଦ୍ୟାପୀଠର ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଆଗକୁ ଅନ୍ୟ ବିଦ୍ୟାଳୟ ଟପ୍ପରମାନଙ୍କୁ ଏହି ସମ୍ମାନରେ ସାମିଲ କରାଯାଇ ସମ୍ବର୍ଦ୍ଧିତ କରାଯିବ ବୋଲି ଉକ୍ତ ଟ୍ରଷ୍ଟର ଅଧ୍ୟକ୍ଷ ଆଇନଜୀବୀ ସୁରେଶ ରଥ ସୂଚନା ଦେଇଛନ୍ତି।

## ଅସ୍ତରଙ୍ଗ, କାକଟପୁରରେ ଲୋକ ଅଦାଲତ

**କାକଟପୁର/ଅସ୍ତରଙ୍ଗ,୧୩।୯**
**(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଜାତୀୟ ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଶନିବାର ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅସ୍ତରଙ୍ଗ ଓ କାକଟପୁର ଅଦାଲତରେ ପଡ଼ି ରହିଥିବା ଭିନ୍ନ ଭିନ୍ନ ମାମଲାଗୁଡ଼ିକର ସମାଧାନ କରାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଚେକ୍ ବାଉନ୍ସ, ଋଣ ମାମଲା ଇତ୍ୟାଦି ଆପୋଷ ସହମତିରେ ସମାଧାନ କରାଯାଇଥିଲା। ଅସ୍ତରଙ୍ଗ ଜେଏମ୍‌ଏଫ୍‌ସି କୋର୍ଟରେ ବିଚାରପତି ସୁଧାବାଇ ଅଗ୍ରୱାଲ ଓ କାକଟପୁର ଜେଏମ୍‌ଏଫ୍‌ସି କୋର୍ଟରେ ବିଚାରପତି ଶ୍ରୀଚନ୍ଦନ ଦାଶ ଉପସ୍ଥିତ ରହି ମୋକଦ୍ଦମା ସମାଧାନ କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅସ୍ତରଙ୍ଗରେ ସମୁଦାୟ ୬୧ଟି ମାମଲାର ଫଇସଲା ହୋଇଥିଲା।

## ସାହିତ୍ୟ, ସଂସ୍କୃତିର ପ୍ରତିଫଳନ ଜାତୀୟ ସାହିତ୍ୟ ମହୋତ୍ସବ

**କୋଣାର୍କ,୧୩।୯(ଜ୍ୟୋତିରାଜ ମହାନ୍ତି)**

ସାହିତ୍ୟ ସଂସ୍କୃତି ସମାରୋହର ୫ମ ବାର୍ଷିକ ଉତ୍ସବ ଅବସରରେ ୪ର୍ଥ କୋଣାର୍କ ଜାତୀୟ ସାହିତ୍ୟ ମହୋତ୍ସବ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଫନି ମହାନ୍ତି, ସଭାପତି ଗୌରଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଉତ୍ସବରେ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷା ହିଁ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ବୋଲି ମତବ୍ୟକ୍ତ କରିଛନ୍ତି। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ପ୍ରଫୁଲ୍ଲ କୁମାର ମହାନ୍ତି, ସମାଜର ପ୍ରକାଶକ ପ୍ରଭାସ କୁମାର ଆଚାର୍ଯ୍ୟ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବିଶ୍ୱରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ସ୍ମରଣିକା-୨୫'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏଥିରେ ଦେଶର ବିଭିନ୍ନ ଅଞ୍ଚଳରୁ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ରବିବାର ଉଦ୍‌ଯାପନୀ ଦିବସରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ମାଧୁରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ବଟକୃଷ୍ଣ ପଣ୍ଡା, ଶକୁନ୍ତଳା ମହାନ୍ତି, ନାନାଦିନୀ ମହାନ୍ତି, ସରୋଜିନୀ ମହାନ୍ତି ଓ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ଜାତୀୟ ସାହିତ୍ୟ ମହୋତ୍ସବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ଅତିଥି 'ସ୍ମରଣିକା-୨୫'କୁ ଲୋକାର୍ପଣ କରୁଛନ୍ତି ।

## ୪୮ ହିତାଧିକାରୀଙ୍କୁ ୧.୧୦ କୋଟି ଟଙ୍କାର କାର୍ଯ୍ୟାଦେଶ

**ନିମାପଡ଼ା,୧୩।୯(ବିଚିତ୍ରାନନ୍ଦ ସାହୁ)**




କାର୍ଯ୍ୟାଦେଶ ବଣ୍ଟନ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ।

ନିମାପଡ଼ା ପ୍ରାଣୀସମ୍ପଦ ବିକାଶ ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଅଭିମୁଖୀକରଣ କାର୍ଯ୍ୟକ୍ରମ ଓ କାର୍ଯ୍ୟାଦେଶ ବଣ୍ଟନ ସମାରୋହ ଶନିବାର ସ୍ଥାନୀୟ ଟାଉନ୍ ହଲଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କୃଷି ଓ କୃଷକର ବିକାଶ, ଗାଁର ବିକାଶ ହେଲେ ରାଜ୍ୟର ବିକାଶ ହେବ ବୋଲି ମତପ୍ରକାଶ କରିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି, ବିଟିଏମ୍ ଶ୍ରୀକାନ୍ତ ବଢ଼େଇ, ଆତ୍ମା ଅଧ୍ୟକ୍ଷ ଦିଲ୍ଲୀପ ପରିଡ଼ା, ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ କର, ପ୍ରାଣୀସମ୍ପଦ ବିଭାଗର ଏଡିଭିଓ (ପୁରୀ) ଡ. ରାଜେଶ କୁମାର ପାଣିଗ୍ରାହୀ, ନିମାପଡ଼ା ବ୍ଲକର ବିଭିଓ ଡ. ପ୍ରଦୀପ ଜେନା, ଅତିରିକ୍ତ ଭିଏଏସ୍ ଡ. ଆକାଶ ମିଶ୍ର, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ନିମାପଡ଼ା ବ୍ଲକର ଏମ୍ପିଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏନ୍‌ଏସିର ଏମ୍ପିଙ୍କ ପ୍ରତିନିଧି ମୀନଳତା ମହାନ୍ତି ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ କୃଷି ଓ ପ୍ରାଣୀସମ୍ପଦ ବିଭାଗର ବିଭିନ୍ନ ସରକାରୀ ଯୋଜନା ଓ ତା'ର ସଫଳ ରୂପାୟନ ସମ୍ପର୍କରେ ହିତାଧିକାରୀଙ୍କୁ ଅବଗତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନା ଓ ସମନ୍ୱିତ କୃଷିପଦ୍ଧତି ଯୋଜନାରେ ୪୮ ଜଣ ହିତାଧିକାରୀଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୧ କୋଟି ୧୦ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏଥିରେ କୃଷି ଓ ପ୍ରାଣୀସମ୍ପଦ ବିଭାଗର ଉଚ୍ଚପଦସ୍ଥ କର୍ମଚାରୀ ଓ ଚାଷୀମାନେ ଉପସ୍ଥିତ ଥିଲେ। ଉତ୍ସବରେ କୃଷି ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି, ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ କର, ବ୍ଲକ ବିଭିଓ ଡ. ପ୍ରଦୀପ ଜେନା କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।

**ଚୌଦ୍ୱାର କଲେଜରେ ବିଶ୍ୱ ଫାଷ୍ଟଏଡ୍ ଦିବସ ପାଳିତ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର କଲେଜରେ ଯୁବ ରେଡ୍‌କ୍ରସ୍ ପକ୍ଷରୁ ବିଶ୍ୱ ଫାଷ୍ଟଏଡ୍ ଦିବସ ପାଳନ ଅବସରରେ ଏକ ଫାଷ୍ଟଏଡ୍ ତାଲିମ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାଉନସିଲର ଡ. ମମତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅଧକ୍ଷା ରଶ୍ମି ରାଉତରାୟ ଉଦ୍‌ଘାଟନ କରି ସମସ୍ତ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀଙ୍କୁ ଦିବସର ତାପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କଟକ ନର୍ସିଂ କଲେଜର ଅଧାପିକା ଯଶସ୍ୱିନୀ ପଣ୍ଡା ଓ କଲେଜର ଛାତ୍ରୀ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ସଂଯୋଜିକା ଡ. ସସ୍ମିତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଆଇନଜୀବୀମାନେ ୨୫% ମାମଲା ମାଗଣାରେ ଲଢ଼ନ୍ତୁ’

## ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବ

କଟକ,୧୩।୯(କାର୍ତ୍ତିକ ସାହୁ)

ଆଇନଜୀବୀମାନଙ୍କ ସାମାଜିକ ଦାୟିତ୍ୱ ରହିଛି। ନିଜ କର୍ତ୍ତବ୍ୟ ପ୍ରତି ସେମାନେ ଅବନତ ରହିବା ଉଚିତ। ଦେଶ ସେମାନଙ୍କଠାରୁ ବହୁତ କିଛି ଆଶା କରେ। ଜଣେ ଆଇନଜୀବୀ କୋର୍ଟ ବାହାରେ ବହୁତ କାମ କରନ୍ତି। ତେବେ ନିଜ ଲକ୍ଷ୍ୟ ଓ ନୀତିକୁ ନିର୍ଦ୍ଦିଷ୍ଟ କଲେ ସେମାନେ ବୃତ୍ତିଗତ କ୍ଷେତ୍ରରେ ସଫଳ ହୋଇପାରିବେ। ପ୍ରତ୍ୟେକ ଆଇନଜୀବୀ ୨୫% ମାମଲା ମାଗଣାରେ ଲଢ଼ିବା ଉଚିତ୍ ବୋଲି ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ତଥା ଜାତୀୟ ଜୁଡ଼ିସିଆଲ ଏକାଡେମୀର ନିର୍ଦ୍ଦେଶକ ଅନିରୁଦ୍ଧ ବୋଷ ଆହ୍ୱାନ ଦେଇଛନ୍ତି। ନିର୍ଦ୍ଦେଶକ ବୋଷ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଆମ୍ଫି ଥିଏଟରଠାରେ ଶନିବାର ଅନୁଷ୍ଠିତ ୧୨ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ୍ ଟଣ୍ଡନ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରି କହିଲେ, କଠିନ ପରିଶ୍ରମ ଓ ସାମାଜିକ ଦାୟିତ୍ୱବୋଧ ଆଇନ ପେଶାରେ ନିତ୍ୟାନ୍ତ ଦରକାର। ଆଇନଜୀବୀମାନେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବା ଆବଶ୍ୟକ। ଏହି ଅବସରରେ ବିଶ୍ୱବିଦ୍ୟାଳୟରୁ କୃତକାର୍ଯ୍ୟ ହୋଇଥିବା ମୋଟ ୨୧୮ଜଣ ଛାତ୍ରୀଛାତ୍ରଙ୍କୁ




ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଡିଗ୍ରୀ ପ୍ରଦାନ କରାଯାଇଥିଲା। ତନ୍ମଧ୍ୟରେ ୫ ବର୍ଷିୟା ପାଠ୍ୟକ୍ରମରେ ଇଣ୍ଟିଗ୍ରେଟେଡ୍ ବିଏ ଏଲଏଲବି (ସମ୍ମାନ)ର ୧୬୮ଜଣ ଗ୍ରାଜୁଏଟ୍, ୪୨ଜଣ ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଏଲ୍ଏଲ୍ଏମ୍ ଡିଗ୍ରୀ, ୩ଜଣ ପିଏଚ୍‌ଡି ଡିଗ୍ରୀ ଓ ବିଏ ଲ’ (ସମ୍ମାନ) ୫ ଜଣଙ୍କୁ ମଧ୍ୟ ଡିଗ୍ରୀ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବେଦ କୁମାରୀ ସ୍ୱାଗତ ଭାଷଣ ଦେଇ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ରେଜିଷ୍ଟ୍ରାର ପ୍ରଫେସର ରଙ୍ଗୀନ ପଲ୍ଲଭ ତ୍ରିପାଠୀ, ହାଇକୋର୍ଟ ବିଚାରପତି, ଆଡଭୋକେଟ ଜେନରାଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

### କର୍ଶନ ଅଗରୱାଲ ପାଇଲେ ୧୦ ସ୍ୱର୍ଣ୍ଣ ପଦକ



ବିଏ. ଏଲଏଲବିର ଛାତ୍ରୀ କର୍ଶନ ଅଗରୱାଲ ସର୍ବାଧିକ ୧୦ଟି ସ୍ୱର୍ଣ୍ଣ ପଦକ ହାସଲ କରି ସମାବର୍ତ୍ତନ ଉତ୍ସବରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ର ପାଲଟିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ମେଧାବୀ ଡିଗ୍ରୀଧାରୀଙ୍କ ନିମନ୍ତେ ୧୪ଟି ସ୍ୱର୍ଣ୍ଣ ପଦକ ଦେବାର ବ୍ୟବସ୍ଥା ରହିଛି। ତେବେ ଅତ୍ୟତମ ଛାତ୍ରୀ ସାକ୍ଷୀ ପ୍ରିତମ ଦାସ ୨ଟି ସ୍ୱର୍ଣ୍ଣ ପଦକ ଏବଂ ମେଧା ଶୁକ୍ଳା ଓ ତନୟା ସିଂହ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ପାଇଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୧୨ ଗୋରୁ ମୃତ, ୫ ଆହତ

ଚୌଦ୍ୱାର,୧୩।୯(ଆଶୁତୋଷ ଦାସ)

୫୫ ନଂ. ଜାତୀୟ ରାଜପଥ କୁସପଙ୍ଗୀ ଗଡା ମନୀଷା ଢାବା ସମ୍ମୁଖରେ ଏକ ସଡକ ଦୁର୍ଘଟଣାରେ ୧୨ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଗୋରୁ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଶନିବାର ସକାଳେ ଖବର ପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ମୃତ ଗୋରୁଙ୍କୁ ହଠାଇବା ସହିତ ସ୍ଥାନୀୟ ଡିଅସାହି ଗ୍ରାମର ମହାଦେବ ଗୋଶାଳାର କର୍ମକର୍ତ୍ତାମାନେ ଆହତ ଗୋରୁଙ୍କ ଚିକିତ୍ସା ଲାଗି ଗୋଶାଳାକୁ ନିଆଯାଇଛି। ଗୋରୁଙ୍କ ମୃତ୍ୟୁରେ ରାଜରାସ୍ତା ରକ୍ତରଞ୍ଜିତ ହୋଇ ପଡିଥିଲା। ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ବିଳମ୍ବିତ ରାତିରେ ରାସ୍ତା କଡରେ ଗୋରୁ ଶୋଇଥିବା ବେଳେ ଅଜଣା ଗାଡି ଗୋରୁଙ୍କ ଉପରେ ଚଢି ଚାଲି ଯାଇଥିଲା। ଘଟଣାସ୍ଥଳରେ ୧୨ଟି ଗୋର ମରି ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

ବ୍ରାହ୍ମଣଝରିଲୋ, ୧୩।୯

ଉରାଳୀ ଗ୍ରାମପଞ୍ଚାୟତ ବଡ ବାଲିସାହିର ନିଖୋଜ ଜଣେ ଯୁବକଙ୍କ ମୃତଦେହ ଶନିବାର ଘରପାଖ ନଦୀ ପଠାରୁ ଜବତ କରାଯାଇଛି। ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି କଟକ ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବିନୁ ଚୌଧୁରୀଙ୍କ ପୁଅ ଜଗନ୍ନାଥ ଚୌଧୁରୀ ତିନିରୁ ଚାରିଦିନ ହେବ ନିଖୋଜ ଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ନଦୀ ପଠାର ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛନ୍ତି। ସେ ଫୁଲପ୍ୟାଣ୍ଟ ଓ ଫୁଲ ସାର୍ଟ ପିନ୍ଧିଥିବା ବେଳେ ମୋବାଇଲ ଫୋନ ପ୍ୟାଣ୍ଟ ପକେଟରେ ଥିବା ଦେଖିବାକୁ ମିଳିଛି। ପରିବାର ପକ୍ଷରୁ ସଦର ଥାନାରେ ଅଭିଯୋଗ କରାଯାଇଛି ଓ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ।

### ଗୋଟିଏ ରାତିରେ ୪ ସ୍ଥାନରୁ ଚୋରି

କଟକ ସଦର,୧୩।୯(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅଞ୍ଚଳରେ ଗୋଟିଏ ରାତିରେ ୪ଟି ସ୍ଥାନରୁ ଚୋରି ହୋଇଥିବା ପୋଲିସରେ ଅଭିଯୋଗ ହୋଇଛି। ବନ୍ତଣିଆ ଲଙ୍ଗୁଳୀ ମଠ ବଜାରରେ ଥିବା ଚିକେନ ସେଣ୍ଟର ଗ୍ରିଲ ତାଡ଼ି ଦୁର୍ବୃତ୍ତମାନେ ୧୦ଟି କୁକୁଡ଼ା, ୨ଟି କମ୍ପ୍ୟୁଟର ଓଜନ ମେଶିନ ଚୋରି କରିଛନ୍ତି। ସେହି ସ୍ଥାନରେ ଥିବା ଏକ ପରିବା ଦୋକାନର କବାଟ ଭାଙ୍ଗି ଆଳୁ, ଅନ୍ୟ ପରିବା ସହ ବାକ୍ସରେ ଥିବା ୭୦୦ ଟଙ୍କା, ଅନ୍ୟ ଜଣେ ବ୍ୟକ୍ତିଙ୍କ ସାଇକେଲ ମଧ ଚୋରି ଯାଇଛି। ଦହିଗାଁରେ ଏକ ଟ୍ରାକ୍ଟର ବ୍ୟାଟେରି ଚୋରି ଯାଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ରାତ୍ରୀକାଳୀନ ପାଟ୍ରୋଲିଂ ଠିକ ଭାବେ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ସୁଷମ ପୋଷଣ ଖାଦ୍ୟ ଦିବସ ପାଳିତ

ବ୍ରାହ୍ମଣଝରିଲୋ, ୧୩।୯

ସ୍ଥାନୀୟ ଶୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠାନର ଅନ୍ୟତମ ଅନୁଷ୍ଠାନ ଏସ.ଜି.ଆଇ ସ୍କୁଲ ଅଫ ମେଡିକାଲ ସାଇନ୍ସେସର ଫାର୍ମାସୀ ଓ ନର୍ସିଂ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ବିଶ୍ୱ ସୁଷମ ଓ ପୋଷଣ ଖାଦ୍ୟ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପାଠ୍ୟକ୍ରମରେ ପ୍ରାୟୋଜିକା ଡାକ୍ତର ସରିତା ନାୟକ ଓ ଅନୁଷ୍ଠାନର ଅଧାପିକା ଅନୁସା ଚେଙ୍ଗି, ଉଷାରାଣୀ ବିବିକା, କ୍ରିଷ୍ଣା ପ୍ରିୟଦର୍ଶିନୀ ବେହେରାଙ୍କ ସହ ସମସ୍ତ ଛାତ୍ରୀମାନଙ୍କ ସହାୟତାରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଇଂ(ଡଃ) ସୁନିଲ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ଡିନ ପ୍ରାଧାପକ ରଞ୍ଜନ କୁମାର ସାହୁ, ଏସ.ଇଆରସି ଅଧକ୍ଷ ଡାକ୍ତର ଚିତ୍ତରଞ୍ଜନ ପଣ୍ଡା, ଏସଆରସି ଅଧକ୍ଷ ଡାକ୍ତର ଦେବା ସ୍ୱରୂପ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉକ୍ତ ଦିବସର ପ୍ରାସଙ୍ଗିକତା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ଛାତ୍ରୀଛାତ୍ର ତଥା ଅଧାପକ ଅଧାପିକାମାନେ ଯୋଗଦାନ କରି ସୁଷମ ଖାଦ୍ୟଖାଇ ଆତ୍ମତୃପ୍ତି ଲାଭ କରିଥିଲେ। ଏସ.ଏସ.ଏମ. ସିର ସମସ୍ତ ପ୍ରାଧାପକ ଓ ପ୍ରାଧାପିକା ଓ କର୍ମଚାରୀବୃନ୍ଦ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୧୩।୯(କାର୍ତ୍ତିକ ସାହୁ)

**୧୯୩ ମାମଲା ଫଇସଲା**

ହାଇକୋର୍ଟ ଲିଗାଲ୍ ସର୍ଭିସ୍ କମିଟି ପକ୍ଷରୁ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନଙ୍କ ମାର୍ଗଦର୍ଶନରେ ହାଇକୋର୍ଟ ପରିସରରେ ତୃତୀୟ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୯୩ଟି ମାମଲାର ଫଇସଲା ହୋଇଛି। ତନ୍ମଧ୍ୟରୁ ୧୨,୨୭,୬୪,୫୦୦ ଟଙ୍କାର କ୍ଷତିପୂରଣ ଆଦେଶ ଦିଆଯାଇଛି। ସର୍ଭିସ୍ ମାମଲା, କ୍ରିମିନାଲ୍ କମ୍ପାଉଣ୍ଡେବୁଲ୍ , ବିଦ୍ୟୁତ୍ ସମ୍ପର୍କିତ ମାମଲା, ବୈବାହିକ ମାମଲା, ନ୍ୟାଶନାଲ୍ ଇନ୍‌ସ୍ୟୁରାନସ୍, ନ୍ୟୁ ଇଣ୍ଡିଆ ଇନ୍‌ସ୍ୟୁରାନସ୍, ଓରିଏଣ୍ଟାଲ୍ ଇନ୍‌ସ୍ୟୁରାନସ୍, ୟୁନାଇଟେଡ୍ ଇନ୍‌ସ୍ୟୁରାନସ୍ ମାମଲା ଆଦିର ଫଇସଲା ହୋଇଛି। ହାଇକୋର୍ଟ ବିଚାରପତିମାନେ ନିଜକୋର୍ଟରେ ଆପୋଷବୁଝାମଣା ଭିତ୍ତିରେ ମାମଲାଗୁଡ଼ିକ ସମାଧାନ କରାଇଥିଲେ।

# ୧୧,୯୩୯ ମାମଲା ଫଇସଲା

କଟକ,୧୩।୯(କାର୍ତ୍ତିକ ସାହୁ)

**ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ**

କଟକ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କଟକ ଜିଲା ଓ ଦୌରାଜଜ କୋର୍ଟ ପରିସର ଏବଂ ତାଲୁକସ୍ତରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତରେ ପଞ୍ଜୀକୃତ ମୋଟ ୩୦୩୮୦ ମକଦ୍ଦମାରୁ ୧୧୯୩୯ଟି ଫଇସଲା କରାଯାଇଥିଲା। ଏଥିସହ ୪୮,୭୬,୮୭,୪୧୭ ଟଙ୍କା ଜରିମାନା ଓ ଅନୁକମ୍ପା ମୂଳକ ରାଶିସ୍ଥିରୀକୃତ ହୋଇଥିଲା। ମୋଟରଯାନ ଦୁର୍ଘଟଣା ଜନିତ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ବିଦ୍ୟୁତ୍ ଅଧିନିୟମ ଜନିତ, ଚେକ ବାଉନ୍ସ, ରାଜସ୍ୱ ଓ ପ୍ରାକ ବିବାଦୀୟ ଜନିତ ମକଦ୍ଦମାଗୁଡ଼ିକର ଫଇସଲା କରାଯାଇଥିଲା। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା କଟକ ଜଜ୍‌ସିପ୍‌ର ପ୍ରଶାସନିକ ବିଚାରପତି ମାନସ ରଞ୍ଜନ ପାଠକ ଲୋକ ଅଦାଲତରେ କୋର୍ଟ ପରିଦର୍ଶନ କରି ମକଦ୍ଦମାଗୁଡ଼ିକ ଫଏସଲା ନିମନ୍ତେ ମାର୍ଗଦର୍ଶନ କରିଥିଲେ। ବହୁ ସଂଖ୍ୟକ ଲୋକ ଯୋଗଦାନ କରି ସେମାନଙ୍କ ମକଦ୍ଦମାଗୁଡ଼ିକର ଫଇସଲା କରାଇଥିଲେ। କଟକ ଜିଲା ଓ ଦୌରାଜଜ୍ ତଥା କଟକ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ରାଜ କିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲା କୋର୍ଟରେ ବିଚାରପତିମାନେ ନିଜ କୋର୍ଟରେ ଥିବା ମକଦ୍ଦମାଗୁଡ଼ିକର ଫଇସଲା କରାଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ଲୋକ ଅଦାଲତ ପରିଚାଳନା କରିଥିଲେ।

# ‘ସୁସ୍ଥ ଶରୀର ପାଇଁ ଉଚ୍ଚ ଚେତନାଯୁକ୍ତ ମନ ଆବଶ୍ୟକ’



ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏଶନ୍‌ର ୩୬ତମ ବାର୍ଷିକ ସମ୍ମିଳନୀରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

କଟକ,୧୩।୯(କାର୍ତ୍ତିକ ସାହୁ)

**ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏଶନ୍‌ର ୩୬ତମ ବାର୍ଷିକ ସମ୍ମିଳନୀର ଉଦ୍‌ଘାଟିତ**

ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏଶନ୍‌ର ଦୁଇଦିନିଆ ୩୬ତମ ବାର୍ଷିକ ସମ୍ମିଳନୀ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳାଭବନଠାରେ ଶନିବାର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଡାକ୍ତର ସୌମିତ୍ର ବସୁ ସମ୍ମିଳନୀ ଉଦ୍‌ଘାଟନ କରି କହିଲେ, ସୁସ୍ଥ ଶରୀର ପାଇଁ ଉଚ୍ଚ ଚେତନାଯୁକ୍ତ ସୁସ୍ଥ ମନ ଆବଶ୍ୟକ। ଇଣ୍ଟିଗ୍ରାଲ ହେଲଥ: ସ୍ପ୍ରିଙ୍ଗବୋର୍ଡ ଫର ଟ୍ରାନ୍ସଫରମେଶନ୍ ଶୀର୍ଷକରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡାକ୍ତର ବାଦଲ କୁମାର ମହାନ୍ତି କହିଲେ, ମଣିଷ ଅନ୍ୟର ଅସୁବିଧା ବେଳେ ଠିଆ ହେଲେ ଜୀବନ ସାର୍ଥକ ହେବ। ପଡ଼ୋଶୀଙ୍କ ଦୁଃଖରେ ସହଭାଗୀ ହେବା ଉଚିତ। ସାମଗ୍ରିକ ଭାବେ ଅନ୍ୟକୁ ସାହାଯ୍ୟ କରିବାର ଆବଶ୍ୟକତା ରହିଛି। ଡାକ୍ତର ଜୟନ୍ତ କୁମାର ପଣ୍ଡା ଅତିଥି ପରିଚୟ ଓ ଆଲୋଚ୍ୟ ଶୀର୍ଷକ ଉପସ୍ଥାପନ କରି କହିଲେ, ସ୍ୱାସ୍ଥ୍ୟ ସଚେତନ ହେବା ପ୍ରତ୍ୟେକଙ୍କ ଦାୟିତ୍ୱ। ଶରୀରର ସୁସ୍ଥତା ପାଇଁ ଯୋଗ ସହ ଔଷଧ, ଧ୍ୟାନ ଓ ପ୍ରାକୃତିକ ଚିକିତ୍ସା ଆଦିକୁ ମିଶାଇଲେ ତାହା ଇଣ୍ଟିଗ୍ରାଲ ହେଲଥ୍ ପ୍ରକ୍ରିୟା ହେବ। ଡାକ୍ତର ସୁଧିର କୁମାର ବ୍ରହ୍ମା ସ୍ୱାଗତ ସୂଚନା ଦେଇ ରୋଗ ଆରୋଗ୍ୟ ଅପେକ୍ଷା ପ୍ରତିକାର ଶ୍ରେୟସ୍କର ବୋଲି କହିଥିଲେ। ଆସୋସିଏଶନ ସଚିବ ପ୍ରଫେସର ଡାକ୍ତର ଶ୍ୟାମା କାନୁନ୍‌ଗୋ ପୂର୍ବବର୍ଷର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ମରଣିକା ଉନ୍ମୋଚନ ହୋଇଥିଲା। ଡାକ୍ତର ପ୍ରଶାନ୍ତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ୱ ପ୍ରାଥମିକ ଚିକିତ୍ସା, ଜଳବାୟୁ ପରିବର୍ତ୍ତନ ଦିବସ କାର୍ଯ୍ୟକ୍ରମ

ଖୁଣ୍ଟୁଣୀ,୧୩।୯(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ରାଧାନାଥ ରଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଏବଂ ଜଳବାୟୁ ପରିବର୍ତ୍ତନ ଦିବସ ଉପଲକ୍ଷେ ଶନିବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ୍‌କ୍ରସ୍ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ରବିନାରାୟଣ ଦାସ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ସମୟରେ ପରିବେଶ ଜନିତ ସମସ୍ୟା ଓ ଜଳବାୟୁ ପରିବର୍ତ୍ତନ ଏକ ଜଟିଳ ପରିସ୍ଥିତି ସୃଷ୍ଟି କରୁଥିବା ବେଳେ ବଞ୍ଚିରହିବା ପାଇଁ ପ୍ରାଥମିକ ଚିକିତ୍ସାର ଜରୁରୀ ଆବଶ୍ୟକତା ତଥା ପ୍ରାକୃତିକ ବିପର୍ଯ୍ୟୟର କିପରି ମୁକାବିଲା କରାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଜୀବବିଜ୍ଞାନ ଅଧ୍ୟାପକ ଚିତ୍ତରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଗୋବର୍ଦ୍ଧନ ବେଉରା, ସୁରେନ୍ଦ୍ର କୁମାର ପେଣ୍ଠୋଇ, ବଜ୍ରଭୂଷଣ ପାତ୍ର, ରାଜଲକ୍ଷ୍ମୀ ପଣ୍ଡା, ଅନିନ୍ଦିତା ମହାପାତ୍ର, ଶିଶିର ଦାସ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ। ଚକ୍ରଧର ସାହୁ ଧନ୍ୟବାଦ ଦେଇଥିଲେ।

# ଫଟୋଗ୍ରାଫର ଆସୋସିଏଶନର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଚୌଦ୍ୱାର,୧୩।୯(ଆଶୁତୋଷ ଦାସ)

ଚୌଦ୍ୱାର ଫଟୋଗ୍ରାଫର ଆସୋସିଏଶନର ଷଷ୍ଠ ବାର୍ଷିକୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଚୌଦ୍ୱାର ଗାନ୍ଧୀ ଛକସ୍ଥିତ ପୌର ଟାଉନହଲଠାରେ ପାଳିତ ହୋଇଯାଇଛି। ଆସୋସିଏଶନ ସଭାପତି ସତ୍ୟବ୍ରତ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ଶ୍ରୀତମ ଦାସ ଯୋଗଦେଇ ଆସାସିଏଶନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ କୁସୁମ ଗ୍ରୁପ୍ ଅଧ୍ୟକ୍ଷ ଅଭିନାଶ ପାତ୍ର, କଟକ ଫଟୋଗ୍ରାଫର ଆସୋସିଏଶନ ସଭାପତି ସୁଜିତ ମିଶ୍ର, ପ୍ରାଚୀ ଡିଜିଟାଲ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସ୍ୱାଇଁ, ପୁପୁଲ ଫିଲ୍ମର ଅଧ୍ୟକ୍ଷ ପୁପୁଲ ମହାନ୍ତି, ନଳିନୀ ଭିଜନ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ନନ୍ଦ ପ୍ରମୁଖ ଯୋଗଦେଇ ଚୌଦ୍ୱାର ଫଟୋଗ୍ରାଫର ଆସୋସିଏଶନର ଏଭଳି କାର୍ଯ୍ୟକ୍ରମକୁ ପ୍ରସଂଶା କରିଥିଲେ। ସଞ୍ଜିବ କୁମାର ତିୱାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଜୀବନେନ୍ଦୁ ଲେଙ୍କା ବାର୍ଷିକ ବୀବରଣି ପାଠ କରିଥିଲେ। ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଦୀପକ ବେଉରା, ଅଜିତ କୁମାର ସ୍ୱାଇଁ, ଆଲୋକ ଦାସ, ଚିନ୍ମୟ ବେହେରା, ପ୍ରଦୀପ ମହାପାତ୍ର, ରମେଶ ସାହୁ, ରଞ୍ଜିତ ବେଉରା, ପ୍ରଦୀପ ବିହାରୀଙ୍କ ସମେତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ପରୀକ୍ଷିତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସାଂସଦ ଖେଳ ମହୋତ୍ସବ ପ୍ରସ୍ତୁତି ବୈଠକ

କଟକ ସଦର,୧୩।୯(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ଖାରକଟା ପଞ୍ଚାୟତର ପଟଣା ଗ୍ରାମରେ ସାଂସଦ ଖେଳ ମହୋତ୍ସବ– ୨୦୨୫ ପ୍ରସ୍ତୁତି ବୈଠକ ଶନିବାର ଭାଜପା ସଙ୍ଗଠକ ସମୀର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କବାଡି, ଖୋଖୋ, ଭଲିବଲ, କ୍ରିକେଟ, ଫୁଟବଲ, ମାରାଥନ ଭଳି ପାରମ୍ପରିକ ଖେଳରେ ଅଂଶଗ୍ରହଣ ପାଇଁ କ୍ରୀଡାବିତଙ୍କ ନାମ ପଞ୍ଜୀକରଣ ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଗ୍ରାମପଞ୍ଚାୟତ, ମଣ୍ଡଳସ୍ତରରେ ସର୍ବାଧିକ ପଞ୍ଜୀକରଣ କରାଯିବାକୁ ଆଲୋଚନା ହୋଇଥିଲା। ପ୍ରତ୍ୟେକ ପଞ୍ଚାୟତରେ ଜଣେ ସଂଯୋଜକ, ପ୍ରମୁଖ, ସହପ୍ରମୁଖ ରହି ଏହି ପଞ୍ଜୀକରଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଖେଳ ମହୋତ୍ସବ ସଂଯୋଜକ ଅମିତାଭ ବିଶ୍ୱାଳ, ମଣ୍ଡଳ ସଭାପତି ସୁଧାଂଶୁ ନାରାୟଣ ଦାସ, ଉପସଭାପତି ପ୍ରିୟ ରଞ୍ଜନ ଖଟୁଆ, ସାଧାରଣ ସମ୍ପାଦକ ସତ୍ୟଦୀପ ସାହୁ, ଜ୍ୟୋତି ରଞ୍ଜନ ଜେନା, ମହିଳା ମୋର୍ଚ୍ଚା ସୁମିତା ଦେବତା, ସବିତା ଦାସ, ଚିତ୍ତରୋମା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘକୁ ଆରତୀ ଷ୍ଟିଲ କାରଖାନାର ଉପେକ୍ଷା

ଖୁଣ୍ଟୁଣୀ,୧୩।୯(ସଚ୍ଚିଦାନନ୍ଦ ପଣ୍ଡା)

**ପ୍ରତିବାଦରେ ୧୭ରେ ୪ ଶହ ଟ୍ରକ ମାଲିକଙ୍କ ଧାରଣା**

ସ୍ଥାନୀୟ ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି, ପାରିପାର୍ଶ୍ୱିକ ଉନ୍ନୟନ ଉପରେ ଅଗ୍ରାଧିକାର, ଶିକ୍ଷା ସ୍ୱାସ୍ଥ୍ୟ ସାଙ୍ଗକୁ ସ୍ଥାନୀୟ ଟ୍ରକ ମାଲିକଙ୍କୁ ଅଗ୍ରାଧିକାର ଭିତ୍ତିରେ କାରଖାନାର ଉତ୍ପାଦିତ ସାମଗ୍ରୀ ପରିବହନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ କାରଖାନା କର୍ତ୍ତୃପକ୍ଷ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲା। ହେଲେ ଏବେ ପ୍ରତିଶ୍ରୁତିରୁ ଓହରି ଯାଇଥିବାରୁ ଏହାର ପ୍ରତିବାଦରେ ଆସନ୍ତା ୧୭ ତାରିଖ ପୂର୍ବାହ୍ନରୁ ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ଆଠଗଡ଼ ଉପଖଣ୍ଡ ପକ୍ଷରୁ ୪ ଶହରୁ ଉର୍ଦ୍ଧ୍ୱ ଟ୍ରକ ମାଲିକ ଆରତୀ ଷ୍ଟିଲ ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ପୂର୍ବରୁ ଆରତୀ ଷ୍ଟିଲ କର୍ତ୍ତୃପକ୍ଷଙ୍କୁ ଟ୍ରକ ମାଲିକ ସଂଘ ଦାବିପତ୍ର ଦେଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଦାବି ପ୍ରତି ଗୁରୁତ୍ୱ ନେଉନାହାନ୍ତି। ଫଳରେ ସେମାନଙ୍କ ଟ୍ରକଗୁଡିକ ମାଲ ନ ପାଇ ମାସରେ ଫାଇନାନ୍ସ ବ୍ୟାଙ୍କକୁ କିସ୍ତି ଦେବା ଅସମ୍ଭବ ହୋଇପଡୁଛି। ପ୍ରାୟ କିଛି ବର୍ଷ ମଧ୍ୟରେ କେତେକ ଟ୍ରକ ମାଲିକ କିସ୍ତି ଦେଇ ନ ପାରିବାରୁ ଫାଇନାନ୍ସ କମ୍ପାନୀ ତାଙ୍କ ଟ୍ରକକୁ ନେଇଛନ୍ତି ବୋଲି ସଂଘ ସଭାପତି ମନୋଜ କୁମାର ମିଶ୍ର କହିଛନ୍ତି। ଯେ ପର୍ଯ୍ୟନ୍ତ ସେମାନଙ୍କ ଦାବି ପ୍ରତି କାରଖାନା କର୍ତ୍ତୃପକ୍ଷ ସହାନୁଭୂତିଶୀଳ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ମାଲିକ ସଂଘ ପକ୍ଷରୁ ସଭାପତି ମିଶ୍ର ଓ ସମ୍ପାଦକ ଅଶୋକ କୁମାର ସାମନ୍ତରାୟ କହିଛନ୍ତି। ଏ ସମ୍ପର୍କରେ ଆରତୀ ଷ୍ଟିଲ କାରଖାନା ବରିଷ୍ଠ ଅଧିକାରୀ ଅଶୋକ କୁମାର ପଟ୍ଟନାୟକ କହିଛନ୍ତି, ମାଲିକ ସଂଘ କାରଖାନା ଆଗରେ ଧାରଣା ଦେବା ପୂର୍ବରୁ ଆମ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିପାରିଥାନ୍ତେ। ହେଲେ ସେମାନେ ଧାରଣା ଦେବା ପାଇଁ ନିଷ୍ପତ୍ତି ନେଇଥିବାରୁ ଆମେ କଣ କରିପାରିବୁ ବୋଲି କହିଥିଲେ। ଅପରପକ୍ଷେ ସେହି ଦିନ ଅନ୍ୟ ଏକ ଗୋଷ୍ଠୀ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ କରିବେ ବୋଲି କାରଖାନାର ଜଣେ ଅନ୍ୟତମ ବରିଷ୍ଠ ଅଧିକାରୀ କହିଛନ୍ତି।

# ପାରମ୍ପରିକ ବାଦ୍ୟରେ ଭସାଣି ଶୋଭାଯାତ୍ରା



**ଧରାବତରଣ କରିବେ ମା’**

କଟକ,୧୩।୯(ଶିଲ୍ପା ପ୍ରିୟଦର୍ଶିନୀ)

**ବିନୋଦ ବିହାରୀ ବାଲୁବଜାର ପୂଜା କମିଟି**

ଜଗତଜନନୀ ମା’ଦୁର୍ଗାଙ୍କୁ ସ୍ୱାଗତ ପାଇଁ ବିଭିନ୍ନ ପୂଜା କମିଟି ଭଳି କି ଭଳି ପ୍ରସ୍ତୁତି କରିବାରେ ବ୍ୟସ୍ତ ରହିଛନ୍ତି। ପୂଜା ଦୌଡରେ କଟକର ଅନ୍ୟତମ ପୂଜା ମଣ୍ଡପ ବିନୋଦ ବିହାରୀ ବାଲୁବଜାର ପୂଜା କମିଟି ନିଜକୁ ସାମିଲ କରିଛି। ଏହି ପୂଜା କମିଟି କଟକର ପ୍ରଥମ ବା ସର୍ବପୁରାତନ ପୂଜା ମଣ୍ଡପ। ୧୫୦୯ରୁ ମା’ଙ୍କ ଏଠାରେ ପୂଜାର୍ଚ୍ଚନା କରାଯାଇ ଆସୁଛି। ବିନୋଦ ବିହାରୀ ବାଲୁବଜାର ଦୁର୍ଗାଙ୍କୁ ଓଡିଶାର ପ୍ରଥମ ବଡ ଭଉଣୀ କୁହାଯାଏ। କିମ୍ବଦନ୍ତୀ ଅନୁସାରେ, ନଦୀୟା ନବଦୀପୁର ପୁରୀ ଯିବା ବାଟରେ ଶ୍ରୀଚୈତନ୍ୟ ଦେବ ମହାନଦୀ ଗଡଗଡିଆ ଘାଟରେ ଓହ୍ଲାଇଥିଲେ। ତତ୍କାଳୀନ ରାଜା ପ୍ରତାପରୁଦ୍ର ଦେବ ସ୍ୱାଗତ କରିବା ସହ ରାଜବାଟିକାକୁ ଶ୍ରୀଚୈତନ୍ୟଙ୍କୁ ନିମନ୍ତ୍ରଣ କରିଥିଲେ। କିନ୍ତୁ ଶ୍ରୀଚୈତନ୍ୟ ବିନୋଦବିହାରୀ ମନ୍ଦିରରେ ଅବସ୍ଥାନ କରିବାକୁ ଚାହିଁଥିଲେ। ରହଣି ସମୟରେ ଶରତକାଳୀନ ଦୁର୍ଗାପୂଜା ପଡିବାରୁ ଶ୍ରୀଚୈତନ୍ୟ ନିଜ ହାତରେ ମା’ଙ୍କ ମୂର୍ତ୍ତି ଗଢି ପୂଜା ଆରମ୍ଭ କରିଥିଲେ। ମଣ୍ଡପରେ ମା’ଙ୍କ ବଙ୍ଗୀୟ ପରମ୍ପରାରେ ପୂଜାର୍ଚ୍ଚନା କରାଯାଏ। ୧୦ଫୁଟ୍ ଉଚ୍ଚତା ବିଶିଷ୍ଟ ମା’ଙ୍କ ମୂର୍ତ୍ତିକୁ ବାନାର୍ଜୀ ପରିବାରର ପୂଜକ ନିର୍ମାଣ କରୁଛନ୍ତି। ୨୦୦୨ରେ ୩ କୁଇଣ୍ଟାଲ ୨୦ କେଜି ଓଜନର ଚାନ୍ଦି ମେଢ଼ କରାଯାଇଥିଲା। ୧.୬ କୁଇଣ୍ଟାଲ ଓଜନର ଚାନ୍ଦିରେ ମା’ ଦୁର୍ଗା ଓ ପାର୍ଶ୍ୱ ଦେବଦେବୀଙ୍କ ଅଳଙ୍କାର କରାଯାଇଛି। ଚଳିତବର୍ଷ ଚାନ୍ଦି ମରାମତି କାମ କରାଯାଇଛି। ମହାସପ୍ତମୀରୁ ଦଶମୀ ଯାଏ ମା’ଙ୍କ ପାଖରେ ଅନ୍ନ ଭୋଗ ଲାଗି କରାଯିବ। ମହାଷ୍ଟମୀରେ ଶତାଧିକ ମହିଳା ଶ୍ରଦ୍ଧାଳୁଙ୍କ ପାଇଁ ବ୍ରତପୂଜା କରିବା ନେଇ ବ୍ୟବସ୍ଥା କରାଯାଇଛି। ନବମୀରେ ୧ କୁଇଣ୍ଟାଲ ଲଡୁ ଭୋଗ ଲାଗି କରାଯାଇ ବଣ୍ଟନ କରାଯିବ। ଦଶମୀରେ ଘଟ ବିସର୍ଜନ କରାଯିବ ଏବଂ ମା’ଙ୍କ ନିକଟରେ ସିନ୍ଦୂର ଖେଳି ମହିଳାମାନେ ମା’ଙ୍କୁ ବିଦାୟ ଦେବେ। ଭସାଣିରେ ପୂଜା ମଣ୍ଡପ ଦେଇ ଅତିକ୍ରମ କରୁଥିବା ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ଏବଂ ଯାତ୍ରାରେ ଝଙ୍କଡ ସାରଳା ଘଣ୍ଟ, ଢେଙ୍କାନାଳ ମାଦଳ, ଯାଜପୁର ବ୍ୟାଣ୍ଡ ପାର୍ଟି ଓ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

**ଶାଢ଼ି ବିଛାଇ ମାନସିକ କରିବା ସ୍ୱତନ୍ତ୍ରତା ରହିଛି**



“ଏକାଦଶୀ ଦିନ ମା’ଙ୍କ ମେଲାଣି ସମୟରେ ଅଞ୍ଚଳବାସୀ ରାସ୍ତାରେ ଶାଢ଼ି ବିଛାଇ ମା’ଙ୍କ ନିକଟରେ ମାନସିକ କରିଥାନ୍ତି। ଯାହାଦ୍ୱାରା ମାନସିକ ପୂରଣ ହେଉଥିବା ନେଇ ବିଶ୍ୱାସ ରହି ଆସିଛି। ଏହାସହ ମହାଆଳତି କରାଯାଇ ମା’ଙ୍କୁ ବିଦାୟ ଦିଆଯାଇଥାଏ।

**ପୃଥ୍ୱୀରାଜ ସାହୁ, ସଭାପତି**

**ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ**



“ବଡ ଭଉଣୀ ମାନ୍ୟତା ଥିବାରୁ ଭସାଣି ଯାତ୍ରା ଶେଷରେ କରାଯାଏ। ପୂଜା କମିଟି ଦେଇ ଭସାଣୀରେ ଅତିକ୍ରମ କରୁଥିବା ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଭସାଣିରେ ପ୍ରଶାସନର ନିୟମକୁ ପାଳନ କରାଯିବ ଏବଂ ପାରମ୍ପରିକ ବାଦ୍ୟକୁ ବିଶେଷ ଗୁରୁତ୍ୱ ଦିଆଯିବ।

**ଈଶ୍ୱର ଚନ୍ଦ୍ର ବେହେରା, ସମ୍ପାଦକ**

**ସଂକ୍ଷେପରେ**

## ଫେରିଯିବ ମୌସୁମୀ, ୧୭ ଯାଏ ବର୍ଷା

ଭୁବନେଶ୍ୱର, ୧୩।୯ (ବନ୍ଦନା ସେଠୀ)- ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶରୁ ଅପସାରଣ ଲାଗି ପାଗ ଅନୁକୂଳ ରହିଛି। ଆସନ୍ତା ୧୫ ତାରିଖରୁ ପଶ୍ଚିମ ରାଜସ୍ଥାନର କିଛି ଅଞ୍ଚଳରୁ ମୌସୁମୀ ବାୟୁ ଲେଉଟାଣି ଆରମ୍ଭ କରିବ ବୋଲି ଭାରତୀୟ ପାଣିପାଗ ସଂସ୍ଥାନ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଏବେ ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିଛି। ଗତ ୨୪ଘଣ୍ଟାରେ ଗଞ୍ଜାମ, ନୟାଗଡ଼ ଓ ଖୋର୍ଦ୍ଧାରେ ଅତିପ୍ରବଳ ବର୍ଷା ରେକର୍ଡ କରାଯାଇଛି। ନୟାଗଡ଼ ଜିଲା ଭାପୁର ଅଞ୍ଚଳରେ ସର୍ବାଧିକ ୭.୩୨ ସେମି ବର୍ଷା ହୋଇଥିବାବେଳେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳରେ ୬.୫୪ ସେମି ବର୍ଷା ରେକର୍ଡ ହୋଇଛି। ସେହିପରି ୧୭ ଯାଏ ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଜ୍ଞାନୀ ଡ. ରାଜଶ୍ରୀ ଭିପିଏମ୍ କହିଛନ୍ତି। ରବିବାର ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଥିବାବେଳେ ବାକି ୨୪ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ସତର୍କତା ଜାରି ହୋଇଛି। ସୋମବାର ମଧ୍ୟ ରାଜ୍ୟ ତମାମ ବର୍ଷା ନେଇ ସତର୍କତା ଜାରି ହୋଇଛି। ମଙ୍ଗଳବାରଠାରୁ ରାଜ୍ୟରେ ବର୍ଷାର ମାତ୍ରା କମିବ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟ ଗୃହିଣୀ ସମାଜ ସମ୍ପାଦିକା ଇନ୍ଦିରା ପଟ୍ଟନାୟକଙ୍କ ପରଲୋକ



ଭୁବନେଶ୍ୱର, ୧୩।୯ (ସୌମ୍ୟରଞ୍ଜନ ରାଉତ)- ରାଜ୍ୟ ଗୃହିଣୀ ସମାଜ ସମ୍ପାଦିକା ଇନ୍ଦିରା ପଟ୍ଟନାୟକଙ୍କ ଶନିବାର ସକାଳେ ପରଲୋକ ଘଟିଛି। ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ସେ ୧୦ଦିନ ଧରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ବାବୁ ସିଂ, ଜଗନ୍ନାଥ ପ୍ରଧାନ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କର୍ପୋରେଟର ରଞ୍ଜୁଲତା ରାୟ, କର୍ପୋରେଟର ଆସିଆ ବେଗମ, ଦେବୀ ପଟ୍ଟନାୟକଙ୍କ ସମେତ ବହୁ ବ୍ୟକ୍ତିବିଶେଷ ରାଜନେତା, ସମାଜସେବୀ, ସାମ୍ବାଦିକ ଓ ଆତ୍ମୀୟ ସ୍ୱଜନମାନେ ତାଙ୍କ ୟୁନିଟ-୩ସ୍ଥିତ ବାସଭବନରେ ସ୍ୱର୍ଗତା ପଟ୍ଟନାୟକଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବାବେଳେ ପୁତ୍ର ପରାଗ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

# ଏମ୍‌ସ ଭୁବନେଶ୍ୱର ଦେଶର ୧୪ତମ ଶ୍ରେଷ୍ଠ ମେଡିକାଲ କଲେଜ

**ଏନ୍‌ଆଇଆର୍‌ଏଫ୍ ମେଡିକାଲ ର୍ୟାଙ୍କିଙ୍ଗ୍**



ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ୍ ପ୍ରମାଣପତ୍ର ସହ ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୩।୯(ବନ୍ଦନା ସେଠୀ)

ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ରାଜ୍ୟ ତଥା ସମଗ୍ର ପୂର୍ବ ଭାରତ ପାଇଁ ପୁଣି ଗୌରବ ଆଣିଛି ଏମ୍‌ସ ଭୁବନେଶ୍ୱର। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଜାତୀୟ ଶିକ୍ଷାନୁଷ୍ଠାନ ମାନ୍ୟତା ତାଲିକା (ଏନ୍‌ଆଇଆର୍‌ଏଫ୍ ମେଡିକାଲ)ରେ ଏମ୍‌ସ ଭୁବନେଶ୍ୱରକୁ ଦେଶର ଶ୍ରେଷ୍ଠ ମେଡିକାଲ କଲେଜ ବର୍ଗରେ ୧୪ତମ ସ୍ଥାନ ମିଳିଛି। ୨୦୨୪ରେ ଏହି ପ୍ରତିଷ୍ଠାନ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ୍‌ର ୧୫ତମ ସ୍ଥାନରେ ଥିଲା। ସେହିପରି ସାମଗ୍ରିକ କ୍ଷେତ୍ରରେ ମଧ୍ୟ ଏମ୍‌ସ ଭୁବନେଶ୍ୱର ଶ୍ରେଷ୍ଠ ଶହେ ଡାକ୍ତରୀ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ରହିଛି। ଶିକ୍ଷାଦାନ, ଶିକ୍ଷା ଏବଂ ସମ୍ବଳ (ଟିଏଲ୍‌ଆର୍), ଗବେଷଣା ଏବଂ ବୃତ୍ତିଗତ ଅଭ୍ୟାସ (ଆର୍‌ପି), ସ୍ନାତକୋତ୍ତର ଫଳାଫଳ (ଜିଓ), ଆଉଟରିଚ୍ ଏବଂ ଇନ୍‌କ୍ଲୁସିଭିଟି (ଓଆଇ) ଏବଂ ପିଅର ପର୍ସେପ୍ସନ (ପିପି) ଭଳି ୫ଟି ମାନଦଣ୍ଡକୁ ଭିତ୍ତିକରି ଏହି ତାଲିକା ପ୍ରସ୍ତୁତ କରାଯାଇଛି। ଏକାଡେମିକ୍ ଓ ବୃତ୍ତିଗତ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଏମ୍‌ସ ଭୁବନେଶ୍ୱର ଚଳିତବର୍ଷ ୧୦୦ ରୁ ୬୪.୩୧ ସ୍କୋର୍ କରିଛି, ଯାହା ଏହାର ସର୍ବାଙ୍ଗୀନ ପ୍ରଦର୍ଶନ ତଥା ବର୍ଦ୍ଧିତ ଜାତୀୟ ଖ୍ୟାତିର ପ୍ରତିଫଳନ। ଏହି ସଫଳତାକୁ ନେଇ ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ଡା. ଆଶୁତୋଷ ବିଶ୍ୱାସ ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ତଥା ଏମ୍‌ସର ପରିବାରକୁ ଧନ୍ୟବାଦ ଜଣାଇଛନ୍ତି। ରୋଗୀ ସେବା, ଗବେଷଣା ଏବଂ ଶିକ୍ଷାର ସାମଗ୍ରିକ ବିକାଶରେ ଏହି ପ୍ରତିଷ୍ଠାନ ଉତ୍କର୍ଷର ନିରନ୍ତର ଅନୁସରଣ ଜାରିରଖିବ ବୋଲି ସେ କହିଛନ୍ତି। ଏନେଇ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏମ୍‌ସର ଡିନ୍ (ପରୀକ୍ଷା) ଡା. ସୌଭାଗ୍ୟ କୁମାର ଜେନା, ଡିଡିଏ ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡା. ସୁଦୀପ୍ତ ରଞ୍ଜନ ସିଂହ, ଡା. ବିନୋଦ କୁମାର ପାତ୍ରୋ ପ୍ରମୁଖ ଉପସ୍ଥିତ ଥିଲେ।

## ୪୦ ଦେଶର ବୈଦେଶିକ ଅଧିକାରୀଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିବା ୪୦ ଦେଶର ବୈଦେଶିକ ଅଧିକାରୀ।

କୋଣାର୍କ, ୧୩।୯ (ଜ୍ୟୋତିରାଜ ମହାନ୍ତି)

୪୦ଟି ଦେଶର ବୈଦେଶିକ ସେବା ଅଧିକାରୀ(ଏଫ୍‌ଏସଓ) ଶନିବାର ଅପରାହ୍ନରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ବୈଦେଶିକ ଅଧିକାରୀମାନେ ପହଞ୍ଚିବା ପରେ ପ୍ରଥମେ ଯାତ୍ରୀନିବାସରେ କିଛି ସମୟ ଅତିବାହିତ କରିବା ପରେ ସୂର୍ଯ୍ୟମନ୍ଦିର ବୁଲି ଦେଖିଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଅଧିକାରୀମାନେ ବିମୋହିତ ହୋଇପଡ଼ିଥିଲେ। ଏହି ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀଙ୍କ ସମେତ ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ ହେଲେ ଇନ୍‌ସା ଫେଲୋ

ଭୁବନେଶ୍ୱର, ୧୩।୯ (ସୁଚିସ୍ମିତା ସାହୁ)

ବିଶିଷ୍ଟ ଓଡ଼ିଆ କ୍ୱାଣ୍ଟମ ପଦାର୍ଥ ବିଜ୍ଞାନୀ ତଥା ଶିକ୍ଷାବିତ୍ ପ୍ରଫେସର ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ ଚଳିତବର୍ଷ ଇଣ୍ଡିଆନ ନ୍ୟାଶନାଲ ସାଇନ୍ସ ଏକାଡେମୀ(ଇନ୍‌ସା) ଫେଲୋ ପାଇଛନ୍ତି। ଭାରତର ବିଜ୍ଞାନ ଓ ବୈଜ୍ଞାନିକଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ପାଇଁ ୧୯୩୫ ମସିହାରେ ପ୍ରତିଷ୍ଠିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଇନ୍ ଇଣ୍ଡିଆ (ନିସ୍) ୧୯୭୦ ମସିହାରୁ ଇନ୍‌ସା ନାମରେ କାର୍ଯ୍ୟ କରୁଛି। ଇନ୍‌ସା ଫେଲୋ ହେବା ଏକ ମର୍ଯ୍ୟାଦାଜନକ ଉପଲବ୍ଧି। ପ୍ରଫେସର ପାଣିଗ୍ରାହୀ କ୍ୱାଣ୍ଟମ ଅପ୍‌ଟିକ୍ସ, କ୍ୱାଣ୍ଟମ ଟେଲେପୋର୍ଟେଶନ, କ୍ୱାଣ୍ଟମ ଏନ୍‌ଟାଙ୍ଗ୍ଲମେଣ୍ଟ, କ୍ୱାଣ୍ଟମ ଇନ୍‌ଫରମେଶନ, ନନ୍‌ଲିନିଅର ଡାଇନାମିକ୍ସ ଆଦି କ୍ଷେତ୍ରରେ ବିଶ୍ୱସ୍ତରୀୟ ଗବେଷଣା କରିଛନ୍ତି। ସେ ଭାରତର କ୍ୱାଣ୍ଟମ ଗବେଷଣାକୁ ନୂଆ ଦିଗ ପ୍ରଦାନ କରିଛନ୍ତି। କଟକ ଜିଲାର ଅରିଲୋ ଗ୍ରାମରେ ଜନ୍ମିତ ପ୍ରଫେସର ପାଣିଗ୍ରାହୀ ସ୍ଥାନୀୟ ତେଲଦିଆ ହାଇସ୍କୁଲରୁ ମାଟ୍ରିକ ପାସ୍ ପରେ ରେଭେନ୍‌ଶା କଲେଜରେ ପଢ଼ିଥିଲେ।



ଯୁକ୍ତରାଷ୍ଟ୍ର ଆମେରିକାରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିବାପରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟରେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ଏହାପରେ ଅହମଦାବାଦର ଫିଜିକାଲ ରିସର୍ଚ୍ଚ ଲାବରେଟୋରିରେ ପ୍ରାଧ୍ୟାପକ ଭାବେ ଯୋଗଦେଇ କ୍ୱାଣ୍ଟମ ଫିଜିକ୍ସ ଗବେଷଣାରେ ନିଜକୁ ଉତ୍ସର୍ଗ କରିଥିଲେ। ଏଠାରେ ସେ କ୍ୱାଣ୍ଟମ ପ୍ରୟୋଗାତ୍ମକ ବିଭାଗ ଆରମ୍ଭ କରିଥିଲେ। ତେବେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଜର) କୋଲକାତାର ନିର୍ଦ୍ଦେଶକ ଭାବେ ଅବସର ନେବା ପରେ ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କ୍ୱାଣ୍ଟମ ବିଜ୍ଞାନ ଓ ପ୍ରୟୋଗ କେନ୍ଦ୍ରର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଇଥିଲେ। ସେ ଓଡିଶାରେ କ୍ୱାଣ୍ଟମ ଗବେଷଣାକୁ ନୂତନ ଗତି ଦେବା ପାଇଁ ଚେଷ୍ଟା କରିବା ସହ କେନ୍ଦ୍ର ସରକାରଙ୍କ ୬୦୦୦ କୋଟି ପୁଞ୍ଜି ଲଗାଣର ପ୍ରମୁଖ ପ୍ରକଳ୍ପ କ୍ୱାଣ୍ଟମ ମିଶନକୁ ସଫଳ କରିବା ପାଇଁ ପ୍ରଚେଷ୍ଟା କରୁଛନ୍ତି। ଏବେ ପ୍ରଫେସର ପାଣିଗ୍ରାହୀ ଇନ୍‌ସା ଫେଲୋ ହେବା ଦ୍ୱାରା ଏ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଏଥିସହ ସେ ଓଡ଼ିଶା ଫିଜିକାଲ ସୋସାଇଟିର ଜର୍ନାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଅନ୍ୟତମ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି।

## ୧୭ରୁ ଭୁବନେଶ୍ୱରରେ ବୁଲାକୁକୁର ଗଣିବ ବିଏମ୍‌ସି

ଭୁବନେଶ୍ୱର, ୧୩।୯ (ବନ୍ଦନା ସେଠୀ)- ରାଜ୍ୟରେ ପ୍ରଥମଥର ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବୁଲା କୁକୁର ଗଣନା ଆରମ୍ଭ ହେବ । ସେପ୍ଟେମ୍ବର ୧୭ରୁ ୨୪ ମଧ୍ୟରେ ସମୁଦାୟ ୬୭ଟି ୱାର୍ଡରେ ଏହି ଗଣନା କାର୍ଯ୍ୟ ଚାଲିବ। ବୁଲାକୁକୁର ଗଣନା ପାଇଁ ଜୋନ, ୱାର୍ଡ ଓ ୱାର୍ଡରେ ଥିବା ପ୍ରତ୍ୟେକ ଗଳି ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଗଳିକନ୍ଦିରେ ଦୁଇଟି ପର୍ଯ୍ୟାୟରେ ଏବଂ ବୈଜ୍ଞାନିକ ପଦ୍ଧତିରେ ବୁଲାକୁକୁର ଗଣନା କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ସେପ୍ଟେମ୍ବର ୧୭ରୁ ୨୦ ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଭୋର ୫ଟାରୁ ସକାଳ ୭ଟା ପର୍ଯ୍ୟନ୍ତ କୁକୁର ଗଣନା ଚାଲିବ। ଦକ୍ଷ ପ୍ରାଣୀଡାକ୍ତରଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସାନିଟାରୀ ଇନ୍ସପେକ୍ଟର, ଏସ୍‌ଏମ୍‌ଟିଏ, ଡିଇଓ, ସିଓ, ୱାର୍ଡଅଫିସର ପ୍ରମୁଖ ଏହି କାର୍ଯ୍ୟ ସମ୍ପାଦନ କରିବେ। ଏକକାଳୀନ ୪୧୦ଟି ଟିମ୍ ଭୁବନେଶ୍ୱରର ବିଭିନ୍ନ ଗଳିକନ୍ଦିରେ କୁକୁର ଗଣନା ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୁକୁର କାମୁଡ଼ିବା ହ୍ରାସ କରିବା, ରୋଗ ସଂକ୍ରମଣ (ଯଥା-ରାବିସ, ଲେପ୍ଟୋସ୍ପାଇରୋସିସ) ରୋକିବା, ଲୋକଙ୍କ ପଛରେ ଗୋଡ଼ାଇବା, ସଡ଼କ ଦୁର୍ଘଟଣା ହ୍ରାସ କରିବା, ପରିବେଶ ପ୍ରଦୂଷଣ, ବିଏମସି ଅଞ୍ଚଳରେ ଥିବା ବୁଲା କୁକୁରଙ୍କ ବାସ୍ତବିକ ସଂଖ୍ୟା ଜାଣିବା, ବୁଲା କୁକୁରମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣରେ ଉନ୍ନତିଆଣିବା ଆଦି ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ବିଏମ୍‌ସି କର୍ତ୍ତୃପକ୍ଷ କହିଛନ୍ତି। ଏହି କ୍ରମରେ ଶନିବାର କୁକୁର ଗଣନା କାର୍ଯ୍ୟ ସମ୍ପାଦନ କରିବାକୁ ଥିବା କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ରତ୍ନାକର ସାହୁ, ଡେପୁଟି କମିଶନର ଏନ. ଗଣେଶ ବାବୁ ଏବଂ ଡାକ୍ତର ଦେବୀପ୍ରସାଦ କୁଣ୍ଡ ତାଲିମ ପ୍ରଦାନ କରିଥିବାବେଳେ ଏବିସି ଉପାୟୁକ୍ତ ରଶ୍ମିରେଖା ପ୍ରଧାନଙ୍କ ସମେତ ପ୍ରାଣୀଡାକ୍ତରମାନେ ଉପସ୍ଥିତ ଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଦ୍ୟାଧର



@ ବିଜୟକୁମାର



@ ମିଳନ



@ ରାଜେଶ



@ ସଙ୍ଗୀତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, ଆଇଆଇଏମ୍ ନାଗପୁର ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର/ବାରଙ୍ଗ, ୧୩।୯
(ଅନୁରାଧା ମହାରଣା/ଲିଙ୍ଗରାଜ ରାଉତ)



ଆଇଆଇଏମ୍ ନାଗପୁର ଓ କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଏସ୍‌ଏସ୍‌ୟୁ) ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ଆଧୁନିକ ବ୍ୟବସ୍ଥାପନାକୁ ଭାରତୀୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟ ସହିତ ସଂଯୋଗ କରି ଶିକ୍ଷା ଓ ଗବେଷଣାକୁ ପ୍ରୋତ୍ସାହନ ଦେବ। ଆଇଆଇଏମ୍ ଛାତ୍ରମାନେ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଜୀବନ, ନେତୃତ୍ୱ ଓ ଅବଦାନ ଉପରେ ଆଧାରିତ କେସ୍ ଷ୍ଟଡି ଅଧ୍ୟୟନ କରିବେ। ଏହି ଭାଗିଦାରୀ ଆଧ୍ୟାତ୍ମିକତା ସହିତ ପରିବର୍ତ୍ତନଶୀଳ ନେତୃତ୍ୱ ଉପରେ ଏକ୍‌ଜିକ୍ୟୁଟିଭ୍ ଶିକ୍ଷା କାର୍ଯ୍ୟକ୍ରମ ପ୍ରସ୍ତୁତ କରିବ। ଏହା ପ୍ରାଚୀନ ଭାରତୀୟ ଜ୍ଞାନକୁ ଆଧୁନିକ ବ୍ୟବସ୍ଥାପନା ସହିତ ମିଶ୍ରଣ କରି ଭାରତୀୟ ଜ୍ଞାନ ପ୍ରଣାଳୀକୁ ଉତ୍ସାହିତ କରିବ। ବେଙ୍ଗାଲୁରୁ ଆଶ୍ରମରେ ଥିବା ଆର୍ଟ ଅଫ୍ ଲିଭିଂ ଅନ୍ତର୍ଜାତୀୟ କେନ୍ଦ୍ରରୁ ଆରୋଗ୍ୟ, ଧ୍ୟାନ ଓ ସାମଗ୍ରିକ ନେତୃତ୍ୱ କ୍ଷେତ୍ରରେ ମୂଲ୍ୟବାନ୍ ଅନ୍ତର୍ଦୃଷ୍ଟି ମିଳିବ ବୋଲି ଆଶା କରାଯାଉଛି। ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଉପସ୍ଥିତିରେ ଆଇଆଇଏମ୍ ନାଗପୁରର ନିର୍ଦ୍ଦେଶକ ଡ. ଭୀମାରାୟା ମେଟ୍ରୀ ଓ ଏସଏସୟୁର ପ୍ରେସିଡେଣ୍ଟ ପ୍ରଫେସର ରଜିତା କୁଲକର୍ଣ୍ଣୀ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ଡ. ମେଟ୍ରୀ କହିଛନ୍ତି, ଏହି ସହଯୋଗ ମୂଲ୍ୟବୋଧ ଓ ସାମାଜିକ ଚେତନା ସମ୍ପନ୍ନ ନେତୃତ୍ୱ ତିଆରି କରିବ। ପ୍ରଫେସର କୁଲକର୍ଣ୍ଣୀ କହିଛନ୍ତି, ଏହା ଆଧ୍ୟାତ୍ମିକତା, ଭାରତୀୟ ଜ୍ଞାନ ଓ ବ୍ୟବସ୍ଥାପନାକୁ ମିଶାଇ ସାମଗ୍ରିକ ନେତୃତ୍ୱ ପାଇଁ ଏକ ଶକ୍ତିଶାଳୀ ପଦ୍ଧତି ଆଣିବ। କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଶାନ୍ତ ଗୁପ୍ତା, ପ୍ରଫେସର ଅଲୋକ କୁମାର ସିଂ, ପ୍ରଫେସର ସୁଜିତ କୁମାର ଶର୍ମା, ଏସ୍‌ଏସ୍‌ୟୁର କୁଳପତି ପ୍ରଫେସର ତେଜ ପ୍ରତାପ, ନିର୍ଦ୍ଦେଶକ (ଅପରେସନ୍ସ) ସ୍ୱାମୀ ସତ୍ୟ ଚୈତନ୍ୟ ଓ ଏକ୍‌ଜିକ୍ୟୁଟିଭ ରେଜିଷ୍ଟ୍ରାର ପ୍ରଫେସର ଅନିଲ କୁମାର ଶର୍ମା ଉପସ୍ଥିତ ଥିଲେ।

## ଦୁର୍ବିପାକ ବେଳେ ପ୍ରାଥମିକ ଚିକିତ୍ସା ମୃତ୍ୟୁ ହାର ହ୍ରାସ କରିବ

ଭୁବନେଶ୍ୱର, ୧୩।୯ (ସୁଚିସ୍ମିତା ସାହୁ)




ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଏଜି ଆମ୍ବୁଲାନ୍ସ ଡିଭିଜନ, ଟ୍ରିଧା ନର୍ସିଂ ଡିଭିଜନ ଓ ଟେମ୍ପଲ ସିଟି ଡିଭିଜନର ମିଳିତ ସହଯୋଗରେ 'ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ' ଶନିବାର ଏଜି କଲୋନୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ବସ୍ତିବାସିନ୍ଦା ଓ ସ୍ୱେଚ୍ଛାସେବୀଙ୍କୁ ଚିକିତ୍ସା ତାଲିମ ଦିଆଯାଇଛି। ଆମ୍ବୁଲାନ୍ସ ଡିଭିଜନର ସହକାରୀ ଆୟୁକ୍ତ ପୁରୁଷୋତ୍ତମ ବଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ଉପସଭାପତି ଡ. କାଳୀ ପ୍ରସାଦ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ସତ୍ୟଜିତ୍ ସାହୁ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଏବଂ ଏଥିଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇଁ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ଓ ତାଲିମ ଉପରେ ଆଲୋକପାତ କରିଥିଲେ । ଜଳବାୟୁ ପରିବର୍ତ୍ତନ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ମଧ୍ୟରୁ ଗୋଟିଏ। ବର୍ଦ୍ଧିତ ତାପମାତ୍ରା, ପରିବର୍ତ୍ତନ ପାଣିପାଗ ଢାଞ୍ଚା ଏବଂ ଜଳବାୟୁ ପରିବର୍ତ୍ତନଜନିତ ଦୁର୍ବିପାକରେ ବହୁ ଲୋକ ପ୍ରାଣ ହରାଉଛନ୍ତି। ଏହାକୁ ହ୍ରାସ ପାଇଁ ପ୍ରଚଳିତ ପ୍ରାଥମିକ ଚିକିତ୍ସା ତାଲିମର ଆବଶ୍ୟକତା ରହିଛି। ଦୁର୍ବିପାକ ବେଳେ ଜନସାଧାରଣଙ୍କୁ ତତ୍କାଳ ପ୍ରାଥମିକ ଚିକିତ୍ସା ଯୋଗାଇଦେବା ସହିତ ମୃତ୍ୟୁସଂଖ୍ୟା କମାଇବାରେ ସହଯୋଗ କରିବାକୁ ପ୍ରଫେସର ସାହୁ ଆହ୍ୱାନ ଦେଇଛନ୍ତି। ସହକାରୀ ଆୟୁକ୍ତ ସୁଶାନ୍ତ କୁମାର ପଟ୍ଟନାୟକ, ଡ. ବସନ୍ତ କୁମାର ସାହୁ, ଡ. ପ୍ରମୋଦ କୁମାର ମହାପାତ୍ର, ଗିରିଶ୍ ଚନ୍ଦ୍ର ଶତପଥୀ, ସଞ୍ଜିତା ମହାପାତ୍ର, ନୃସିଂହ ପ୍ରଧାନ ଓ ଭିକାରି ଚରଣ ସାହୁ ସ୍ୱେଚ୍ଛାସେବୀଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ସେହିପରି ଅପରାହ୍ନରେ ରାଜ୍ୟ ସେଣ୍ଟ୍ ଜନ୍ ଆମ୍ବୁଲାନ୍ସ ଶାଖା ପକ୍ଷରୁ ସ୍କାଉଟ୍ ଭବନଠାରେ ସଂସ୍ଥାର ଅବୈତନିକ ସଚିବ ନିଧି କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାରେ କ୍ୟାପିଟାଲ ହସ୍ପିଟାଲ ପିଜିଆଇଏମ୍ଆର୍ ନିର୍ଦ୍ଦେଶକ ଡ. ନିବେଦିତା ପାଣି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର, ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ମୁଖ୍ୟ କମିଶନର ଡ. କାଳୀ ପ୍ରସାଦ ମିଶ୍ର, ଡ. ସୁଧିରଞ୍ଜନ ଦାସ ଯୋଗଦେଇ ଚଳିତ ବର୍ଷର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ଯୁଗ୍ମ ସଚିବ ନାରାୟଣ ତ୍ରିପାଠୀ ସଂଯୋଜନା ଓ ସଞ୍ଜିତା ମହାପାତ୍ର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବ୍ରିଟେନ୍‌ରେ ଶିଖ୍ ମହିଳାଙ୍କୁ ଗଣବଳାତ୍କାର

**ଲଣ୍ଡନ, ୧୩।୯**

ବ୍ରିଟେନ୍‌ର ଓଲ୍ଡବୁରି ସହରରେ ଜଣେ ୨୦ ବର୍ଷୀୟା ଶିଖ୍ ମହିଳାଙ୍କୁ ୨ ଜଣ ଲୋକ ବଳାତ୍କାର କରିବା ସହ ତାଙ୍କ ଜାତୀୟତାକୁ ନେଇ ଗାଳିଗୁଲଜ କରିଛନ୍ତି। ମହିଳାଙ୍କୁ ତାଙ୍କ ଦେଶକୁ ଫେରିଯିବା ପାଇଁ ସେମାନେ କହିଥିଲେ। ଏହା ଏକ ବର୍ଣ୍ଣବୈଷମ୍ୟ ଆକ୍ରମଣ ବୋଲି କୁହାଯାଉଛି। ଏହି ଘଟଣା ସେଠାରେ ରହୁଥିବା ଶିଖ୍‌ମାନଙ୍କୁ କ୍ଷୁବ୍ଧ କରିଛି। ସେମାନେ ଏହାକୁ ଏକ ଟାର୍ଗେଟ ଆକ୍ରମଣ ବୋଲି କହିଛନ୍ତି। ମଙ୍ଗଳବାର ସକାଳେ ଓଲ୍ଡବୁରିର ଟେମ୍ ରୋଡ୍ ନିକଟରେ ମହିଳା ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ପୋଲିସ ମାମଲା ରୁଜୁ କରିବା ସହ ଆକ୍ରମଣକାରୀଙ୍କୁ ଧରିବା ପାଇଁ ମହିଳାଙ୍କ ସହଯୋଗ ଲୋଡ଼ିଛି। ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରାଯିବା ସହ ଫୋରେନ୍‌ସିକ୍ ଅନୁଧ୍ୟାନ ଜାରି ରହିଛି। ପୋଲିସ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଛି।

### ରୁଷିଆର ନାଗରିକତ୍ୱ ଚାହାନ୍ତି ଫ୍ରାନ୍ସର ପୂର୍ବ ରାଷ୍ଟ୍ରପତିଙ୍କ ନାତି


ପିଏରେ ଡି ଗୌଲେ

**ମସ୍କୋ, ୧୩।୯**

ଫ୍ରେଞ୍ଚ୍ ଫିଫ୍‌ଥ ରିପବ୍ଲିକ୍‌ର ପ୍ରତିଷ୍ଠାତା ତଥା ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଡି ଗୌଲେଙ୍କ ନାତି ପିଏରେ ଡି ଗୌଲେ ତାଙ୍କ ପିଲାମାନଙ୍କ ପାଇଁ ରୁଷିଆର ନାଗରିକତ୍ୱ ଚାହାନ୍ତି ବୋଲି ସେଠାର ନ୍ୟୁଜ୍ ଏଜେନ୍ସି ଟାସ୍‌କୁ ସାକ୍ଷାତ୍‌କାରରେ କହିଛନ୍ତି। ତେବେ ନାଗରିକତ୍ୱ ନିଷ୍ପତ୍ତି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ନିର୍ଭର କରୁଥିବା ସେ କହିଛନ୍ତି। ଆମ ପିଲାଙ୍କୁ ପାଠ ପଢ଼ାଇବା ଓ ସେମାନଙ୍କ ଉପଯୁକ୍ତ ପାଳନପୋଷଣ ପାଇଁ ନାଗରିକତ୍ୱ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି। ଆମେ ସେମାନଙ୍କୁ ନୈତିକ ପତନ ଓ ପାଶ୍ଚାତ୍ୟ ମୂଲ୍ୟବୋଧରୁ ଦୂରେଇ ରଖିବାକୁ ଚାହୁଁଛୁ।

### ରୁଷିଆରୁ ତୈଳ କିଣୁଥିବା ଦେଶ ଉପରେ ଟାରିଫ୍ ଲଗାଅ

**ଜି୭ ରାଷ୍ଟ୍ରଙ୍କୁ କହିଲା ଆମେରିକା**

**ୱାଶିଂଟନ, ୧୩।୯ (ପି.ଟି.)**

ରୁଷିଆରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ଟାରିଫ୍ ଲଗାଇବା ପାଇଁ ଆମେରିକା ଜି୭ ରାଷ୍ଟ୍ରଗୁଡ଼ିକୁ କହିଛି। କେବଳ ମିଳିତ ଉଦ୍ୟମ ହିଁ ରୁଷିଆର ଯୁଦ୍ଧ ମେଶିନ୍‌କୁ ପାଣ୍ଠି ଯୋଗାଣ ହ୍ରାସ କରିବ। ଆମେରିକା ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଏବଂ ବାଣିଜ୍ୟ ପ୍ରତିନିଧି ରାଷ୍ଟ୍ରଦୂତ ଜାମିଏସନ୍ ଗ୍ରିର୍ ଶୁକ୍ରବାର ଜି୭ ଅର୍ଥମନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ରୁଷିଆରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ଜି୭ ରାଷ୍ଟ୍ରଗୋଷ୍ଠୀ ଟାରିଫ୍ ଲଗାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାହାନ୍ତି ବୋଲି ସେମାନେ କହିଥିଲେ। କାନାଡା ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ୟୁକ୍ରେନ୍ ଯୁଦ୍ଧ ବନ୍ଦ ନିମନ୍ତେ ରୁଷିଆ ଉପରେ ଚାପ ବଢ଼ାଇବାର ବିଭିନ୍ନ କୌଶଳ ଉପରେ ଆଲୋଚନା ହୋଇଥିଲା।

### ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ଆଇଏନ୍‌ଏସ୍‌ର ନିନ୍ଦା

**ନୂଆଦିଲ୍ଲୀ, ୧୩।୯**

ଆନ୍ଧ୍ରପ୍ରଦେଶରୁ ପ୍ରକାଶିତ ଦୈନିକ 'ସାକ୍ଷୀ'ର ଖବରଦାତାମାନଙ୍କୁ ଆକ୍ରମଣ ଏବଂ ମିଥ୍ୟା ଅଭିଯୋଗରେ ବେଆଇନ ମାମଲା ରୁଜୁକରି ତଦନ୍ତ କରାଯିବା ଆଦି ଘଟଣାକୁ ଦ ଇଣ୍ଡିଆନ୍ ନ୍ୟୁଜ୍ ପେପର ସୋସାଇଟି(ଆଇଏନ୍‌ଏସ୍) ନିନ୍ଦା କରିଛି। ଖବର ପ୍ରସାରଣ କରୁଥିବା ସମୟରେ ଏହାର ଖବରଦାତା ଏବଂ ସଂସ୍ଥା ଉପରେ ଆକ୍ରମଣ କରାଯିବା ଘଟଣା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଏହାକୁ ସବୁ ସ୍ତରରୁ ବିରୋଧ କରାଯିବା ସହ ଖବରଦାତାଙ୍କ ନିମନ୍ତେ ଏକ ସୁସ୍ଥ ବାତାବରଣ ଏବଂ ନିର୍ଭୟରେ ରିପୋର୍ଟିଂ କରିବାର ପରିବେଶ ସୃଷ୍ଟି କରାଯିବା ନେଇ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି ଆଇଏନ୍‌ଏସ୍ ସାଧାରଣ ସମ୍ପାଦକ ମାରି ପଲ୍ ଏକ ବିବୃତିରେ କହିଛନ୍ତି।

## ଦିଲ୍ଲୀରେ ଆଜି



ଦିଲ୍ଲୀ ୟୁନିଭର୍ସିଟି ଷ୍ଟୁଡେଣ୍ଟ ୟୁନିୟନ୍ ନିର୍ବାଚନ ପାଇଁ ଶନିବାର ଏସ୍‌ଏଫ୍‌ଆଇ-ଏଆଇଏସ୍‌ଏ ପକ୍ଷରୁ ପ୍ରାର୍ଥୀମାନଙ୍କ ନାମ ଏବଂ ଘୋଷଣାପତ୍ର ଜାରି କରାଯାଇଛି। (ଫଟୋ-ଚମନ ଗୌତମ)

# ମଣିପୁରବାସୀ ଶାନ୍ତିପଥ ବାଛନ୍ତୁ: ମୋଦି

**ଇମ୍ଫାଲ, ୧୩।୯**

ମଣିପୁରରେ ୨୦୨୩ ମେ'ରୁ କୁକି-ଜୋ ଏବଂ ମୈତେଇ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଲାଗି ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ଶନିବାର ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଗସ୍ତ କରିଛନ୍ତି। ବିବାଦରେ ଲିପ୍ତ ଥିବା ସମସ୍ତ ସଂଗଠନକୁ ଶାନ୍ତିର ମାର୍ଗ ବାଛିବାକୁ ସେ ଏହି ଅବସରରେ ନିବେଦନ କରିଛନ୍ତି। ଅଞ୍ଚଳରେ ଶାନ୍ତି ପୁନଃପ୍ରତିଷ୍ଠା ଲାଗି ତାଙ୍କ ସରକାର ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

୨ ବର୍ଷ ୪ ମାସ ଧରି ମଣିପୁରରେ ହିଂସାକାଣ୍ଡ ଲାଗି ରହିଥିବାବେଳେ ଏଥିରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନେକ ହଜାର ବାସହରା ହୋଇଥିଲେ। ହିଂସାରେ ବହୁ ଧନଜୀବନ ନଷ୍ଟ ହୋଇଥିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ସେଠାକୁ ଯାଉ ନ ଥିବାରୁ ବିରୋଧୀ ଦଳଗୁଡ଼ିକର ଆକ୍ରୋଶର ଶିକାର ହୋଇଆସୁଥିଲେ। ଦୀର୍ଘଦିନ ପରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧୀ ଦଳ କଂଗ୍ରେସ ଏକ ସାଂକେତିକତା କହିବା ସହ ଚେହେରା ବଞ୍ଚାଇବାର ଏକ ନାଟକ ବୋଲି କହିଛି। ଉତ୍ତରପୂର୍ବାଞ୍ଚଳ ଗସ୍ତ ଅବସରରେ ହିଂସାପ୍ରବଣ ମଣିପୁରରେ ସଂକ୍ଷିପ୍ତ ରହଣି ସେଠାର ଜନସାଧାରଣଙ୍କ ପ୍ରତି ଗଭୀର ଅପମାନ। ପ୍ରଧାନମନ୍ତ୍ରୀ ନିଜ ପାଇଁ ଭବ୍ୟ ସ୍ୱାଗତ ଉତ୍ସବର ଆୟୋଜନ କରିବା ସେଠାକାର ପୀଡ଼ିତମାନଙ୍କ ପ୍ରତି କ୍ରୂର ଆଘାତ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି।

କୁକିବହୁଳ ଚୁରାଚାନ୍ଦପୁରରେ ଏକ ରାଲିକୁ ସମ୍ବୋଧନ କରି ମୋଦି କହିଥିଲେ, ସମସ୍ତ ସଂଗଠନ ଶାନ୍ତିର ମାର୍ଗ ବାଛନ୍ତୁ ଓ ସେମାନଙ୍କ ସ୍ୱପ୍ନ ପୂରଣ କରନ୍ତୁ। ସେ ଓ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଭାରତ ସରକାର ମଣିପୁରବାସୀଙ୍କ ସହ ରହିବେ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ନିକଟରେ ପାର୍ବତ୍ୟାଞ୍ଚଳ ଏବଂ ଉପତ୍ୟକାର ବିଭିନ୍ନ ଗୋଷ୍ଠୀ ସହ ସରକାରଙ୍କର ବୁଝାମଣା ହୋଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଆଲୋଚନା, ସମ୍ମାନ ଓ ପାରସ୍ପରିକ ବୁଝାମଣା ଉପରେ ଗୁରୁତ୍ୱ ଦେବା ସହ ଶାନ୍ତି ସ୍ଥାପନରେ ଏହି ବୁଝାମଣା ସହାୟକ ହେବ ବୋଲି କହିଛନ୍ତି। ମଣିପୁରରେ ପୂର୍ବାବସ୍ଥା ଫେରାଇ ଆଣିବାକୁ କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ଉଦ୍ୟମ ଚଳାଇଛନ୍ତି। ଯେଉଁ ପରିବାର ହିଂସାରେ ଘର ହରାଇଛନ୍ତି, ସେମାନଙ୍କ ପାଇଁ ସରକାର ୭,୦୦୦ ନୂଆ ଘର ନିର୍ମାଣ କରିବାରେ ସହାୟତା କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଇମ୍ଫାଲର କାଙ୍ଗଲା ଫର୍ଟ କମ୍ପ୍ଲେକ୍ସ ଏବଂ ଚୁରାଚାନ୍ଦପୁରର ପିସ୍ ଗ୍ରାଉଣ୍ଡରେ ରହିଥିବା ବିସ୍ଥାପିତ କୁକି ଓ ମୈତେଇ ସମ୍ପ୍ରଦାୟର ଲୋକମାନଙ୍କୁ ଭେଟି ପ୍ରଧାନମନ୍ତ୍ରୀ ସେମାନଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ରାଜ୍ୟରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ। ମଣିପୁର ପାର୍ବତ୍ୟାଞ୍ଚଳ ଓ ଉପତ୍ୟକାର ଲୋକମାନଙ୍କ ମଧ୍ୟରେ ବିଶ୍ୱାସର ଏକ ଦୃଢ଼ ସେତୁ ନିର୍ମାଣ ହେବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଜନନୀ ଭାରତର ମୁକୁଟରେ ମଣିପୁର ଏକ ରତ୍ନ। ଏଠାରେ ଯେକୌଣସି ପ୍ରକାର ହିଂସା ନିନ୍ଦନୀୟ। ଏହା କେବଳ ଦୁର୍ଭାଗ୍ୟଜନକ ନୁହେଁ, ଆମ ପୂର୍ବଜ ଏବଂ ଭବିଷ୍ୟତ ବଂଶଧରମାନଙ୍କ ପ୍ରତି ଗମ୍ଭୀର ଅନ୍ୟାୟ। ଆମେ ଏକାଠି ମଣିପୁରକୁ ନିଶ୍ଚୟ ଶାନ୍ତି ଓ ବିକାଶର ମାର୍ଗରେ ନେଇଯିବା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଜାତୀୟ ସୁରକ୍ଷାରେ ମଣିପୁର ଯବାନମାନଙ୍କ ଭୂମିକାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ବୀରତ୍ୱକୁ ଦେଶ ସବୁବେଳେ ମନେରଖିବ ବୋଲି କହିଛନ୍ତି। ଅପରେଶନ ସିନ୍ଦୂରର ସଫଳତାରେ ମଣିପୁରର ବୀରପୁତ୍ରମାନେ ପ୍ରମୁଖ ଭୂମିକା ନେଇଥିଲେ।

### ଦିଶା ପଟାନିଙ୍କ ଘରେ ଫାୟାରିଂ

**ନିଜକୁ ଦାୟୀ କଲା ଗୋଲ୍ଡି ବ୍ରାର୍ ଗ୍ୟାଙ୍ଗ୍**



**ବରେଲୀ, ୧୩।୯**

ବଲିଉଡ୍ ଅଭିନେତ୍ରୀ ଦିଶା ପଟାନିଙ୍କ ଉତ୍ତରପ୍ରଦେଶର ବରେଲୀ ଜିଲା ସିଭିଲ ଲାଇନ୍ସସ୍ଥିତ ବାସଭବନ ସମ୍ମୁଖରେ ଶୁକ୍ରବାର ବିଳମ୍ବିତ ରାତିରେ ୮ରୁ ୧୦ ରାଉଣ୍ଡ ଗୁଳିମାଡ଼ ହୋଇଛି। ମୋଟରସାଇକେଲରେ ୨ ଅଚିହ୍ନା ବ୍ୟକ୍ତି ଆସି ଫାୟାରିଂ କରିଥିଲେ। ପୋଲିସ ତଦନ୍ତ ଚଳାଇଛି। ଫାୟାରିଂ ପାଇଁ ଗ୍ୟାଙ୍ଗଷ୍ଟର୍ ଗୋଲ୍ଡି ବ୍ରାର୍ ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଛି। ଦିଶାଙ୍କ ଭଉଣୀ ଖୁସ୍‌ବୁ ସନ୍ଥ ପ୍ରେମାନନ୍ଦଜୀ ମହାରାଜ ଏବଂ କଥାବାଚକ ଅନିରୁଦ୍ଧାଚାର୍ଯ୍ୟଙ୍କ ବିରୋଧରେ ଟିପ୍ପଣୀ କରିଥିଲେ। ଏହାର ପ୍ରତିଶୋଧ ପାଇଁ ଫାୟାରିଂ କରାଯାଇଥିବା ଗ୍ୟାଙ୍ଗର ଜଣେ ସଦସ୍ୟ କହିଛନ୍ତି।

### ମିଜୋରାମରେ ପ୍ରଥମ ରେଳଲାଇନ

**ଆଇଜଲ, ୧୩।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମିଜୋରାମରେ ପ୍ରଥମ ରେଳଲାଇନ୍ ଉଦ୍‌ଘାଟନ କରିଛନ୍ତି। ରେଳ ସଂଯୋଗ ଦ୍ୱାରା ମିଜୋରାମ ଓ ଏହାର ଆଖପାଖ ଅଞ୍ଚଳରୁ ଉତ୍ପାଦିତ ବିଭିନ୍ନ ଫଳ ଓ ମସଲାକୁ ଦେଶ ତଥା ଦେଶ ବାହାରେ ବ୍ୟାପକ ବଜାର ସୁବିଧା ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ମିଜୋରାମରେ ୯,୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବା ସହ ଆଇଜଲ୍ ନିକଟ ଲେଙ୍ଗପୁଇ ଏୟାରପୋର୍ଟରୁ ଭର୍ଚୁଆଲି ଉଦ୍‌ବୋଧନ ଦେଇଥିଲେ। ସେ ଆଇଜଲ୍ ଏବଂ ଦିଲ୍ଲୀ ମଧ୍ୟରେ ରାଜଧାନୀ ଏକ୍ସପ୍ରେସ୍ ଚଳାଚଳକୁ ଶୁଭାରମ୍ଭ କରିଛନ୍ତି। ରେଳ ସଂଯୋଗ ଦ୍ୱାରା ମିଜୋରାମରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଛନ୍ତି।

## ଚାଇନା ଉପରେ ୧୦୦% ଟାରିଫ୍ ଲଗାଅ

**ନାଟୋ ରାଷ୍ଟ୍ରଙ୍କୁ କହିଲେ ଟ୍ରମ୍ପ୍**

**ନ୍ୟୁୟର୍କ/ୱାଶିଂଟନ, ୧୩।୯**

ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାକୁ ହେଲେ ଚାଇନା ଉପରେ ୫୦ରୁ ୧୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ନାଟୋ ରାଷ୍ଟ୍ରଗୁଡ଼ିକୁ କହିଛନ୍ତି। ଏଥିସହିତ ରୁଷିଆରୁ ନାଟୋ ରାଷ୍ଟ୍ରଗୁଡ଼ିକ ତେଲ କିଣା ବନ୍ଦ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସବୁ ନାଟୋ ଦେଶ ମସ୍କୋରୁ ତୈଳ କିଣା ବନ୍ଦ କରିଦେଲେ ସେ ରୁଷିଆ ଉପରେ ବଡ଼ କଟକଣା ଲଗାଇବେ ବୋଲି ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ୍ ଲେଖିଛନ୍ତି। ରୁଷିଆରୁ ନାଟୋ ରାଷ୍ଟ୍ର ତେଲ କିଣୁଥିବାରୁ ମସ୍କୋ ଉପରେ ମୂଳଚାଲ କ୍ଷମତା ଓ ବୁଝାମଣା ସ୍ଥିତି ଦୁର୍ବଳ ହେଉଛି। ଚାଇନା ଉପରେ ୫୦ରୁ ୧୦୦ ପ୍ରତିଶତ ଶୁଳ୍କ ଲଗାଗଲେ ଯୁଦ୍ଧ ବନ୍ଦ ଦିଗରେ ଏହା ବଡ଼ ସହାୟକ ହେବ। କାରଣ ରୁଷିଆ ଉପରେ ଚାଇନାର ଦୃଢ଼ ନିୟନ୍ତ୍ରଣ ରହିଛି। ପ୍ରଭାବଶାଳୀ ଟାରିଫ୍ ଏହାକୁ ଭାଙ୍ଗିଦେବ ବୋଲି ଟ୍ରମ୍ପ୍ କହିଛନ୍ତି।

ଟ୍ରମ୍ପ୍ ଆହୁରି କହିଛନ୍ତି, ୟୁକ୍ରେନ୍ ଯୁଦ୍ଧ ତାଙ୍କ ଯୁଦ୍ଧ ନୁହେଁ। ସେ ରାଷ୍ଟ୍ରପତି ଥିଲେ ୟୁକ୍ରେନ୍ ଯୁଦ୍ଧ କଦାପି ଆରମ୍ଭ ହୋଇ ନ ଥାନ୍ତା। ଏହା ବାଇଡେନ୍ ଓ ଜେଲେନ୍‌ସ୍କିଙ୍କ ଯୁଦ୍ଧ। ସେ କେବଳ ଯୁଦ୍ଧ ବନ୍ଦ କରିବାରେ ସହାୟତା ପାଇଁ ଓ ଅନେକ ହଜାର ରୁଷୀୟ ଏବଂ ୟୁକ୍ରେନୀୟଙ୍କ ଜୀବନ ରକ୍ଷା ପାଇଁ ଏଠାରେ ଅଛନ୍ତି। ତାଙ୍କ କହିବା ଅନୁଯାୟୀ ଯଦି ନାଟୋ ପଦକ୍ଷେପ ନିଏ, ତେବେ ଯୁଦ୍ଧର ଶୀଘ୍ର ଅବସାନ ଘଟିବ ଓ ସମସ୍ତଙ୍କ ଜୀବନ ବଞ୍ଚିଯିବ। ନହେଲେ କେବଳ ମୋର ସମୟ ନଷ୍ଟ ହେବ ନାହିଁ ଆମେରିକାର ସମୟ, ଶକ୍ତି ଓ ଅର୍ଥ ବରବାଦ ହେବ ବୋଲି ଟ୍ରମ୍ପ୍ କହିଛନ୍ତି।

## ମାର୍ଚ୍ଚ ୫ରେ ନେପାଳ ନିର୍ବାଚନ

**ସଂସଦ ଭଙ୍ଗକୁ ବିଭିନ୍ନ ଦଳର ନିନ୍ଦା**

**କର୍ଫ୍ୟୁ ହଟିବା ପରେ ସ୍ୱାଭାବିକ ହେଉଛି ଜୀବନ**

**କାଠମାଣ୍ଡୁ, ୧୩।୯**

ନେପାଳ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଦେଶର ସଂସଦକୁ ଭଙ୍ଗ କରାଯିବା ସହ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଲା କାର୍କିଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଥିଲା। ତେବେ ଏହି ପଦକ୍ଷେପକୁ ଶନିବାର ଦେଶର ଅନେକ ରାଜନୈତିକ ଦଳ ଓ ଆଇନଜୀବୀ ସଙ୍ଗଠନ ନିନ୍ଦା କରିଛନ୍ତି। ଏହା ଏକ ଅସାମ୍ବିଧାନିକ, ସ୍ୱେଚ୍ଛାଚାରୀ ପଦକ୍ଷେପ। ଏହି ପଦକ୍ଷେପ ଦ୍ୱାରା ଗଣତନ୍ତ୍ରକୁ ଗଭୀର ଭାବେ ଆଘାତ ଲାଗିଥିବା ସେମାନେ କହିଛନ୍ତି। ଦେଶର ସବୁଠାରୁ ବଡ଼ ରାଜନୈତିକ ଦଳ ନେପାଳୀ କଂଗ୍ରେସ (ଏନ୍‌ସି)


କାଠମାଣ୍ଡୁର ଏକ ଟ୍ରମା ସେଣ୍ଟରରେ ଆହତ ବିକ୍ଷୋଭକାରୀଙ୍କୁ ଭେଟିବା ପାଇଁ ଶନିବାର ନେପାଳ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ପହଞ୍ଚିଛନ୍ତି।

କହିଛି, ସମ୍ବିଧାନକୁ ଉଲ୍ଲଂଘନ କରୁଥିବା ଯେକୌଣସି ନିର୍ଦ୍ଦେଶ ଗ୍ରହଣୀୟ ନୁହେଁ। ଏହି ପଦକ୍ଷେପ ସମ୍ବିଧାନର ଆତ୍ମାକୁ ଆଘାତ ଦେଇଛି। ସିପିଏନ୍-ୟୁଏମ୍‌ଏଲ୍‌ର ସାଧାରଣ ସମ୍ପାଦକ ଶଙ୍କର ପୋଖରେଲ କହିଛନ୍ତି, ଅଧାରୁ ନେପାଳ ସଂସଦକୁ ଭଙ୍ଗ କରାଯିବା ଅତ୍ୟନ୍ତ ଚିନ୍ତାଜନକ ଓ ନିନ୍ଦା ଯୋଗ୍ୟ ପଦକ୍ଷେପ। ସେହିପରି ସଂସଦକୁ ମନଇଚ୍ଛା ଭଙ୍ଗ କରାଯିବା ସମ୍ବିଧାନର ଗୁରୁତ୍ୱକୁ କ୍ଷୁଣ୍ଣ ପହଞ୍ଚାଇଛି ବୋଲି ନେପାଳ ବାର୍ ଆସୋସିଏଶନ (ଏନ୍‌ବିଏ) କହିଛି।

ତେବେ ଆସନ୍ତା ବର୍ଷ ମାର୍ଚ୍ଚ ୫ରେ ନେପାଳର ପରବର୍ତ୍ତୀ ସଂସଦୀୟ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଶନିବାର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନବନିଯୁକ୍ତ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କ ସୁପାରିଶ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଜେନ୍ ଜେଡ୍‌ର ହିଂସାତ୍ମକ ବିରୋଧ ପ୍ରଦର୍ଶନରେ ଦେଶର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜଗୁଡ଼ିକ ନଷ୍ଟ ହୋଇଯାଇଥିବା ନେଇ ଶନିବାର ନେପାଳ ସୁପ୍ରିମକୋର୍ଟ ଟିପ୍ପଣୀ କରିଛନ୍ତି। ଆନ୍ଦୋଳନରେ ହୋଇଥିବା ପୋଡ଼ାଜଳା, ପଥର ଫିଙ୍ଗା, ଭଙ୍ଗାରୁଜା ଏବଂ ଲୁଟ୍‌ପାଟ୍ ଆଦି ଯୋଗୁ ସୁପ୍ରିମକୋର୍ଟ ବିଲ୍ଡିଂ ଓ ପରିସର କ୍ଷତିଗ୍ରସ୍ତ ହୋଇଥିବା କହି ପ୍ରଧାନ ବିଚାରପତି ପ୍ରକାଶମାନ ସିଂ ରାଉତ ଦୁଃଖ ପ୍ରକାଶ କରିଛନ୍ତି। ଶନିବାର ନେପାଳ କର୍ତ୍ତୃପକ୍ଷ କାଠମାଣ୍ଡୁ ଉପତ୍ୟକା ସମେତ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ଲାଗିଥିବା କର୍ଫ୍ୟୁକୁ ହଟାଇ ଦେଇଛନ୍ତି, ଯାହାଫଳରେ ପ୍ରାୟ ସପ୍ତାହେ ପରେ ଦେଶରେ ଜନଜୀବନ ସ୍ୱାଭାବିକ ହୋଇଛି।

## ଫୁରସତ୍

### ଦୁର୍ନୀତି ରୋକିବ 'ଏଆଇ ମନ୍ତ୍ରୀ'

**ଆଲ୍‌ବେନିଆ କ୍ୟାବିନେଟ୍‌ରେ ସାମିଲ**

**ତିରାନେ, ୧୩।୯**

ସମ୍ପ୍ରତି କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ବ୍ୟବହାର ପ୍ରତ୍ୟେକ କ୍ଷେତ୍ରରେ ବଢ଼ିବାରେ ଲାଗିଛି। ରାଜନୀତି ଏବଂ ସରକାରରେ ମଧ୍ୟ ଏଆଇ ପ୍ରବେଶ କରିଛି। ଭ୍ରଷ୍ଟାଚାରର ମୁକାବିଲା ପାଇଁ ଆଲ୍‌ବେନିଆ ସରକାର ଜଣେ ଏଆଇ ମନ୍ତ୍ରୀଙ୍କୁ ନିଯୁକ୍ତ କରିଛନ୍ତି। ଏହାସହ ଭର୍ଚୁଆଲ ମନ୍ତ୍ରୀଙ୍କୁ କୌଣସି ସରକାରରେ ନିଯୁକ୍ତି ଦେବାରେ ଆଲ୍‌ବେନିଆ ବିଶ୍ୱର ପ୍ରଥମ ଦେଶ ହୋଇଛି। ଏହି ମହିଳା ଏଆଇ ମନ୍ତ୍ରୀଙ୍କ ନାମ ଡିଏଲା ରଖାଯାଇଛି। ଆଲ୍‌ବାନିଆ ପ୍ରଧାନମନ୍ତ୍ରୀ ଏଡି ରାମା କହିଛନ୍ତି, ତାଙ୍କ କ୍ୟାବିନେଟ୍‌ରେ ନୂତନ ସଦସ୍ୟା ଭାବେ ଡିଏଲା ସାମିଲ ହୋଇଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟ କିପରି ସମ୍ପୂର୍ଣ୍ଣ ଭାବେ ଭ୍ରଷ୍ଟାଚାରମୁକ୍ତ



ହେବ, ସେ ଦିଗରେ ଡିଏଲା କାର୍ଯ୍ୟ କରିବେ। ବିଭିନ୍ନ ସାର୍ବଜନୀନ ପାଣ୍ଠି ପ୍ରକଳ୍ପ ଏବଂ ସରକାରୀ ଟେଣ୍ଡର ସ୍ୱଚ୍ଛତାର ସହ କାର୍ଯ୍ୟ କରୁଛନ୍ତି କି ନାହିଁ ସେନେଇ ଡିଏଲା କଡ଼ା ନଜର ରଖିବେ। ଡିଏଲାଙ୍କୁ ଏପରି ଭାବେ ଡିଜାଇନ କରାଯାଇଛି, ଯେପରି ସେ କୌଣସି ପ୍ରକାରର ଲାଞ୍ଚ କିମ୍ବା ଧମକ ଦ୍ୱାରା ପ୍ରଭାବିତ ହେବେ ନାହିଁ। ଡିଏଲାଙ୍କ ନିଯୁକ୍ତି ପରେ ବିଭିନ୍ନ ସରକାରୀ କାର୍ଯ୍ୟରୁ ଦୁର୍ନୀତି କମ୍ ହେବ ବୋଲି ରାମା ଆଶାପ୍ରକଟ କରିଛନ୍ତି। ବିଭିନ୍ନ ଅପ୍‌ଡେଟେଡ୍ ଏଆଇ ମଡେଲ ଏବଂ ଟେକ୍‌ନିକ୍‌କୁ ବ୍ୟବହାର କରି ଡିଏଲାଙ୍କୁ ପ୍ରସ୍ତୁତ କରାଯାଇଥିବା ସେ କହିଛନ୍ତି।

### ଟ୍ରେନ୍‌ରେ ଗୀତ ଗାଇ ରୋଜଗାର କରୁଥିଲେ


ଆୟୁଷ୍ମାନ ଖୁରାନା

**ମୁମ୍ବାଇ**

ସମ୍ପ୍ରତି ବଲିଉଡ୍‌ର ଆଗଧାଡ଼ିର ଅଭିନେତାଙ୍କ ମଧ୍ୟରେ ଆୟୁଷ୍ମାନ ଖୁରାନା ଅନ୍ୟତମ। ତେବେ ଚଣ୍ଡିଗଡ଼ ନିବାସୀ ଆୟୁଷ୍ମାନଙ୍କୁ ଅନେକ ସଂଘର୍ଷ କରିବା ପରେ ବଲିଉଡ୍‌ରେ ସ୍ଥାନ ମିଳିଥିଲା। ଏନେଇ ସେ ଶନିବାର ଏକ ପୋଡ୍‌କାଷ୍ଟରେ କହିଛନ୍ତି। ଆୟୁଷ୍ମାନ୍ କହିଛନ୍ତି, ଯେତେବେଳେ ସେ କଲେଜରେ ପଢୁଥିଲେ, ସେ ତାଙ୍କ ବନ୍ଧୁମାନଙ୍କ ସହ ମିଶି ଟ୍ରେନ୍‌ରେ ଗୀତ ଗାଇ ଟଙ୍କା ରୋଜଗାର କରୁଥିଲେ। ଦିଲ୍ଲୀରୁ ମୁମ୍ବାଇ ଯାଉଥିବା ପଶ୍ଚିମ ଏକ୍ସପ୍ରେସ୍ ଟ୍ରେନ୍‌ରେ ସେ ବନ୍ଧୁମାନଙ୍କ ସହ ମିଶି ଗୀତ ଗାଉଥିଲେ। ଯାତ୍ରୀମାନେ ଖୁସିରେ ଦେଉଥିବା ଟଙ୍କା ସେତେବେଳେ ତାଙ୍କ ପାଇଁ ରୋଜଗାରର ଏକମାତ୍ର ମାଧ୍ୟମ ଥିଲା। ଏହି ଟଙ୍କାରେ ସେ ବନ୍ଧୁମାନଙ୍କ ସହ ଗୋଆ ପରି ବିଭିନ୍ନ ସ୍ଥାନକୁ ଭ୍ରମଣ ପାଇଁ ଯାଉଥିଲେ ବୋଲି ଆୟୁଷ୍ମାନ୍ କହିଛନ୍ତି। ଧୀରେ ଧୀରେ ସେ ଥିଏଟର, ଲାଇଭ ଶୋ, ଷ୍ଟ୍ରିଟ୍ ଡ୍ରାମା ଆଦିରେ ଅଭିନୟ କରିବାକୁ ସୁଯୋଗ ପାଇଥିଲେ। ତେଣୁ ଏହାରି ଭିତରେ କଲେଜରେ କାହାରିକୁ ପ୍ରେମ ନିବେଦନ କରିବା ପାଇଁ ସେ ସମୟ ପାଇ ନ ଥିଲେ ବୋଲି ଆୟୁଷ୍ମାନ୍ କହିଛନ୍ତି।

## ଅଫୁଟା ଗୁଳି ସହ ଦେଶୀ ବନ୍ଧୁକ ଜବତ, ୨ ଗିରଫ

ବଇଣ୍ଡା,(ପରିକ୍ଷିତ ସାହୁ)/ଆଠମଲ୍ଲିକ(ଉଦୀପ୍ତ ପୁରୋହିତ): ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ଅଧୀନସ୍ଥ ଧଣ୍ଡାତୋପା ଓଭରବ୍ରିଜ୍ କ୍ୟାମ୍ପରୁ ଶୁକ୍ରବାର ଧଣ୍ଡାତୋପା ବନ ବିଭାଗ କର୍ମଚାରୀ ଓ ଠାକୁରଗଡ଼ ପୋଲିସ ମିଳିତ ଭାବେ ଚଢ଼ାଉ କରି ଏକ ଦେଶୀ ବନ୍ଧୁକ, କିଛି ଅଫୁଟା ଗୁଳି, ବାରୁଦ ବୋତଲ ସହ ପଟାସ ଜବତ କରିଛନ୍ତି। ଏଥିସହ କିଶୋରନଗର ଥାନା ବ୍ରାହ୍ମଣୀପାଲି ଗ୍ରାମର ସୁଶାନ୍ତ ପ୍ରଧାନ(୩୬) ଓ କଦଳୀମୁଣ୍ଡା ଗ୍ରାମର ଧୋବେଇ ପ୍ରଧାନ(୨୭)ଙ୍କୁ ଗିରଫ କରିଛନ୍ତି। ଧଣ୍ଡାତୋପା ରେଞ୍ଜର ବବ୍ରୁବାହନ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନମ୍ବର ୨୬୦/୨୫ରେ ଏକ ମାମଲା ରୁଜୁ କରିଛି।

# ପ୍ରଧାନ ଶିକ୍ଷକ ନିଲମ୍ବିତ

**ଛାତ୍ରଙ୍କ ଆଖିରେ ଅଠା ଲାଗିବା ଘଟଣା**

**ଫୁଲବାଣୀ,୧୩।୯(ରାକେଶ କୁମାର ରାଉତ)**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ପଞ୍ଚାୟତ ସଲାଗୁଡ଼ା ସେବାଶ୍ରମରେ ଛାତ୍ରଙ୍କ ଆଖିରେ ସହପାଠୀ ଅଠା (ଫେବିକ୍ୱିକ୍) ଲଗାଇବା ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏନେଇ ଜିଲାପାଳ ବେଦ ଭୂଷଣ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁଙ୍କୁ ନିଲମ୍ବନ କରିଛନ୍ତି। କାର୍ଯ୍ୟରେ ଅବହେଳା, ବିଦ୍ୟାଳୟରେ ରହୁ ନ ଥିବା ନେଇ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଘଟଣାକୁ ନେଇ ଗ୍ରାମବାସୀ ସକାଳେ ସ୍କୁଲ ଘେରାଉ କରିଛନ୍ତି। ଜିଲା ମଙ୍ଗଳ ଅଧିକାରୀ ଏବଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଗ୍ରାମବାସୀ ସ୍କୁଲ ଘେରାଉରୁ ହଟିଥିଲେ। ଏହି ଘଟଣାରେ ଆଉ ୨ ଜଣ ପିଲା ଶନିବାର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଫଳରେ ମୋଟ ଛାତ୍ରସଂଖ୍ୟା ୧୦ରେ ପହଞ୍ଚିଛି।

# ପୋଲିସ ପଞ୍ଝାରେ ପାହାଡ଼ି ଲୁଟେରା ଗ୍ୟାଙ୍ଗ

**ଭୁବନେଶ୍ୱର,୧୩।୯(ସତ୍ୟଜିତ ରାଉତ)**

- ରେଳ ଷ୍ଟେଶନରୁ ୬୦ ମୋବାଇଲ ଜବତ
- ପାର୍ବଣ ପାଇଁ ଆସିଥିଲେ ଭୁବନେଶ୍ୱର
- ୩ ଗିରଫ, ୨ ନାବାଳକ ବାଳ ସୁଧାର ଗୃହକୁ ଗଲେ
- କ୍ୟାପିଟାଲ ଥାନାରେ ୮ ମାମଲା

ପାର୍ବଣ ସମୟରେ ଲୁଟପାଟ ଘଟାଇବାକୁ ଆସିଥିଲେ ରାଜଧାନୀ। ଭିଡ଼ ଅଞ୍ଚଳରେ ସୁଯୋଗ ନେଇ ଝାମ୍ପି ନେଉଥିଲେ ମୋବାଇଲ। ଝାଡ଼ଖଣ୍ଡରୁ ଆସି ଭୁବନେଶ୍ୱରରେ ଲୁଟପାଟ କରୁଥିବା ୫ ଜଣିଆ ଗ୍ୟାଙ୍ଗ ଶନିବାର କ୍ୟାପିଟାଲ ଥାନା ପୋଲିସ ହାତରେ ଧରାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ଜଣ ନାବାଳକ ଅଛନ୍ତି। ସେମାନଙ୍କ ନିକଟରୁ ବିଭିନ୍ନ କମ୍ପାନୀର ୬୦ଟି ମୋବାଇଲ ଜବତ ହୋଇଛି। ଗିରଫ ୩ ଅଭିଯୁକ୍ତ ହେଲେ ମହମ୍ମଦ ଜମାଲ ଶେଖ (୨୫), ଶିବ କୁମାର ମହତୋ (୩୨) ଓ ଅମରନାଥ ମହତୋ (୩୩)। ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ସେହିପରି ଅନ୍ୟ ୨ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ଙ୍କ ନିକଟରେ ହାଜର କରାଯିବା ପରେ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କ ଘର ଝାଡ଼ଖଣ୍ଡ ସାହେବଗଞ୍ଜ ଜିଲା ତିନିପାହାଡ଼ ଥାନା ଅନ୍ତର୍ଗତ ବାବୁପୁର ଗ୍ରାମରେ। ଗ୍ୟାଙ୍ଗର ସଦସ୍ୟମାନେ ଆମ ବସଷ୍ଟାଣ୍ଡ, ପରିବାହାଟ, ରେଳ ଷ୍ଟେଶନ, ୟୁନିଟ ୨ ମାର୍କେଟ ବିଲ୍ଡିଂ, ରସୁଲଗଡ଼, ସୁନ୍ଦରପଦା, କଳ୍ପନା, ଲିଙ୍ଗରାଜ ମନ୍ଦିର ଅଞ୍ଚଳ ଆଦିରେ ଲୁଟପାଟ କରିଥିବା ମାନିଛନ୍ତି। ଲୁଟ ଓ ଚୋରି ମୋବାଇଲକୁ ଟ୍ରେନରେ ସେମାନେ ତୁରନ୍ତ ଅନ୍ୟ ରାଜ୍ୟକୁ ଚାଲାଣ କରିଦେଉଥିଲେ। ଏଥିପାଇଁ ସେମାନେ ଚୋରା ମୋବାଇଲ ଡିଲର ପାଖରୁ ଅନ୍‌ଲାଇନରେ ଟଙ୍କା ମଧ୍ୟ ପାଉଥିଲେ।

ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ୪୫ବେଳେ ଅଭିଯୋଗକାରୀ କୃଷ୍ଣଚନ୍ଦ୍ର ସ୍ୱାଇଁ ୟୁନିଟ-୧ ମାର୍କେଟର ମୁଖ୍ୟ ଗେଟ୍ ପାଖରେ ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ଲୁଟେରା ଗ୍ୟାଙ୍ଗର ଜଣେ ତାଙ୍କ ହାତରୁ ମୋବାଇଲ ଝାମ୍ପି ନେଇଥିଲେ। ଏନେଇ କୃଷ୍ଣଚନ୍ଦ୍ର କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ. ୫୧୬/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ୩ଦିନ ଭିତରେ ଏଭଳି ୮ଟି ଲୁଟ ମାମଲା କ୍ୟାପିଟାଲ ଥାନାରେ ରୁଜୁ ହୋଇଥିବାରୁ ଗୋଟିଏ ଗ୍ୟାଙ୍ଗର ଏହି କାମ ବୋଲି ଜଣାପଡ଼ିଥିଲା। ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ଅଭିଯୁକ୍ତମାନେ ମାଷ୍ଟରକ୍ୟାଣ୍ଟିନ ରେଳ ଷ୍ଟେଶନରେ ଚୋରା ମୋବାଇଲକୁ ଟ୍ରେନ୍‌ରେ ପଠାଇବା ପାଇଁ ପ୍ୟାକ୍ କରୁଥିବାବେଳେ ପୋଲିସ ଟିମ୍ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ଡିସିପି ଜଗମୋହନ ମୀନା ପ୍ରକୃତ ମାଲିକଙ୍କୁ ମୋବାଇଲ ଫେରାଇଛନ୍ତି।




ଗିରଫ ୩ ଅଭିଯୁକ୍ତ ଓ ଜବତ ମୋବାଇଲ।

# ଦାଦା, ପୁତୁରାଙ୍କୁ ଛୁରାମାଡ଼ କଲେ ଦୁର୍ବୃତ୍ତ

**ପୁରୀ,୧୩।୯( ଅଜିତ୍ କୁମାର ମହାନ୍ତି )**– ପୁରୀ ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଶନିବାର ଅପରାହ୍ନରେ ଛୁରାମାଡ଼ ହୋଇଛି। ଦାଦା,ପୁତୁରାଙ୍କୁ ଜଣେ ଦୁର୍ବୃତ୍ତ ଛୁରାମାଡ଼ କରି ଫେରାର ହୋଇଯାଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ଦାଦା ଓ ପୁତୁରା ହେଉଛନ୍ତି ମାର୍କଣ୍ଡେଶ୍ୱର ସାହିର ଗୌରାଙ୍ଗ ସାହୁ ଓ ସନ୍ତୋଷ କୁମାର ସାହୁ। ଉଭୟଙ୍କ ଶରୀରରେ ଗଭୀର ଆଘାତ ଲାଗିଛି। ଉଭୟଙ୍କୁ ଚିକିତ୍ସା ପାଇଁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ବିଶେଷକରିବ୍ୟବସାୟକୁକେନ୍ଦ୍ରକରିଏହିଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ସିଂହଦ୍ୱାର ଥାନା ପୋଲିସ ଏନେଇ ଅଧିକ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ପାର୍ବଣ ଋତୁରେ ପୁରୀକୁ ଅପରାଧ ମୁକ୍ତ କରିବା ନିମନ୍ତେ ପୁରୀ ପୋଲିସ ପକ୍ଷରୁ ଅପରେଶନ ଚକ୍ର ଆରମ୍ଭ କରାଯାଇଥିବାବେଳେ ଦିନଦ୍ୱିପ୍ରହରରେ ଏଭଳି ମରଣାନ୍ତକ ଆକ୍ରମଣ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛି।

# ପାଳିତ ଝିଅଙ୍କୁ ଗର୍ଭବତୀ କରି ବାପା ଗିରଫ

**ଧର୍ମଶାଳା/କାଏମା,୧୩।୯ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)**

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ମିର୍ଜାପୁର ଗ୍ରାମରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ତାଙ୍କ ପାଳିତ ଝିଅଙ୍କୁ ଗର୍ଭବତୀ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏଥିସହିତ ବୟାନ ରେକର୍ଡ ପାଇଁ ପୀଡ଼ିତାଙ୍କୁ ଯାଜପୁର ଟାଉନସ୍ଥିତ ସର୍ଟ୍‌ଷ୍ଟେ ହୋମରେ ରଖିଛି। ସମ୍ପୃକ୍ତ ବ୍ୟକ୍ତି ଦିବ୍ୟାଙ୍ଗ ହୋଇଥିବାରୁ ନାବାଳିକା ତାଙ୍କ ସେବା କରୁଥିଲେ। ଏହାର ସୁଯୋଗନେଇ ସେ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ନାବାଳିକା ଗର୍ଭବତୀ ହୋଇଥିଲେ। ନାବାଳିକା ଏବେ ୫ ମାସର ଗର୍ଭବତୀ ଅଛନ୍ତି। ମାତ୍ର ଲୋକଲଜ୍ଜା ଭୟରେ ତାଙ୍କ ଘରେ ଏ ସମ୍ପର୍କରେ ଜଣାଇ ନ ଥିଲେ। ଅନ୍ୟପକ୍ଷରେ କାହାକୁ କହିଲେ ତାଙ୍କୁ ଜୀବନରୁ ମାରିଦେବାକୁ ସମ୍ପୃକ୍ତ ବ୍ୟକ୍ତି ଧମକ ଦେଇଥିଲେ। ପୀଡ଼ିତାଙ୍କ ମା' ଏକଥା ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୫୭୨/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି।

# ନାବାଳକଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ଜଣେ ଗିରଫ

**ଧରାକୋଟ,୧୩।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଜଣେ ଷଷ୍ଠ ଶ୍ରେଣୀରେ ପଢ଼ୁଥିବା ନାବାଳକଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ଧରାକୋଟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଆଲୋକ ପଣ୍ଡା (୧୯)। ତାଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ବ୍ରହ୍ମପୁରସ୍ଥିତ ପୋସକୋ କୋର୍ଟକୁ ପଠାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ଧରାକୋଟ ଥାନା ଅନ୍ତର୍ଗତ କୁଶପଡା ଗ୍ରାମର ଆଲୋକ ଗ୍ରାମର ଷଷ୍ଠ ଶ୍ରେଣୀରେ ପଢ଼ୁଥିବା ଜଣେ ନାବାଳକ (୧୨)ଙ୍କୁ ଗତ ସୋମବାର ଏକ ନିର୍ମାଣାଧୀନ କଲ୍ୟାଣମଣ୍ଡପ ଭିତରକୁ ଡାକିନେଇ ତାଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିଥିଲେ। ଏପରିକି ନାବାଳକଙ୍କୁ ଘରକୁ ଯାଇ ଟଙ୍କା ମାଗିଆଣିବାକୁ କହିଥିଲେ। ନାବାଳକ ମନା କରିବାରୁ ତାଙ୍କୁ ଭୟ ଦେଖାଇଥିଲେ। ନାବାଳକ ଜଣକ ଘରକୁ ଯାଇ ଏକଥା ମା'ବାପାଙ୍କୁ ଜଣାଇଥିଲେ। ମା' ଶୁକ୍ରବାର ଏନେଇ ଧରାକୋଟ ଥାନାରେ ଏତଲା ଦେଇଥିଲେ।

# ଅଟୋ ଚାଳକଙ୍କ ଗଳାକାଟି ହତ୍ୟା

**ଟିକିରି,୧୩।୯ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୋରାଗୁଡା ଥାନା ଅଧୀନ ଜି.କରଳ ଗାଁ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଅଟୋ ଚାଳକଙ୍କ ଗଳାକାଟି ହତ୍ୟା କରାଯାଇଛି। ମୃତକ ହେଲେ ପଡୋଶୀ କୋରାପୁଟ ଜିଲା କାଳାଆମ୍ବ ଗ୍ରାମର ଖଗେଶ୍ୱର ମାଣ୍ଡାଙ୍ଗି। ହତ୍ୟା ପରେ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଛନ୍ତି। ଶନିବାର ସକାଳେ ରାୟଗଡା ଏସ୍‌ଡିପିଓ ଗୌରହରି ସାହୁ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରିଛନ୍ତି। ଗୁଣି ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କ ଭାଇ ଦୋରାଗୁଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, କୋରାପୁଟ ଜିଲା କାଳାଆମ୍ବ ଗ୍ରାମର ଖଗେଶ୍ୱର ମାଣ୍ଡାଙ୍ଗି ଓ ରମାକାନ୍ତ ମାଣ୍ଡାଙ୍ଗି ଅଟୋ ଯୋଗେ ଟିକିରି ବାଲିଯାତ୍ରା ଦେଖିବାକୁ ଯାଇଥିଲେ। ବୁଲାବୁଲିକରି ଗାଁକୁ ଫେରିବା ସମୟରେ ଉକ୍ତ ଗ୍ରାମର ଚିତ୍ର ମାଣ୍ଡାଙ୍ଗି ଗାଁକୁ ଯିବାକୁ କହି ସେମାନଙ୍କୁ ଲିଫ୍ଟ ମାଗିଥିଲେ। ଖଗେଶ୍ୱର ତାଙ୍କୁ ଅଟୋରେ ଲିଫ୍ଟଦେବା ପରେ ସମସ୍ତେ ଗାଁ ଅଭିମୁଖେ ଯାଉଥିଲେ। ଅଟୋରେ ରମାକାନ୍ତ ଶୋଇପଡିବା ପରେ କୌଣସି କାରଣକୁ ନେଇ ଚିତ୍ର ଅଧବାଟରେ ଏକ ଧାରୁଆ ଅସ୍ତ୍ରରେ ଅଟୋଚାଳକ ଖଗେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଏହି ସମୟର ରମାକାନ୍ତ ଉଠିପଡି ଖଗେଶ୍ୱରଙ୍କୁ ରକ୍ଷା କରିବାରୁ ତାଙ୍କୁ ମଧ୍ୟ ଚିତ୍ର ଆକ୍ରମଣ କରିଥିଲେ। ଫଳରେ ସେ ଭୟଭୀତ ହୋଇ ସେଠାରୁ ପଳାଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ଦୋରାଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୁମୂର୍ଷ ଅବସ୍ଥାରେ ଖଗେଶ୍ୱରଙ୍କୁ ଉଦ୍ଧାରକରି ଉଷାପଡାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଦାରାଗୁଡ଼ା ଆଇଆଇସି କିରଣବାଳା ସାମଲ ସୂଚନା ଦେଇଛନ୍ତି।



ମୃତ ଖଗେଶ୍ୱର ମାଣ୍ଡାଙ୍ଗି।

# ଆଇଟିଆଇ ହଷ୍ଟେଲରେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

**ବସ୍ତା, ୧୩।୯(ହରିଶଙ୍କର ପାଢ଼ି)**

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ନଳବାହାରସ୍ଥିତ ଏକ ଘରୋଇ ଆଇଟିଆଇ କଲେଜରେ ପଢୁଥିବା ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଶନିବାର ଜବତ କରିଛି। ମୃତ ଛାତ୍ରୀଙ୍କ ଘର ମୟୂରଭଞ୍ଜ ଜିଲା ବଡ଼ସାହି ଅଞ୍ଚଳରେ। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା (ନଂ.୩୩୨/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନାନୁସାରେ, ନଳବାହାରସ୍ଥିତ ପପୁଲାର ଆଇଟିଆଇରେ ଇଲେକ୍ଟ୍ରିସିଆନ୍ ବିଭାଗର ପ୍ରଥମ ବର୍ଷ ଛାତ୍ରୀ ଭାବେ ସେ ପ୍ରଶିକ୍ଷଣ ନେଉଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଓଢ଼ଣୀରେ ଝୁଲି ଆତ୍ମହତ୍ୟା କରିଥିଲେ ବୋଲି କଲେଜ କର୍ତ୍ତୃପକ୍ଷ ଛାତ୍ରୀଙ୍କ ବାପାଙ୍କୁ ଟେଲିଫୋନ୍ ଯୋଗେ ଜଣାଇଥିଲେ। ଖବରପାଇ ବସ୍ତା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅପରପକ୍ଷେ ଛାତ୍ରୀଙ୍କ ପରିବାର ପକ୍ଷରୁ ଝିଅକୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ଓ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ କଲେଜ କର୍ତ୍ତୃପକ୍ଷ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ପରିବାର ପକ୍ଷରୁ ଦାବି ହୋଇଛି।

## BUSINESS

# ବର୍ମିଂହାମ, ସାଉଥ ହଲ୍‌ରେ ମାଲାବାର ଶୋ'ରୁମ୍




ବର୍ମିଂହାମ ଶୋ'ରୁମ୍‌ର ଉଦ୍‌ଘାଟନୀ ଉତ୍ସବରେ ଅଭିନେତ୍ରୀ କରୀନା କପୁର, ବର୍ମିଂହାମ୍‌ର ଲର୍ଡ ମେୟର, କାଉନସିଲର ଜାଫର ଇକ୍‌ବାଲ୍ ଏମ୍‌ବିଇ, ବର୍ମିଂହାମ୍‌ଠାରେ ଭାରତୀୟ କନ୍‌ସଲ୍ ଜେନେରାଲ ଡ.ଭେଙ୍କଟାଚଳମ୍ ମୁରୁଗାନ୍, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବରିଷ୍ଠ ନିର୍ଦ୍ଦେଶକ ଏବଂ ପରିଚାଳନା ଦଳର ସଦସ୍ୟମାନେ ଉପସ୍ଥିତ ଅଛନ୍ତି।




ସାଉଥ ହଲ୍ ଶୋ'ରୁମ୍‌ର ଉଦ୍‌ଘାଟନୀ ଉତ୍ସବରେ ଇଲିଂ ମେୟର କାଉନସିଲର ଆଣ୍ଟୋନି କେଲି ଓ ଇଲିଂ ସାଉଥ ହଲ୍ ଏମ୍‌ପି ଡିର୍ଦ୍ଦରେ କୋଷ୍ଟିଗାନ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବରିଷ୍ଠ ନିର୍ଦ୍ଦେଶକ ଏବଂ ପରିଚାଳନା ଦଳର ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୩।୯**

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ବର୍ମିଂହାମ୍ ଏବଂ ସାଉଥ ହଲ୍‌ରେ ଦୁଇଟି ନୂତନ ଶୋ'ରୁମ୍ ଖୋଲିଛି। ଏହା ୟୁକେରେ ବ୍ରାଣ୍ଡର ଉପସ୍ଥିତିକୁ ବିସ୍ତାର କରିଛି। ବର୍ମିଂହାମ ଶୋ'ରୁମ୍ ୫,୭୦୦ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ଏବଂ ଏହା ୟୁକେରେ ବ୍ରାଣ୍ଡର ସର୍ବବୃହତ ଆଉଟ୍‌ଲେଟ୍। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବ୍ରାଣ୍ଡ ଆମ୍ବାସାଡର ଅଭିନେତ୍ରୀ କରୀନା କପୁର ଖାନ ନୂତନ ଶୋ'ରୁମ୍ ଉଦ୍‌ଘାଟନ କରିଛନ୍ତି। ଏହା ଗ୍ରାହକମାନଙ୍କୁ ବିଭିନ୍ନ ଡିଜାଇନ୍ ଏବଂ ଶୈଳୀରେ ଅଳଙ୍କାରର ଉତ୍କୃଷ୍ଟ ସଂଗ୍ରହ ସହ ବିଶ୍ୱସ୍ତରୀୟ ଶପିଂ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଉଦ୍‌ଘାଟନୀ ଭାଷଣରେ କରୀନା କପୁର ଖାନ୍ କହିଛନ୍ତି , ବିଶ୍ୱର ସର୍ବବୃହତ୍ ଏବଂ ସବୁଠାରୁ ବିଶ୍ୱସ୍ତ ଅଳଙ୍କାର ଗ୍ରୁପ୍ ମଧ୍ୟରୁ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଅନ୍ୟତମ। ବର୍ମିଂହାମ ଶୋ'ରୁମ୍‌ର ଉଦ୍‌ଘାଟନୀ ଉତ୍ସବରେ ବର୍ମିଂହାମର ଲର୍ଡ ମେୟର, କାଉନସିଲର ଜାଫର ଇକ୍‌ବାଲ୍ ଏମ୍‌ବିଇ, ବର୍ମିଂହାମରେ ଭାରତୀୟ କନସୁଲ୍ ଜେନେରାଲ୍ ଡ.ଭେଙ୍କଟାଚଳମ୍ ମୁରୁଗାନ୍, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବରିଷ୍ଠ ନିର୍ଦ୍ଦେଶକ ଏବଂ ପରିଚାଳନା ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ସାଉଥ ହଲ୍ ଶୋ'ରୁମ୍‌ର ଉଦ୍‌ଘାଟନୀ ଉତ୍ସବରେ ଇଲିଂ ମେୟର କାଉନସିଲର ଆଣ୍ଟୋନି କେଲି, ଓ ଇଲିଂ ସାଉଥ ହଲ୍ ସାଂସଦ ଡିର୍ଦ୍ଦରେ କୋଷ୍ଟିଗାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଲେ, ୟୁକେର କର୍ତ୍ତୃପକ୍ଷ ଦକ୍ଷିଣ ଏସୀୟ ଦେଶଗୁଡ଼ିକର ବ୍ୟବସାୟିକ ଉଦ୍ୟୋଗଗୁଡ଼ିକୁ ସମର୍ଥନ ଏବଂ ସହଯୋଗ ପ୍ରଦାନ କରୁଛନ୍ତି। ମୁଁ ଏଥିପାଇଁ ବହୁତ ଖୁସି ଏବଂ ଗର୍ବିତ। ୟୁକେରେ ଥିବା ୪ଟି ଶୋ'ରୁମ୍ ବ୍ୟତୀତ, ଆହୁରି ଶୋ'ରୁମ୍ ଖୋଲିବାର ଯୋଜନା ରହିଛି।

# ଓଜିବି ପକ୍ଷରୁ ପରିପୂର୍ତ୍ତି ଅଭିଯାନ

**ଭୁବନେଶ୍ୱର,୧୩।୯(ଅନୁରାଧା ମହାରଣା)**

ଜନସୁରକ୍ଷା ଯୋଜନା ଅଧୀନରେ ଭାରତ ସରକାରଙ୍କର ଅର୍ଥ ମନ୍ତ୍ରଣାଳୟ ଅଧୀନ ବିତ୍ତୀୟ ସେବା ବିଭାଗ ପକ୍ଷରୁ ଦେଶବ୍ୟାପୀ ଗ୍ରାମପଞ୍ଚାୟତ ସ୍ତରୀୟ ଏକ ତ୍ରୈମାସିକ ପରିପୂର୍ତ୍ତି ଅଭିଯାନ ଚାଲିଛି। ସେପ୍ଟେମ୍ବର ୩୦ ଯାଏ ଚାଲିବାକୁ ଥିବା ଏହି ଅଭିଯାନରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତିବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା (ଏପିୱାଇ) ଭଳି ମୁଖ୍ୟ ଯୋଜନାଗୁଡ଼ିକର ଗ୍ରାମାଞ୍ଚଳରେ ପ୍ରସାର କରାଯାଉଛି। ଏହି ଅବସରରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସୁନ୍ଦରଗଡ଼ ଶାଖା ପକ୍ଷରୁ ନିକଟରେ ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ସୁନ୍ଦରଗଡ଼ ସଦର ବ୍ଲକ୍‌ର ଲଙ୍କାହୁଡ଼ା ଗ୍ରାମରେ ଏକ ଶିବିର ଆୟୋଜନ କରିଥିଲା। ଶିବିରରେ ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରୀୟ ନିର୍ଦ୍ଦେଶକ ଡା. ସାରଦା ପ୍ରସନ୍ନ ମହାନ୍ତ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଶୁଭଦା ପ୍ରସାଦ ମହାନ୍ତି, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଭବାନୀ ଶଙ୍କର ମହାକୁର ଓ ସ୍ଥାନୀୟ ସରପଞ୍ଚ ସୁଜାତା ନାୟକ ପ୍ରମୁଖ ଯୋଗଦେଇଥିଲେ।

# ରିଲାଏନ୍ସ ଟ୍ରେଣ୍ଡ୍‌ସର ଦୁର୍ଗାପୂଜା ସ୍ପେଶାଲ ଉତ୍ସବ

**ଭୁବନେଶ୍ୱର,୧୩।୯**




ରିଲାଏନ୍ସ ରିଟେଲର ପୋଷାକ ଏବଂ ଆସେସୋରିଜ୍ ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସ ପକ୍ଷରୁ 'ଦୁର୍ଗାପୂଜା ସ୍ପେଶାଲ' ଉତ୍ସବ ଅଭିଯାନ ଶୁଭାରମ୍ଭ କରାଯାଇଛି। ଏହି ଉତ୍ସବ ଅଭିଯାନର ଅଂଶ ଭାବରେ, ୩,୪୯୯ ଟଙ୍କା ଏବଂ ତା'ଠାରୁ ଅଧିକ ମୂଲ୍ୟର କ୍ରୟ ସହ ଗ୍ରାହକମାନେ ଆକର୍ଷଣୀୟ ଉପହାର ପାଇପାରିବେ। 'ପୂଜା ଶପିଙ୍ଗ୍, ଏବେ ଅଧିକ ଲାଭଦାୟକ' ଶୀର୍ଷକ ରହିଥିବା ଏହି ଅଭିଯାନ ଜରିଆରେ ଟ୍ରେଣ୍ଡ୍‌ସ ଏହାର ଗ୍ରାହକଙ୍କ ଉତ୍ସବ ଖୁସିକୁ ବହୁଗୁଣିତ କରିବାକୁ ଲକ୍ଷ୍ୟ ରଖିଛି। ଟ୍ରେଣ୍ଡ୍‌ସ ଷ୍ଟୋରଗୁଡ଼ିକ ଭାରତରେ ଫ୍ୟାଶନକୁ ସହଜଲଭ୍ୟ କରିବା ସହିତ ମେଟ୍ରୋ, ମିନି ମେଟ୍ରୋ, ଟାୟାର ୧, ୨ ସହର ଏବଂ ଅନ୍ୟାନ୍ୟ ସ୍ଥାନରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିବାରେ ବେଶ୍ ଆଗରେ ରହିଛି। ଗ୍ରାହକମାନେ ଦୁର୍ଗାପୂଜା ଅବସରରେ ଟ୍ରେଣ୍ଡ୍‌ସରେ ମହିଳାଙ୍କ ପୋଷାକ, ପୁରୁଷଙ୍କ ପୋଷାକ, ପିଲାମାନଙ୍କ ପୋଷାକ ଏବଂ ଫ୍ୟାଶନ ଆସେସୋରିଜ୍ ଆଦି କ୍ରୟ କରିପାରିବେ।

# ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍ ଅନାବରଣ

**ଭୁବନେଶ୍ୱର,୧୩।୯**

ଭାଣପୁରସ୍ଥିତ ମାରୁତି ସୁଜୁକି ଅଧିକୃତ ବିକ୍ରେତା ସ୍କାଏ ଅଟୋମୋବାଇଲ ପକ୍ଷରୁ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍ ଶନିବାର ଅନାବରଣ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କାର୍‌ର ଉନ୍ମୋଚନ ଉତ୍ସବରେ ସ୍କାଏ ଅଟୋମୋବାଇଲ ଆରେନାର ସିଓଓ ତୁଷାର ରଞ୍ଜନ ବେହେରା, ସ୍କାଏ ଅଟୋମୋବାଇଲ ନେକ୍ସାର ସିଓଓ ପ୍ରବୀଣ ଲାଥ, ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ଗୁପ୍ତା, ସିନିୟର ସେଲ୍‌ସ ମ୍ୟାନେଜର ଜଗନ୍ନାଥ ପ୍ରସାଦ ସାହୁ, କ୍ୱାଲିଟି ମ୍ୟାନେଜର ରଶ୍ମିରେଖା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ନୂଆ ଡିଜାଇନ ଓ ଆଧୁନିକ ଫିଚର୍ସ ସହ ଲଞ୍ଚ ହୋଇଥିବା ଏହି କାର୍‌ରେ ଏଲ୍‌ଇଡି ଲାଇଟିଂ ଓ କନେକ୍ଟେଡ୍ ଟେଲଲ୍ୟାମ୍ପ ରହିଛି। ଏହା ଏଏକ୍ସଆଇ, ଭିଏକ୍ସଆଇ, ଜେଡ୍‌ଏକ୍ସଆଇ, ଜେଡ୍‌ଏକ୍ସଆଇ ଅପ୍‌ସନାଲ, ଜେଡ୍‌ଏକ୍ସଆଇ ପ୍ଲସ୍ ଓ ଜେଡ୍‌ଏକ୍ସଆଇ ପ୍ଲସ୍ ଅପ୍‌ସନାଲ ଭଳି ଛଅଟି ଭାରିଆଣ୍ଟରେ ଉପଲବ୍ଧ। ମୁଖ୍ୟ ଫିଚର୍ସ ମଧ୍ୟରେ ୧୦.୨୫ ଇଞ୍ଚ ଡିଜିଟାଲ ଡ୍ରାଇଭର ଡିସ୍‌ପ୍ଲେ, ପାନୋରାମିକ୍ ସନ୍‌ରୁଫ୍ ଓ ୬୪-କଲର ଆମ୍ବିଏଣ୍ଟ ଲାଇଟିଂ ରହିଛି। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଲେଭେଲ-୨ ଆଡାସ୍ ସହ ଆସିଛି । ଏହା ପେଟ୍ରୋଲ, ଷ୍ଟ୍ରଙ୍ଗ-ହାଇବ୍ରିଡ୍ ଓ ସିଏନ୍‌ଜି ପାୱାର ଟ୍ରେନ୍ ଅପ୍‌ସନ ସହ ଉପଲବ୍ଧ। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଅଣ୍ଡରବଡି ଟ୍ୱିନ-ଟ୍ୟାଙ୍କ ସିଏନ୍‌ଜି ସେଟ୍‌ଅପ୍ ସହ ଅଧିକ ବୁଟ୍ ସ୍ପେସ୍ ଦେଉଛି।




# ୬୬ ଉପଭୋକ୍ତାଙ୍କୁ ପୁରସ୍କୃତ କଲା ଟିପିସିଓଡିଏଲ୍

**ଭୁବନେଶ୍ୱର,୧୩।୯**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନୟାଗଡ଼ ଡିଭିଜନରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ସମାରୋହରେ 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍' ଅଧୀନରେ ୬୬ ଜଣ ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବକେୟା ନ ଥିବା ଯୋଗ୍ୟ ଉପଭୋକ୍ତାମାନଙ୍କୁ ଏକ ଲକି ଡ୍ର' ଜରିଆରେ ଚୟନ କରାଯାଇଥିଲା ଏବଂ ସେମାନଙ୍କୁ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ଦିଆଯାଇଥିଲା। 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍' ହେଉଛି ବିଭିନ୍ନ ଡିଭିଜନରେ କାର୍ଯ୍ୟକାରୀ କରାଯାଇଥିବା ଅନେକ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ।

## ମୋଦିଙ୍କ ମାଆଙ୍କ ଉପରେ କଂଗ୍ରେସର ଏଆଇ ଭିଡିଓକୁ ନେଇ ଏତଲା

ନୂଆଦିଲ୍ଲୀ,୧୩।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଦିବଂଗତ ମାଆଙ୍କ ଉପରେ କଂଗ୍ରେସର ବିହାର ଶାଖା ଏକ ଏଆଇ ପ୍ରସ୍ତୁତ ଡିପଫେକ୍ ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମ Xରେ ଶେୟାର କରିବା ପରେ ଦିଲ୍ଲୀ ପୋଲିସ ଏତଲା ଦାଏର କରିଛି। ଭାଜପାର ଦିଲ୍ଲୀ ଇଲେକ୍ସନ୍ ସେଲ୍ ଆବାହକ ସଙ୍କେତ ଗୁପ୍ତା ଶୁକ୍ରବାର ନର୍ଥ ଆଭେନ୍ୟୁ ଥାନାରେ ଏନେଇ ଅଭିଯୋଗ କରିଥିଲେ। ଉକ୍ତ ଭିଡିଓ ପ୍ରଧାନମନ୍ତ୍ରୀଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ସହ ଆଇନ, ନୈତିକତା ଓ ମହିଳାମାନଙ୍କ ମର୍ଯ୍ୟାଦାର ଉଲ୍ଲଂଘନ କରୁଥିବା ସେ ଦର୍ଶାଇଥିଲେ। ଉକ୍ତ ଅଭିଯୋଗ ଆଧାରରେ ଅଜଣା ବ୍ୟକ୍ତିଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିବା ରିପୋର୍ଟରେ କୁହାଯାଇଛି।

## ନଭେମ୍ବରରେ ଭାରତ ଆସିପାରନ୍ତି ଟ୍ରମ୍ପ

ନୂଆଦିଲ୍ଲୀ,୧୩।୯

ଆସନ୍ତା ନଭେମ୍ବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଡ୍ ସମ୍ମିଳନୀରେ ଯୋଗଦେବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଆସିପାରନ୍ତି। ଭାରତରେ ଅବସ୍ଥାପିତ ହେବାକୁ ଥିବା ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୋର ଏନେଇ ସୂଚନା ଦେଇଛନ୍ତି। ଗତ ଗୁରୁବାର ସିନେଟ୍ ଫରେନ୍ ରିଲେଶନ କମିଟିକୁ ସେ କହିଛନ୍ତି, ଆମେରିକା କ୍ୱାଡ୍ ପ୍ରତି ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୫୦% ଟାରିଫ୍ ଲଗାଇବା ପରଠାରୁ ୨ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ବଢ଼ିଛି। ତେବେ ଗତ ସପ୍ତାହରେ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆରେ ପରସ୍ପରକୁ ପ୍ରଶଂସା କରି ସମ୍ପର୍କ ସୁଧାରିବା ପାଇଁ ପ୍ରୟାସ କରିଥିଲେ।

## ଇସ୍ରାଏଲର ଏୟାର ଷ୍ଟ୍ରାଇକ୍‌ରେ ୩୨ ପାଲେଷ୍ଟିନୀୟ ମୃତ

ଡେର୍ ଅଲ ବଲାହ୍,୧୩।୯

ଇସ୍ରାଏଲ ପକ୍ଷରୁ ଶନିବାର ଗାଜା ସିଟିରେ ବିଭିନ୍ନ ସ୍ଥାନରେ ଏୟାର ଷ୍ଟ୍ରାଇକ୍ କରାଯାଇଛି, ଯେଉଁଥିରେ ୩୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୨ ଶିଶୁ ରହିଥିବା ନେଇ ସ୍ଥାନୀୟ ଶିଫା ହସ୍ପିଟାଲର ଜଣେ ଡାକ୍ତର କହିଛନ୍ତି। ଗାଜା ସିଟି ନିକଟବର୍ତ୍ତୀ ଶେଖ୍ ରାଦ୍ୱାନଠାରେ ଗୋଟିଏ ପରିବାରର ୧୦ ଜଣଙ୍କର ମୃତ୍ୟୁ ଘଟିଛି। ଗାଜା ସିଟିରେ ଇସ୍ରାଏଲ ନିଜ ଆକ୍ରମଣକୁ ବୃଦ୍ଧି କରିଛି ଏବଂ ସେଠାରୁ ପାଲେଷ୍ଟିନୀୟମାନଙ୍କୁ ସ୍ଥାନାନ୍ତରିତ ହେବା ପାଇଁ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ଖାସ୍‌କରି ଉଚ୍ଚ କୋଠା ଏବଂ ଅଟ୍ଟାଳିକାଗୁଡ଼ିକୁ ଟାର୍ଗେଟ କରି ଇସ୍ରାଏଲ ପକ୍ଷରୁ ଏହି ଏୟାର ଷ୍ଟ୍ରାଇକ୍ କରାଯାଇଛି।

## କ୍ରୀଡ଼ା ପ୍ରତିଯୋଗିତା ସୁସ୍ଥ ପରିବେଶ ଗଠନକରେ: ମୁଖ୍ୟମନ୍ତ୍ରୀ



କ୍ରୀଡ଼ାବିତ୍‌ଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ।

- ୭୮ତମ ରାଜ୍ୟ ପୋଲିସ ପୁରୁଷ କବାଡ଼ି, ଦଶମ ପୋଲିସ ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଉଦ୍‌ଯାପିତ
- କବାଡ଼ିରେ କଟକ, ହ୍ୟାଣ୍ଡବଲ୍‌ରେ ଢେଙ୍କାନାଳ ଚାମ୍ପିୟନ

କେନ୍ଦୁଝର,୧୩।୯(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଠାରେ ଅନୁଷ୍ଠିତ ୭୮ତମ ରାଜ୍ୟ ପୋଲିସ ପୁରୁଷ କବାଡ଼ି ଓ ଦଶମ ପୋଲିସ ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୋଲିସ ପୁରୁଷ କବାଡ଼ି ଚାମ୍ପିୟନଶିପ୍ ଫାଇନାଲରେ ରାଉରକେଲାର ପୋଲିସ ଚତୁର୍ଥ ବାଟାଲିୟନକୁ ହରାଇ କଟକ ପୋଲିସ ଷଷ୍ଠ ବାଟାଲିୟନ ବିଜୟୀ ହୋଇଥିଲା। ଦଶମ ପୋଲିସ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ କେନ୍ଦୁଝରକୁ ହରାଇ ଢେଙ୍କାନାଳ ବିଜୟୀ ହୋଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନରଅପ୍ ଦଳକୁ ପୁରସ୍କୃତ କରିଥିଲେ।

ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟ ପୋଲିସ ବଳରେ ଏପରି କ୍ରୀଡ଼ା ପ୍ରତିଯୋଗିତା ସୁସ୍ଥ, ଶୃଙ୍ଖଳିତ ଓ ପ୍ରେରଣାଦାୟକ ପରିବେଶ ଗଠନ କରେ। ଆମେ ଭାରତୀୟ କ୍ରୀଡ଼ାକୁ ଯଦି ଆଜି ବିଶ୍ୱସ୍ତରରେ ଗର୍ବର ସହ ଦେଖୁଛୁ, ତାହାର ପଛରେ ପୋଲିସ, ସେନା ଓ ପାରାମିଲିଟାରୀ ବଳର ଅସାଧାରଣ ଅବଦାନ ରହିଛି। ଓଡ଼ିଶା ପୋଲିସର ଖେଳାଳିମାନେ ବିଭିନ୍ନ ଆଥ୍‌ଲେଟିକ୍ସ ଗେମ୍‌ରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ କରି ଓଡ଼ିଶା, ଭାରତର ପଦକ ତାଲିକାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ବର୍ଷରେ ରାଜ୍ୟ ପୋଲିସର କର୍ମଚାରୀ ଓ ଅଧିକାରୀ ସଂଖ୍ୟା ୩୨ହଜାର ହେବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ସ୍ମାର୍ଟ ପୋଲିସ ବ୍ୟବସ୍ଥା' ଭିଜନକୁ ଗୁରୁତ୍ୱ ଦେଇ ସେ ଦିଗରେ କାର୍ଯ୍ୟ କରିବାକୁ ରାଜ୍ୟ ସରକାର ବଦ୍ଧପରିକର। ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ନିମନ୍ତେ ଆଗାମୀ ୫ ବର୍ଷରେ ୩୧୪ଟି ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ୪୧୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ୨୦୨୫-୨୬ରେ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍‌ର ବିକାଶ ନିମନ୍ତେ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ଭାବେ ବିକାଶ କରାଯିବ। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାର କହୁଛନ୍ତି ସାର ଦେଇସାରିଲେଣି, ଚାଷୀ ପାଉନାହାନ୍ତି: ଭକ୍ତ

ଭୁବନେଶ୍ୱର,୧୩।୯(ସୁନିତ୍ ମିଶ୍ର)

ସରକାର କହୁଛନ୍ତି ଓଡ଼ିଶା ପାଇଁ ଆବଶ୍ୟକ ପରିମାଣର ସାର କେନ୍ଦ୍ର ଦେଇସାରିଛି। ଅଥଚ ଓଡ଼ିଶାରେ ଚାଷୀ ସାର ପାଉନାହାନ୍ତି। ଏଥର ଅପେକ୍ଷାକୃତ ଭଲ ମୌସୁମୀ ବର୍ଷା ଯୋଗୁ ରାଜ୍ୟର ଚାଷୀକୁଳ ଭଲ ଫସଲ ହେବ ବୋଲି ଆଶା ବାନ୍ଧି ବସିଥିଲେ। କିନ୍ତୁ ଧାନ ରୋଇବାର ୩ ସପ୍ତାହ ପରେ ମଧ୍ୟ ରାଜ୍ୟ ସରକାର ଚାଷୀଙ୍କୁ କୃତ୍ରିମ ସାର ସଂକଟରୁ ଉଦ୍ଧାର କରିପାରିଲେ ନାହିଁ। ମାର୍କଫେଡ୍ ଦ୍ୱାରା ବଣ୍ଟନ ହେବାକୁ ଥିବା ସାର ପ୍ରମୁଖତଃ ଘରୋଇ ବିତରକମାନଙ୍କ କବ୍‌ଜାକୁ ଚାଲିଯାଇଛି। କେଉଁଠି ପ୍ୟାକ୍ସ ସାମ୍ନାରେ କାଗଜପତ୍ର ଧରି ଚାଷୀମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି ତ ଆଉ କେଉଁଠି ପୁଣି ନିରାଶ ହୋଇ କୃଷି ଅଧିକାରୀଙ୍କୁ ତାଲା ପକାଇ ବିକ୍ଷୋଭ କରୁଛନ୍ତି। ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍‌ର ଗୌଡ଼ଗୋଠ ପ୍ୟାକ୍ସର ଗତ ବୁଧବାର ଦିନର ଦୃଶ୍ୟ ସମଗ୍ର ଦେଶର ଚାଷୀକୁଳର ଅନ୍ତରାତ୍ମାକୁ ଦୋହଲାଇ ଦେଇଛି। ଅଥଚ ସରକାରଙ୍କ ନିଦ ଭାଙ୍ଗୁନାହିଁ। ଆଧାର କାର୍ଡଗୁଡ଼ିକୁ ଚାଷୀମାନେ ଧାଡ଼ିରେ ରଖି ତା' ଉପରେ ଛୋଟ ଛୋଟ ପଥର ରଖିଥିବା ଦୃଶ୍ୟ ଅତ୍ୟନ୍ତ ଅମାନବୀୟ ଏବଂ ହୃଦୟ ବିଦାରକ ଥିଲା ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେ ଆହୁରି କହିଛନ୍ତି, କେତେଜଣ ବିତରକଙ୍କୁ ଗିରଫ ଓ ଆଉ କେତେଜଣ ପ୍ୟାକ୍ସ ସମ୍ପାଦକଙ୍କୁ ନିଲମ୍ବନକରି ଜିଲା ପ୍ରଶାସନ କାମ ସାରିଦେଉଛି।

## କଂଗ୍ରେସରେ ଯୋଗଦେଲେ ବିକଳ୍ପ ଓଡ଼ିଶା ସଭାପତି

ଭୁବନେଶ୍ୱର,୧୩।୯(ସୁନିତ୍ ମିଶ୍ର)

'ବିକଳ୍ପ ଓଡ଼ିଶା' ସଭାପତି କୈଳାସ ମିଶ୍ର ଶନିବାର କଂଗ୍ରେସରେ ଯୋଗଦେଇଛନ୍ତି। ଏଆଇସିସି ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁଙ୍କ ପୌରୋହିତ୍ୟରେ କଂଗ୍ରେସ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ କୈଳାସ ୨ ଶହରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଆସି କଂଗ୍ରେସରେ ମିଶିଛନ୍ତି। ଏହି ଅବସରରେ କୈଳାସ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଏକ ଦାୟିତ୍ୱବାନ୍ ବିରୋଧୀ ଦଳର ଭୂମିକା ନିଭାଉଛି। ଭାଜପା ୧୨% ଭୋଟ ଚୋରି କରିଥିବା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ବିଜେଡି-ଭାଜପା ମିଶି ଓଡ଼ିଶାର ଖଣିଜ ସମ୍ପଦ ଲୁଟ୍ କରୁଛନ୍ତି। ବର୍ତ୍ତମାନ କେବଳ ରାଜ୍ୟ ଓ ଜିଲାର କାର୍ଯ୍ୟକର୍ତ୍ତାମାନେ କଂଗ୍ରେସରେ ଯୋଗଦେଉଛନ୍ତି। ଆଗକୁ ବ୍ଲକ୍ ସ୍ତରରେ 'ବିକଳ୍ପ ଓଡ଼ିଶା'ର ଲକ୍ଷାଧିକ ଲୋକ କଂଗ୍ରେସରେ ଯୋଗଦେବେ। କୈଳାସଙ୍କ ଯୋଗଦାନ ଦ୍ୱାରା କଂଗ୍ରେସ ଆହୁରି ଶକ୍ତିଶାଳୀ ହେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଅଜୟ କୁମାର ଲଲ୍ଲୁ କହିଛନ୍ତି, ଭାଜପା-ବିଜେଡି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ମହାଦେବପୁରା ବିଧାନସଭା କ୍ଷେତ୍ରରେ ଭୋଟ ଚୋରିକୁ ରାହୁଲ ଗାନ୍ଧୀ ଧରାଇଦେବା ପରେ ସୃଷ୍ଟ ରାଜନୈତିକ ବାତାବରଣକୁ କଂଗ୍ରେସ ସପକ୍ଷରେ କରିବା ପାଇଁ କୈଳାସଙ୍କ ଯୋଗଦାନ ସହାୟକ ହେବ ବୋଲି ସେ କହିଛନ୍ତି।

## ଜିଏସ୍‌ଟି ହ୍ରାସ ସତ୍ତ୍ୱେ ୫, ୧୦, ୨୦ ଟଙ୍କିଆ ପ୍ୟାକେଟ୍ ସାମଗ୍ରୀ ମୂଲ୍ୟ କମିବ ନାହିଁ

ନୂଆଦିଲ୍ଲୀ,୧୩।୯

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ସଂଶୋଧନ କରିଥିବାବେଳେ ଆସନ୍ତା ୨୨ରୁ ଏହା ଲାଗୁ ହେବାକୁ ଯାଉଛି। ଜିଏସ୍‌ଟି ହ୍ରାସ ସତ୍ତ୍ୱେ କମ୍ ମୂଲ୍ୟରେ ଉପଲବ୍ଧ ଲୋକପ୍ରିୟ ପ୍ୟାକେଟ୍ ସାମଗ୍ରୀ ଯଥା- ୫ ଟଙ୍କିଆ ବିସ୍କୁଟ୍, ୧୦ ଟଙ୍କିଆ ସାବୁନ୍ ଓ ୨୦ ଟଙ୍କିଆ ଟୁଥ୍‌ପେଷ୍ଟ ଦାମ୍ କମାଯାଇପାରିବ ନାହିଁ ବୋଲି ଉପଭୋକ୍ତା ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ଟ୍ୟାକ୍ସ ଅଫିସରଙ୍କୁ ଜଣାଇଛନ୍ତି। କାରଣ ଦୋକାନୀମାନେ ଏହି ଧାର୍ଯ୍ୟ ଦରକୁ ବ୍ୟବହାର କରିଆସୁଛନ୍ତି। ଦରକୁ ୯ କିମ୍ବା ୧୮ ଟଙ୍କାକୁ କମାଇଲେ ଉପଭୋକ୍ତା ଦ୍ୱନ୍ଦ୍ୱରେ ପଡ଼ିବେ ଏବଂ କାରବାରରେ ସମସ୍ୟା ହେବ। ଏହା ବଦଳରେ ମୂଲ୍ୟ ସମାନ ରଖି ପ୍ୟାକେଟ୍ ଭିତରେ ପରିମାଣ ବଢ଼ାଇବାକୁ କମ୍ପାନୀଗୁଡ଼ିକ କେନ୍ଦ୍ରୀୟ ପରୋକ୍ଷ ଟିକସ୍ ଓ ସୀମାଶୁଳ୍କ ବୋର୍ଡ (ସିବିଆଇସି)କୁ କହିଛନ୍ତି। ଉଦାହରଣ ସ୍ୱରୂପ ୨୦ ଟଙ୍କିଆ ବିସ୍କୁଟ୍ ପ୍ୟାକେଟ୍‌ରେ ପୂର୍ବାପେକ୍ଷା ଅଧିକ ଗ୍ରାମ୍ ବିସ୍କୁଟ୍ ସମାନ ମୂଲ୍ୟରେ ଉପଲବ୍ଧ ହେବ।

## ଏସ୍‌ଆଇଆର୍ ଉପରେ ନିର୍ଦ୍ଦେଶ ଇସିଙ୍କ କାର୍ଯ୍ୟ ପରିସରରେ ହସ୍ତକ୍ଷେପ

### ସୁପ୍ରିମକୋର୍ଟଙ୍କୁ ଜଣାଇଲେ ନିର୍ବାଚନ କମିଶନ

ନୂଆଦିଲ୍ଲୀ,୧୩।୯

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କେବେ ଓ କେଉଁଠି କରାଯିବ, ସେ ସମ୍ପର୍କରେ କେବଳ ନିର୍ବାଚନ କମିଶନ (ଇସି) ନିଷ୍ପତ୍ତି ନେଇଥାନ୍ତି। ନିୟମିତ ବ୍ୟବଧାନରେ ସୁପ୍ରିମକୋର୍ଟ ଏହା ଉପରେ ନିର୍ଦ୍ଦେଶ ଦେବା ଇସିଙ୍କ କାର୍ଯ୍ୟ ପରିସର ଉପରେ ହସ୍ତକ୍ଷେପ ବୋଲି କମିଶନ କହିଛନ୍ତି। ଭୋଟର ତାଲିକା ସଂଶୋଧନ ନୀତି ଉପରେ ଇସିଙ୍କର ପୂର୍ଣ୍ଣ ବିବେକାଧିକାର ରହିଥିବା ନିର୍ବାଚନ କମିଶନ ସତ୍ୟପାଠ ଜରିଆରେ ଜଣାଇଛନ୍ତି। ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଚାଲିଥିବାବେଳେ ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଏଥିପାଇଁ ପ୍ରାକ୍ ପ୍ରସ୍ତୁତି ଚଳାଇବାକୁ ଗତ ଜୁଲାଇ ୫ରେ ଇସି ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ପତ୍ର ଲେଖି ଜଣାଇଥିଲେ। ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନକୁ ତଦାରଖ କରିବାର ସାମ୍ବିଧାନିକ ତଥା ବୈଧାନିକ କ୍ଷମତା ଇସିଙ୍କର ରହିଛି ବୋଲି ସତ୍ୟପାଠରେ କୁହାଯାଇଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**

E-Mail : sencrwangul@yahoo.co.in, Ph. : 06764-236404

No. 2721// Dt. 12.09.2025

**1st Corrigendum to Bid Identification No. Bridge Online-AGL-12/2025-26**

**No.O-769** : Due to some technical error in website of wamis, the last date of Online for bidding and opening of the date has been modified as follows in respect of tender for the work "Construction of weir Adjacent to H.L. Bridge over Badajor Nallah on PWD Road to Madrangmunda Road in the District of Dhenkanal for the year 2025-26" invited vide Tender Call Notice Bid Identification No. Bridge Online-AGL-12/2025-26 by the Procurement officer Chief Construction Engineer, Rural Works Circle, Angul.

| Availability of Tender on-line for bidding | | Date & Time of opening Technical Bid |
|---|---|---|
| From | To | |
| 03.09.2025 at 10.00 A.M. | 22.09.2025 upto 3.00 P.M. | 22.09.2025 at 3.30 A.M. |

All other terms and conditions remain unchanged.

OIPR-25180/11/0074/2526 Sd./- Chief Construction Engineer

